
ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୨୫/୨୦୨୫ (୮+୮=୧୬ ପୃଷ୍ଠା) Bhubaneswar, Thursday, December 25/2025 Page 16 ₹ 7.00 | BALASORE

୫୨ଶ ଭାଗ ୩୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 32 ମୂଲ୍ୟ₹୭/-

DN Group



## DASARATHI NAIK

**1919-1998**

OUR GUIDING LIGHT, VISIONARY, INSPIRATION
IN REMEMBRANCE ON HIS 106TH BIRTH ANNIVERSARY
**25TH DECEMBER 2025**

CREATING MILESTONES ON THE STRENGTH OF YOUR LEGACY OF INTEGRITY AND EXCELLENCE. HONOURING YOUR EXCEPTIONAL VALUES AND TIMELESS VISION.

DN HOMES
DN EPL
SARKAR NEWS
LIFELINE MULTI VENTURES
DN SEA SHELLS
VIPUL LAVANYA
THE DN WISDOM TREE GLOBAL SCHOOL
DASARATHI NAIK FOUNDATION FOR EXCELLENCE
LUXURIO ASSETS

ଧରିତ୍ରୀ 52 Years
କାର୍ଟୁନ
ଭୁବନେଶ୍ୱର, ଗୁରୁବାର
୨୫ ଡିସେମ୍ବର, ୨୦୨୫

# ଅଭୁଲା ୨୦୨୫



ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୨୫/୨୦୨୫ | Bhubaneswar, Thursday, December 25/2025




ଭଦ୍ରକ ଜିଲା ଚାନ୍ଦବାଲି ଏନ୍‌ଏସି ପୁରୁଣା ବସ୍‌ଷ୍ଟାଣ୍ଡ ଛକ ନିକଟରେ ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତାରୋକୋ କରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଅନୁ ଗର୍ଗ ନୂଆ ମୁଖ୍ୟ ଶାସନ ସଚିବ

### ଓଡ଼ିଶାରେ ପ୍ରଥମ ମହିଳା ସିଏସ୍



**ଭୁବନେଶ୍ୱର, ୨୪।୧୨(ସୁନିତ୍ ମିଶ୍ର)**

୧୯୯୧ ବ୍ୟାଚ୍ ଓଡ଼ିଶା କ୍ୟାଡର ଆଇଏଏସ୍ ଅଫିସର ତଥା ରାଜ୍ୟ ସରକାରଙ୍କ ଉନ୍ନୟନ କମିଶନର ଭାବେ ଦାୟିତ୍ୱ ତୁଲାଉଥିବା ଅନୁ ଗର୍ଗଙ୍କୁ ଓଡ଼ିଶାର ୪୭ତମ ନୂଆ ମୁଖ୍ୟ ଶାସନ ସଚିବ (ସିଏସ୍)ଭାବେ ନିଯୁକ୍ତି ମିଳିଛି। ଏନେଇ ବୁଧବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଏ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇବା ସେ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟ ଶାସନ ସଚିବ ହେବାକୁ ଯାଉଛନ୍ତି। ନୂଆବର୍ଷରୁ ସେ ଏହି ନୂଆ ଦାୟିତ୍ୱ ସମ୍ଭାଳିବେ। ବର୍ତ୍ତମାନ ମୁଖ୍ୟ ଶାସନ ସଚିବ ଥିବା ୧୯୯୦ ବ୍ୟାଚ୍ ଆଇଏଏସ୍ ଅଫିସର ମନୋଜ ଆହୁଜାଙ୍କ କାର୍ଯ୍ୟକାଳ ଆସନ୍ତା ୩୧ ତାରିଖରେ ଶେଷ ହେବ। ୨୦୨୯ ମାର୍ଚ୍ଚ ପର୍ଯ୍ୟନ୍ତ ଅନୁ ଗର୍ଗଙ୍କ କାର୍ଯ୍ୟକାଳ ରହିବ। କିଛିଦିନ ହେବ ଆହୁଜାଙ୍କ କାର୍ଯ୍ୟକାଳ ବୃଦ୍ଧି ପାଇବ ନା ନୂଆ ଭାବେ କାହାକୁ ଏହି ଦାୟିତ୍ୱରେ ବସାଯିବ ତାକୁ ନେଇ ଚର୍ଚ୍ଚା ଲାଗି ରହିଥିଲା। ଆହୁଜାଙ୍କଠାରୁ ବହୁ ବରିଷ୍ଠ ଓଡ଼ିଶା କ୍ୟାଡର ଆଇଏଏସ୍ ଅଫିସର କେନ୍ଦ୍ରୀୟ ଡେପୁଟେଶନରେ ଥିବା ସତ୍ତ୍ୱେ ତାଙ୍କୁ ମୁଖ୍ୟ ଶାସନ ସଚିବ ଦାୟିତ୍ୱ ଦିଆଯାଇଥିଲା। ତେଣୁ ସରକାର ଆହୁଜାଙ୍କ କାର୍ଯ୍ୟକାଳ ଆଉ ଥରେ ବୃଦ୍ଧି କରିପାରନ୍ତି ବୋଲି ମଧ୍ୟ ଚର୍ଚ୍ଚା ହେଉଥିଲା। ହେଲେ ସବୁ ଚର୍ଚ୍ଚାକୁ ପଛରେ ପକାଇ ଅନୁଙ୍କ ଉପରେ ସରକାର ବିଶ୍ୱାସ ଦେଖାଇଛନ୍ତି। ଅନୁ ଏବେ ଉନ୍ନୟନ କମିଶନର ସହ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ଯୋଜନା ଓ ସଂଯୋଜନ ଏବଂ ଅତିରିକ୍ତ ଭାବେ ଜଳ ସମ୍ପଦ ବିଭାଗ ଦାୟିତ୍ୱରେ ରହିଥିଲେ। ☞ପୃଷ୍ଠା-୨

# ବଳାତ୍କାର ଅଭିଯୁକ୍ତଙ୍କ ଘର ଭାଙ୍ଗିଲେ, ରାସ୍ତାରୋକୋ

**ଜଣେ ୧୧ ବର୍ଷୀୟା ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଛି। ଏଭଳି ଏକ ଅମାନୁଷିକ ଘଟଣା ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅନ୍ତର୍ଗତ ବାଲିଗାଁଠାରେ ଘଟିଥିବାବେଳେ ଏହାକୁ ନେଇ ଲୋକମାନଙ୍କ ମଧ୍ୟରେ ଦେଖିବାକୁ ମିଳିଛି ତୀବ୍ର ଅସନ୍ତୋଷ। ଉତ୍ତ୍ୟକ୍ତ ଲୋକେ ଅଭିଯୁକ୍ତଙ୍କ ଘର ଭାଙ୍ଗିଦେଇଥିବାବେଳେ ପୋଲିସ ଗାଡ଼ି ଉପରକୁ ଆକ୍ରମଣ କରିଛନ୍ତି। ଏପରି କି ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି। ଅପରପକ୍ଷରେ ପୋଲିସ ଅଭିଯୁକ୍ତଙ୍କୁ ଜଗତ୍‌ସିଂହପୁରସ୍ଥିତ ତାଙ୍କ ଶ୍ୱଶୁର ଘରୁ ଗିରଫ କରିଛି। ସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ପୋଲିସ ଫୋର୍ସ ମୁତୟନ କରାଯିବା ସହିତ ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ଭଦ୍ରକ ଏସ୍‌ପି ଲୋକମାନଙ୍କୁ ନିବେଦନ କରିଛନ୍ତି। ଏହି ଘଟଣାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋର ନିନ୍ଦା କରିବା ସହ ପୀଡ଼ିତାଙ୍କ ପରିବାରକୁ ୧୦ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି। ଅପରପକ୍ଷରେ ଏହି ଘଟଣାକୁ ନେଇ ରାଜନୀତି ମଧ୍ୟ ଜୋର ଧରିଛି। ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯାଇ ତାଙ୍କ ଇସ୍ତଫା ଦାବି ସହ ଗୁରୁବାର ୧୨ଘଣ୍ଟିଆ ଚାନ୍ଦବାଲି ବନ୍ଦ ଡାକରା ଦିଆଯାଇଛି। ସେହିପରି କଂଗ୍ରେସ ପକ୍ଷରୁ ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡ ସହ ପୀଡ଼ିତାଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରାଯାଇଛି।**

### ଚାନ୍ଦବାଲି ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର, ହତ୍ୟା ମାମଲା

- **ଶ୍ୱଶୁର ଘରୁ ମୁଖ୍ୟ ଅଭିଯୁକ୍ତ ଗିରଫ**
- **ପୀଡ଼ିତାଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ସହାୟତା**

**ଚାନ୍ଦବାଲି, ୨୪।୧୨(ଅଶୋକ ପଣ୍ଡା/କିଷାନ ପାତ୍ର)**

ଭଦ୍ରକ ଜିଲା ଚାନ୍ଦବାଲି ଏନ୍‌ଏସି ଅନ୍ତର୍ଗତ ବାଲିଗାଁଠାରେ ମଙ୍ଗଳବାର ସନ୍ଧ୍ୟାରେ ନାବାଳିକାଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ଚାନ୍ଦବାଲିରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଉପୁଜିଛି। ଉତ୍ତ୍ୟକ୍ତ ଲୋକେ ଅଭିଯୁକ୍ତଙ୍କ ଘର ଭାଙ୍ଗିଦେଇଛନ୍ତି। ମଙ୍ଗଳବାର ରାତିରୁ ଚାନ୍ଦବାଲି ସହରର ମଧୁବାବୁ ଛକ, ପୁରୁଣା ବସ୍‌ଷ୍ଟାଣ୍ଡ, ତାରିଣୀ ଛକ ଆଦି ବିଭିନ୍ନ ସ୍ଥାନରେ ଲୋକେ ଟାୟାର ଜାଳି ରାସ୍ତା ବନ୍ଦ କରିଥିଲେ। ଅଭିଯୁକ୍ତଙ୍କୁ ଗିରଫ କରିବା ସହ ପୀଡ଼ିତା ପରିବାରକୁ ସହାୟତା ପ୍ରଦାନ ଦାବିରେ ସାଧାରଣ ଜନତାଙ୍କ ସହ ବିଭିନ୍ନ ସଂଗଠନ ବିକ୍ଷୋଭ ପ୍ରଦର୍ଶନ କରି ରାସ୍ତାରେ ବସିଥିଲେ। ପୋଲିସ ପକ୍ଷରୁ ବାଲିଗାଁ ପୁରୁଣା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରାତିରେ ସନ୍ଧାନୀ କୁକୁର, ସାଇଣ୍ଟିଫିକ୍ ଟିମ୍ ଓ ବ୍ୟାପକ ପୋଲିସ ଫୋର୍ସ ମୁତୟନ ସହ ଭଦ୍ରକ ଅତିରିକ୍ତ ଏସ୍‌ପି, ସ୍ଥାନୀୟ ତହସିଲଦାର ଘଟଣା ଉପରେ ନଜର ରଖିଥିଲେ। ପୋଲିସ ସନ୍ଧାନୀ କୁକୁର ସହାୟତାରେ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଥିବା ଭଦ୍ରକ ଏସ୍‌ପି ମନୋଜ ରାଉତ ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ନାବାଳିକା ଜଣକ ଦିବ୍ୟାଙ୍ଗ ହୋଇଥିବାବେଳେ ଅଭିଯୁକ୍ତ ରାମପଲ୍ଲୀ ଗାଁର ବବୁଲୁ ଦାସ ତାଙ୍କୁ କୋଳି ପାରି ଖାଇବାକୁ ଦେବା ବାହାନାରେ ଡାକି ନେଇ ପ୍ରଥମେ ବଳାତ୍କାର କରିଥିଲେ। ଏନେଇ ପୀଡ଼ିତା ଘରେ କହିଦେବେ ବୋଲି କହିବାରୁ ତାଙ୍କୁ ପୁରୁଣା ପଞ୍ଚାୟତ ଅଫିସ କାର୍ଯ୍ୟାଳୟ ପରିସରରେ ଥିବା ଏକ ନିଛାଟିଆ ଜାଗାକୁ ନେଇ ମୁଣ୍ଡରେ ଶକ୍ତ ଆଘାତ ଦେବା ସହ ତଣ୍ଟି ଚିପି ହତ୍ୟା କରିଥିଲେ। ସେଠାରେ ମୃତଦେହ ପକେଇ ଶ୍ୱଶୁର ଘର ଜଗତ୍‌ସିଂହପୁରରେ ଯାଇ ଲୁଚିଥିଲେ। ମଙ୍ଗଳବାର ରାତିରେ ସେଠାରୁ ପୋଲିସ ତାଙ୍କୁ ଗିରଫ କରିଥିବା ଖବରଦାତା ସମ୍ମିଳନୀରେ ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର ସୂଚନା ଦେଇଛନ୍ତି। ଅନ୍ୟପଟେ ସ୍ଥାନୀୟ ଲୋକ ବାଲିଗାଁଛକରେ ଦିନକୁ ଦିନ ବୃଦ୍ଧି ପାଉଥିବା ଚୋରା ନିଶା କାରବାର ଏହାର ମୁଖ୍ୟ କାରଣ ବୋଲି ଅଭିଯୋଗ କରି ଉକ୍ତ ଜାଗାକୁ ତୁରନ୍ତ ଉଚ୍ଛେଦ କରିବା ଓ ପୀଡ଼ିତା ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଛାଡ଼ି ନ ଥିଲେ। ପରେ ସ୍ଥାନୀୟ ତହସିଲଦାର, ଅତିରିକ୍ତ ଏସ୍‌ପି ଲୋକଙ୍କୁ ବୁଝାଶୁଝା କରିବା ପରେ ମଧ୍ୟାହ୍ନ ୧୨ଟା ପରେ ମୃତଦେହ ଛାଡ଼ିଥିଲେ। ପ୍ରଶାସନ ପକ୍ଷରୁ ଉକ୍ତ ଛକକୁ ତୁରନ୍ତ ଜେସିବି ସହାୟତାରେ ଉଚ୍ଛେଦ କରାଯିବାପରେ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଅନ୍ୟପଟେ କେତେଜଣ ଉତ୍ତ୍ୟକ୍ତ ଲୋକ ଅଭିଯୁକ୍ତଙ୍କ ଘର ଭାଙ୍ଗିବାକୁ ଯାଇଥିବାବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା। ମାତ୍ର କିଛି ଆସବାବ ପତ୍ର ବାହାରକୁ ଫିଙ୍ଗିବା ସହ ଘରର ଅନେକ ଅଂଶ ଭାଙ୍ଗି ଦେଇଛନ୍ତି। ଭଦ୍ରକ ଏସ୍‌ପି ମନୋଜ ରାଉତ ଚାନ୍ଦବାଲି ବଜାର ଉପରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିବା ଜନସାଧାରଣଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ଏସ୍‌ପି ରାଉତ କହିଛନ୍ତି, ଲୋକମାନଙ୍କ ଦାବିକୁ ଗୁରୁତ୍ୱ ଦିଆଯିବ। ନିଶା କାରବାର ଉପରେ ଚଢ଼ାଉ କରାଯିବ। ଅପରାହ୍ନ ୨ଟା ପର୍ଯ୍ୟନ୍ତ ଚାନ୍ଦବାଲି ମୁଖ୍ୟ ବଜାର ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ରାସ୍ତାରୋକୋ ପାଇଁ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପରିସ୍ଥିତିକୁ ଲକ୍ଷ୍ୟକରି ୧୦ ପ୍ଲାଟୁନ ଫୋର୍ସ ମୁତୟନ ରହିଥିଲେ।

# ‘ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା’କୁ ଅନୁମୋଦନ

### ରାଜ୍ୟ କ୍ୟାବିନେଟରେ ୧୦ ପ୍ରସ୍ତାବକୁ ମୋହର

**ଭୁବନେଶ୍ୱର, ୨୪।୧୨ (ରବିନାରାୟଣ ଜେନା)**

ରାଜ୍ୟର ବରପୁତ୍ରମାନଙ୍କୁ କିଭଳି ସବୁବେଳେ ସମ୍ମାନ ମିଳିବ ସେନେଇ ରାଜ୍ୟ ସରକାର ପ୍ରାଥମିକତା ଦେଇଛନ୍ତି। ଏହାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟରେ ‘ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା’ ସମେତ ୧୦ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି।

ଲୋକସେବା ଭବନର ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ଓଡ଼ିଶାର ବରପୁତ୍ର, ସ୍ୱାଧୀନତା ସଂଗ୍ରାମୀ, କବି, ସାହିତ୍ୟିକ, ଶିକ୍ଷାବିତ୍, ସମାଜ ସୁଧାରକ ଏବଂ ମହାନ୍ ବ୍ୟକ୍ତିତ୍ୱମାନେ ଓଡ଼ିଶାର ସାମାଜିକ-ସାଂସ୍କୃତିକ-ସାହିତ୍ୟିକ ପରିବେଶକୁ ଗଢ଼ିଥିଲେ। ସେମାନଙ୍କର ଜୀବନବ୍ୟାପୀ ସାଧନା ଓ ବଳିଦାନକୁ ସ୍ମରଣ କରି ସେମାନଙ୍କ ସ୍ମୃତିକୁ ପରପିଢ଼ି ପାଇଁ ସାଇତି ରଖିବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି।

ମୁଖ୍ୟ ସଚିବ କହିଛନ୍ତି, ସାହସ, ସଂକଳ୍ପ ଏବଂ ଦୃଷ୍ଟିକୋଣ ଓଡ଼ିଆ ଜାତିର ସ୍ୱାଧୀନତା ଓ ସାର୍ବଭୌମତ୍ୱ ପାଇଁ ଭିତ୍ତି ତିଆରି କରିଥିଲା। ଓଡ଼ିଶାର ବରପୁତ୍ର ତଥା ସ୍ୱାଧୀନତା ସେନାନୀମାନଙ୍କୁ ସ୍ମରଣ କରିବା ଓ ସମ୍ମାନିତ କରିବା ଦ୍ୱାରା ସେମାନଙ୍କ ବଳିଦାନକୁ ସ୍ୱୀକୃତି ମିଳିବ। ନାଗରିକମାନେ ସେମାନଙ୍କର ମୂଲ୍ୟବୋଧ ଓ ସିଦ୍ଧାନ୍ତକୁ ଅନୁସରଣ କରି ସାମାଜିକ ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ପ୍ରେରିତ ହେବେ। ସେମାନଙ୍କ ଅବଦାନ ପରପିଢ଼ିକୁ ପ୍ରେରିତ ଓ ଅନୁପ୍ରାଣିତ କରିବା ପାଇଁ ସେମାନଙ୍କର ସ୍ମୃତିକୁ ଉଜ୍ଜୀବିତ କରି ରଖିବାର ଆବଶ୍ୟକତାକୁ ଗୁରୁତ୍ୱପୂର୍ଣ୍ଣ ମନେକରି ରାଜ୍ୟରେ ‘ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା’ ଲାଗୁ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ଯୋଜନା ଅଧୀନରେ ବରପୁତ୍ରମାନଙ୍କ ବାସଗୃହକୁ ସଂଗ୍ରହାଳୟ ଭାବେ ବିକାଶ କରାଯିବ। ବ୍ୟାଖ୍ୟାନ କେନ୍ଦ୍ର, ଗ୍ରନ୍ଥାଗାର, ସମ୍ମିଳନୀ କକ୍ଷ, ମୁକ୍ତାକାଶ ☞ପୃଷ୍ଠା-୨

# ପୀଡ଼ିତା, ମା’ଙ୍କୁ ସୁରକ୍ଷା କର୍ମୀଙ୍କ ଦୁର୍ବ୍ୟବହାର

### ଉନ୍ନାଓ ଗଣବଳାତ୍କାର

- **ଅଭିଯୁକ୍ତ ସେନ୍‌ଗାରଙ୍କ ଦଣ୍ଡାଦେଶ ରଦ୍ଦ କରିଛନ୍ତି ଦିଲ୍ଲୀ ହାଇକୋର୍ଟ**
- **ରାୟ ବିରୋଧରେ ବିକ୍ଷୋଭ ବେଳେ ପୋଲିସର ବଳ ପ୍ରୟୋଗ ଅଭିଯୋଗ**

**ନୂଆଦିଲ୍ଲୀ, ୨୪।୧୨**

୨୦୧୭ ଜୁନ୍ ୪ରେ ଉତ୍ତର ପ୍ରଦେଶର ଉନ୍ନାଓରେ ଜଣେ ୧୭ ବର୍ଷୀୟା ଝିଅଙ୍କୁ ଅପହରଣ ପରେ ଗଣବଳାତ୍କାର କରାଯାଇଥିଲା। ୨୦୧୯ ଡିସେମ୍ବର ୧୬ରେ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ପୂର୍ବତନ ଭାଜପା ବିଧାୟକ କୁଲଦୀପ ସିଂ ସେନ୍‌ଗାରଙ୍କୁ ବଳାତ୍କାର ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ଏହାର ଦିନକ ପରେ ତାଙ୍କୁ ଆଜୀବନ କାରାଦଣ୍ଡାଦେଶ ସହ ୨୫ ଲକ୍ଷ ଟଙ୍କା ଜରିମାନା ଆଦେଶ ଦିଆଯାଇଥିଲା। ୨୦୨୦ ମାର୍ଚ୍ଚରେ ସେନ୍‌ଗାର ପୀଡ଼ିତାଙ୍କ ବାପାଙ୍କ ହାଜତ ମୃତ୍ୟୁ ପାଇଁ ଆପରାଧିକ ଷଡ଼ଯନ୍ତ୍ର ରଚିବା ଅଭିଯୋଗରେ ମଧ୍ୟ ଦୋଷୀ ସାବ୍ୟସ୍ତ ହୋଇଥିଲେ। ୨୦୨୫ ଡିସେମ୍ବର ୨୩ରେ ଦିଲ୍ଲୀ ହାଇକୋର୍ଟ ସେନ୍‌ଗାର ପାଇଥିବା ଆଜୀବନ କାରାଦଣ୍ଡାଦେଶକୁ ରଦ୍ଦ କରି ଜାମିନ ପ୍ରଦାନ କରିଥିଲେ। ବାହୁବଳୀ ନେତା ସେନ୍‌ଗାରଙ୍କୁ ହାଇକୋର୍ଟରୁ ଜାମିନ ମିଳିବା ପରେ ପୀଡ଼ିତା ଓ ତାଙ୍କ ପରିବାର ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ପୀଡ଼ିତା ଓ ତାଙ୍କ ମା’ ନୂଆଦିଲ୍ଲୀର ମଣ୍ଡି ହାଉସ୍‌ରେ ଅଦାଲତ ରାୟ ଉପରେ ଅସନ୍ତୋଷ ବ୍ୟକ୍ତ କରି ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରିବାକୁ ଯାଉଥିବାବେଳେ ସୁରକ୍ଷା ବଳ ସେମାନଙ୍କୁ ଟଣାଓଟରା କରି ଦୁର୍ବ୍ୟବହାର କରିଛି। ତେବେ ଉଭୟେ ଇଣ୍ଡିଆ ଗେଟ୍‌ର ମଣ୍ଡି ହାଉସ୍‌ରେ ବିକ୍ଷୋଭ ପ୍ରଦର୍ଶନ କରିବା ପାଇଁ ପୂର୍ବରୁ ଅନୁମତି ନେଇ ନ ଥିଲେ। ତେଣୁ ପ୍ରଶାସନ ଦୁହିଁଙ୍କୁ ଯନ୍ତରମନ୍ତର କିମ୍ବା ସେମାନଙ୍କ ଘରକୁ ଫେରାଇ ନେବା ପାଇଁ ଉଦ୍ୟମ କରିଥିବା କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) ପକ୍ଷରୁ କୁହାଯାଇଛି।

ମଙ୍ଗଳବାର ରାତିରେ ପୀଡ଼ିତା, ତାଙ୍କ ମା’ ଏବଂ ଓକିଲ ତଥା ଆକ୍ଟିଭିଷ୍ଟ ଯୋଗିତା ଭାୟନା ଇଣ୍ଡିଆ ଗେଟ୍‌ରେ ବିକ୍ଷୋଭ କରିଥିଲେ। ସେଠାରେ ପୋଲିସ ସେମାନଙ୍କୁ ଅଟକ ରଖିଥିଲା। ଘଟଣା ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ପୀଡ଼ିତାଙ୍କ ମା’ କହିଛନ୍ତି, ସୁରକ୍ଷା କର୍ମୀମାନେ ତାଙ୍କୁ ଝିଅଠାରୁ ଛଡ଼େଇ ନେଇ ଅଲଗା କରିଥିଲେ। ‘ଆମକୁ ନ୍ୟାୟ ମିଳିନାହିଁ। ମୋ’ ଝିଅକୁ ପଣବନ୍ଦୀ ରଖାଯାଇଛି। ଏଥିରୁ ଜଣାପଡୁଛି ଯେ ସେମାନେ ଆମକୁ ହତ୍ୟା କରିବାକୁ ଚାହୁଁଛନ୍ତି। ସିଆର୍‌ପିଏଫ୍ ଯବାନମାନେ ଝିଅକୁ ନେଇଯିବା ସହ ମୋତେ ବସ୍‌ରୁ ରାସ୍ତା ଉପରକୁ ଫିଙ୍ଗି ଦେଇଥିଲେ’ ବୋଲି ସେ ଅଭିଯୋଗ ଆଣିଛନ୍ତି। ସେହି ସମୟରେ ବସ୍ ଭିତରେ ପୀଡ଼ିତା ଥିବା ସତ୍ତ୍ୱେ ସିଆର୍‌ପିଏଫ୍‌ର ମହିଳା କର୍ମଚାରୀଙ୍କୁ ମୁତୟନ କରା ନ ଯିବା ସୁରକ୍ଷା ବଳକୁ ସମାଲୋଚିତ କରିଛି। ଯୋଗିତା କହିଛନ୍ତି, ଜଣେ ପୀଡ଼ିତାଙ୍କ ପରିବାର ସହ ଏପରି ବ୍ୟବହାର କରାଯାଏ ? ଏହା କ’ଣ ନ୍ୟାୟ ? ପୀଡ଼ିତାଙ୍କ ମା’ଙ୍କୁ ରାସ୍ତାକୁ ଫିଙ୍ଗି ଦିଆଯାଉଛି। ସେ କାନ୍ଦି କାନ୍ଦି ଆମକୁ ଡାକୁଛନ୍ତି। ପୀଡ଼ିତା ବସ୍‌ରେ ଏକୁଟିଆ ଥିବାବେଳେ ଡ୍ରାଇଭର ବସ୍‌କୁ ନେଇ ସେଠାରୁ ଚାଲିଯାଉଛନ୍ତି।

**ଆଜିର ସମ୍ପାଦକୀୟ**
**ଜୈନ ଗ୍ରନ୍ଥ ଓ କର୍ମସିଦ୍ଧାନ୍ତ**

# ବରଗଡ଼ ଧନୁଯାତ୍ରା ମହୋତ୍ସବ ଆରମ୍ଭ


ଅତିଥିବୃନ୍ଦ ବରଗଡ଼ ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟନ କରୁଛନ୍ତି।

**ମଥୁରାନଗରୀ, ୨୪।୧୨ (ପ୍ରେମାନନ୍ଦ ଖମାରୀ)**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ସନ୍ଧ୍ୟା ପ୍ରାୟ ୭ଟା ୩୦ମିନିଟ୍‌ରେ ସ୍ଥାନୀୟ ହାଟପଦାସ୍ଥିତ ରାଜ ଦରବାର ମଞ୍ଚରେ ବରଗଡ଼ ଏମ୍‌ପି ପ୍ରଦୀପ କୁମାର ପୁରୋହିତ ଏବଂ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ଏହି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ଅତାବିରା ବିଧାୟକ ନୀହାର ରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ, ବରଗଡ଼ ପୌରାଧକ୍ଷା କଳ୍ପନା ମାଝି, ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲ, ବରଗଡ଼ ଏସ୍‌ପି ପି.ଏସ୍. ମୀନାଙ୍କ ସମେତ ଧନୁଯାତ୍ରା ମହୋତ୍ସବ ସମିତିର କର୍ମକର୍ତ୍ତାବୃନ୍ଦ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ସମାରୋହକୁ ଧନୁଯାତ୍ରା ମହୋତ୍ସବ ସମିତିର ଆବାହକ ସୁରେଶ୍ୱର ଶତପଥୀ ସଂଯୋଜନା କରିଥିଲେ। ମହୋତ୍ସବ ଉଦ୍‌ଘାଟନ ପରେ ଦୀର୍ଘ ୧୧ଦିନ ପାଇଁ ବରଗଡ଼ ସହର ମଥୁରାନଗରୀ ଏବଂ ଅମ୍ବାପାଲି ଗୋପପୁର ପାଲଟିଛି। ସେହିପରି ବରଗଡ଼ ସହର ଏବଂ ଅମ୍ବାପାଲି ମଝିରେ ପ୍ରବାହିତ ଜୀରାନଦୀ ଯମୁନା ହୋଇଛି। ମହୋତ୍ସବ ଉଦ୍‌ଘାଟିତ ହେବା ପରେ ମହାରାଜ ଉଗ୍ରସେନଙ୍କ ଉପସ୍ଥିତିରେ ସ୍ଥାନୀୟ ରାମଜୀ ମନ୍ଦିରରେ ବସୁଦେବଙ୍କ ସହିତ ଦେବକୀଙ୍କ ବିବାହ ସମ୍ପନ୍ନ ହୋଇଥିଲା। ଦେବକୀଙ୍କ ଅଷ୍ଟମ ସନ୍ତାନ ମୃତ୍ୟୁର କାରଣ ହେବ ବୋଲି ଦୈବବାଣୀ ଶୁଣି କଂସ ବିଚଳିତ ହୋଇ ପଡ଼ିଥିଲେ। ଏହାପରେ ମହାରାଜ ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି ଯୁବରାଜ କଂସ ମଥୁରାନଗରୀର ଶାସନ ନିଜ ହାତକୁ ନେଇଥିଲେ। ଶାସନ ହାତକୁ ନେବା ପରେ କଂସ ମହାରାଜ ଦେବକୀ, ବସୁଦେବଙ୍କୁ କାରାଗାର(ସମଲେଶ୍ୱରୀ ମଣ୍ଡପ)କୁ ପ୍ରେରଣ କରିଥିଲେ। ଅନ୍ୟପଟେ କଂସ ରାଜୁତିରେ ମଥୁରାନଗରୀ ଅଶାନ୍ତ ହୋଇପଡ଼ି ଥିବାବେଳେ ଶୂନ୍ୟବାଣୀ ଶୁଣି କଂସ ମଧ୍ୟ ବିଚଳିତ ହୋଇ ପଡ଼ିଛନ୍ତି। ନିଜ ବିଚଳିତ ମନକୁ ଶାନ୍ତ କରିବା ପାଇଁ କଂସ ମହାରାଜ ରାଜ ଦରବାରରେ ନୃତ୍ୟ ପରିବେଷଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବିଭିନ୍ନ ସାଂସ୍କୃତିକ ଦଳ ନୃତ୍ୟ ପରିବେଷଣ କରିଥିଲେ।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଚତୁର୍ଦ୍ଦିବସୀୟ ସାଧନା ଶିବିର, ସ୍ଥାନ: ଶିବାନନ୍ଦ ଶତବାର୍ଷିକ ବାଳକ ବିଦ୍ୟାଳୟ, ସମୟ: ସକାଳ ୬ଟା।
- ଓଡ଼ିଶା ଖାଦ୍ୟ ମହୋତ୍ସବ, ସ୍ଥାନ: ଇଉ୍କୋ ପ୍ରଦର୍ଶନୀ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ପଣ୍ଡିତ ଡ.ଦାମୋଦର ହୋତାଙ୍କ ୯୦ତମ ଜୟନ୍ତୀ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## କଟକ
- ଜିଲା ପ୍ରଶାସନ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଅଟଳ ସ୍ମୃତି କମିଟି ପକ୍ଷରୁ ଅଟଳ ଫେଷ୍ଟ ୨୦୨୫ କାର୍ଯ୍ୟକ୍ରମ, ସ୍ଥାନ: ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସମୟ: ଅପରାହ୍ନ ୪ଟା।
- ପାୟଲ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ପଞ୍ଚମଖୀ ମହୋତ୍ସବ, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ଅପରାହ୍ନ ୪ଟା।

## ପୁରୀ
- ୨୫ତମ ନିମାପଡ଼ା ମହୋତ୍ସବ ଉଦ୍‌ଘାଟନ ସମାରୋହ, ସ୍ଥାନ: ଶହୀଦ ଭବନ ପଡ଼ିଆ ମୁକ୍ତାକାଶ ମଞ୍ଚ, ସମୟ: ଅପରାହ୍ନ ୫ଟା ୩୦।

## ଖୋର୍ଦ୍ଧା
- ସରସ୍ୱତୀ ଶିଶୁ ମନ୍ଦିର ୨୪ତମ ବାର୍ଷିକୋତ୍ସବ, ସ୍ଥାନ: ଅନୁଷ୍ଠାନ ପରିସର, କଡ଼ବ, ବୋଲଗଡ଼, ସମୟ: ସକାଳ ୮ଟା।
- ତ୍ରିଧାରା ସାହିତ୍ୟ ସଂସଦର ବାର୍ଷିକୋତ୍ସବ, ସ୍ଥାନ: ବାଘମାରୀ ତୃପ୍ତି କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଶରଧାପୁର ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଶରଧାପୁର ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: କଣ୍ଟାବାଡ଼ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ:ଟାଙ୍ଗୀ ପଡ଼ିଆ, ସଂପୁର, ବୋଲଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ:ପୂର୍ବାହ୍ନ ୧୧ଟା।
- ଖୋର୍ଦ୍ଧା ମହୋତ୍ସବ ଉଦ୍‌ଯାପନୀ ଦିବସ, ସ୍ଥାନ: ବିଡିଏ ପଡ଼ିଆ, ସମୟ : ସନ୍ଧ୍ୟା ୬ଟା।

## ବାଲେଶ୍ୱର
- ସାଂସଦ ଖେଳ ମହୋତ୍ସବର ଉଦ୍‌ଯାପନୀ ସମାରୋହ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ, ସ୍ଥାନ: ସୁରଭି ପ୍ଲାଜା, ସହଦେବଖୁଣ୍ଟା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବାଜପେୟୀଙ୍କ ପ୍ରତିମୂର୍ତ୍ତି ପାଇଁ ଭୂମି ପୂଜନ ଉତ୍ସବ, ସ୍ଥାନ: ଇଲେକ୍ଟ୍ରି ଗ୍ରୀଡ୍ ଅଫିସ ନିକଟ, ବସ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ବାଜପେୟୀଙ୍କ ଶତବାର୍ଷିକୀ ଜନ୍ମ ଜୟନ୍ତୀ ଉତ୍ସବ, ସ୍ଥାନ: ସଦର ଭାଜପା କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦଶମ ବାର୍ଷିକ ଉତ୍ସବ, ସ୍ଥାନ: ମୀରାମ୍ବିକା ଆବାସିକ ବିଦ୍ୟାଳୟ, ମଠସାହି, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲାସ୍ତରୀୟ ସୁଶାସନ ଦିବସ, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ଅପରାହ୍ନ ୨ଟା ୩୦।
- ୩୧ତମ ବାର୍ଷିକ ଉତ୍ସବ ଓ କଳା ମେଳା-୨୦୨୫ର ଉଦ୍‌ଯାପନୀ ଦିବସ, ସ୍ଥାନ: ଚାରୁ ଓ କାରୁ କଳା ମହାବିଦ୍ୟାଳୟ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- କୋଶମ୍ବ ମେଳାର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା

## ଭଦ୍ରକ
- ବିଜେଡ଼ି ପକ୍ଷରୁ ଚାନ୍ଦବାଲି ବନ୍ଦ ଡାକରା, ସ୍ଥାନ: ଚାନ୍ଦବାଲି, ସମୟ: ସକାଳ ୬ଟା।
- ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜୟନ୍ତୀ ପାଳନ, ସ୍ଥାନ: ନେହେରୁ ଶିଶୁ ଉଦ୍ୟାନ, ଚାନ୍ଦବାଲି, ସମୟ: ସକାଳ ୭ଟା।
- ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ, ସ୍ଥାନ: ନେହେରୁ ଷ୍ଟାଡିୟମ୍, ଭଦ୍ରକ, ସମୟ: ସକାଳ୧୦ଟା।
- ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ଜିଲାସ୍ତରୀୟ ସୁଶାସନ ଦିବସ, ସ୍ଥାନ: ଜିଲା ସଂସ୍କୃତି ଭବନ, ସମୟ: ସକାଳ ୧୦ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ତ୍ରୟୋଦଶ ବାର୍ଷିକ ଉତ୍ସବ, ସ୍ଥାନ: ବରପଦା, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ବାଣିଜ୍ୟ ମେଳାର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ସାମରାଇପୁର, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର
- ଜିଲାସ୍ତରୀୟ ସୁଶାସନ ଦିବସ, ସ୍ଥାନ: ଦରବାର ହଲ, କେନ୍ଦୁଝର, ସମୟ : ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ
- ପବିତ୍ର ତୁଳସୀ ପୂଜନ ଦିବସ, ସ୍ଥାନ:ବଡ଼ଜଗନ୍ନାଥ ମନ୍ଦିର ପରିସର ବାରିପଦା,ସମୟ: ସକାଳ ୭ଟା।

## ବ୍ରହ୍ମପୁର
- ଜିଲାସ୍ତରୀୟ ଲେଖକ ଓ ଲେଖିକା ସାମୁଖ୍ୟର ସ୍ୱନକ୍ଷତ୍ର ଉତ୍ସବ, ସ୍ଥାନ: ଉତ୍କଳ ଆଶ୍ରମ ଭାଷା ଭବନ,ସମୟ: ସକାଳ ୯ଟା ।
- ବିନାୟକ ଆଚାର୍ଯ୍ୟ ମୋମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: କଲେଜ ଖେଳ ପଡିଆ,ସମୟ: ସକାଳ ୯ଟା।
- ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟନୀ, ସ୍ଥାନ: ମହାତ୍ମାଗାନ୍ଧୀ ଷ୍ଟାଡିୟମ,ସମୟ: ସକାଳ ୯ ଟା ।
- ସାଂସଦ କ୍ରୀଡା ମହୋତ୍ସବ ଉଦ୍‌ଯାପନୀ, ସ୍ଥାନ: ମହାତ୍ମାଗାନ୍ଧୀ ଷ୍ଟାଡିୟମ,ସମୟ: ସକାଳ ୯ଟା ।

## ଗଞ୍ଜାମ
- କୁର୍ମୀ କ୍ଷତ୍ରିୟ ପ୍ରଦେଶ ସଂସ୍ଥାର ମହାସଭା, ସ୍ଥାନ: ଭଞ୍ଜନଗର ବ୍ଲକ ଟିଳିସିଙ୍ଗି, ସମୟ: ପୂର୍ବହ୍ନ ୧୦ଟା।
- କୃଷ୍ଣସାର ମୃଗ ସୁରକ୍ଷା ସଚେତନତା ରାଲି, ସ୍ଥାନ: ଆସିକା ଭେଟନୟୀ, ସମୟ: ପୂର୍ବାହ୍ନ ୧୧ ଟା।
- ସ୍କୁଲର ରୌପ୍ୟ ଜୟନ୍ତୀ ଉତ୍ସବ ଉଦଯାପନୀ, ସ୍ଥାନ: ବୁଗୁଡ଼ା ନିଉ ଏରା ପବ୍ଲିକ ସ୍କୁଲ,ସମୟ: ଅପରାହ୍ନ ୩ଟା।

## ଅନୁଗୋଳ
- ରାଜ୍ୟସ୍ତରୀୟ ଅଷ୍ଟକିଳା ଫୁଟ୍‌ବଲ ଟୁର୍ନାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ : ଆଠମଲ୍ଲିକ ପତାକା ଖେଳପଡ଼ିଆ, ସମୟ : ଅପରାହ୍ନ ୨ଟା ୩୦।

## ଜଗତ୍‌ସିଂହପୁର
- ଜିଲାସ୍ତରୀୟ ସୁଶାସନ ଦିବସ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୦ଟା।
- ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ଜପା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ, ଏରସମା, ସମୟ: ଅପରାହ୍ନ ୪ଟା।
- ଅଟଳ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ପାରାଦୀପ ମହୋତ୍ସବ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡପଡିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ କାର୍ଯ୍ୟକ୍ରମ, ସ୍ଥାନ: ବାଜପେୟୀ ଟ୍ରଷ୍ଟ ପରିସର,ନୂଆବଜାର, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- ଇଣ୍ଟରନ୍ୟାଶନାଲ ଚର୍ଚ୍ଚ ପକ୍ଷରୁ ବଡ଼ଦିନ ଉତ୍ସବ, ସ୍ଥାନ: ଚର୍ଚ୍ଚ ପରିସର, ମଧୁବନ, ପାରାଦୀପ, ସମୟ: ସକାଳ ୬ ଟା।

## କେନ୍ଦ୍ରାପଡ଼ା
- ବଡ଼ଦିନ ଉତ୍ସବ ପାଳନ, ସ୍ଥାନ: ବାପ୍‌ଟିଷ୍ଟ ଚର୍ଚ୍ଚ ଓ କ୍ୟାଥଲିକ ଚର୍ଚ୍ଚ, ଟାଙ୍କିବେଲାରି ଓ ଅରୁଣନଗର, ମହାକାଳପଡା, ସମୟ:ସକାଳ ୭ଟା ।
- ଗ୍ରାମବାସୀଙ୍କ ପକ୍ଷରୁ ଆଦ୍ୟଗୁରୁ ପୂଜନ କାର୍ଯ୍ୟକ୍ରମ, ସ୍ଥାନ:କଣିପାଳ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୯ଟା ।
- ରକ୍ତଦାନ ଶିବିର, ସ୍ଥାନ: ବଜ୍ର ମହାକାଳୀ ଉଚ୍ଚ ବିଦ୍ୟାଳୟ, ଧନିଆପଡା, ମାର୍ଶାଘାଇ, ସମୟ: ସକାଳ ୯ଟା ।
- ଜେକେଡି ଆସୋସିଏଟସ୍ ପକ୍ଷରୁ ତୁଳସୀ ପୂଜନ କାର୍ଯ୍ୟକ୍ରମ, ସ୍ଥାନ:ଅନୁଆପଡା, ଚାନ୍ଦୋଳ, ଡେରାବିଶ, ସମୟ:ସକାଳ ୯ଟା ।
- ଏମ୍‌ପି ଖେଳ ମହୋତ୍ସବର ଉଦ୍‌ଯାପନ, ସ୍ଥାନ: ଟାଉନ ହାଇସ୍କୁଲ ପଡିଆ, ଖଡିଅଙ୍ଗ, କେନ୍ଦ୍ରାପଡା ସହର, ସମୟ:ସକାଳ ୯ଟା ।
- ବିପ୍ଳବୀ କବି ଆନନ୍ଦ ଜେନା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଟ୍ରଫି ଉନ୍ମୋଚନ, ସ୍ଥାନ:ସରସ୍ୱତୀ ଷ୍ଟାଡିୟମ, ଡାଳିକାଏନ୍ଦା, ରାଜକନିକା, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲା ପ୍ରଶାସନର ସୁଶାସନ ଦିବସ ପାଳନ, ସ୍ଥାନ:ସଦ୍‌ଭାଗବନା ସଭାଗୃହ, ଜିଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦ୍ରାପଡା, ସମୟ:ପୂର୍ବାହ୍ନ ୧୦ଟା ।
- ରାଜ୍ୟସ୍ତରୀୟ ଡେରାବିଶ ମହୋତ୍ସବ, ସ୍ଥାନ:ମିନି ଷ୍ଟାଡିୟମ, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପାୟୀଙ୍କ ଜୟନ୍ତୀ ତଥା ଜିଲାସ୍ତରୀୟ ସୁଶାସନ ଦିବସ, ସ୍ଥାନ : ଯାଜପୁର ଜିଲାପରିଷଦ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା।
- ଆମ ଯାଜପୁର ପକ୍ଷରୁ ଅଟଳ ବିହାରୀ ବାଜପେୟୀ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଯାଜପୁର କୁସୁମା ପୋଖରୀ ସମ୍ମୁଖ କ୍ରିକେଟ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ୧୫ତମ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମହୋତ୍ସବ, ସ୍ଥାନ: ଯାଜପୁର ପ୍ରଶାସନିକ ଭବନ ପଡିଆ, ସମୟ: ଅପରାହ୍ନ ୪ଟା।
- ପ୍ରସିଦ୍ଧ ଧର୍ମଶାଳା ମହୋତ୍ସବ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ଧର୍ମଶାଳା ମହୋତ୍ସବ ପଡ଼ିଆ, ଜାରକା, ସମୟ: ଅପରାହ୍ନ ୫ଟା।

## ନୟାଗଡ଼
- ଘୋଡଲାଗି ପର୍ବର ୨୯ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା ।
- ଘୋଡଲାଗି ପର୍ବର ୨୯ତମ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର ; ନୟାଗଡ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୩୦।
- ଜିଲା ମହୋତ୍ସବର ୨ୟ ଦିବସ, ସ୍ଥାନ: ନୟାଗଡ ମହୋତ୍ସବ ପଡିଆ, ସମୟ: ପୂର୍ବାହ୍ନ ୧୦ରୁ ରାତ୍ର ୧୦ଟା ।

## ରାୟଗଡ଼ା
- ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଓ ସୁଶାସନ ଦିବସ, ସ୍ଥାନ: ମହିଳା ମହାବିଦ୍ୟାଳୟ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନବରଙ୍ଗପୁର
- ଜିଲାସ୍ତରୀୟ ସୁଶାସନ ଦିବସ ପାଳନ, ସାଂସଦସ୍ତରୀୟ ଖେଳ ମହୋତ୍ସବ ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ନବରଙ୍ଗପୁର ଶାସ୍ତ୍ରୀ ଭବନ, ସମୟ : ପୂର୍ବାହ୍ନ ୧୦ଟା।

## କୋରାପୁଟ
- ବଡଦିନ ଉପଲକ୍ଷେ ସ୍ୱତନ୍ତ୍ର ପ୍ରାର୍ଥନା, ସ୍ଥାନ: କୋରାପୁଟ ମିଶନ କମ୍ପାଉଣ୍ଡ ଚର୍ଚ୍ଚ, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ସୁଶାସନ ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: କୋରାପୁଟ ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ବଡ଼ ଦିନ ପାଳନ, ସ୍ଥାନ: ଜୟପୁର ଜେଇଏଲସି ଚର୍ଚ୍ଚ, ସମୟ: ପୂର୍ବାହ୍ନ ୧୦ଟା ।
- ଜେଇଏଲ୍‌ସି ଚର୍ଚ୍ଚ ପକ୍ଷରୁ ବଡ଼ ଦିନ, ସ୍ଥାନ: ସେମିଳିଗୁଡ଼ା ଉଇଦା ଅଫିସ ନିକଟ ଚର୍ଚ୍ଚ ପରିସର,ସମୟ: ପୂର୍ବାହ୍ନ ୧୦ଟା ୩୦।
- ସାଂସଦ ଖେଳ ମହୋତ୍ସବର ଉଦଯାପନୀ ସମାରୋହ, ସ୍ଥାନ: କୋରାପୁଟ ପୋଲିସ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ବାଜପାୟୀଙ୍କ ଜନ୍ମ ଜୟନ୍ତୀ, ସୁଶାସନ ଦିବସ, ସ୍ଥାନ: ନନ୍ଦପୁର ସ୍ଥିତ ପୂର୍ତ୍ତବିଭାଗ ଡାକ ବଙ୍ଗଳା, ସମୟ: ମଧ୍ୟାହ୍ନ ୧୨ଟା।

## ସମ୍ବଲପୁର
- ସମ୍ପର୍କ ଫାଉଣ୍ଡେସନ ପକ୍ଷରୁ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ତମ ଜନ୍ମ ଜୟନ୍ତୀ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସକାଳ ୯ଟା ।
- ଓଡ଼ିଆ ବାପଟିଷ୍ଟ ଚର୍ଚ୍ଚ ପକ୍ଷରୁ ଇଂରାଜୀ ସାର୍ଭିସ, ସ୍ଥାନ : ଚର୍ଚ୍ଚ ଛକ, ସମୟ : ସକାଳ ୯ଟା ୩୦ ।
- ବନ୍ଦନା ଆର୍ଟ ଆୟୋଜିତ ଦୁର୍ଗା-୩ ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ : ଅମୃତ ବିହାର ପରିସରସ୍ଥ ଜିଏମୟୁ ଆର୍ଟ ଗ୍ୟାଲେରି, ସମୟ : ପୂର୍ବାହ୍ନ ୧୧ଟାରୁ ରାତି ୭ଟା ।
- ଓଡ଼ିଆ ବାପଟିଷ୍ଟ ଚର୍ଚ୍ଚ ପକ୍ଷରୁ ଓଡ଼ିଆ ସେବା କାର୍ଯ୍ୟକ୍ରମ, ସ୍ଥାନ : ଚର୍ଚ୍ଚ ଛକ, ସମୟ : ଅପରାହ୍ନ ୩ଟା ।
- ଯୁବ ଉଦୟନ ଆୟୋଜିତ ବୀର ସୁରେନ୍ଦ୍ର ସାଏ ୨୮ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗୀତ, ସ୍ଥାନ : ଝାଡୁଆପଡାସ୍ଥିତ ଆରଣ୍ୟକ ମଞ୍ଚ, ସମୟ : ସନ୍ଧ୍ୟା ୬ଟା ।

## ବଲାଙ୍ଗୀର
- ରାଜ୍ୟସ୍ତରୀୟ ଫେନସିଂ ପ୍ରଶିକ୍ଷଣ ଶିବିର, ସ୍ଥାନ: ବଲାଙ୍ଗୀରସ୍ଥିତ ଆର୍‌ଏନ୍ ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ସମୟ: ସକାଳ ୭ଟା।
- ସୁଶାସନ ଦିବସ ପାଳନ, ସ୍ଥାନ: ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଉପଲକ୍ଷେ ରକ୍ତଦାନ ଶିବିର, ସ୍ଥାନ: କଣ୍ଟାବାଞ୍ଜି ସରକାରୀ ଡାକ୍ତରଖାନା ରକ୍ତଭଣ୍ଡାର, ସମୟ: ପୂର୍ବାହ୍ନ ୧୦ଟା।
- ସର୍ବଭାରତୀୟ ବହୁଭାଷୀ ନାଟକ ସମାରୋହ 'ମଠଖାଇ ମହୋତ୍ସବ' ଉଦ୍‌ଘାଟନୀ, ସ୍ଥାନ: କୋଶଳ କଳାମଣ୍ଡଳ ପଡିଆ ନୂଆ ରଙ୍ଗମଞ୍ଚ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା
- କ୍ରିସ୍‌ମାସ ପାଳନ, ସ୍ଥାନ: ଝିରପାଣି ଆର୍‌ସି ସମେତ ଅନ୍ୟ ଚର୍ଚ୍ଚ, ସମୟ: ସକାଳ ୬ଟା।
- ପ୍ରଗତି ମହିଳା ସମିତି ପକ୍ଷରୁ ସାମୂହିକ ଦୀପଦାନ, ସ୍ଥାନ: ସେକ୍ଟର-୩ ଜଗନ୍ନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼
- ଜିଲାସ୍ତରୀୟ ସୁଶାସନ ଦିବସ ଓ ଅଟଳ ବିହାରୀଙ୍କ ଜୟନ୍ତୀ ଅବସରରେ କବିତା ପାଠୋତ୍ସବ, ସ୍ଥାନ: ସଦ୍‌ଭାବନା ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଭବ୍ୟ ପ୍ରତିମୂର୍ତ୍ତି ଉନ୍ମୋଚନ, ସ୍ଥାନ: ଷ୍ଟେଟବ୍ୟାଙ୍କ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ଅଟଳ ସ୍ମୃତି ଦିବସ ଓ ବାଲ୍ ଶହୀଦ ଦିବସ, ସ୍ଥାନ: ଜିଲା ଭାଜପା କାର୍ଯ୍ୟାଳୟ, ଭୋଜପୁର, ସମୟ: ଅପରାହ୍ନ ୩ଟା।

## ବରଗଡ଼
- ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ସକାଳ ୯ଟା।
- ବରଗଡ଼ ଧନୁଯାତ୍ରା ମହୋତ୍ସବର ରଙ୍ଗମହଲ ଉଦ୍‌ଘାଟନ,ସ୍ଥାନ: ଲୋକମଣ୍ଡପ ପଡ଼ିଆ ମଞ୍ଚ, ମଥୁରାନଗରୀ, ସମୟ: ସନ୍ଧ୍ୟା ୬ଟା।

# ଧନୁଯାତ୍ରା ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି

ବରଗଡ଼,୨୪।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଧନୁଯାତ୍ରା ମହୋତ୍ସବ ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିଜ ସୋସିଆଲ ମିଡିଆ ଆକାଉଣ୍ଟ 'X'ରେ ଶୁଭେଚ୍ଛା ଜଣାଇଛନ୍ତି। ରାଷ୍ଟ୍ରପତି କହିଛନ୍ତି, 'ବରଗଡ଼ର ପ୍ରସିଦ୍ଧ ଧନୁଯାତ୍ରାର ଶୁଭ ଅବସରରେ ମୁଁ ଦେଶବାସୀଙ୍କୁ ବିଶେଷକରି ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି। ବିଶାଳ ମୁକ୍ତାକାଶ ରଙ୍ଗମଞ୍ଚର ଅନନ୍ୟ ପରମ୍ପରା ଏହି ମହୋତ୍ସବକୁ ଦେଶବିଦେଶରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ମୁଁ ଆଶା କରୁଛି, ପୌରାଣିକ କଥାବସ୍ତୁର ଜୀବନ୍ତ ଉପସ୍ଥାପନା ମାଧ୍ୟମରେ ସମାଜରେ ଆଧ୍ୟାତ୍ମିକ ଚେତନା ଓ ସାଂସ୍କୃତିକ ଗୌରବ ଆହୁରି ପରିପୁଷ୍ଟ ହେବ। ମୁଁ ଏହି ବର୍ଣ୍ଣାଢ଼୍ୟ ଯାତ୍ରାର ସଫଳ ଆୟୋଜନ ପାଇଁ ଶୁଭେଚ୍ଛା ଜଣାଉଛି।'

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଏ ସଖା ପାଖରେ ସେ ସଖା ରହେ,
ଆଖିରୁ ଲୁହ ଝରଝର ବହେ।**

ଯେ ଦୁଃଖ କ'ଣ କଷ୍ଟ କ'ଣ ଜାଣିଥାଏ ବା ଭୋଗିଥାଏ ସେ ହିଁ ଅନ୍ୟର ଦୁଃଖ କଷ୍ଟକୁ ବେଶ୍ ଭଲ ଭାବେ ହୃଦୟଙ୍ଗମ କରିପାରିଥାଏ। ସେହିପରି ପ୍ରକୃତ ବନ୍ଧୁ ହିଁ ବିପଦରେ ପଡ଼ିଥିବା ବନ୍ଧୁଙ୍କୁ ସାହାଯ୍ୟ ସମର୍ଥନ ଯୋଗାଇଦେବା ସହ ସମବେଦନା ଜଣାଇଥାଏ। ସମଦରଦି ବ୍ୟକ୍ତି ଅନ୍ୟର ଦୁଃଖଦୁର୍ଦ୍ଦଶା ଦେଖି ବ୍ୟଥିତ ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଏହାର ଦେଖି ତାହାର ଦେଖି
ଫରକିଲା ମୋର ଡାହାଣ ଆଖି ।**

ଅନ୍ୟର ଭଲ ଦେଖିଲେ କେତେଜଣ ଲୋକଙ୍କ ମନ ହାଇଁ ପାଇଁ ହୋଇଯାଏ। ଏପରି ବ୍ୟକ୍ତି ଅନ୍ୟର ସୁଖ ଶିରୀକୁ ଆଦୌ ସହ୍ୟ କରିପାରି ନ ଥାନ୍ତି କି ବରଦାସ୍ତ ବା ଗ୍ରହଣ କରି ପାରି ନ ଥାନ୍ତି। ଅନ୍ୟର ଉନ୍ନତି ଦେଖି ଲାଳାୟିତ ହେଉଥିବା ଈର୍ଷାପରାୟଣ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଫେବୃଆରୀ ପହିଲାରୁ ଲାଗୁ ହେବ ନିୟମ: ପରିବହନ ମନ୍ତ୍ରୀ

- ପ୍ରଦୂଷଣ ପ୍ରମାଣପତ୍ର ନ ଥିଲେ ତେଲ ନ ମିଳିବା ନିୟମ ପୁଣି କୋହଳ
- ପ୍ରଥମ ଥର ଚାଲାଣ କଟିଥିଲେ ୭ ଦିନ ମଧ୍ୟରେ ଆବେଦନ କଲେ ବିଚାର କରାଯିବ: ଏସ୍‌ଟିଏ

କଟକ,୨୪।୧୨(କାର୍ତ୍ତିକ ସାହୁ)

ମୋଟର ଯାନର ପ୍ରଦୂଷଣ ସାର୍ଟିଫିକେଟ ଯାଞ୍ଚ ନେଇ ଜନସାଧାରଣ ସମ୍ମୁଖୀନ ହେଉଥିବା ସମସ୍ୟାକୁ ଅନୁଧ୍ୟାନ କରି 'ବୈଧ ପ୍ରଦୂଷଣ ପ୍ରମାଣପତ୍ର ବିନା ଇନ୍ଧନ ମନା' ଲାଗୁ ନିଷ୍ପତ୍ତିକୁ ଘୁଞ୍ଚାଯାଇଛି। ପୂର୍ବରୁ ଜାନୁଆରୀରୁ ଏହା ଲାଗୁ ପାଇଁ ନିଷ୍ପତ୍ତି ହୋଇଥିଲା। ତେବେ ଜନସାଧାରଣଙ୍କ ଦାବିକୁ ଦୃଷ୍ଟିରେ ରଖି ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶକ୍ରମେ ଏହାକୁ ଫେବୃଆରୀ ପହିଲାକୁ ଘୁଞ୍ଚାଯାଇଛି। ଏହି ଅବଧି ମଧ୍ୟରେ ମୋଟର ଯାନ ଆଇନ ଅନୁଯାୟୀ ବୈଧ ପ୍ରଦୂଷଣ ପ୍ରମାଣ ପତ୍ର ନ ଥିବା ଯାନଗୁଡ଼ିକ ପ୍ରଦୂଷଣ ଯାଞ୍ଚ କରାଇନେବାକୁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ଅବଧିକୁ ବୃଦ୍ଧି କରାଯାଇଥିବାରୁ ଜନସାଧାରଣ ବିବ୍ରତ ନ ହୋଇ ସୁବିଧାରେ ଯାଞ୍ଚ କରାଇବେ ବୋଲି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ଆଶା କରାଯାଉଛି। ଫେବୃଆରୀ ୧ ପୂର୍ବରୁ କୌଣସି ପେଟ୍ରୋଲ ପମ୍ପରେ କାହାକୁ ମଧ୍ୟ ପ୍ରଦୂଷଣ ସାର୍ଟିଫିକେଟ ପାଇଁ ଇନ୍ଧନ ଦେବାକୁ ମନା କରାଯାଇପାରିବ ନାହିଁ। ଏହି ସମୟରେ ପ୍ରଦୂଷଣ ସାର୍ଟିଫିକେଟ ସଂକ୍ରାନ୍ତରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଛି। ସେହିପରି ବୈଧ ପ୍ରଦୂଷଣ ସାର୍ଟିଫିକେଟ ନ ଥାଇ ପ୍ରଥମ ଥର ଚାଲାଣ କଟିଥିଲେ ସେହି ଯାନ ପାଇଁ ମଧ୍ୟ ଏସ୍‌ଟିଏ କୋହଳ ମନୋଭାବ ପୋଷଣ କରିଛି। ଏସ୍‌ଟିଏ ପକ୍ଷରୁ କୁହାଯାଇଛି, ଏପରି କ୍ଷେତ୍ରରେ ପ୍ରଦୂଷଣ ସାର୍ଟିଫିକେଟ କରାଇ ଚାଲାଣ ହଟାଇ ନେବା ପାଇଁ ଲିଖିତ ଆବେଦନ କଲେ ସେଥିପାଇଁ ବିଚାର କରାଯିବ।

## ପ୍ରଥମ ପୃଷ୍ଠାରୁ...

### ଅନୁ ଗର୍ଗ ନୂଆ ...

ଅନୁ ୧୯୬୯ ମାର୍ଚ୍ଚ ୧ ରେ ଜନ୍ମଗ୍ରହଣ କରିଥିଲେ। ସେ ଦିଲ୍ଲୀ ଲେଡି ଶ୍ରୀରାମ କଲେଜରୁ ମନସ୍ତତ୍ତ୍ୱ ବିଭାଗରେ ସ୍ନାତକ ଏବଂ ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟରୁ ସମାଜ ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ କରିଥିଲେ। ଏହାପରେ ଆମେରିକାର ବାଲ୍‌ଟିମୋର ସ୍ଥିତ ଜନ୍ ହପ୍‌କିନ୍ସ ବିଶ୍ୱବିଦ୍ୟାଳୟରୁ ପବ୍ଲିକ୍ ହେଲ୍‌ଥରେ ମାଷ୍ଟର ଡିଗ୍ରୀ ହାସଲ କରିଥିଲେ। ପୂର୍ବରୁ ଅନୁ ରାଜ୍ୟ ସରକାରଙ୍କ ପ୍ରମୁଖ ଶାସନ ସଚିବ ଭାବେ ଶ୍ରମ ଏବଂ ଇଏସ୍‌ଆଇ, ମହିଳା ଓ ଶିଶୁ ବିକାଶ ବିଭାଗ ଦାୟିତ୍ୱରେ ରହିଥିଲେ। ସେହିପରି ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ସଚିବ ଭାବେ ୨୦୦୮ରୁ ୨୦୧୨ ଯାଏ ଦାୟିତ୍ୱ ତୁଲାଇଥିଲେ। ୧୯୯୨ ରୁ ୨୦୦୩ ପର୍ଯ୍ୟନ୍ତ ସେ ବିଭିନ୍ନ ଜିଲାର ଜିଲାପାଳ ଏବଂ ଅତିରିକ୍ତ ଜିଲାପାଳ ଭାବେ ଦାୟିତ୍ୱ ତୁଲାଇଥିଲେ। ସେ ବରଗଡ଼ ଏବଂ ସମ୍ବଲପୁର ଜିଲାପାଳ ଭାବେ ଅବସ୍ଥାପିତ ହୋଇଥିଲେ। ସେହିପରି ଝାରସୁଗୁଡ଼ା ଏବଂ କଳାହାଣ୍ଡିରେ ଅତିରିକ୍ତ ଜିଲାପାଳ ଭାବେ ସେ ଦାୟିତ୍ୱ ତୁଲାଇଥିଲେ। କେନ୍ଦ୍ର ସରକାରଙ୍କ ଅନେକ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟରେ ମଧ୍ୟ କାର୍ଯ୍ୟ କରିସାରିଛନ୍ତି। ସେ କେନ୍ଦ୍ରରେ ବୟନ ଶିଳ୍ପ ମନ୍ତ୍ରଣାଳୟର ଯୁଗ୍ମ ସଚିବ, ପ୍ରଧାନମନ୍ତ୍ରୀଙ୍କ ଯୁଗ୍ମ ସଚିବ ଭାବେ ମଧ୍ୟ ଦାୟିତ୍ୱରେ ଥିଲେ। ଏହାସହ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଦାୟିତ୍ୱ ତୁଲାଇଥିଲେ।

ସୂଚନାଯୋଗ୍ୟ, ରାଜ୍ୟରେ ଭାଜପା ସରକାର ୨୦୨୪ ସାଧାରଣ ନିର୍ବାଚନରେ ଶାସନକୁ ଆସିବା ପରେ କେନ୍ଦ୍ରୀୟ ଡେପୁଟେଶନରେ ଥିବା ମନୋଜ ଆହୁଜା ରାଜ୍ୟର ମୁଖ୍ୟ ଶାସନ ସଚିବ ହୋଇଥିଲେ। ୨୦୨୪ ଜୁଲାଇ ୧ରେ ସେ ଏହି ଦାୟିତ୍ୱ ସମ୍ଭାଳିଥିଲେ। ଡିସେମ୍ବର ୨୦୨୪ରେ ତାଙ୍କ କାର୍ଯ୍ୟକାଳ ଶେଷ ହୋଇଥିଲା। ୧ ଜାନୁଆରୀ ୨୦୨୫ରୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ବର୍ଷକ ପାଇଁ ଆହୁଜାଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଥିଲା।

### 'ବରପୁତ୍ର ଐତିହ୍ୟ ...

ରଙ୍ଗମଞ୍ଚ, ଶିଶୁ ଉଦ୍ୟାନ ସ୍ଥାପନ ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ବିକାଶ କରାଯିବ। ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି/ସ୍ମାରକୀ ସ୍ଥାପନ କରାଯିବ। ସ୍ଥାନୀୟ ଜୀବିକାକୁ ପ୍ରୋତ୍ସାହନ ଦେବା ପାଇଁ ସ୍ଥାନୀୟ ପ୍ରସିଦ୍ଧ ବ୍ୟଞ୍ଜନ, ହସ୍ତକଳା ଓ ହସ୍ତଶିଳ୍ପ ଉତ୍ପାଦ ଆଦିର ବିକ୍ରୟ କେନ୍ଦ୍ର ସ୍ଥାପନ କରାଯିବ। ସେମାନଙ୍କ ଜୀବନୀ ଉପରେ ବିଭିନ୍ନ ସମ୍ମିଳନୀ, ଚର୍ଚ୍ଚା, ଆଲୋଚନା ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ସେମାନଙ୍କର ଆଦର୍ଶ, ପ୍ରେରଣା ଓ ମୂଲ୍ୟବୋଧର ପ୍ରଚାର ପ୍ରସାର କରାଯିବ। ପ୍ରଥମ ପର୍ଯ୍ୟାୟରେ ଏହି ଯୋଜନା ନିମନ୍ତେ ୨୫ ଜଣ ବରପୁତ୍ରଙ୍କ ନାମ ନିର୍ଦ୍ଧାରିତ ହୋଇଛି। ପ୍ରତ୍ୟେକ ବରପୁତ୍ରଙ୍କ ଜନ୍ମସ୍ଥାନର ଉନ୍ନତୀକରଣ ନିମନ୍ତେ ଆବଶ୍ୟକତା ଅନୁଯାୟୀ ସର୍ବାଧିକ ୧୫ କୋଟି ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରାଯିବ। ଏହି ଯୋଜନାର ପ୍ରଥମ ପର୍ଯ୍ୟାୟରେ ୨୫ ଜଣ ବରପୁତ୍ରଙ୍କ ଜନ୍ମସ୍ଥାନର ଉନ୍ନତୀକରଣ ନିମନ୍ତେ ସର୍ବାଧିକ ୩୧୫ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ମୁଖ୍ୟ ସଚିବ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଶା କରିଥିବା କାର୍ଯ୍ୟଟିରେ ସଫଳତା ପାଇବା ସକାଶେ ବହୁତ ଶ୍ରମ ସ୍ୱୀକାର କରିବାକୁ ପଡ଼ିପାରେ। ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବ। କୃତ୍ତିକା ନକ୍ଷତ୍ର ବ୍ୟବସାୟକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିପାରନ୍ତି। ଦିନଟିରେ କିଛି ସମୟ ଟେନ୍ସନ ଲାଗି ରହିଲେ ମଧ୍ୟ ପରକ୍ଷଣରେ ମାନସିକ ଅସ୍ଥିରତା ଦୂରେଇ ଯିବ।

**ବୃଷ** – ପରୋକ୍ଷ ଶତ୍ରୁତାଜନିତ ପ୍ରତ୍ୟେକ ସମୟରେ ବିଭିନ୍ନ ଝମେଲା ଭିତର ଦେଇ ଯିବାକୁ ପଡିବ। ବାକି ପଡିଥିବା କାମକୁ ଶେଷ କରିବେ କିମ୍ବା ହାତକୁ ନେଇଥିବା କାମଟିକୁ ଆରମ୍ଭ କରି ଦ୍ୱନ୍ଦ୍ୱରେ ପଡିଯିବେ। କର୍ମକ୍ଷେତ୍ରରେ ବକେୟା ଅର୍ଥ ଓ ସମ୍ମାନ ପାଇପାରନ୍ତି। ରୋହିଣୀ ନକ୍ଷତ୍ର ସ୍ୱାସ୍ଥ୍ୟ ସମସ୍ୟା ନେଇ ଭାରାକ୍ରାନ୍ତ ମନରେ ଦିନଟି କଟିବ।

**ମିଥୁନ** – ଆଜି ମାନସିକ ଅସ୍ଥିରତା କାରଣରୁ କୌଣସି କାମରେ ମନ ଲାଗିବ ନାହିଁ। ଝଗଡ଼ା କରିବାକୁ ଚାହିଁବସିଥିବା ଲୋକଟିର ସାମ୍ନା କରିବା ପାଇଁ ଦୁଶ୍ଚିନ୍ତା ଲାଗିରହିବ। ପୁନର୍ବସୁ ନକ୍ଷତ୍ର ପରିବାରରେ ସହମତିରେ କାମ କଲେ ଉପକୃତ ହେବେ। ପ୍ରତ୍ୟେକ କ୍ଷେତ୍ରରେ ନିଜର ସୁଖ ସୁବିଧାକୁ ପ୍ରାଧାନ୍ୟ ଦେଇ ସମାଲୋଚିତ ହେବେ।

**କର୍କଟ** – କର୍ମକ୍ଷେତ୍ରରେ ବ୍ୟତିକ୍ରମ ଲାଗିରହିଲେ ମଧ୍ୟ ଯେଉଁ କାମଟି ହାତକୁ ନେଇଛନ୍ତି ତାହାକୁ ସମ୍ପୂର୍ଣ୍ଣ କରିପାରିବେ। ଅଶ୍ଳେଷା ନକ୍ଷତ୍ର ବନ୍ଧୁଙ୍କ ମିଥ୍ୟା ଅଭିଯୋଗ ସକାଶେ ବିରକ୍ତ ହେବେ। ପଦସ୍ଥ ବ୍ୟକ୍ତିଙ୍କ ସହାୟତାରେ ସରକାରୀ ସ୍ତରରୁ ଋଣ ସୂତ୍ରରେ ଅର୍ଥପ୍ରାପ୍ତିର ସମ୍ଭାବନା ରହିଛି। ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହେବେ।

**ସିଂହ** – ବହୁତ ଦିନରୁ ରହିଆସିଥିବା ସମସ୍ୟା ଆଜି ସମାଧାନ ହୋଇଯିବ। ଆଲୋଚନା କାଳରେ ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ଉତ୍ତରାଫାଲଗୁନୀ ନକ୍ଷତ୍ରର ସେବା ଓ ସାହାଯ୍ୟ ଲାଭକରି ସହଯାତ୍ରୀଟି ଆଜି ଖୁସି ହୋଇଯିବ। ପରୋକ୍ଷ ଶତ୍ରୁତାରୁ ପାରିବାରିକ ସମସ୍ୟା ପ୍ରଗତିର ପଥରୋଧ କରିପାରେ।

**କନ୍ୟା** – ହସ୍ତା ନକ୍ଷତ୍ର କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତବୋଧ କରିବେ। ବନ୍ଧୁମିଳନ କାର୍ଯ୍ୟକ୍ରମରେ ଅତିଥିମାନେ ଠିକ୍ ସମୟରେ ନ ଆସିବାରୁ କ୍ଷୋଭ ପ୍ରକାଶ କରିପାରନ୍ତି। ଆର୍ଥିକ ଦିଗଟି ପୂର୍ବପରି ରହିବାରୁ ଆନନ୍ଦ ଅନୁଭବ କରିବେ। ନିଜକୁ ପରିସ୍ଥିତି ଓ ପରିବେଶ ସହ ଖାପ ଖୁଆଇ ନ ଚଳିପାରିଲେ ହଇରାଣ ହେବାକୁ ପଡ଼ିପାରେ ।

**ତୁଳା** – ଆଜି କୌଣସି ଅଭାବ ରହିବ ନାହିଁ କିମ୍ବା କାମ ମଧ୍ୟ ଅଟକିବାର ପ୍ରଶ୍ନ ଉଠୁନି। ବିଶାଖା ନକ୍ଷତ୍ର ବନ୍ଧୁଙ୍କ ନିକଟରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରି ପାରନ୍ତି। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ। ପରିସ୍ଥିତିବଶତଃ ମନର ଦୁଃଖକୁ ମନ ଭିତରେ ରଖି ଯନ୍ତ୍ରବତ୍ କାମ କରିବାକୁ ବାଧ୍ୟହେବେ।

**ବିଛା** – ଅନୁରାଧା ନକ୍ଷତ୍ର ହିତୈଷୀଙ୍କ ସାହାଯ୍ୟ ଓ ସହଯୋଗରୁ ମାନସିକ ଅସ୍ଥିରତା ଦୂରେଇଯିବ। ପରିସ୍ଥିତି ଓ ପରିବେଶକୁ ଲକ୍ଷ୍ୟରଖି କାମ ନ କଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ। ସାମାଜିକ ସ୍ତରରେ ସଭାସମିତି, ଆଲୋଚନା କିମ୍ବା ଗଠନମୂଳକ କାର୍ଯ୍ୟରେ ଯୋଗଦେଇପାରନ୍ତି।

**ଧନୁ** – କର୍ମକ୍ଷେତ୍ରରେ କୌଣସି ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ ଆକସ୍ମିକ ସମସ୍ୟା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ନ ରହିଲେ ଅନୁତାପ କରିବାକୁ ପଡିପାରେ। ଆତ୍ମୀୟଙ୍କ ସହାନୁଭୂତିରୁ କେତେକ ସମସ୍ୟା ଲାଘବ ହୋଇଯିବାର ସୂଚନା ରହିଛି।

**ମକର** – ପାରିବାରିକ ବିବାଦ ବୃଦ୍ଧି କାରଣରୁ ଠିକ୍ ନିଷ୍ପତ୍ତି ନେଇ ପାରିବେ ନାହିଁ। ଆର୍ଥିକ ସ୍ଥିତି ମନ୍ଦ ହେବନି କିନ୍ତୁ ଆଜିର କାମଗୁଡ଼ିକ ଡେରିରେ ସମ୍ପନ୍ନ ହେବ। ଆଇନ ଅଦାଲତରେ ସୁଫଳ ପାଇବେ ଓ ନିର୍ମାଣାଧୀନ କାମ ଦ୍ରୁତଗତିରେ ଅଗ୍ରଗାମୀ ହୋଇପାରେ। ଧନିଷ୍ଠା ନକ୍ଷତ୍ର ପ୍ରତ୍ୟେକ ପରିସ୍ଥିତିରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାରେ ସମର୍ଥ ହେବେ।

**କୁମ୍ଭ** – ପରିସ୍ଥିତି ଲାଘବ ଉଦ୍ଦେଶ୍ୟରେ ଆଲୋଚନାର ଦିଗକୁ ବଦଳାଇବାରେ ସକ୍ଷମ ହେବେ। ଶତଭିଷା ନକ୍ଷତ୍ର ଅନ୍ୟମାନଙ୍କ ସକାଶେ ଅଯଥା କଷ୍ଟ ଅନୁଭବ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ। ଆଜିର କର୍ମାରମ୍ଭ, ଯାନବାହନ, ଲୋକସମ୍ପର୍କ, ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ।

**ମୀନ** – କର୍ମକ୍ଷେତ୍ରରେ ବନ୍ଧୁ ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ମନ ବଳାଇବେ। ହାତକୁ ନେଇଥିବା କାମ ଶେଷ କରିବା ସକାଶେ ପ୍ରତିରୋଧର ସାମ୍ନା କରିବାକୁ ପଡ଼ିପାରେ। ରେବତୀ ନକ୍ଷତ୍ର ପଛକଥା ନ ଭାବି ବର୍ତ୍ତମାନର ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ। ସଂଯମତା ଅବଲମ୍ବନ କଲେ ବଡ଼ବଡ଼ ସମସ୍ୟାରୁ ମୁକ୍ତ ହୋଇପାରିବେ।

ଆଜି ଡିସେମ୍ବର ୨୫ ତାରିଖ, କ୍ରିସ୍‌ମାସ୍ ଓ ବଡ଼ଦିନ ପର୍ବ, ମହାପୁରୁଷ ଯିଶୁଖ୍ରୀଷ୍ଟଙ୍କ ଜୟନ୍ତୀ, ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ଜୟନ୍ତୀ, ସୁଶାସନ ଦିବସ, ପଣ୍ଡିତ ମଦନମୋହନ ମାଲବ୍ୟଙ୍କ ଜୟନ୍ତୀ, ପୌଷ ଶୁକ୍ଳ ୫ମୀ ଯୁକ୍ତ ଷଷ୍ଠୀ ଗୁରୁବାର। ରାଶିନକ୍ଷତ୍ର-ଧନିଷ୍ଠା/କୁମ୍ଭ, ଦିବା ଘ.୦୮.୧୭ ମି. ଗତେ ଶତଭିଷା ନକ୍ଷତ୍ର, ୫ମୀର ଏକୋଦ୍ଦିଷ୍ଟ ଓ ଷଷ୍ଠୀର ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୬.୨୨ ଗତେ ଘ.୦୭.୪୮ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୧.୦୭ ଗତେ ଘ.୦୨.୨୮ ମଧ୍ୟେ ରାହୁ କାଳ ।




# ୩ ରିଂରୋଡ୍ ନିର୍ମାଣ ନେଇ ସମୀକ୍ଷାକଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪।୧୨
(ସୁନିତ୍ ମିଶ୍ର)

ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅଞ୍ଚଳକୁ ନେଇ ଇକୋନୋମିକ୍ ରିଜିଅନ ଗଠନ ହେବ। ଏହି ସମଗ୍ର ଅଞ୍ଚଳରେ ଥିବା ସହରଗୁଡ଼ିକୁ 'ଗ୍ରୋଥ୍ ହବ୍' ଭାବେ ବିକଶିତ କରିବା ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯିବ। ଉକ୍ତ ଇକୋନୋମିକ୍ ରିଜିଅନରେ ୩ଟି ରିଂରୋଡ୍ ନିର୍ମାଣ ହେବ। ଏଥିରେ କ୍ୟାପିଟାଲ ରିଂରୋଡ୍ ଅଧୀନରେ ପାରାଦୀପରୁ ଟାଙ୍ଗୀ, ସପ୍ତଶଯ୍ୟା, ରାମେଶ୍ୱର ଦେଇ ପୁରୀ ପର୍ଯ୍ୟନ୍ତ ୪୩୨ କିଲୋମିଟର ରିଂରୋଡ୍ ନିର୍ମାଣ କରାଯିବ। ଏହାକୁ କେନ୍ଦ୍ର ସରକାରଙ୍କ କ୍ୟାପିଟାଲ ରିଜିଅନ ରିଂରୋଡ୍(୧୧୧ କି.ମି.) ସହିତ ସମନ୍ୱିତକରି ନିର୍ମାଣ କରାଯିବା ପ୍ରସ୍ତାବ ରହିଛି। ଏହାସହ କଟକ ଜିଲା ଜାତମୁଣ୍ଡିଆ-ତ୍ରିଶୂଳିଆ-ଉରାଳି ଦେଇ ବାଲିପାଟଣା-ପିପିଲି-ଜଟଣୀ-ଖୋର୍ଦ୍ଧା ପର୍ଯ୍ୟନ୍ତ ୧୪୮ କି.ମି. ଏକ ଆଉଟର ରିଂ ରୋଡ୍ ଏବଂ ଖୋର୍ଦ୍ଧା ଜିଲା ତମାଣ୍ଡୋଠାରୁ ଚନ୍ଦକା-ପାହାଳ-ଧଉଳି ଦେଇ ୬୫ କି.ମି.ର ଏକ ଇନର ରିଂ ରୋଡ୍ ନିର୍ମାଣ କରାଯିବାକୁ ଯୋଜନା ରହିଛି। ଏହିପରି ସମୁଦାୟ ୬୪୫ କିଲୋମିଟରର ୩ଟି ରିଂରୋଡ୍ ନିର୍ମାଣ କରାଯିବ ବୋଲି ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଜଣାଇଛନ୍ତି।


ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ଅନ୍ୟ ଅଧିକାରୀ।

- ଭୁବନେଶ୍ୱର-କଟକ-ପୁରୀ-ପାରାଦୀପକୁ ନେଇ ଇକୋନୋମିକ୍ ରିଜିଅନ ହେବ
- ୪ ସହରକୁ ଗ୍ରୋଥ୍ ହବ୍ ଭାବେ ବିକଶିତ କରାଯିବ

ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୁଧବାର ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅଞ୍ଚଳକୁ ନେଇ ଇକୋନୋମିକ୍ ରିଜିଅନ ଗଠନ ନେଇ ସମୀକ୍ଷା କରିଛନ୍ତି। ବୈଠକର ଆଲୋଚନା ମୁତାବକ,ଏଥିସହ ଏହି ଯୋଜନାରେ ପୁରୀଠାରୁ କୋଣାର୍କ ପର୍ଯ୍ୟନ୍ତ ୩୨ କି.ମି. ଏବଂ କୋଣାର୍କରୁ ଭୁବନେଶ୍ୱର ଭାୟା ନିମାପଡ଼ା ଦେଇ ୭୦ କି.ମି. ରେଳପଥ ନିର୍ମାଣ କରାଯିବାକୁ ଯୋଜନା ରହିଛି। ଯେହେତୁ ଏହା ପାରାଦୀପକୁ ସଂଯୋଗ କରୁଛି, ତେଣୁ ଏହି ଇକୋନୋମିକ୍ ରିଜିଅନ ଗଠନ ହେବା ପରେ ସମ୍ପୃକ୍ତ ଅଞ୍ଚଳଗୁଡ଼ିକରେ ଶିଳ୍ପ କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ଘଟିବ। ଏହି ରିଜିଅନ ମଧ୍ୟରେ କୃଷି ଓ ମତ୍ସ୍ୟ ଉଦ୍ୟୋଗ, ମାନୁଫାକ୍ଚରିଂ, ପରିବହନ, ବନ୍ଦରଭିତ୍ତିକ ଶିଳ୍ପ, କେମିକାଲ୍ସ, ଟେକ୍ସଟାଇଲ୍ସ, ଆଇଟି ଭଳି ଅନେକ ଶିଳ୍ପାନୁଷ୍ଠାନ ଗଢ଼ି ଉଠିବ। ଏସବୁ ଅଞ୍ଚଳରେ ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ ଅଭିବୃଦ୍ଧି ଘଟିବ। ବୈଠକରେ ମୁଖ୍ୟମନ୍ତ୍ରୀ ନୀତି ଆୟୋଗ ସହିତ ନିୟମିତ ଯୋଗାଯୋଗରେ ରହି ଏହି ପ୍ରକଳ୍ପ କାମ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ନୂଆ ନୀତି ଆଣିବା ସହିତ ଆବଶ୍ୟକ ସ୍ଥଳେ ପ୍ରଚଳିତ ନୀତିରେ ସଂଶୋଧନ ଆଣିବାକୁ ମୁଖ୍ୟମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏସବୁ ଅଞ୍ଚଳ ରେ ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ପାଇଁ ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ସେ କହିଛନ୍ତି। ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପୌର ନିର୍ଦ୍ଦେଶକ ଅରିନ୍ଦମ୍ ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଆବେଦନ ଆରମ୍ଭ

ଭୁବନେଶ୍ୱର,୨୪।୧୨
(ସୁଚିସ୍ମିତା ସାହୁ)

**ଶେଷ ତାରିଖ ଜାନୁଆରୀ ୧୦**

ରାଜ୍ୟର ସମସ୍ତ ସରକାରୀ ତଥା ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଗୁଡିକର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ତଥା ଶିକ୍ଷା ବ୍ୟବସ୍ଥା ସହିତ ଜଡ଼ିତ ସମସ୍ତ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରିବେ ରାଜ୍ୟ ସରକାର। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୨୦୨୫-୨୬ ପାଇଁ ୨୪ ତାରିଖ ବୁଧବାରଠାରୁ ଆବେଦନ ଆରମ୍ଭ ହୋଇଛି। ମୋଟ ୧୨ଟି ବିଭାଗ ଲାଗି ଏହି ଆବେଦନ ପ୍ରକ୍ରିୟା ଜାନୁଆରୀ ୧୦ ଯାଏ ଚାଲିବ। ପୁରସ୍କାର ପାଇଁ ସ୍ୱତନ୍ତ୍ର ୱେବ୍ସାଇଟ୍ www.msp.odisha.gov.inରେ ଆବେଦନ କରିପାରିବେ। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଅଧୀନରେ ମାଧ୍ୟମିକ ବିଦ୍ୟାଳୟ ଏବଂ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ପୁରସ୍କାର, ପ୍ରାଥମିକ ବିଦ୍ୟାଳୟ ଏବଂ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପୁରସ୍କାର, ପୁରାତନ ଛାତ୍ରୀଛାତ୍ର କମିଟି ପୁରସ୍କାର, ଗ୍ରାମପଞ୍ଚାୟତ ପୁରସ୍କାର, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ (ସିଆର୍ସିସି) ପୁରସ୍କାର, ଜିଲା ଶିକ୍ଷା ଅଧିକାରୀ (ଡିଇଓ) ପୁରସ୍କାର, ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ପୁରସ୍କାର, ଜିଲା ପୁରସ୍କାର, ବ୍ଲକ୍ ପୁରସ୍କାର, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି) ପୁରସ୍କାର ଆଦି ରହିଛି। ବିଦ୍ୟାଳୟ ଓ ଶିକ୍ଷକ ପୁରସ୍କାର ପାଇଁ ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷକମାନେ ଆବେଦନ କରିବେ। ଅନ୍ୟପକ୍ଷରେ ପୁରାତନ ଛାତ୍ରୀଛାତ୍ର କମିଟି ପୁରସ୍କାର ପାଇଁ ପ୍ରଧାନଶିକ୍ଷକ ଆବେଦନ କରିବେ। ଗ୍ରାମପଞ୍ଚାୟତ ପୁରସ୍କାର ପାଇଁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ଆବେଦନ କରିପାରିବେ। ସେହିପରି ଡିଇଓ, ବିଇଓ, ସିଆର୍ସିସି ପୁରସ୍କାର ପାଇଁ ସମ୍ପୃକ୍ତ ଅଧିକାରୀ ଆବେଦନ କରିବେ। ଜିଲା ପୁରସ୍କାର ପାଇଁ ଜିଲାପାଳ, ବ୍ଲକ ପୁରସ୍କାର ପାଇଁ ବିଡିଓ ଏବଂ ଡିଆଇଇଟି ପୁରସ୍କାର ପାଇଁ ସମ୍ପୃକ୍ତ ଡିଆଇଇଟିର ଅଧ୍ୟକ୍ଷ ନିର୍ଦ୍ଧାରିତ ୱେବ୍ସାଇଟରେ ଆବେଦନ କରିବେ। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରର ୱେବ୍ସାଇଟରେ ସମସ୍ତ ସୂଚନା ଉପଲବ୍ଧ ରହିଥିବା ସୂଚନା ଦିଆଯାଇଛି।

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ରାଜ୍ୟ ସରକାରଙ୍କ ଏକ ବୃହତ ଆଭିମୁଖ୍ୟ। ଏହି ପଦକ୍ଷେପ ମାଧ୍ୟମରେ ନୂତନ ଓଡ଼ିଶା ସ୍ୱପ୍ନକୁ ବାସ୍ତବ ରୂପ ଦେବାରେ ଶିକ୍ଷକ, ପ୍ରଧାନ ଶିକ୍ଷକ, ପୁରାତନ ଛାତ୍ରୀଛାତ୍ର ଏବଂ ଶିକ୍ଷା ପ୍ରଶାସକଙ୍କ ସକ୍ରିୟ ଅଂଶଗ୍ରହଣ କରିବା ସହ ସହଯୋଗକୁ ଉତ୍ସାହିତ କରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ଚିଲିକା, ଅଂଶୁପା ହ୍ରଦର ସମନ୍ୱିତ ପରିଚାଳନା ଯୋଜନା କାର୍ଯ୍ୟ ଶୀଘ୍ର ସାରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୪।୧୨
(ବନ୍ଦନା ସେଠୀ)

**ଚିଲିକା ଉନ୍ନୟନ ପ୍ରାଧିକରଣର କାର୍ଯ୍ୟନିର୍ବାହୀ କମିଟି ବୈଠକ**

ଚିଲିକା ଉନ୍ନୟନ ପ୍ରାଧିକରଣ (ସିଡିଏ)ର କାର୍ଯ୍ୟନିର୍ବାହୀ କମିଟି ବୈଠକ ବୁଧବାର ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଚିଲିକା ଏବଂ ଅଂଶୁପା ହ୍ରଦର ସମନ୍ୱିତ ପରିଚାଳନା ଯୋଜନା ଉପରେ କାର୍ଯ୍ୟ ଯୋଜନା, ସିଡିଏ ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କ ଆର୍ଥିକ କ୍ଷମତା, ବିଭିନ୍ନ କାର୍ଯ୍ୟ, କ୍ରୟ, ଗବେଷଣା କାର୍ଯ୍ୟକଳାପ, ପ୍ରତିଷ୍ଠା ବିଷୟ ଏବଂ ଆଗାମୀ ଆର୍ଥିକ ବର୍ଷର ବଜେଟ ଆକଳନ ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ଏଥିସହ ଜଳ ବିନିମୟ, ଢାଞ୍ଚା ଏବଂ ଇକୋ-ସିଷ୍ଟମର ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବା ପାଇଁ ଆଇଆଇଟି, ମାଡ୍ରାସ, ଚେନ୍ନାଇ ଦ୍ୱାରା ଡିପିଆର୍ ପ୍ରସ୍ତୁତ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରାଯାଇଥିଲା। ସମସ୍ତ ପ୍ରକ୍ରିୟା ଏବଂ ନିର୍ଦ୍ଦେଶାବଳୀ ଅନୁସରଣ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ କାର୍ଯ୍ୟକୁ ଶୀଘ୍ର କାର୍ଯ୍ୟକାରୀ କରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସାହୁ ଚିଲିକା ବିକାଶ ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଥିଲେ। ସିଡିଏ ମୁଖ୍ୟ କାର୍ଯ୍ୟନିର୍ବାହୀ ଏମ୍. ଯୋଗଜୟାନନ୍ଦ ଯୋଗଦେଇ ଲୁଣାପାଣିସ୍ତରର ରକ୍ଷଣାବେକ୍ଷଣ, ତଦାରଖ, ନିର୍ବାପନ କାର୍ଯ୍ୟ, ମତ୍ସ୍ୟ ସମ୍ପଦ ବିକାଶ ଏବଂ ସାମାଜିକ ଆର୍ଥିକ ବିକାଶ କାର୍ଯ୍ୟ ବିଷୟରେ କହିଥିଲେ। ବୈଠକରେ ପିସିସିଏଫ୍ (ୱାଇଲ୍ଡ ଲାଇଫ୍) ପ୍ରେମ୍ କୁମାର ଝାଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସରକାରଙ୍କ ଅପାରଗତାରୁ ବଢୁଛି ବଳାତ୍କାର: କଂଗ୍ରେସ

## ଚାନ୍ଦବାଲିରେ ନାବାଳିକାଙ୍କୁ ବଳାତ୍କାର ଓ ହତ୍ୟା ପ୍ରସଙ୍ଗ



କଂଗ୍ରେସ ଭବନରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦଳୀୟ ନେତୃବୃନ୍ଦ।

ଭୁବନେଶ୍ୱର,୨୪।୧୨
(ରବିନାରାୟଣ ଜେନା)

ଚାନ୍ଦବାଲିରେ ଘଟିଥିବା ଲୋମହର୍ଷଣକାରୀ ବଳାତ୍କାର ଏବଂ ହତ୍ୟା ଘଟଣାକୁ ନେଇ କଂଗ୍ରେସ ରାଜ୍ୟ ସରକାରଙ୍କ ଅପାରଗତାକୁ ଦାୟୀ କରିଛି। କଂଗ୍ରେସ ଭବନରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭଦ୍ରକର ପୂର୍ବତନ ଏମ୍ପି ଅନନ୍ତ ପ୍ରସାଦ ସେଠୀ କହିଛନ୍ତି, କଂଗ୍ରେସ ସବୁବେଳେ ନାରୀ ସୁରକ୍ଷା ନେଇ ଆନ୍ଦୋଳନ କରୁଛି। ବିଧାନସଭାରେ କଂଗ୍ରେସ ସଦସ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ହେଁ ରାଜ୍ୟ ସରକାର ବାରମ୍ବାର ଏହାକୁ ଏଡ଼ାଇ ଚାଲିଛନ୍ତି। ପିସିସି ସଭାପତି ଭକ୍ତ ଚରଣ ଦାସ ନାରୀ ସୁରକ୍ଷାକୁ ନେଇ ସବୁବେଳେ ସରକାରଙ୍କୁ ପ୍ରଶ୍ନ ପଚାରୁଛନ୍ତି ଓ ରାଜରାସ୍ତାକୁ ଓହ୍ଲାଉଛନ୍ତି। ମାତ୍ର ରାଜ୍ୟ ସରକାର ବାଳିକା ଓ ମହିଳାଙ୍କ ପ୍ରତି ଆଦୌ ସଚେତନ ନୁହନ୍ତି ବୋଲି ସେଠୀ କହିଛନ୍ତି।

ଏଥିସହ ଅନନ୍ତ କହିଛନ୍ତି, ଗତ ୧୫ ମାସ ଭିତରେ ସବୁଠୁ ବେଶି ନାରୀ ନିର୍ଯାତନା ଘଟିଛି। ଯୌନ ନିର୍ଯାତନା ମାମଲା ୯୧୮୧ଟି ହୋଇଥିବାବେଳେ ୮୨୨୭ଟି ଅପହରଣ, ୫୪୬୪ଟି ଅଣଯୌତୁକ ନିର୍ଯାତନା ହୋଇଛି। ପୂର୍ବରୁ ବାଲେଶ୍ୱରରେ କଲେଜ ଛାତ୍ରୀଙ୍କ ଆତ୍ମାହୁତି, ବଲଙ୍ଗାରେ ଛାତ୍ରୀ ପୋଡ଼ି, ଗୋପାଳପୁର ଏବଂ ଧଉଳିରେ ଛାତ୍ରୀଙ୍କୁ ଗଣବଳାତ୍କାର ହୋଇଥିବାବେଳେ ଏବେ ଚାନ୍ଦବାଲିରେ ଜଣେ ୧୦ ବର୍ଷର ତୃତୀୟ ଶ୍ରେଣୀ ପଢୁଥିବା ଝିଅକୁ ବଳାତ୍କାର ଏବଂ ହତ୍ୟା ମାମଲା ସାରା ରାଜ୍ୟରେ ଚହଳ ସୃଷ୍ଟି କରିଛି। ଖୋଦ୍ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କ ନିଜସ୍ୱ ନିର୍ବାଚନମଣ୍ଡଳୀର ଅବସ୍ଥା ଯଦି ଏଇୟା ତେବେ ରାଜ୍ୟରେ ନାରୀମାନେ କେତେ ସୁରକ୍ଷିତ ତାହା ସ୍ପଷ୍ଟ ବୁଝାପଡୁଛି ବୋଲି ସେଠୀ କହିଛନ୍ତି। ଦୀର୍ଘ ୧୨ ମାସ ହେଲା ଚାନ୍ଦବାଲି ଏସ୍ଡିପିଓ ନାହାନ୍ତି। ଆଇଆଇସି ଚୋରାମଦର କଣ୍ଟ୍ରୋଲ ରୁମ୍ ଖୋଲିଛନ୍ତି। ଭଦ୍ରକରେ ଅବାଧ ନିଶାଦ୍ରବ୍ୟ କାରବାର ଚାଲିଛି। ପୀଡ଼ିତା ପରିବାରକୁ ତୁରନ୍ତ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ଓ ଆଇଆଇସିଙ୍କୁ ଦଣ୍ଡିତ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯାଉ। ନଚେତ୍ କଂଗ୍ରେସ ଆନ୍ଦୋଳନକୁ ବ୍ୟାପକ କରିବ ବୋଲି ସେଠୀ କହିଛନ୍ତି।

ଏହି ସମ୍ମିଳନୀରେ ମୁଖପାତ୍ର ମନୋରଞ୍ଜନ ଦାଶ, ପିସିସି ସାଧାରଣ ସମ୍ପାଦିକା ମଧୁସ୍ମିତା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜିଠୁ ବଢ଼ିବ ଶୀତ, ଘନ କୁହୁଡ଼ି

ଭୁବନେଶ୍ୱର, ୨୪।୧୨
(ବନ୍ଦନା ସେଠୀ)

ରାଜ୍ୟରେ ସର୍ବନିମ୍ନ ତାପମାତ୍ରାରେ ସାମାନ୍ୟ ବୃଦ୍ଧି ଘଟିଥିଲେ ମଧ୍ୟ ଶୀତ ଲହରି ଜାରି ରହିଛି। ପ୍ରବଳ ଥଣ୍ଡା ସାଙ୍ଗକୁ କୁହୁଡ଼ି ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ଗୁରୁବାର ବଡ଼ଦିନଠାରୁ ରାଜ୍ୟରେ ଥଣ୍ଡାର ପରିମାଣ ଆହୁରି ବଢ଼ିବ। ୭ଦିନ ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିବ ବୋଲି ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ଗୁରୁବାରଠାରୁ ୨୯ ତାରିଖ ୫ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାକୁ ପ୍ରବଳ କୁହୁଡ଼ି ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ବିଶେଷକରି ପ୍ରାତଃ ସମୟରେ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି। ବିଭାଗ ପକ୍ଷରୁ ଜାରି ସୂଚନା ଅନୁଯାୟୀ, ଗୁରୁବାର ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ଢେଙ୍କାନାଳ, ସୋନପୁର, କନ୍ଧମାଳ, କୋରାପୁଟ, କଳାହାଣ୍ଡି, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଅନୁଗୋଳ, ବୌଦ୍ଧ, ଜଗତ୍ସିଂହପୁର ଏବଂ କେନ୍ଦ୍ରାପଡା ଜିଲାକୁ ସତର୍କ ସୂଚନା ଜାରି କରାଯାଇଛି। ସେହିପରି ଶୁକ୍ରବାର, ଶନିବାର ଓ ରବିବାର ସମ୍ବଲପୁର, ସୁନ୍ଦରଗଡ଼, ଢେଙ୍କାନାଳ, ସୋନପୁର, କନ୍ଧମାଳ, କୋରାପୁଟ, କଳାହାଣ୍ଡି, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଅନୁଗୋଳ, ବୌଦ୍ଧ ଓ ଜଗତ୍ସିଂହପୁର ଜିଲା ଆଦିକୁ ସତର୍କ କରାଯାଇଛି।

ଗତ ୨୪ ଘଣ୍ଟାରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା କୋରାପୁଟରେ ୬.୧ ଡିଗ୍ରୀ ରହିଥିଲା। ସେହିପରି ସେମିଳିଗୁଡାରେ ୬.୬ ଡିଗ୍ରୀ, ଝାରସୁଗୁଡା ୬.୮, ଦାରିଙ୍ଗବାଡି ୭.୫, ଜି.ଉଦୟଗିରି ୮.୭, ନବରଙ୍ଗପୁର ୮.୯, ଫୁଲବାଣୀ ୯, କିରେଇ ୯.୩ ଏବଂ ବୌଦ୍ଧରେ ୯.୭ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।







# ରାଜ୍ୟର ୪୯୧ ଅଙ୍ଗନୱାଡି କେନ୍ଦ୍ର ଉଦ୍ଘାଟିତ

## ଅଙ୍ଗନୱାଡିରେ ସ୍ୱଚ୍ଛତା, ଶୌଚାଳୟ, ବିଦ୍ୟୁତ୍ ସେବା ଓ ପାନୀୟ ଜଳ ସୁବିଧାକୁ ଗୁରୁତ୍ୱ

ଭୁବନେଶ୍ୱର,୨୪।୧୨(ସୁଚିସ୍ମିତା ସାହୁ)



ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ମନ୍ତ୍ରୀ ରବି ନାରାୟଣ ନାଏକ ଆଭାସି ମାଧ୍ୟମରେ ନବନିର୍ମିତ ଅଙ୍ଗନୱାଡ଼ି କେନ୍ଦ୍ରକୁ ଉଦ୍ଘାଟନ କରୁଛନ୍ତି।

ତୃଣମୂଳସ୍ତରର ବିକାଶର କେନ୍ଦ୍ରବିନ୍ଦୁ ହେଉଛି ଅଙ୍ଗନୱାଡି। ତେଣୁ ଅଙ୍ଗନୱାଡିର ଭିତ୍ତିଭୂମି ବିକାଶ ଉପରେ ଫୋକସ ଦେଇ ଗ୍ରାମୀଣ ବିକାଶକୁ ସୁଦୃଢ କରିବାକୁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଅଙ୍ଗନୱାଡିକୁ ସଶକ୍ତ କରି ସେଥିରେ ସ୍ୱଚ୍ଛତା, ଶୌଚାଳୟ, ପାନୀୟ ଜଳ ସୁବିଧା, ବିଦ୍ୟୁତ୍ ସେବା, ପୁଷ୍ଟି ବଗିଚା ଆଦିକୁ ବିଶେଷ ଗୁରୁତ୍ୱ ଦିଆଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ମହିଳା ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ବୁଧବାର ରାଜ୍ୟର ୪୯୧ଟି ନବନିର୍ମିତ ଅଙ୍ଗନୱାଡ଼ି କେନ୍ଦ୍ରକୁ ଆଭାସି ମାଧ୍ୟମରେ ଉଦ୍ଘାଟନ କରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ଏହା କହିଛନ୍ତି।

କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ଯୋଗଦେଇ କହିଲେ, ଅଙ୍ଗନୱାଡି କେନ୍ଦ୍ରଗୁଡିକ ବିକଶିତ ଗାଁ ବିକଶିତ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ମହିଳାଙ୍କ ସ୍ୱାସ୍ଥ୍ୟ ଓ ଶିଶୁମାନଙ୍କ ପ୍ରାକ୍ ପ୍ରାଥମିକ ଶିକ୍ଷା ଓ ସ୍ୱାସ୍ଥ୍ୟ ବିକାଶ ଅଙ୍ଗନୱାଡିର ଭିତ୍ତିଭୂମି ଉପରେ ନିର୍ଭର କରୁଛି ବୋଲି ସେ ଦୃଢ ମତ ରଖିଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଆୟୁକ୍ତ ଗିରିଶ ଏସ. ଏନ, ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ସାଇଁ ଓ ବିଭାଗୀୟ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ। ଏଥିସହ ଆଭାସି ମାଧ୍ୟମରେ ସମସ୍ତ ଜିଲାପାଳ, ଅତିରିକ୍ତ ଜିଲାପାଳ, ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲା ସମାଜ ମଙ୍ଗଳ ଅଧିକାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଅଙ୍ଗନୱାଡି କର୍ମୀ ଯୋଗଦେଇଥିଲେ।

ଉଦ୍ଘାଟିତ ଅଙ୍ଗନୱାଡ଼ି କେନ୍ଦ୍ର ମଧ୍ୟରେ ଗଞ୍ଜାମ ଜିଲାରେ ସର୍ବାଧିକ ୧୧୧ଟି ରହିଛି। ସେହିପରି ବାଲେଶ୍ୱରରେ ୬୩, ବରଗଡ଼ରେ ୩୬, ଭଦ୍ରକରେ ୨୮, କଟକରେ ୨୪, ଗଜପତିରେ ୧୦, ଜଗତ୍ସିଂହପୁରରେ ୩୪, ଯାଜପୁରରେ ୨୦, କେନ୍ଦ୍ରାପଡ଼ାରେ ୧୯, ଖୋର୍ଦ୍ଧାରେ ୨୩, ପୁରୀରେ ୨୪, ନୟାଗଡରେ ୧୪, କୋରାପୁଟରେ ୧୮, କନ୍ଧମାଳରେ ୧୬, ଗଜପତିରେ ୧୦, ସୁନ୍ଦରଗଡରେ ୪, ସୁବର୍ଣ୍ଣପୁରରେ ୧୧, ସମ୍ବଲପୁରରେ ୯, ରାୟଗଡାରେ ୧, ନୂଆପଡ଼ାରେ ୨, ନବରଙ୍ଗପୁରରେ ୩, ମାଲକାନଗିରିରେ ୧, କେନ୍ଦୁଝରରେ ୫, ଢେଙ୍କାନାଳରେ ୨, ବଲାଙ୍ଗୀରରେ ୭ ଓ ଅନୁଗୋଳରେ ୬ଟି ଅଙ୍ଗନୱାଡି କେନ୍ଦ୍ର ଉଦ୍ଘାଟନ କରାଯାଇଛି। ଏହାକୁ ମିଶାଇ ଦୁଇଟି ପର୍ଯ୍ୟାୟରେ ୧୪୦୪ ଅଙ୍ଗନୱାଡିକୁ ସଶକ୍ତ କରାଯାଇଛି। ଏହା ପୂର୍ବରୁ ପ୍ରଥମ ପର୍ଯ୍ୟାୟ ସେପ୍ଟେମ୍ବରରେ ୯୧୩ଟି ଅଙ୍ଗନୱାଡ଼ି କେନ୍ଦ୍ର ଉଦ୍ଘାଟନ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ସବୁକଥାକୁ ଉଦାରତାର ସହିତ ସ୍ମିତ ହାସ୍ୟରେ ଦେଖ। ଯେଉଁସବୁ କଥା ତୁମକୁ ଉତ୍ତ୍ୟକ୍ତ କରୁଛନ୍ତି– ସେଗୁଡ଼ିକୁ ଦେଖି ନିଜେ ଶିକ୍ଷା କର। ତା'ହେଲେ ଯାଇ ତୁମର ଜୀବନ ଅଧିକ ଶାନ୍ତିପୂର୍ଣ୍ଣ ଓ ଅଧିକ ସଫଳ ହୋଇପାରିବ। –ଶ୍ରୀମା

-ଯିଶୁ ଖ୍ରୀଷ୍ଟଙ୍କ ଜନ୍ମ (ବଡ଼ଦିନ) ଓ ଗୁରୁପଞ୍ଚମୀ ବ୍ରତ



# ଜୈନ ଗ୍ରନ୍ଥ ଓ କର୍ମ ସିଦ୍ଧାନ୍ତ



ଦେବଦତ୍ତ ପଟ୍ଟନାୟକ

ଜୈନ ଗ୍ରନ୍ଥ ଅନୁଯାୟୀ, ପରମସତ୍ତାଙ୍କ ହିସାବ ଖାତାରେ ପ୍ରତ୍ୟେକ କର୍ମର ଭଲ ମନ୍ଦ ଫଳ ରହିଛି। ନିଜର ଲୋଭ ଓ ମୋହ (ଖାଇବାଠାରୁ ଆରମ୍ଭକରି ବିଜିନ କର୍ମରେ ଲିପ୍ତ ରହିବା) କାର୍ମିକ ଅସମନ୍ୱୟ ସୃଷ୍ଟିକରେ ଏବଂ ଯାହାକୁ ସକାରାତ୍ମକ ଓ ଭଲକର୍ମ ଦ୍ୱାରା ପରିଶୋଧ କରିବାକୁ ପଡ଼େ। ସେହିଭଳି ଖରାପ କର୍ମ, ଭୌତିକ ଆସକ୍ତି ଓ ପାପରୁ ମୁକ୍ତ ରହିଲେ ଦିବ୍ୟ ଜୀବନ ଉନ୍ମୁକ୍ତ ରହେ। ଯେତେବେଳେ ଜୀବନରେ କର୍ମର ଭଲ ଓ ମନ୍ଦ ଫଳ ଭୋଗିବାର ନ ଥାଏ ସେତେବେଳେ ମଣିଷ ଜୀବନମୁକ୍ତ ହୋଇଯାଏ। ଯେଉଁମାନେ ଏହି ଶିକ୍ଷା ପ୍ରଦାନ କରନ୍ତି ସେମାନେ ହେଉଛନ୍ତି ତୀର୍ଥଙ୍କର। ଜୀବନ ରୂପକ ନଦୀ ପାର ହେବା ଲାଗି ଏହି ଆଧ୍ୟାତ୍ମିକ ପଥପ୍ରଦର୍ଶକମାନେ ଅନ୍ୟମାନଙ୍କୁ ସାହାଯ୍ୟ କରିଥାନ୍ତି। ଜୈନଧର୍ମରେ ଥିଲେ ଗୃହସ୍ଥ ପୁରୁଷ, ଗୃହସ୍ଥ ମହିଳା,ସନ୍ୟାସୀ ଏବଂ ସନ୍ୟାସିନୀ। ସନ୍ୟାସୀ ଓ ସନ୍ୟାସିନୀମାନେ ଭୌତିକ ଜୀବନରୁ ଦୂରେଇ ରହି ଜୀବନମୁକ୍ତ ହେବା ଲାଗି ସେମାନଙ୍କ ଶରୀରକୁ ଶୃଙ୍ଖଳିତ ଓ ସଂଯମ କରିଥାନ୍ତି। ଗୃହସ୍ଥ ଜୈନ ଧର୍ମାବଲମ୍ବୀମାନେ ଆଶ୍ରମ ବ୍ୟବସ୍ଥାର ଆବଶ୍ୟକତା ପୂରଣ କରନ୍ତି। କେବଳ ଏତିକି ନୁହେଁ, ସେମାନେ ଜୈନମନ୍ଦିର ନିର୍ମାଣକରି ଜୈନ ନୀତିଶିକ୍ଷାର ପ୍ରଚାରରେ ସହଯୋଗ କରିବା ସହ ପାଣ୍ଡୁଲିପି ବା ପ୍ରାଚୀନ ଧର୍ମଗ୍ରନ୍ଥ ଲେଖା ପାଇଁ ପାଣ୍ଠି ଯୋଗାଇ ଥାଆନ୍ତି। ପ୍ରାଚୀନ କାଳରେ ମନ୍ଦିରଗୁଡ଼ିକ ଥିଲା କାହାଣୀ ଓ ପ୍ରତୀକର କେନ୍ଦ୍ରସ୍ଥଳୀ। ମନ୍ଦିରର କାନ୍ଥ ଓ ପାଚେରିରେ ତୀର୍ଥଙ୍କରଙ୍କ ମୂର୍ତ୍ତି ରହିଛି। ଏହାସହ ଜୈନ ପରମଶ୍ରଦ୍ଧ ସର୍ମ୍ପକରେ ଏବଂ ଜ୍ଞାନପ୍ରାପ୍ତ ସନ୍ୟାସୀଙ୍କ ଜୀବନର ଅଧ୍ୟାୟଗୁଡ଼ିକର ଶିଳାଲେଖ ମଧ୍ୟ ଅଛି। ଯଦିଓ ପୁରାତନ ଜୈନ ଗ୍ରନ୍ଥ ବା ପାଣ୍ଡୁଲିପି ରଚନା ଖ୍ରୀଷ୍ଟାବ୍ଦ ୫୦୦ରେ ଆରମ୍ଭ ହୋଇଥିଲା, ତଥାପି ତାହା ସେତେବେଳେ ଏକ ମୁଖ୍ୟ କାର୍ଯ୍ୟ ନ ଥିଲା। ଅନେକ କଳାକୃତି କନା ଉପରେ କରାଯାଉଥିଲା, ଯାହା ପବିତ୍ର ପ୍ରତୀକ କିମ୍ବା ତୀର୍ଥସ୍ଥଳ ମ୍ୟାପ୍‌କୁ ପ୍ରଦର୍ଶିତ କରୁଥିଲା। ଯେଉଁମାନେ ପବିତ୍ର ସ୍ଥଳୀଗୁଡ଼ିକୁ ଯାତ୍ରା କରିପାରୁ ନ ଥିଲେ, ସେମାନେ ଏହି ମ୍ୟାପ୍‌କୁ ପୂଜା କରୁଥିଲେ। ଯେଉଁମାନେ ମନ୍ଦିର ନିର୍ମାଣ କରିପାରୁ ନ ଥିଲେ ,ସେମାନେ ସନ୍ୟାସୀଙ୍କ ଜୀବନ କାହାଣୀକୁ କନା ଉପରେ ଲେଖୁଥିଲେ। ସେହିସବୁ କାହାଣୀଗୁଡ଼ିକ ମଧ୍ୟରେ ଜଣେ ଜୈନ ମୁନିଙ୍କ କଥା ରହିଛି। କୌଣସି ଜୀବକୁ ଶିକାର କରିବାକୁ ଅସମର୍ଥ ହୋଇ ହତାଶ ହୋଇପଡ଼ିଥିବା ଜଣେ ଶିକାରୀ ମୁନିଙ୍କୁ ଆକ୍ରମଣ କରିବାକୁ ତା'କୁକୁରଙ୍କୁ ପଠାଇଥିଲେ ମଧ୍ୟ ମୁନି ଶାନ୍ତ ହୋଇ ବସିଥିଲେ। ଖ୍ରୀଷ୍ଟାବ୍ଦ ୧୨୦୦ ପରେ ଭାରତରେ ଯେତେବେଳେ ଇସଲାମ ଧର୍ମ ପ୍ରସାର ଲାଭ କଲା, ସେତେବେଳେ ମନ୍ଦିର ନିର୍ମାଣ କରିବା କଷ୍ଟକର ହୋଇଗଲା। ଅନେକ ଧର୍ମୀୟ ପୀଠକୁ ଧ୍ୱଂସ କରିଦିଆଗଲା କିମ୍ବା ସେସବୁର ରୂପରେଖ ବଦଳାଇଦିଆଗଲା। ଫଳରେ ଜୈନମାନେ ସେମାନଙ୍କ



ଶକ୍ତିକୁ ଲେଖାରେ ଉପଯୋଗ କରିବାକୁ ଲାଗିଲେ। ସେମାନେ ଗ୍ରନ୍ଥର କଳାକୁ ପରିବର୍ତ୍ତନକରି ଏକ କେନ୍ଦ୍ରୀୟ ସାଂସ୍କୃତିକ ଅଭିବ୍ୟକ୍ତିରେ ପରିଣତ କରିଥିଲେ। ଫଳରେ ଯାହା ଗୌଣ କାର୍ଯ୍ୟ ଥିଲା, ତାହା ଏକ ପ୍ରମୁଖ ଶିଳ୍ପ ପାଲଟିଗଲା। ପାଣ୍ଡୁଲିପି ପ୍ରସ୍ତୁତ କରାଯାଉଥିଲେ ମଧ୍ୟ ଜୈନ ସମ୍ପ୍ରଦାୟର ସାହିତ୍ୟ ଦୁର୍ଲଭ ଥିଲା, ଯାହା ମନ୍ଦିରକୁ କେନ୍ଦ୍ରକରି ରହିଥିବା ରୀତିନୀତି ପରମ୍ପରାକୁ ଗୁରୁତ୍ୱ ଦେଉଥିଲା। ପାଣ୍ଡୁଲିପି ପ୍ରସ୍ତୁତ କରାଯାଉଥିଲା ପଢ଼ିବା ପାଇଁ ନୁହେଁ, ବରଂ ଆଧାତ୍ମିକ ଶ୍ରେୟ ନେବା ପାଇଁ । ତେବେ ଏହି ପରିବର୍ତ୍ତନ ଯୋଗୁ କଳାକାର, କାଗଜ ପ୍ରସ୍ତୁତକାରୀ, ଲଜ୍ଞୀଶିଳ୍ପୀ, ବଢ଼େଇ,କମାରଙ୍କର ଏବଂ ହସ୍ତଲିପିର ଉତ୍ଥାନ ଘଟିଥିଲା। ବିଶେଷ ଜ୍ଞାନ ଥିବା ହସ୍ତଶିଳ୍ପୀଙ୍କ ଦ୍ୱାରା ପ୍ରସ୍ତୁତ ଲିଖନୀରେ ଲେଖକମାନେ ଲେଖୁଥିଲେ। ଗ୍ରନ୍ଥାଗାରକୁ 'ଭଣ୍ଡାର' କୁହାଯାଉଥିଲା ଏବଂ ପାଣ୍ଡୁଲିପିଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ସେସବୁ ନିର୍ମାଣ କରାଯାଉଥିଲା। ବହୁ ସମୟରେ ଏଗୁଡ଼ିକୁ ମନ୍ଦିର ପରିସରରେ ନିର୍ମାଣ କରାଯାଉଥିଲା। ଉତ୍ତର ଭାରତରେ ପ୍ରଥମେ ବିର୍ଚ୍ଚ ଗଛର ଖୋଳପାରେ ପାଣ୍ଡୁଲିପି ଲେଖା ଯାଉଥିଲାବେଳେ ଦକ୍ଷିଣ ଭାରତରେ ତାଳପତ୍ର ବ୍ୟବହାର କରାଯାଉଥିଲା। ତେବେ ପାଖାପାଖି ୧୩ଶ ଶତାବ୍ଦୀରେ କେନ୍ଦ୍ର ଏସିଆରୁ ମୋଗଲମାନଙ୍କ ଦ୍ୱାରା ପ୍ରଥମେ କାଗଜ ଭାରତକୁ ଆସିବା ପରେ ଜୈନ ଲେଖକମାନେ ଲେଖିବା ପାଇଁ ଏହାକୁ ବ୍ୟାପକ ଭାବେ ବ୍ୟବହାର କରିଥିଲେ। ଏହି କାଗଜ ନରମ ଓ ଛୋଟ ଥିଲା । ଏହା ଉପରେ ରଙ୍ଗ କରିବା ସହଜ ଥିଲା ଏବଂ ସବିଶେଷ ବିବରଣୀ ଏଥିରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇପାରୁଥିଲା। ପାଣ୍ଡୁଲିପିଗୁଡ଼ିକ ବାକ୍ସରେ ରଖାଯାଇ ତାହାକୁ ଲାଇବ୍ରେରିରେ ରଖାଯାଉଥିଲା। ଯେତେବେଳେ ତାହାକୁ ବ୍ୟବହାର କରିବାକୁ ପଡୁଥିଲା, ସେତେବେଳେ ସେସବୁକୁ ବାକ୍ସରୁ ବାହାରକରି କନାରେ ଗୁଡ଼ାଯାଇ ରଖାଯାଉଥିଲା। ପଶ୍ଚିମ ଉପକୂଳରେ କୋଙ୍କଣ, ଗୁଜରାଟ ଏବଂ ରାଜସ୍ଥାନ ଭଳି ସମୃଦ୍ଧ ଅଞ୍ଚଳରେ ପାଣ୍ଡୁଲିପିର ପ୍ରମୁଖ ସଂରକ୍ଷଣ କେନ୍ଦ୍ରଗୁଡ଼ିକ ରହିଥିଲା। ଜୈନ ପାଣ୍ଡୁଲିପିଗୁଡ଼ିକ ଏହାର ସ୍ୱଚ୍ଛ ଢାଞ୍ଚା ପାଇଁ ପ୍ରସିଦ୍ଧି ଲାଭ କରିଥିଲା। ପ୍ରତ୍ୟେକ ପୃଷ୍ଠା ଡିଜାଇନ ସ୍ପଷ୍ଟ ଥିଲା ଏବଂ ବେଳେବେଳେ ଏହାକୁ ଗୋଟିଏ, ତିନୋଟି କିମ୍ବା ପାଞ୍ଚଟି ପ୍ୟାନେଲରେ ବିଭକ୍ତ କରାଯାଉଥିଲା। ଧାଡ଼ି ସମାନ୍ତର ରହିଥିବାବେଳେ ବର୍ଣ୍ଣନାଗୁଡ଼ିକରେ ସମନ୍ୱୟ ଥିଲା। ଦେଖିବାକୁ ଗଲେ ସ୍ୱଚ୍ଛତା, ସ୍ପଷ୍ଟତା ଏବଂ ଶୃଙ୍ଖଳା ଜୈନ ଦର୍ଶନର କେନ୍ଦ୍ର ଥିଲା। ଏଣୁ ପାଣ୍ଡୁଲିପି ପୃଷ୍ଠାରେ କଳାର ଅଭିବ୍ୟକ୍ତି ଦେଖିବାକୁ ମିଳୁଥିଲା। ରଙ୍ଗ ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ ଥିଲା। ଜୈନ ଲଘୁଚିତ୍ରକଳାରେ ଗାଢ଼ ନୀଳରଙ୍ଗ ଥିଲା ସମ୍ପୂର୍ଣ୍ଣ ନିଆରା, ଯାହା ଶାନ୍ତି ଓ ଅସୀମର ପ୍ରତୀକ। ଏସବୁ ଏକ ପ୍ରକାର ଦୃଷ୍ଟିଆକର୍ଷକ ଥିଲା, ଯାହା ଭାରତରେ ଅନ୍ୟ ସବୁ ପାଣ୍ଡୁଲିପିଠାରୁ ଥିଲା ସମ୍ପୂର୍ଣ୍ଣ ନିଆରା । ପାଣ୍ଡୁଲିପିଗୁଡ଼ିକର ବିଷୟଗୁଡ଼ିକୁ କଳ୍ପସୂତ୍ର ଏବଂ ଅନ୍ୟ ଗ୍ରନ୍ଥରୁ ଉଦ୍ଧୃତ କରାଯାଉଥିଲା। ତୀର୍ଥଙ୍କରଙ୍କ ଜୀବନୀ ସବୁ କଳ୍ପସୂତ୍ରରେ ବର୍ଣ୍ଣନା କରାଯାଇ ସମୟ ଚକ୍ର, ଜୈନ ଜଗତର ସ୍ଥିତି ଏବଂ ସୃଷ୍ଟି ଓ ବିଲୟର ଅସୀମ ଧାରାକୁ ବୁଝାଇଛି। ଏହା ମଧ୍ୟ ସୃଷ୍ଟିର ପ୍ରମୁଖ ଭୂମିକାରେ ଥିବା ନଅ ବାସୁଦେବ ଏବଂ ସେମାନଙ୍କ ବଳଦେବ ଭାଇ ତଥା ପ୍ରତି ବାସୁଦେବଙ୍କୁ ସ୍ଥାନିତ କରିଛି, ଯେଉଁମାନେ ୧୨ ଜଣ ସମ୍ରାଟ ବା ଚକ୍ରବର୍ତ୍ତୀ ଓ ୨୪ ଜଣ ତୀର୍ଥଙ୍କରଙ୍କୁ ବିରୋଧ କରିଥିଲେ। ପଞ୍ଚଟି ପବିତ୍ର ଘଟଣା ମାଧ୍ୟମରେ ପ୍ରତ୍ୟେକ ତୀର୍ଥଙ୍କରଙ୍କ ଜୀବନକୁ ବର୍ଣ୍ଣନା କରାଯାଇଛି। ଏହା ପଞ୍ଚ କଲ୍ୟାଣକ ଭାବେ ଜଣାଶୁଣା ଯାହା ଗର୍ଭାଧାନ, ଜନ୍ମ, ତ୍ୟାଗ, ଜ୍ଞାନପ୍ରାପ୍ତି ଏବଂ ମୋକ୍ଷକୁ ପ୍ରତିପାଦିତ କରେ। ବହୁ ସମୟରେ ପାଣ୍ଡୁଲିପିଗୁଡ଼ିକ ଏହିସବୁ କାହାଣୀର ପୁନରାବୃତ୍ତିକରି ଜୈନ ନୀତିଶିକ୍ଷାକୁ ପ୍ରତିଫଳିତ କରିଛି। ଅନେକରେ ମଧ୍ୟ କଳକା ଆଚାର୍ଯ୍ୟ କଥା ପଞ୍ଚ କଲ୍ୟାଣକରେ ରହିଛି। ମୁନି କଳକା ଉଜ୍ଜୟିନୀର ଅହଙ୍କାରୀ ଶାସକ, ଯିଏ ତାଙ୍କ ଭଉଣୀଙ୍କୁ ଅପହରଣ କରିଥିଲେ, ତାଙ୍କୁ ଦଣ୍ଡିତ କରିବା ପାଇଁ କିଭଳି ବିଦେଶୀ ରାଜାଙ୍କୁ ଆମନ୍ତ୍ରଣ କରିଥିଲେ ତାହା ଉଲ୍ଲେଖ କରାଯାଇଛି। ଆଉ ଏକ ଲୋକପ୍ରିୟ କାହାଣୀରେ ରାଜା ଯଶୋଧାରା ଏବଂ ତାଙ୍କ ମା'ଙ୍କ ପୁନର୍ଜନ୍ମ କଥା ରହିଛି। ଏଥିରେ ଯଶୋଧାରାଙ୍କ ମା' ତାଙ୍କ ସ୍ତ୍ରୀଙ୍କ ବ୍ୟଭିଚାରକୁ ସାମ୍ନାକୁ ଆଣିଛନ୍ତି। ଊନବିଂଶ ଶତାବ୍ଦୀରେ ସଂସ୍କାର ଅଭିଯାନ ପରିପ୍ରେକ୍ଷୀରେ ଅନେକ ପଣ୍ଡିତ ପ୍ରାଚୀନ ଜୈନ ଗ୍ରନ୍ଥଗୁଡ଼ିକୁ ଅନୁବାଦକରି ସଂରକ୍ଷିତ ରଖିବାକୁ ଚାହିଁଥିଲେ। ଏହାକୁ ରକ୍ଷଣଶୀଳ ଜୈନମାନେ ବିରୋଧ କଲେ। ତେବେ ଶେଷରେ ଯେତେବେଳେ ଅନୁବାଦ ସରିଲା, ବିଦ୍ୱାନ ହର୍ମନ ଜାକୋବି ସ୍ପଷ୍ଟ କରିଥିଲେ ଯେ, ଜୈନଧର୍ମ ହେଉଛି ଏକ ଭିନ୍ନ ଧର୍ମ , ଏହା ହିନ୍ଦୁ ସମ୍ପ୍ରଦାୟ ନୁହେଁ। ଇଂରେଜ ଶାସନ ବେଳେ ୧୮୮୧ ଜନଗଣନାରେ ଜୈନମାନଙ୍କୁ ଏକ ପୃଥକ୍ ଗୋଷ୍ଠୀ ଭାବେ ବର୍ଗୀକୃତ କରାଯାଇ ଆର୍ଯ୍ୟ ସମାଜ ଭଳି ହିନ୍ଦୁ ସଂସ୍କାର ଅଭିଯାନ(ଯାହା ଜୈନ ପାଇଁ ଅଲଗା ପରିଚୟ ଚାହୁଁ ନ ଥିଲା)କୁ ବିରୋଧ କରାଯିବା ପାଇଁ ପ୍ରେରିତ କରାଯାଇଥିଲା। ଜୈନ ପାଣ୍ଡୁଲିପିରେ ଅନ୍ତିମ ସମୟ ପୂର୍ବରୁ ମଣିଷର ଭଲ ଓ ମନ୍ଦ କର୍ମର ହିସାବକୁ ରେକର୍ଡ କରିଛି। ଅବ୍ୟବସ୍ଥା କିମ୍ବା ମନୋବିକାର ନୁହେଁ , ବରଂ ବିଶ୍ୱ ସମ୍ପୂର୍ଣ୍ଣ କର୍ମ ସିଦ୍ଧାନ୍ତ ଦ୍ୱାରା ପରିଚାଳିତ ବୋଲି ଏହିସବୁ ପାଣ୍ଡୁଲିପି ଜୈନ ବିଚାରକୁ ପ୍ରକାଶ କରିଛି।

–devduttofficial@gmail.com

# ଗାନ୍ଧୀ ନୂଆଁଖାଇ



ସଂଗ୍ରାମ କେଶରୀ ରାଉତ

ନୂଆ ଫସଲ ଅମଳ ପରେ ଧାର୍ଯ୍ୟ ଦିନରେ ଓଡ଼ିଶାରେ ବିଭିନ୍ନ ତିଥି ନେଇ ନୂଆଁଖାଇ ପାଳନ କରାଯାଏ। ବିଶେଷକରି ଓଡ଼ିଶାର ପଶ୍ଚିମାଞ୍ଚଳରେ ନୂଆଖାଇ ବା ନୂଆଁଖାଇ ଏକ ଗଣପର୍ବ। ମହାତ୍ମା ଗାନ୍ଧୀ ଓଡ଼ିଶାକୁ ୮ଥର ଆସିଥିଲେ ୧୯୨୮ ଓ ୧୯୩୪ ମସିହାରେ। ୧୯୨୮ ମସିହାରେ ଗାନ୍ଧିଜୀ ପ୍ରଥମଥର ଝାରସୁଗୁଡ଼ା ରେଳ ଷ୍ଟେସନରେ ଓହ୍ଲାଇ ସମ୍ବଲପୁରଠାରେ ମହାନଦୀ ବାଲିବନ୍ଧରେ ସଭା କରି ଗୋଟିଏ ରାତି ଚନ୍ଦ୍ରଶେଖର ବେହେରାଙ୍କ ଘରେ ରହି ଫେରିଯାଇଥିଲେ। ପରେ ବର୍ଷ ସମ୍ବଲପୁର (ଅବିଭକ୍ତ) ଜିଲାରେ ଏକ ନୂଆ ଘଟଣା ଘଟିଲା। ସେତେବେଳେ ଜିଲାରେ ଭାଦ୍ରବ ମାସରେ ନୂଆଖିଆ ପାଳନ କରାଯାଉଥିଲା। କିନ୍ତୁ ସେହି ବର୍ଷ କାର୍ତ୍ତିକ ମାସରେ ଲୋକେ ଆଉଥରେ ନୂଆଁଖିଆ ପାଳିଲେ। ସେହି ନୂଆଁଖିଆକୁ ଲୋକେ କହିଲେ ଗାନ୍ଧୀ ନୂଆଁଖିଆ। ଖରିଫ ଧାନ କାଟିଲା ପରେ, ବର୍ଷା ପରେ ନଡ଼ାରୁ ଆଉଥରେ ଧାନଗଛ ଉଠିଲା ଓ ଫଳିଲା। ସେହି ଧାନକୁ ମଧ୍ୟ କୃଷକମାନେ ଅମଳ କଲେ। ତାହାକୁ ଗାନ୍ଧିଜୀ ନୂଆଁଖାଇ ଅନ୍ନ ଭାବେ ଖାଇଲେ। ୧୯୨୧ ଏପ୍ରିଲ ୨୬ ତାରିଖରେ ପ୍ରଥମ ପ୍ରଦେଶ କଂଗ୍ରେସ ସଭାପତି ଭାବରେ ଗୋପବନ୍ଧୁ ଦାସ ଝାରସୁଗୁଡ଼ା ଆସି ରାଜ୍ୟର ପ୍ରଥମ କଂଗ୍ରେସ ଅଫିସ ପୁଞ୍ଜାପଡ଼ାର ବିହାରୀ ରାମ ତନ୍ତ୍ରୀ (୧୯୩୪ ବିହାରୀ ରାମଙ୍କ ଘରେ ରାତ୍ରିଯାପନ କରିଥିଲେ)। ଚୌକିପଡ଼ାର ମହାବୀର ସିଂହଙ୍କ ଘରେ ଓ ଚିନ୍ତାମଣି ପୂଜାରୀଙ୍କ ପାଞ୍ଜପଡ଼ା ଗ୍ରାମରେ କଂଗ୍ରେସ ଅଫିସ ଖୋଲିବାର ବ୍ୟବସ୍ଥା କଲେ। ଗାନ୍ଧିଜୀଙ୍କ ବାଣୀ ଏକାଦଶବ୍ରତ, କାର୍ଯ୍ୟ ଯେମିତି କି ନିଶା ନିବାରଣ, ଅସ୍ପୃଶ୍ୟତା ନିବାରଣ, ବିଦେଶୀ ବସ୍ତ୍ର ବର୍ଜନ, ଚରଖାରେ ସୂତା କାଟିବା, ମହିଳା ଶିକ୍ଷାର ବିକାଶ, କପାଚାଷ ଓ ସମବାୟ ଆଦି କାର୍ଯ୍ୟ ଜିଲା କଂଗ୍ରେସ ସଭାପତି ଚିନ୍ତାମଣିଙ୍କ ନେତୃତ୍ୱରେ ଜୋରସୋରରେ ଚାଲିଲା, ଯାହାଫଳରେ ସମ୍ବଲପୁର ଜିଲାରେ ୪୮୦୦ ପ୍ରତ୍ୟକ୍ଷ କଂଗ୍ରେସ କର୍ମୀଙ୍କ ମଧ୍ୟରୁ କେବଳ ୨୦୦୦ରୁ ଅଧିକ କର୍ମୀ ସେମାନେ ପ୍ରସ୍ତୁତ ହୋଇ ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟରେ ଲାଗିପଡ଼ିଲେ। ୧୯୨୭ ମସିହାରେ ପୁନର୍ବାର ଗୋପବନ୍ଧୁ ଝାରସୁଗୁଡ଼ା ଆସି ମହାନଦୀର ପରନଦୀ ଭରାବତୀ (ଇବ) ନଦୀ କୂଳସ୍ଥ ଗାନ୍ଧୀ ବିଚାରର ପ୍ରୟୋଗଶାଳା ଭାବେ ପ୍ରତିଷ୍ଠିତ ହୋଇଥିବା ପାଞ୍ଜପଡ଼ା ଗ୍ରାମର ସମସ୍ତ କାର୍ଯ୍ୟ ଦେଖି ଅଭିଭୂତ ହେଲେ। ଏହାର ପ୍ରଭାବ ଜିଲାରେ ପଡ଼ିଲା। ସବୁ ବର୍ଗରୁ ଶହ ଶହ ଲୋକ ଏକତ୍ର ହୋଇ ହରଡ଼ ତମ୍ବା, ତୁଳସୀ ଓ ଶାଳଗ୍ରାମ ଧରି ଶପଥ କରି ନିଶା ପୂରା ଛାଡ଼ିଦେଲେ। ଯାହାଫଳରେ ମଦ ଭାଟିଗୁଡ଼ିକ ବନ୍ଦ ହୋଇଗଲା। ଏହି କାରଣରୁ ରାଜସ୍ୱ କମିଯିବାରୁ ତତ୍କାଳୀନ ଡି.ସି. (ଆଜିର ଜିଲାପାଳ) ଜନସ୍ଥଙ୍କ ସାହେବଙ୍କୁ ୧୯୩୦ ମସିହାରେ ଚାକିରିରୁ ନିଲମ୍ବିତ ହେବାକୁ ପଡ଼ିଲା। ଗାନ୍ଧୀ ଏକଥା ଶୁଣି ପ୍ରଶଂସା କରି କହିଲେ, 'ସାରା ଦେଶ ମେଁ ଐସା ହୋନା ଚାହିଏ'। ୧୯୩୯ ମସିହା ଚିନ୍ତାମଣି ପୂଜାରୀ, କମଳଲୋଚନ ଲୋଇ, ଯୋଗେନ୍ଦ୍ର ପଟେଲ ଓ କଷ୍ଟୁରାମ ତନ୍ତ୍ରୀଙ୍କ ନେତୃତ୍ୱରେ ଦଳିତ ଗଣ୍ଡ, ଘାସି, ପାବ ଓ ମେଓ୍ୱାଁ (ହରିଜନ) ସମ୍ପ୍ରଦାୟର ଲୋକମାନେ ପଞ୍ଚପଡ଼ାର ପୁରାତନ ଜଗନ୍ନାଥ ମନ୍ଦିରକୁ ପ୍ରବେଶ କଲେ (ହରିଜନ ମନ୍ଦିର ପ୍ରବେଶ)। ଏହା ସାରା ଦେଶରେ ଚହଳ ପକାଇଥିଲା। କପାଚାଷରୁ ସୂତାକଟା ଏବଂ ଖଦି ବସ୍ତ୍ର କାର୍ଯ୍ୟ ଏକ ଗଣକାର୍ଯ୍ୟରେ ପରିଣତ ହୋଇଥିଲା। ସ୍ୱାଧୀନ ଭାରତ ନାମକ ଏକ ମୁଦ୍ରାକାମୀ ପତ୍ରିକା ମଧ୍ୟ ପ୍ରକାଶ ହେଲା। ଏସବୁ କାର୍ଯ୍ୟ କରୁଥିବା ଲୋକଙ୍କୁ ବହୁତ ପ୍ରତିକୂଳ ପରିସ୍ଥିତି ଦେଇ ଯିବାକୁ ପଡୁଥିଲା। ଏମାନଙ୍କୁ ନିଆଁ ପାଣି ବାସନ୍ଦ, ପୋଖରୀ ଘାଟ ବ୍ୟବହାର କରିବାକୁ ବାରଣ ଥିଲା। ଏହି ସଂସ୍କାର କାର୍ଯ୍ୟ କରୁଥିବା ଲୋକମାନେ ଯେଉଁପୋଖରୀ ଘାଟକୁ ଯାଇ ବ୍ୟବହାର କରୁଥିଲେ ତାକୁ ବିରୋଧୀମାନେ ଗାନ୍ଧୀଘାଟ ବା କଂଗ୍ରେସ ଘାଟ କହୁଥିଲେ। ଏହି ଅଞ୍ଚଳଗୁଡ଼ିକରେ ଗାନ୍ଧୀ ଆଦର୍ଶରେ ପରିଚାଳିତ ସଂସ୍କାରକମାନେ ଅଲଗା ନୂଆଁଖାଇ କଲେ। ଏହି ନୂଆଁଖାଇରେ ସବୁ ଜାତି ଧର୍ମର ଲୋକ ଏକଜୁଟ ହୋଇ ଘରୁ ଘରୁ ଚାଉଳ ଆଣି ଗୋଟିଏ ହାଣ୍ଡିରେ ପକାଇ ରୋଷେଇ କରୁଥିଲେ। ଯାହାକୁ ସମସ୍ତ ବର୍ଗ ଲୋକ ଏକତ୍ର ବସି ଭୋଜନ କରୁଥିଲେ। ତାହାକୁ ମଧ୍ୟ ବିରୋଧୀ ଲୋକମାନେ ଗାନ୍ଧୀ ନୂଆଁଖାଇ କହିଲେ। ଏହି ସଂସ୍କାରମୂଳକ ଆଦର୍ଶକୁ ମନେପକାଇ ଚଳିତ ମାସ ୨୧ ତାରିଖ (ଡିସେମ୍ବର) ପଞ୍ଚପଡ଼ା ଝାରସୁଗୁଡ଼ାଠାରେ ଗାନ୍ଧୀ ନୂଆଁଖାଇ ଭେଟଘାଟର ଆୟୋଜନ କରାଯାଇଥିଲା। ଯାହା ଏକ ସଂହତି ଓ ସମଭାବର ବାର୍ତ୍ତା ପ୍ରେରଣ କରିବ।

ମୋ: ୯୪୩୭୮୧୮୨୩୩

## ଏଇ ଭାରତରେ

ପଲିଥିନ ବ୍ୟବହାର ଉପରେ କଟକଣା ଲାଗୁ ହୋଇଥିଲେ ମଧ୍ୟ ଏହାର ବ୍ୟବହାର ପୂର୍ବଭଳି ଜାରି ରହିଛି। ଅଧିକାଂଶ ଲୋକ ବ୍ୟାଗ୍ ନ ନେଇ ପଲିଥିନରେ ପରିବା ଆଣିବା ଦେଖାଯାଏ। ଲୋକମାନେ ବଜାରକୁ ପରିବା କିଣିବାକୁ ଯିବା ସମୟରେ ବ୍ୟାଗ୍ ନେବା ଲାଗି ଚାହୁଁନାହାନ୍ତି। କିନ୍ତୁ ଏ ଦିଗକୁ ବୁଝିବାକୁ ପ୍ରସ୍ତୁତ ନୁହନ୍ତି ଯେ, ପଲିଥିନ୍‌ର ପରିବେଶଗତ ପ୍ରଭାବ ଅତ୍ୟନ୍ତ ଭୟଙ୍କର। ତେବେ ଏହାର କୁପ୍ରଭାବକୁ ଉପଲବ୍ଧି କରି ପଲିଥିନ ବ୍ୟବହାର ହ୍ରାସ ସକାଶେ ଚେନ୍ନାଇର ମହିଳାମାନେ ଏକ ଭିନ୍ନ ଉପାୟ ଆପଣାଉଛନ୍ତି। ସେମାନେ ଗାଢ଼ ସବୁଜ ରଙ୍ଗର ବିଦ୍ୟୁତ୍‌ଚାଳିତ(ଇଭି) ଅଟୋରେ ପରିବା ନେଇ ଲୋକଙ୍କ ପାଖରେ ପହଞ୍ଚାଇ ଦେଉଛନ୍ତି। ଚେନ୍ନାଇର ମହିଳା ଗ୍ରୁପ୍‌କୁ ତାମିଲନାଡୁ ସରକାର ଇଭି ଅଟୋ ଯୋଗାଇ ଦେଇଛନ୍ତି। ଏହି ଅଟୋରେ ପରିବା ଟୋକେଇ ରଖିବାର ବ୍ୟବସ୍ଥା କରାଯାଇଛି ଏବଂ ପରିବାଗୁଡ଼ିକୁ ସେମାନେ ମାଞ୍ଜାପାଇ ବ୍ୟାଗ୍(ହଳଦିଆ ରଙ୍ଗର କନାବ୍ୟାଗ୍)ରେ ଲୋକଙ୍କୁ ଦେଉଛନ୍ତି। ତାମିଲନାଡୁ ସରକାର ପଲିଥିନ ବ୍ୟବହାର ହ୍ରାସ ପାଇଁ ତିନିବର୍ଷ ପୂର୍ବେ ମାଞ୍ଜାପାଇ ବ୍ୟାଗ୍ ବ୍ୟବହାରକୁ ପ୍ରୋତ୍ସାହିତ କରିଥିଲେ। ଏବେ ରାଜ୍ୟର ୧୮୯ଟି ସ୍ଥାନରେ ଏହି ବ୍ୟାଗ୍ ତିଆରି କରାଯାଇ ଲୋକଙ୍କୁ ଶସ୍ତାରେ ଯୋଗାଇ ଦିଆଯାଉଛି। ଚେନ୍ନାଇରେ ମଧ୍ୟ ୪୦ଟି ଜାଗାରେ ଏହା ଉପଲବ୍ଧ ହେଉଛି।

## ୫୦ ବର୍ଷ ତଳର ଧରିତ୍ରୀ

**୨୫ ଡିସେମ୍ବର ୧୯୭୬**

- ରାଜ୍ୟର ବିଶିଷ୍ଟ ଆଡଭୋକେଟ ଲଳିତ କୁମାର ଦାସଗୁପ୍ତାଙ୍କ ୮୧ ବର୍ଷ ବୟସରେ ପରଲୋକ।
- ମାଧବ ସିଂହ ସୋଲାଙ୍କିଙ୍କ ମୁଖ୍ୟମନ୍ତ୍ରୀତ୍ୱରେ ଗୁଜରାଟର ନୂତନ ୧୮ ଜଣିଆ କଂଗ୍ରେସ ମନ୍ତ୍ରିମଣ୍ଡଳ ଶପଥ ଗ୍ରହଣ କରିଛନ୍ତି।
- ଭାରତ ସହ ବନ୍ଧୁତା ଓ ସେବା ଯୋଗୁ ୪ ବ୍ରିଟିଶ ମହିଳାଙ୍କୁ ଆନ୍ତର୍ଜାତିକ ମହିଳା ପୁରସ୍କାର ପ୍ରଦାନ।

## su do ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | 9 | | | | | | | |
| | 1 | | | | | | | 4 |
| | | | | 2 | | 8 | 6 | 3 |
| | | | | 6 | | | 2 | |
| 9 | 4 | | | | 8 | | 5 | |
| | 3 | | 1 | | | | | |
| 8 | | 4 | | | 6 | | | |
| | | | 5 | 3 | | | 4 | |
| | | | | | 9 | 6 | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 2 | 1 | 8 | 4 | 9 | 3 | 5 | 6 |
| 8 | 4 | 3 | 1 | 5 | 6 | 7 | 9 | 2 |
| 6 | 5 | 9 | 3 | 2 | 7 | 1 | 4 | 8 |
| 4 | 8 | 7 | 5 | 9 | 1 | 2 | 6 | 3 |
| 9 | 1 | 6 | 7 | 3 | 2 | 4 | 8 | 5 |
| 5 | 3 | 2 | 4 | 6 | 8 | 9 | 7 | 1 |
| 3 | 6 | 8 | 2 | 7 | 4 | 5 | 1 | 9 |
| 2 | 9 | 4 | 6 | 1 | 5 | 8 | 3 | 7 |
| 1 | 7 | 5 | 9 | 8 | 3 | 6 | 2 | 4 |

ଗତକାଲିର ଉତ୍ତର

# ଯିଶୁଖ୍ରୀଷ୍ଟଙ୍କ ଜନ୍ମ ମହତ୍ତ୍ୱ



ହରିଶ୍ଚନ୍ଦ୍ର ଅରିଶଲ୍ୟ

" ଈଶ୍ୱର ଜଗତକୁ ଏତେ ପ୍ରେମ କଲେ ଯେ, ତାଙ୍କ ନିଜର ଅଦ୍ୱିତୀୟ ପୁତ୍ର ପ୍ରଭୁ ଯିଶୁଙ୍କୁ ପୃଥିବୀକୁ ପଠାଇଲେ। ଏଣୁ ଯେ କେହି ଯିଶୁଙ୍କଠାରେ ବିଶ୍ୱାସ କରିବ, ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ପାଇବ।"–(ଯୋହନ ୩:୧୬)। ବାଇବେଲ କୁହେ " ଜଗତର ବିଚାର କରିବା ନିମନ୍ତେ ଈଶ୍ୱର ଆପଣା ପୁତ୍ର ପ୍ରଭୁ ଯିଶୁଙ୍କୁ ଜଗତକୁ ପଠାଇଲେ। ଜଗତ ଯେପରି ତାହାଙ୍କ ଦ୍ୱାରା ପରିତ୍ରାଣ ପ୍ରାପ୍ତହୁଏ, ଏଥିପାଇଁ ତାହାଙ୍କୁ ପ୍ରେରଣ କଲେ। ପ୍ରଭୁ ଯିଶୁଙ୍କ ଜନ୍ମ ସମସ୍ତଙ୍କ ପାଇଁ। କାରଣ ଈଶ୍ୱର ସମସ୍ତଙ୍କୁ ପ୍ରେମ କରନ୍ତି ଏବଂ ତାଙ୍କ କରୁଣା ସମସ୍ତଙ୍କ ପାଇଁ। ବାଇବେଲ କୁହେ, "ଆଦ୍ୟରେ ବାକ୍ୟ ଥିଲା , ବାକ୍ୟ ଈଶ୍ୱରଙ୍କ ସଙ୍ଗରେ ଥିଲେ, ସେହି ବାକ୍ୟ ଈଶ୍ୱର ଥିଲେ। ଆଉ ସେହି ବାକ୍ୟ ଦେହବନ୍ତ ହେଲେ, ପୁଣି ଅନୁଗ୍ରହ ଓ ସତ୍ୟରେ ପରିପୂର୍ଣ୍ଣ ହୋଇ ଆମ୍ଭମାନଙ୍କ ମଧ୍ୟରେ (ମନୁଷ୍ୟ ସମାଜରେ) ବାସ କଲେ, ଆଉ ପିତାଙ୍କଠାରୁ ଆଗତ ଅଦ୍ୱିତୀୟ ପୁତ୍ରଙ୍କ ମହିମା ସଦୃଶ ଆମ୍ଭେମାନେ ତାହାଙ୍କ ମହିମା ଦେଖିଲୁ।" ଜୀବନ୍ତ ଈଶ୍ୱରଙ୍କ ପ୍ରଥମ ଓ ଶେଷ ମନୁଷ୍ୟ ଅବତାର ନେଇ ଜନ୍ମଗ୍ରହଣ କରିବା ଏବଂ ମନୁଷ୍ୟ ଜାତିର ପାପ କ୍ଷମାର ଯୋଜନା ସଫଳ ହେଲା। ବାଇବେଲ କୁହେ, " କାଳ ସମ୍ପୂର୍ଣ୍ଣ ହୁଅନ୍ତେ, ଈଶ୍ୱର ଆପଣା ନିକଟରୁ ନିଜ ପୁତ୍ରଙ୍କୁ ପ୍ରେରଣ କଲେ, ଯେପରି ସେ ମୂଲ୍ୟ ଦେଇ ବ୍ୟବସ୍ଥାଧୀନ ଲୋକଙ୍କୁ ମୁକ୍ତ କରନ୍ତି, ପୁଣି ଆମ୍ଭେମାନେ (ସାରାଜଗତ) ପୁତ୍ରତ୍ୱର ଅଧିକାର ପ୍ରାପ୍ତ ହେଉ"। ପ୍ରଭୁଯିଶୁ ନିଜ ସ୍ୱଇଚ୍ଛାରେ ମନୁଷ୍ୟ ଅବତାର ନେଇ ଜନ୍ମଗ୍ରହଣ କଲେ, ଯାହାଦ୍ୱାରା ମନୁଷ୍ୟ ଜାତି ମୁକ୍ତି ଓ ମୋକ୍ଷ ପାଇବେ। ବାଇବେଲ କୁହେ, ପାପ, ମନୁଷ୍ୟକୁ ପବିତ୍ର ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ କରିଦେଇଛି। କିନ୍ତୁ ପ୍ରଭୁ ଯିଶୁଙ୍କ ମନୁଷ୍ୟ ଅବତାର ଜନ୍ମ ପରେ, ଲେଖାଅଛି, " ଏକାମାତ୍ର ଈଶ୍ୱର ଅଛନ୍ତି, ଆଉ ଈଶ୍ୱର ଓ ମନୁଷ୍ୟଙ୍କ ମଧ୍ୟରେ ଏକାମାତ୍ର ମଧ୍ୟସ୍ଥ ଅଛନ୍ତି, ସେ ଖ୍ରୀଷ୍ଟ ଯିଶୁ, ଜଣେ ମନୁଷ୍ୟ।" ପ୍ରଭୁ ଯିଶୁଙ୍କ ଜନ୍ମରେ ମନୁଷ୍ୟ ଜାତି ପବିତ୍ର ଜୀବନ ଈଶ୍ୱରଙ୍କ ସହ ସମ୍ପର୍କ ରଖିବା ସମ୍ଭବ ହୋଇପାରିଛି।

ପ୍ରଭୁ ଯିଶୁଙ୍କ ଜନ୍ମ ଏକ ଦରିଦ୍ର, ସାଧାରଣ ପରିବାରରେ ଏବଂ ଘୃଣ୍ୟ ପରିବେଶ, ଗୃହପାଳିତ ପଶୁଶାଳାରେ ହୋଇଥିଲା। ସେଥିପାଇଁ ପ୍ରଭୁ ଯିଶୁ ସବୁ ଶ୍ରେଣୀର ଲୋକଙ୍କୁ ଗ୍ରହଣ କରିପାରନ୍ତି ପୁଣି ସବୁ ଶ୍ରେଣୀର ଲୋକଙ୍କ ଦ୍ୱାରା ଆଦୃତ ହୁଅନ୍ତି। ତାହାଙ୍କ ଜନ୍ମର ପରିବେଶ ଦ୍ୱାରା, ସେ ମାନବ ଜାତିକୁ ସମତାର ଆଦର୍ଶ ଦେଇଛନ୍ତି। ନୂତନ ଧର୍ମ ସ୍ଥାପନାର୍ଥେ ନୁହଁ କି ଅବା କୌଣସି ପୁରାତନ ଧର୍ମକୁ ସଞ୍ଜୀବିତ କରିବାକୁ ନୁହଁ,ବରଂ ନୂତନ ଜୀବନ ପ୍ରଦାନ ପାଇଁ ଜନ୍ମଗ୍ରହଣ କରିଥିଲେ। ବାଇବେଲ କୁହେ, "ଯିଶୁ ତାଙ୍କୁ ଉତ୍ତର ଦେଲେ, ସତ୍ୟ ସତ୍ୟ ମୁଁ ତୁମକୁ କହୁଅଛି, ପୁନର୍ବାର ଜନ୍ମ



ନ ହେଲେ କେହି ଈଶ୍ୱରଙ୍କ ରାଜ୍ୟ ଦେଖିପାରେ ନାହିଁ। ପ୍ରଭୁ ଯିଶୁ ନୂତନ ଜୀବନ ଦିଅନ୍ତି। ନୂତନ ଧର୍ମ ନୁହେଁ, ନୂତନ ଜୀବନ, ନୂତନ ପ୍ରକୃତି, ନୂତନ ଚରିତ୍ର ଓ ନୂତନ ଉତ୍ତମ ମନ ଦେବା ପାଇଁ ସେ ଜନ୍ମ ଗ୍ରହଣ କଲେ ; ନୂତନ ଧର୍ମ ବା କୌଣସି ଧର୍ମ ସମ୍ପ୍ରଦାୟ ଆହ୍ୱାନ ନିମନ୍ତେ ଜନ୍ମ ନ ଥିଲେ। ବାଇବେଲ କୁହେ "ସ୍ୱର୍ଗ ଲୋକରେ ଈଶ୍ୱରଙ୍କ ମହିମା, ପୁଣି ପୃଥିବୀରେ ତାହାଙ୍କ ସନ୍ତୋଷପାତ୍ର, ମନୁଷ୍ୟମାନଙ୍କ ମଧ୍ୟରେ ଶାନ୍ତି। ଶାନ୍ତିର ରାଜକୁମାର ପ୍ରଭୁ ଯିଶୁଙ୍କ ଜନ୍ମ ପୃଥିବୀରେ ଶାନ୍ତି ସ୍ଥାପନାର ଆହ୍ୱାନ ଦେଇଛନ୍ତି। ସର୍ବସାଧାରଣ ମନୁଷ୍ୟ ସମାଜରେ ଶାନ୍ତି ସ୍ଥାପନ କରିବା ତାହାଙ୍କ ଲକ୍ଷ୍ୟ, ସାଧନା ଓ ଆହ୍ୱାନ। ଜାତି, ଧର୍ମ, ବର୍ଣ୍ଣ, ରଙ୍ଗ ଓ ଭୌଗୋଳିକ ସୀମା ନିର୍ବିଶେଷରେ ପ୍ରଭୁଯିଶୁ ଶାନ୍ତି ସମସ୍ତଙ୍କ ପାଇଁ ପ୍ରଦାନ କରୁଛନ୍ତି। ନୂତନ ଜୀବନର ଆହ୍ୱାନ ଦେଉଛନ୍ତି। ପୁଣି ପରିତ୍ରାଣ ମୁକ୍ତିର ସୁଯୋଗ ନିଜେ ଅର୍ପଣ କରୁଛନ୍ତି।

ଯିଶୁଖ୍ରୀଷ୍ଟ ଜନ୍ମ ହେବା ବହୁ ପୂର୍ବରୁ ଈଶ୍ୱରଙ୍କ ବାକ୍ୟ ବାଇବେଲରେ ଭବିଷ୍ୟବାଣୀ ଉଲ୍ଲେଖ ହୋଇଥିଲା। ପୁରାତନ ନିୟମ ଯିଶାଇୟଙ୍କ ପୁସ୍ତକରେ ଲେଖାଅଛି, " ଯେହେତୁ ଆମ୍ଭମାନଙ୍କ ନିମନ୍ତେ ଏକ ପୁତ୍ରଦତ୍ତ ହୋଇଅଛନ୍ତି ଓ ତାହାଙ୍କ ସ୍କନ୍ଧରେ କର୍ତ୍ତୃତ୍ୱ ଭାର ଥିବ। ତାହାଙ୍କ ନାମ ଆଶ୍ଚର୍ଯ୍ୟ, ମନ୍ତ୍ରୀ, ପରାକ୍ରାନ୍ତ ପରମେଶ୍ୱର, ଅନନ୍ତକାଳୀନ ପିତା, ଶାନ୍ତିରାଜା ହେବ"। ସେହି ସମୟରେ ଅନେକ ଇହୁଦୀ ଏବଂ ଅଣ ଇହୁଦୀ ଶାସ୍ତ୍ରଜ୍ଞ ଓ ପଣ୍ଡିତମାନେ ପ୍ରଭୁ ଯିଶୁଙ୍କର ଜନ୍ମ ଅପେକ୍ଷାରେ ଥିଲେ। ଅବଶ୍ୟ ପ୍ରଭୁ ଯିଶୁଙ୍କ ଜନ୍ମ ତାରିଖର ଲିଖିତ ପ୍ରମାଣ ବାଇବେଲରେ ନାହିଁ କିନ୍ତୁ ତାଙ୍କର ଜନ୍ମ ଭବିଷ୍ୟତ ବାଣୀକୁ ସଫଳ କରିଛି। ଖ୍ରୀଷ୍ଟମାସ ପାଳନ ଅବସରରେ ମାନବ ସମାଜକୁ ପ୍ରଭୁ ଯିଶୁଙ୍କ ଆହ୍ୱାନ ରହିଛି। ବାଇବେଲ କୁହେ, ଯିଶୁ ତାହାଙ୍କୁ କହିଲେ ମୁଁ ପଥ, ସତ୍ୟ ଓ ଜୀବନ। ମୋ ଦେଇ ନ ଗଲେ କେହି ପିତା ଈଶ୍ୱରଙ୍କ ନିକଟକୁ ଯାଏ ନାହିଁ। ପୁଣି ଆହ୍ୱାନ ଦେଲେ, ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ ମୋ ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି। ମୋହର ଯୁଆଳି ଆପଣା ଆପଣା ଉପରେ ଘେନ, ପୁଣି ମୋ ଠାରୁ ଶିଖ, କାରଣ ମୁଁ ମୃଦୁଶୀଳ ଓ ନମ୍ର ଚିତ୍ତ, ଆଉ ତୁମ୍ଭେମାନେ ଆପଣା ଆପଣା ଆତ୍ମାରେ ବିଶ୍ରାମ ପାଇବ। ସାଧାରଣତଃ ଧର୍ମ କହିଲେ, ମନୁଷ୍ୟ ଈଶ୍ୱରଙ୍କ ସନ୍ଧାନ କରେ। କିନ୍ତୁ ଖ୍ରୀଷ୍ଟ ବିଶ୍ୱାସରେ ଏହା ବିପରୀତ: ଈଶ୍ୱର ମନୁଷ୍ୟମାନଙ୍କ ସନ୍ଧାନରେ। ପ୍ରଭୁ ଯିଶୁ ଈଶ୍ୱରଙ୍କ ମହିମାର ପ୍ରଭା ଓ ତାହାଙ୍କ ତତ୍ତ୍ୱର ପ୍ରତିମୂର୍ତ୍ତି। ପ୍ରଭୁ ଯିଶୁ ଅଦୃଶ୍ୟ ଈଶ୍ୱରଙ୍କ ଦୃଶ୍ୟ ପ୍ରତିମା। ସେ ଆଜିକାଲି ଓ ସର୍ବଦା ସମାନ ସେହିପରି ଅପରିବର୍ତ୍ତନୀୟ। ଯିଶୁଖ୍ରୀଷ୍ଟ ପ୍ରଭୁ ଓ ତ୍ରାଣକର୍ତ୍ତା। ମୁକ୍ତିଦାତା, ପାପ କ୍ଷମାକାରୀ, ସେ ଧର୍ମଗୁରୁ ବା କୌଣସି ନୂତନ ଧର୍ମର ସଂସ୍ଥାପକ ନୁହନ୍ତି ସେ ଖ୍ରୀଷ୍ଟ ଧର୍ମ ଉପହାର। ଅତଏବ, ଏହି ଖ୍ରୀଷ୍ଟ ମାସରେ, ଈଶ୍ୱର ସମସ୍ତଙ୍କୁ ଦୟା, ଅନୁଗ୍ରହ ଓ ଆଶୀର୍ବାଦ କରନ୍ତୁ ଏବଂ ୨୦୨୬ ନୂତନ ବର୍ଷରେ ପଦାର୍ପଣ କରିବାକୁ କଲ୍ୟାଣ କରନ୍ତୁ।

ଅହମଦାବାଦ, ଗୁଜରାଟ
ମୋ: ୯୪୯୪୭୮୨୭୭୭

## ପାଠକ ଶ୍ରେଷ୍ଠ ବିଚାରକ

### ସମ୍ବଲପୁର ଷ୍ଟେସନ ସୁରେନ୍ଦ୍ର ସାଏଙ୍କ ନାଁରେ ହେଉ

ମହାଶୟ,

ସ୍ୱାଧୀନତା ସଂଗ୍ରାମୀଙ୍କ ଦେଶ ପ୍ରତି ଅତୁଳନୀୟ ଅବଦାନ ଚିରକାଳ ଉଜ୍ଜୀବିତ ରଖିବାକୁ ଦେଶର ଅନେକ ରେଳଷ୍ଟେସନର ନାମ ପରିବର୍ତ୍ତନ କରାଯାଇ ସେମାନଙ୍କ ନାମରେ ନାମିତ ହେଲାଣି। ଉଦ୍ଦେଶ୍ୟ ହେଉଛି ରାଷ୍ଟ୍ର ପ୍ରତି ସେମାନଙ୍କ ଉତ୍ସର୍ଗୀକୃତ ସେବା ଶ୍ରଦ୍ଧାର ସହ ସ୍ମରଣ କରିବା ଓ ଉତ୍ତରପିଢ଼ିଙ୍କୁ ଜଣାଇବା। କେତୋଟି ଉଦାହରଣ ରହିଛି– ମୁମ୍ବାଇର ଛତ୍ରପତି ଶିବାଜୀ ଷ୍ଟେସନ(ପୂର୍ବ ନାମ ଭିକ୍ଟୋରିଆ ଟର୍ମିନସ), ଭୋପାଳର ରାଣୀ କମଳାପତି ଷ୍ଟେସନ(ହବିବଗଞ୍ଜ), ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟ ଜଙ୍କସନ(ମୋଗଲସରାଇ), ପ୍ରୟାଗରାଜ(ଆଲ୍ଲାହାବାଦ), କୋଲକାତା ମେଟ୍ରୋରେ କବି ସୁଭାଷ, କବି ନଜରୁଲ, ମହାନାୟକ ଉତ୍ତମ କୁମାର ଷ୍ଟେସନ ଓ ଆହୁରି ଅନେକ। ୧୮୫୭ ମସିହାର ସିପାହି ବିଦ୍ରୋହର ୩୦ ବର୍ଷ ପୂର୍ବରୁ ରାଜଗାଦିର ଉତ୍ତରାଧିକାରିତ୍ୱ ନେଇ ବ୍ରିଟିଶ୍ ସରକାର ବିରୋଧରେ 'ଉଲ୍‌ଗୁଲାନ'(ଆନ୍ଦୋଳନ) ଆରମ୍ଭ କରିଥିଲେ ବିପ୍ଳବୀ ବୀର ସୁରେନ୍ଦ୍ର ସାଏ। ସେ ଦେଶର ଏକମାତ୍ର ସ୍ୱାଧୀନତା ସଂଗ୍ରାମୀ, ଯିଏ ତାଙ୍କ ପୂରା ଜୀବନକାଳ ୭୫ ବର୍ଷ ମଧ୍ୟରୁ ୩୭ ବର୍ଷ ଜେଲରେ କାଟିଥିଲେ। ତାଙ୍କର ଅପୂର୍ବ ଦେଶପ୍ରୀତି ଓ ଅସୀମ ତ୍ୟାଗକୁ ସମ୍ମାନ ଜଣାଇ ବୁର୍ଲାସ୍ଥିତ ଇଞ୍ଜିନିୟରିଂ କଲେଜ(ଅଧୁନା ବିଶ୍ୱବିଦ୍ୟାଳୟ) ଓ ଝାରସୁଗୁଡ଼ା ବିମାନବନ୍ଦର ତାଙ୍କ ନାମରେ ନାମିତ କରାଯାଇଛି। ପଶ୍ଚିମ ଓଡ଼ିଶାର ଅନ୍ୟତମ ପ୍ରମୁଖ ରେଳଷ୍ଟେସନ ସମ୍ବଲପୁର ଏବେ ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ କରାଯାଉ। ବିପ୍ଳବର ଅନିର୍ବାଣ ଦୀପଶିଖା ବୀର ସୁରେନ୍ଦ୍ର ସାଏଙ୍କୁ ଅଧିକରୁ ଅଧିକ ଜାଣିବାର ଏହା ଅବକାଶ ସୃଷ୍ଟି କରିବ।

–ପ୍ରତାପ ନାୟକ, କଳିଙ୍ଗ ବିହାର, ପାତ୍ରପଡ଼ା, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କେତେ ରୂପ ରସ ସାଉଁଟି ରଖାଇଁ ଚିତରେ
ଗାଇଦେବା ପାଇଁ ସବୁ କଥା ବିନେ ଗୀତରେ
ଗାଇଦେବା ପାଇଁ ଜୀବନ ଯାତନା
ଅପାସୋରା ସବୁ ସପନ ରଚନା
ମିଛ ଦୁନିଆରେ କହିବାକୁ ପଦେ ସତରେ
ମୁନିଦେବା ପାଇଁ ତୋଳା ଫୁଲ ଶେଷେ ଗୀତରେ ।
–(ଜୟଗୁରୁ ଘାଟି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ



ଶ୍ରେଷ୍ଠ ମହିଳା ଖେଳାଳି ପୁରସ୍କାର ସହ ସ୍ୱସ୍ତି ସିଂ।

# ଜାତୀୟ ଟ୍ରାକ୍ ସାଇକ୍ଲିଂ: ଓଡ଼ିଶା ରନରଅପ୍

**ଭୁବନେଶ୍ୱର, ୨୪।୧୨(ତପନ ସ୍ୱାଇଁ)**

ଉତ୍ତରାଖଣ୍ଡର ରୁଦ୍ରପୁରରେ ଅନୁଷ୍ଠିତ ୭୭ତମ ଜାତୀୟ ଟ୍ରାକ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ର ସିନିୟର ଏଲିଟ୍ ବର୍ଗରେ ଓଡ଼ିଶା ରନରଅପ୍ ହୋଇଛି। ଓଡ଼ିଶାର ତାରକା ସାଇକ୍ଲିଷ୍ଟ ସ୍ୱସ୍ତି ସିଂ ମହିଳା ବର୍ଗରେ ଶ୍ରେଷ୍ଠ ବିବେଚିତ ହୋଇଛନ୍ତି। ପ୍ରତିଯୋଗିତା ଏକାବେଳକେ ୭୭ତମ ସିନିୟର, ୫୪ତମ ଜୁନିୟର ଓ ୪୦ତମ ସବ୍‌ଜୁନିୟର ବର୍ଗରେ ଅନୁଷ୍ଠିତ ହୋଇଥିଲା।

## ସ୍ୱସ୍ତି ସିଂ ଶ୍ରେଷ୍ଠ ସାଇକ୍ଲିଷ୍ଟ

ଏହି ସମ୍ମାନ୍‌ଜନକ ପ୍ରତିଯୋଗିତାର ସିନିୟର ବର୍ଗରେ ସ୍ୱସ୍ତି ୩ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୪ କିଲୋମିଟର ବ୍ୟକ୍ତିଗତ ପର୍ସ୍ୟୁଟ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତି ଅଭିଯାନ ଆରମ୍ଭ କରିଥିବା ସ୍ୱସ୍ତି ୧ କିମି ଏଲିଟ୍ ମହିଳା ବ୍ୟକ୍ତିଗତ ଟାଇମ୍ ଟ୍ରାଏଲ୍‌ରେ ମଧ୍ୟ ସ୍ୱର୍ଣ୍ଣପଦକ ବିଜୟୀ ଓଡ଼ିଶା ଦଳର ସଦସ୍ୟା ଥିଲେ। ଏହି ଦଳରେ ତାଙ୍କ ବ୍ୟତୀତ ରେଜିୟା ଦେବୀ, ମଧୁସ୍ମିତା ବେଡେକ ଓ ବର୍ଷାରାଣୀ ବାରିକ ସାମିଲ ଥିଲେ। ସେହିପରି ସେ ସିନିୟର ଏଲିଟ୍ ଓମ୍‌ନିଅମ ରେସ୍‌ରେ ମଧ୍ୟ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଏହା ବ୍ୟତୀତ ସ୍ୱସ୍ତି ସ୍କ୍ରାଚ୍ ରେସ୍ ଓ ଟିମ୍ ସ୍ପ୍ରିଣ୍ଟ୍‌ରେ ରୌପ୍ୟ ପଦକ ଜିତିଥିଲେ। ଅର୍ଥାତ୍ ୫ ଇଭେଣ୍ଟରେ ସେ ୫ ପଦକ ହାସଲ କରି ରାଜ୍ୟକୁ ଗର୍ବିତ କରିଥିଲେ।

# ଆଣ୍ଡ୍ରେଆ ପ୍ରେଟିଙ୍କୁ ବିବାହ କଲେ ଭେନସ୍

**ପାମ୍ ବିଚ୍ (ଫ୍ଲୋରିଡ଼ା), ୨୪।୧୨ (ଏପି):** ଭେଟେରାନ୍ ଟେନିସ୍ ଖେଳାଳି ଭେନସ୍ ୱିଲିୟମ୍ସ ଡେନ୍‌ମାର୍କରେ ଜନ୍ମିତ ଇଟାଲିଆନ ମଡେଲ ତଥା ଅଭିନେତା ଆଣ୍ଡ୍ରେଆ ପ୍ରେଟିଙ୍କୁ ବିବାହ କରିଛନ୍ତି। ଏ ନେଇ ଭେନସ୍ ସୋସିଆଲ ମିଡିଆ ଜରିଆରେ ସୂଚନା ଦେଇଛନ୍ତି। ୭ ଥରର ଗ୍ରାଣ୍ଡସ୍ଲାମ ସିଙ୍ଗଲ୍ସ ଚାମ୍ପିୟନ ଆସନ୍ତା ଜାନୁଆରୀରେ ଅକ୍‌ଲାଣ୍ଡଠାରେ ଡବ୍ଲ୍ୟୁଟିଏ ଟୁର୍‌ରେ ତାଙ୍କର ୩୩ତମ ସିଜନ ଆରମ୍ଭ କରିବାକୁ ଯାଉଛନ୍ତି।

# ଖେଳ ରତ୍ନ ଲାଗି ହାର୍ଦ୍ଦିକ୍‌ଙ୍କ ନାମ ସୁପାରିସ

**ନୂଆଦିଲ୍ଲୀ, ୨୪।୧୨(ପି.ଟି.)**

ଭାରତୀୟ ପୁରୁଷ ହକି ଦଳର ଉପଅଧିନାୟକ ହାର୍ଦ୍ଦିକ୍ ସିଂଙ୍କ ନାମକୁ ଚଳିତବର୍ଷ ମେଜର ଧ୍ୟାନ ଚାନ୍ଦ ଖେଳରତ୍ନ ସମ୍ମାନ ଲାଗି ସୁପାରିସ କରାଯାଇଛି। ସେହିଭଳି ଚେସ୍ ତାରକା ଦିବ୍ୟା ଦଶ୍‌ମୁଖ, ଡେକାଥଲେଟ୍ ତେଜଶ ଶଙ୍କରଙ୍କ ସମେତ ୨୪ ଜଣଙ୍କୁ ଅର୍ଜୁନ ପୁରସ୍କାର ଲାଗି ଚୟନ କମିଟି ପକ୍ଷରୁ ବୁଧବାର ଚୟନ କରାଯାଇଛି। ହେଲେ ଏହି ତାଲିକାରେ କୌଣସି କ୍ରିକେଟର ସ୍ଥାନ ପାଇନାହାନ୍ତି।

୨୭ ବର୍ଷୀୟ ହାର୍ଦ୍ଦିକ୍ ଗତ କିଛିବର୍ଷ ହେଲା ଭାରତୀୟ ମିଡ୍ ଫିଲ୍ଡର ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇ ରହିଛନ୍ତି। ତାଙ୍କ ପ୍ରତିନିଧିତ୍ୱରେ ଭାରତ ୨୦୨୧ ଟୋକିଓ ଓ ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତିଥିଲା। ଚଳିତବର୍ଷ ଏସିଆ କପ୍ ଜିତିଥିବା ଭାରତୀୟ ଦଳର ମଧ୍ୟ ସେ ଅଂଶ ଥିଲେ।

ଯୋଗାସନକୁ ମନ୍ତ୍ରଣାଳୟ ପକ୍ଷରୁ କ୍ରୀଡ଼ା ମାନ୍ୟତା ଦିଆଯିବାର ୫ ବର୍ଷ ପରେ ପ୍ରଥମ ଥର ପାଇଁ ଅର୍ଜୁନ ପୁରସ୍କାର ଲାଗି ଯୋଗାସନ ଆଥଲେଟ୍‌ଙ୍କ ନାମ ସୁପାରିସ କରାଯାଇଛି।

# ଇଂଲଣ୍ଡ କ୍ରିକେଟରଙ୍କ ମଦ୍ୟପାନ ଘଟଣାର ତଦନ୍ତ ହେବ

**ମେଲ୍‌ବୋର୍ନ, ୨୪।୧୨(ଏପି)**

ଚଳିତ ଆଶେସ୍‌ରେ ଇଂଲଣ୍ଡ ଦଳ ଖେଳାଳିଙ୍କର ଅତ୍ୟଧିକ ମଦ୍ୟପାନ କରିବା ଅଭ୍ୟାସ ସମ୍ପର୍କରେ ରିପୋର୍ଟ ପ୍ରକାଶ ପାଇବା ପରେ ଇଂଲଣ୍ଡ ପୁରୁଷ କ୍ରିକେଟ୍‌ର ମ୍ୟାନେଜିଂ ଡାଇରେକ୍ଟର ରବ କି ଘଟଣାର ତଦନ୍ତ କରିବେ ବୋଲି କହିଛନ୍ତି। ଇଂଲଣ୍ଡ ଦଳ ପ୍ରଥମ ୩ ମ୍ୟାଚ୍‌ରେ ପରାଜିତ ହେବା ସହିତ ମାତ୍ର ୧୧ ଦିନ ମଧ୍ୟରେ ଆଶେସ୍ ହରାଇ ସାରିଛି।

ଇଂଲଣ୍ଡ ଦଳ ଦ୍ୱିତୀୟ ଓ ତୃତୀୟ ଟେଷ୍ଟ ମଧ୍ୟରେ ବ୍ରିସ୍‌ବେନର ସନ୍‌ସାଇନ କୋଷ୍ଟସ୍ଥିତ ନୁସା ରିଜର୍ଟ ଟାଉନକୁ ଯାଇଥିଲା। ଲମ୍ବା ଆଶେସ୍ ସିରିଜ୍ ବେଳେ ଖେଳାଳିଙ୍କୁ ରିଲାକ୍ସ ଓ ଚିନ୍ତାମୁକ୍ତ କରିବା ପାଇଁ ପୂର୍ବରୁ ଏହା ଇଂଲଣ୍ଡ ଦଳର କାର୍ଯ୍ୟସୂଚୀରେ ସାମିଲ ଥିଲା। ତେବେ କିଛିଦିନ ତଳେ ଭାଇରାଲ ହୋଇଥିବା ଭିଡିଓରେ ଇଂଲଣ୍ଡ ଓପ୍‌ନର ବେନ୍ ଡକେଟ ଦଳୀୟ ହୋଟେଲକୁ କିପରି ଫେରିବେ ମନେ ପକାଇପାରୁ ନ ଥିବା ଦେଖିବାକୁ ମିଳିଥିଲା। ଏକ୍ସ'ରେ ଶେୟାର କରାଯାଇଥିବା ଉକ୍ତ ଭିଡିଓରେ ଡକେଟ ଲୋକଙ୍କ ଏକ ଗ୍ରୁପ୍ ସହ କଥା ହେଉଥିବା ବେଳେ ଜଣେ ମହିଳା ତାଙ୍କୁ ଘରକୁ ଯିବା ବାଟ ଜଣାଅଛି କି ବୋଲି ପ୍ରଶ୍ନ ପଚାରିଥିଲେ। ଉତ୍ତରରେ ଡକେଟ୍ ନା' ବୋଲି କହିଥିଲେ। ଅନ୍ୟ ଏକ ଭିଡିଓରେ ଜାକବ ବେଥେଲ କ୍ଲବ୍‌ରେ ନାଚୁଥିବା ଦେଖିବାକୁ ମିଳିଥିଲା। ତେବେ ଏହି ସିରିଜ୍‌ରେ ଏପର୍ଯ୍ୟନ୍ତ ବେଥେଲ କୌଣସି ମ୍ୟାଚ୍‌ରେ ଖେଳିନାହାନ୍ତି। ଏ ସମ୍ପର୍କରେ ନୁସାରେ ଦଳ ସହ ନ ଥିବା ପ୍ରକାଶ କରିଛନ୍ତି। ଆମ ଖେଳାଳିମାନେ ବ୍ରେକ୍‌ରେ ଥିବା ବେଳେ ଅତ୍ୟଧିକ ମଦ୍ୟପାନ କରୁଥିବା କିଛି ରିପୋର୍ଟ ପ୍ରକାଶ ପାଇଛି, ଏଣୁ ଆମେ ନିଶ୍ଚିତ ଭାବେ ଏହାର ତଦନ୍ତ କରିବୁ। ଜଣେ ଅନ୍ତର୍ଜାତୀୟ କ୍ରିକେଟରଙ୍କଠାରୁ ଅତ୍ୟଧିକ ମଦ୍ୟପାନ କରିବା ଆଶା କରାଯାଏନାହିଁ।

# ସଚିନଙ୍କୁ ପଛରେ ଛାଡ଼ିଲେ କୋହଲି

**ବେଙ୍ଗାଲୁରୁ, ୨୪।୧୨**

ଚଳିତ ଘରୋଇ ସିଜନର ବିଜୟ ହଜାରେ ଟ୍ରଫି ଦିନିକିଆ ଟୁର୍ନାମେଣ୍ଟ ବୁଧବାରଠାରୁ ଆରମ୍ଭ ହୋଇଥିବା ବେଳେ ପ୍ରଥମ ଦିନରେ ଭାରତୀୟ ଦଳର ଦୁଇ ସିନିୟର ବ୍ୟାଟର ରୋହିତ୍ ଶର୍ମା ଓ ବିରାଟ କୋହଲି ଶତକ କରିଛନ୍ତି।

ଜୟପୁର ସୱାଇ ମାନସିଂ ଷ୍ଟାଡିୟମରେ ସିକିମ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ରୋହିତ୍ ୯୪ ବଲରେ ୧୫୫ ରନ୍‌ର ବିସ୍ଫୋରକ ଶତକୀୟ ଇନିଂସ୍ ଖେଳିଥିଲେ। ତାଙ୍କ ଇନିଂସରେ ୧୮ ଚୌକା ଓ ୯ ଛକା ସାମିଲ ଥିଲା। ତାଙ୍କର ଶତକ ଯୋଗୁ ସିକିମ ଦ୍ୱାରା ଧାର୍ଯ୍ୟ ୨୩୭ ରନର ଟାର୍ଗେଟକୁ ମୁମ୍ବାଇ ୩୦.୩ ଓଭରରେ ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ସେହିଭଳି ବେଙ୍ଗାଲୁରୁର ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସ ଗ୍ରାଉଣ୍ଡ-୧ରେ ଖେଳାଯାଇଥିବା ଆନ୍ଧ୍ର ବିପକ୍ଷ ମ୍ୟାଚ୍‌ରେ ୧୩୧ ରନର ଶତକୀୟ ପାଳି ଖେଳି କୋହଲି ଦିଲ୍ଲୀକୁ ଜିତାଇଛନ୍ତି। ରିକି ଭୁଇଙ୍କ ୧୨୨ ରନ୍‌ର ଶତକୀୟ ପାଳି ବଳରେ ଆନ୍ଧ୍ର ୨୯୯ ରନ୍‌ର ଟାର୍ଗେଟ ଛିଡ଼ା କରିଥିଲା। ଜବାବରେ ଦିଲ୍ଲୀ କୋହଲିଙ୍କ ଶତକ ଯୋଗୁ ୩୭.୪ ଓଭରରେ ୬ ଉଇକେଟ ହରାଇ ବିଜୟଲକ୍ଷ୍ୟ ହାସଲ କରିନେଇଥିଲା। କୋହଲିଙ୍କ ଇନିଂସରେ ୧୪ ଚୌକା ଓ ୩ ଛକା ସାମିଲ ଥିଲା। ଏହି ଅବସରରେ ସେ ଲିଷ୍ଟ-ଏ' କ୍ରିକେଟରେ ସଚିନ ତେନ୍ଦୁଲକରଙ୍କୁ ପଛରେ ପକାଇ ଦ୍ରୁତତମ ବ୍ୟାଟର ଭାବେ ୧୬ ହଜାର ରନ୍ ପୂରଣ କରିଛନ୍ତି। ୩୭ ବର୍ଷୀୟ କୋହଲି କ୍ୟାରିୟରର ୩୩୦ତମ ଇନିଂସ୍‌ରେ ଏହି ମାଇଲଷ୍ଟୋନ୍‌ରେ ପହଞ୍ଚିଥିବା ବେଳେ ସଚିନଙ୍କୁ ୧୬ ହଜାର ରନ୍ ପୂରଣ ପାଇଁ ୩୯୧ ଇନିଂସ ଲାଗିଥିଲା। ୧୫ ବର୍ଷ ବ୍ୟବଧାନ ପରେ ବିଜୟ ହଜାରେ ଟ୍ରଫିରେ ଖେଳୁଥିବା ଏହି ପୂର୍ବତନ ଅଧିନାୟକ ଆସନ୍ତା ୧୧ ତାରିଖରୁ ନ୍ୟୁଜିଲାଣ୍ଡ ବିପକ୍ଷରେ ଆରମ୍ଭ ହେବାକୁ ଯାଉଥିବା ଦିନିକିଆ ସିରିଜ୍ ଲାଗି ପ୍ରସ୍ତୁତ ହେଉଛନ୍ତି।

# ଫାଇନାଲରେ ଉତ୍କଳିକା ସ୍ପୋର୍ଟିଂ

**ସୋର, ୨୪।୧୨(ଜନ୍ମେଜୟ ମିଶ୍ର)**

ସୋର ବ୍ଲକ ବାଗୁଡ଼ିଠାରେ ଚାଲିଥିବା ମହାବୀର କ୍ଲବ ଆନୁକୂଲ୍ୟରେ ୨୭ତମ ସର୍ବଭାରତୀୟ ମହାବୀର କପ୍ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ

## ସର୍ବଭାରତୀୟ ମହାବୀର କପ କ୍ରିକେଟ

ସେମିଫାଇନାଲ ମ୍ୟାଚରେ ୟୁନିୟନ ସ୍ପୋର୍ଟିଂ ଝାଡ଼ଖଣ୍ଡକୁ ହରାଇ ଉତ୍କଳିକା ସ୍ପୋର୍ଟିଂ କ୍ଲବ ଭଦ୍ରକ ଫାଇନାଲରେ ପ୍ରବେଶ କରିଛି। ବୁଧବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ୟୁନିୟନ ସ୍ପୋର୍ଟିଂ ଝାଡ଼ଖଣ୍ଡ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବା ପାଇଁ ନିଷ୍ପତ୍ତି ନେଇଥିଲା। ଝାଡ଼ଖଣ୍ଡ ୨୨.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୨୮ରନ ସଂଗ୍ରହ କରିଥିଲା। ଜବାବରେ ଉତ୍କଳିକା ସ୍ପୋର୍ଟିଂ ୨୦.୪ ଓଭରରେ ୮ ଉଇକେଟ ହରାଇ ୧୩୦ରନ କରି ବିଜୟୀ ହୋଇଥିଲା। ଉତ୍କଳିକା ସ୍ପୋର୍ଟିଂର ସୋନମ ଓଝା ୫ ଓଭର ବୋଲିଂ କରି ୨୩ ରନ ଦେଇ ୪ ଉଇକେଟ ଅକ୍ତିଆର କରିଥିବା ବେଳେ ୧୮ଟି ବଲ୍‌ରେ ୧୧ ରନ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା। ମ୍ୟାଚକୁ ଓସିଏ ଲେଭଲ ଅମ୍ପାୟର ରଞ୍ଜନ ମହାନ୍ତି ଏବଂ ପ୍ରାଣନାଥ ଜେନା ପରିଚାଳନା କରିଥିଲେ। ଗୁରୁବାର ଫାଇନାଲ ୟୁନାଇଟେଡ୍ ୧୧ ଗଞ୍ଜାମ ଏବଂ ଉତ୍କଳିକା ସ୍ପୋର୍ଟିଂ କ୍ଲବ ଭଦ୍ରକ ମଧ୍ୟରେ ଅନୁଷ୍ଠିତ ହେବ।



# ସ୍ୱସ୍ତିକଙ୍କ ଦ୍ୱିଶତକ

ଭୁବନେଶ୍ୱର, ୨୪।୧୨(ତପନ ସ୍ୱାଇଁ)

ବିଜୟ ହଜାରେ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଦେଶର ବିଭିନ୍ନ ଭେନ୍ୟୁରେ ଆରମ୍ଭ ହୋଇଛି। ବେଙ୍ଗାଲୁରୁର ଅଲୁର ଷ୍ଟାଡିୟମ୍‌ରେ ସ୍ୱସ୍ତିକ୍ ସାମଲଙ୍କ ରେକର୍ଡ ଦ୍ୱିଶତକ ସତ୍ତ୍ୱେ ଓଡ଼ିଶା ଏହାର ପ୍ରଥମ ମ୍ୟାଚ୍‌ରେ ସୌରାଷ୍ଟ୍ର ନିକଟରୁ

## ବିଜୟ ହଜାରେ ଟ୍ରଫି
## ସୌରାଷ୍ଟ୍ରଠାରୁ ଓଡ଼ିଶା ପରାସ୍ତ

ହାରିଯାଇଛି। ସ୍ୱସ୍ତିକ୍‌ଙ୍କ ଦ୍ୱିଶତକ ଓ ଅଧିନାୟକ ବିପ୍ଳବ ସାମନ୍ତରାୟଙ୍କ ଶତକ ସହାୟତାରେ ଓଡ଼ିଶା ୫୦ ଓଭରରେ ୬ ଉଇକେଟ ହରାଇ ୩୪୫ ରନ୍ କରିଥିଲା। ଜବାବରେ ସୌରାଷ୍ଟ୍ର ସମର ଗଜ୍ଜରଙ୍କ ଅପରାଜିତ ଶତକ ସହାୟତାରେ ୪୮.୫ ଓଭରରେ ୫ ଉଇକେଟ ହରାଇ ୩୪୭ ରନ୍ ସଂଗ୍ରହ କରିନେଇଥିଲା। ତେବେ ଦ୍ୱିଶତକୀୟ ଇନିଂସ ପାଇଁ ସ୍ୱସ୍ତିକ୍‌ଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା।

### ଦ୍ୱିଶତକରେ ପ୍ରଥମ ଓଡ଼ିଆ

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ଟପ୍ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ହେଁ ସ୍ୱସ୍ତିକ୍ ଚମତ୍କାର ବ୍ୟାଟିଂକରି ଇନିଂସକୁ ଆଗେଇ ନେଇଥିଲେ। ପ୍ରଥମ ଓଡ଼ିଆ ଖେଳାଳିଭାବେ ସେ ଦ୍ୱିଶତକ ମଧ୍ୟ ହାସଲ କରିଥିଲେ। ଓମ୍ ଟି. ମୁଣ୍ଡେ ୪, ସନ୍ଦୀପ ପଟ୍ଟନାୟକ ୨ ଓ ଗୋବିନ୍ଦ ପୋଦ୍ଦାର ୯ ରନ୍‌କରି ଆଉଟ ହୋଇଥିଲେ ହେଁ ଏକାଗ୍ରତା ହରାଇ ନ ଥିଲେ ସ୍ୱସ୍ତିକ୍। ସେ ବିପ୍ଳବଙ୍କ ସହ ୪ର୍ଥ ଉଇକେଟରେ ୨୬୧ ରନ୍‌ର ଭାଗୀଦାରି ଗଢ଼ି ଦଳକୁ ଏକ ମଜଭୁତ ସ୍ଥିତିରେ ପହଞ୍ଚାଇଥିଲେ। ୧୬୯ ବଲ୍‌ର ସମ୍ମୁଖୀନ ହୋଇଥିବା ସ୍ୱସ୍ତିକ୍ ୨୧ ଚୌକା ଓ ୮ ଛକା ସହାୟତାରେ ୨୧୨ ରନ୍ ସ୍କୋର କରିଥିଲେ। ତାଙ୍କ ଷ୍ଟ୍ରାଇକ୍ ହାର ୧୨୫ ଉପରେ ରହିଥିଲା। ଏହି ଅବସରରେ ବିପ୍ଳବ ମଧ୍ୟ ଶତକ ପୂରଣ କରିଥିଲେ। ଲିଷ୍ଟ-ଏ କ୍ରିକେଟରେ ଏହା ଥିଲା ତାଙ୍କର ଦ୍ୱିତୀୟ ଶତକ। ସେ ୯୧ ବଲ୍‌ରୁ ୧୦୦(୭ ଚୌକା, ୩ ଛକା) ରନ୍‌କରି ଆଉଟ୍ ହୋଇଥିଲେ। ସୌରାଷ୍ଟ୍ର ପକ୍ଷରୁ ଅଙ୍କୁର ପନ୍‌ୱାର ୩ଟି, ଚିରାଗ ଜାନି ୨ଟି ଓ ପ୍ରେରକ ମଙ୍କଡ଼ ଗୋଟିଏ ଉଇକେଟ ନେଇଥିଲେ।



ସ୍ୱସ୍ତିକ ସାମଲ



ବିପ୍ଳବ ସାମନ୍ତରାୟ

### ପଦାର୍ପଣରେ ମ୍ୟାଚ ବିଜେତା

ବଡ଼ ସ୍କୋରର ପିଛା କରିଥିବା ସୌରାଷ୍ଟ୍ର ମାତ୍ର ୨୮ ରନ୍ ମଧ୍ୟରେ ୨ ଉଇକେଟ ହରାଇଥିଲେ ହେଁ ନିଜ ପ୍ରଥମ ପଦାର୍ପଣରେ ଗଜ୍ଜରଙ୍କ ଅପରାଜିତ ଶତକ ଏବଂ ବିଶବରାଜ ଜାଡେଜା ଓ ଚିରାଗ ଜାନିଙ୍କ ଅର୍ଦ୍ଧଶତକ ସହାୟତାରେ ୭ ବଲ୍ ବାକିଥାଇ ବିଜୟଲକ୍ଷ୍ୟ ହାସଲ କରି ନେଇଥିଲା। ଏଠାରେ ଲିଷ୍ଟ-ଏ ଡେବ୍ୟୁ କରିଥିବା ଗଜ୍ଜର ୧୧୮ ବଲ୍‌ରୁ ୧୨ ଚୌକା ଓ ୩ ଛକା ସହାୟତାରେ ୧୩୨ରେ ଅପରାଜିତ ରହି ମ୍ୟାଚ୍ ବିଜେତା ସାଜିଥିବାବେଳେ ଚିରାଗ ଜାନି ୮୬ ଓ ବିଶବରାଜ ୫୦ ରନ ସ୍କୋର କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ଦେବେନ୍ଦ୍ର ପ୍ରଧାନ ୩ଟି ଏବଂ ଗୋବିନ୍ଦ ପୋଦ୍ଦାର ଓ ବିପ୍ଳବ ସାମନ୍ତରାୟ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଏହି ମ୍ୟାଚ୍‌ରେ ଓଡ଼ିଶାର ସମ୍ବିତ୍ ବରାଳ, ବାଦଲ ବିଶ୍ୱାଳ ଏବଂ ଓମ୍ ଟି. ମୁଣ୍ଡେ ଲିଷ୍ଟ-ଏ କ୍ୟାରିୟର ଆରମ୍ଭ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ୫୦ ଓଭରରେ ୩୪୫/୬(ସ୍ୱସ୍ତିକ୍ ସାମଲ-୨୧୨, ବିପ୍ଳବ ସାମନ୍ତରାୟ-୧୦୦, ଅଙ୍କୁର ପନ୍‌ୱର-୩/୬୮, ଚିରାଗ ଜାନି-୨/୫୨, ପ୍ରେରକ ମଙ୍କଡ଼-୧/୩୮)। ସୌରାଷ୍ଟ୍ର ୪୮.୫ ଓଭରରେ ୩୪୭/୫(ସମର ଗଜ୍ଜର-୧୩୨, ଚିରାଗ ଜାନି-୮୬, ବିଶବରାଜ ଜାଡେଜା-୫୦, ପ୍ରେରକ ମଙ୍କଡ଼-୪୭, ଦେବବ୍ରତ ପ୍ରଧାନ-୩/୭୩, ଗୋବିନ୍ଦ ପୋଦ୍ଦାର-୧/୩୯, ବିପ୍ଳବ ସାମନ୍ତରାୟ-୧/୪୧)।

# ସୂର୍ଯ୍ୟବଂଶୀ, ଗାନିଙ୍କ ଶତକ: ବିହାରର ବିଶ୍ୱ ରେକର୍ଡ ୫୭୪/୬

**ରାଞ୍ଚି,୨୪।୧୨:** ଚଳିତ ବିଜୟ ହଜାରେ ଟ୍ରଫିରେ ବୁଧବାର ଦୁର୍ବଳ ଅରୁଣାଞ୍ଚଳ ପ୍ରଦେଶ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ବିହାର ଲିଷ୍ଟ-ଏ’ କ୍ରିକେଟ ଇତିହାସରେ ସର୍ବାଧିକ ଦଳଗତ ରନ କରିବାର ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛି। ବ୍ୟାଟିଂ ସେନ୍‌ସେଶନ ବୈଭବ ସୂର୍ଯ୍ୟବଂଶୀ ଓ ଅଧିନାୟକ ସକିବୁଲ ଗାନିଙ୍କ ଶତକ ବଳରେ ବିହାର ୫୦ ଓଭରରେ ୬ ଉଇକେଟ ହରାଇ ୫୭୪ ରନ୍ କରିଥିଲା। ଏଥିପୂର୍ବରୁ ଲିଷ୍ଟ-ଏ’ କ୍ରିକେଟରେ ସର୍ବାଧିକ ରନ କରିବାର ରେକର୍ଡ ତାମିଲନାଡୁ ନାମରେ ଥିଲା। ୨୦୨୨ ବିଜୟ ହଜାରେ ଟ୍ରଫିରେ ଅରୁଣାଞ୍ଚଳ ପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ତାମିଲନାଡୁ ୨ ଉଇକେଟ ହରାଇ ୫୦୬ ରନ୍ କରିଥିଲା।

ମ୍ୟାଚ୍‌ରେ ବିହାର ଅଧିନାୟକ ସାକିବୁଲ ଗାନି ୪୦ ବଲରେ ଅପରାଜିତ ୧୨୮ ରନ କରିଥିଲେ। ସେ ୩୨ ବଲ୍‌ରେ ତାଙ୍କର ଶତକ ପୂରଣ କରିଥିଲେ, ଯାହାକି ଲିଷ୍ଟ-ଏ’ କ୍ରିକେଟରେ ଭାରତୀୟ ବ୍ୟାଟରଙ୍କ ମଧ୍ୟରେ ଦ୍ରୁତତମ। ଏହି ରେକର୍ଡ ପୂର୍ବରୁ ଅନ୍‌ମୋଲପ୍ରୀତ ସିଂଙ୍କ ନାମରେ ଥିଲା। ସେ ଗତ ସିଜନରେ ୩୫ ବଲ୍‌ରେ ଶତକ କରିଥିଲେ। ଗାନି କ୍ରିଜ୍‌କୁ ଓହ୍ଲାଇବା ପୂର୍ବରୁ ୧୪ ବର୍ଷୀୟ ସୂର୍ଯ୍ୟବଂଶୀ ୮୪ ବଲରେ ୧୯୦ ରନ୍‌ର ଇନିଂସ ଖେଳିଥିଲେ। ତଙ୍କ ଇନିଂସ୍‌ରେ ୧୫ ଛକା ଓ ୧୬ ଚୌକା ସାମିଲ ଥିଲା ଏବଂ ସେ ୩୬ତମ ବଲ୍‌ରେ ଶତକ ପୂରଣ କରିଥିଲେ। ଏହି ଅବସରରେ ସେ ୧୪ ବର୍ଷ, ୨୭୨ ଦିନ ବୟସରେ ସର୍ବକନିଷ୍ଠ କ୍ରିକେଟର ଭାବେ ଲିଷ୍ଟ-ଏ’ କ୍ରିକେଟରେ ଶତକ ପୂରଣ କରିଛନ୍ତି। ତାଙ୍କ ବ୍ୟତୀତ ଆୟୁଷ ଲୋହାରୁକା ୫୬ ବଲରେ ୧୧୬ ରନ୍ କରିଥିଲେ।

# ଓଡ଼ିଶାର କ୍ରମାଗତ ଦ୍ୱିତୀୟ ବିଜୟ

## ସନ୍ତୋଷ ଟ୍ରଫି ଫୁଟ୍‌ବଲ

ଭୁବନେଶ୍ୱର, ୨୪।୧୨(ତପନ ସ୍ୱାଇଁ)

ଛତିଶଗଡ଼ର ନରେନପୁରରେ ଚାଲିଥିବା ୭୯ତମ ଜାତୀୟ ଫୁଟ୍‌ବଲ ଚାମ୍ପିୟନଶିପ୍ ସନ୍ତୋଷ ଟ୍ରଫିରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଶ୍ରୀକାନ୍ତ ଗଡ଼ବାଙ୍କ ଡବଲ ଗୋଲ ବଳରେ ଓଡ଼ିଶା ନିଜର ପ୍ରଥମ ମ୍ୟାଚ୍‌ରେ ମଧ୍ୟପ୍ରଦେଶକୁ ୪-୦ରେ ହରାଇଥିବାବେଳେ ବୁଧବାର ଅନୁଷ୍ଠିତ ମ୍ୟାଚ୍‌ରେ ୧-୦ ଗୋଲରେ ତେଲଙ୍ଗାନାକୁ ପରାସ୍ତ କରିଛି। ମ୍ୟାଚ୍‌ଟି ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ତେଲଙ୍ଗାନା କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ହେଁ ୪୨ତମ ମିନିଟ୍‌ରେ ଅଧିନାୟକ କାର୍ତ୍ତିକ ହନ୍ତାଳ ଦେଇଥିବା ଗୋଲ୍‌ଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ତେଲଙ୍ଗାନା ଖେଳାଳିମାନେ ଅନେକ ଉଦ୍ୟମ କରିଥିଲେ ହେଁ ଗୋଲ୍‌ଟି ପରିଶୋଧ କରିପାରି ନ ଥିଲେ। ୨ ମ୍ୟାଚରୁ ୬ ପଏଣ୍ଟ ପାଇ ଓଡ଼ିଶା ଗ୍ରୁପ୍ ‘ଏଫ୍’ର ଶୀର୍ଷସ୍ଥାନ ଅଧିକାର କରିଛି। ଅନ୍ୟପକ୍ଷରେ ତେଲଙ୍ଗାନା ୨ ମ୍ୟାଚରୁ ପ୍ରଥମ ପରାଜୟ ବରଣ କରିଛି। ଓଡ଼ିଶା ଏହାର ପରବର୍ତ୍ତୀ ତଥା ଶେଷ ଲିଗ୍ ମ୍ୟାଚ୍ ଛତିଶଗଡ଼ ବିପକ୍ଷରେ ଖେଳିବ। ଆସନ୍ତା ୨୬ ତାରିଖରେ ଏହି ମ୍ୟାଚ୍ ଖେଳାଯିବ।

# ଫାଇନାଲରେ ଏଏସ୍ ଏକାଡେମୀ ରାଉରକେଲା

ଦେବଗଡ଼, ୨୪।୧୨
(ଶଶାଙ୍କ ଶେଖର ଝାଙ୍କର)

ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ଚାଲିଥିବା ୩୫ତମ ବାମଣ୍ଡା କପ୍ କ୍ରିକେଟ୍ ଟୁର୍ନାମେଣ୍ଟରେ ବୁଧବାର ଖେଳାଯାଇଥିବା ଗ୍ରୁପ୍ ଏ’ର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଏ.ଏସ୍. ଏକାଡେମୀ ରାଉରକେଲା ୪୦ ରନରେ ଇକୋର୍ଷା ଖୋର୍ଦ୍ଧାକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି।

## ବାମଣ୍ଡା କପ୍ କ୍ରିକେଟ

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାଉରକେଲା ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୨୦୩ ରନ କରିଥିଲା। ଦଳ ପକ୍ଷରୁ ଜୈକାନ୍ତ କାଇୱାର୍ଥ ୪୭, ଶୁଭମ୍ ରାଉତରାୟ ଓ ବିକାଶ ଦୀକ୍ଷିତ ୩୦ ଲେଖାଏ ରନ୍ କରିଥିବା ବେଳେ ଖୋର୍ଦ୍ଧା ଦଳର ଜୟନ୍ତ ବେହେରା ୫ଟି ଓ କୌଶଳ ୨ଟି ଉଇକେଟ ନେଇଥିଲେ। ଜବାବରେ ଖୋର୍ଦ୍ଧା ଦଳ ୨୦ ଓଭରରେ ୧୬୩ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଆଦିତ୍ୟ ରାଉତ ୪୦ ଓ ଏମ୍. ପାଣ୍ଡେ ୪୦ ରନ୍ ସଂଗ୍ରହ କରିଥିଲା ବେଳେ ରାଉରକେଲା ପାଇଁ ବିକାଶ ଦୀକ୍ଷିତ ୪ଟି ଏବଂ ରୌଶନ ୨ଟି ଉଇକେଟ ନେଇଥିଲେ। ମ୍ୟାଚ୍‌କୁ ଅମ୍ପାୟର ସତ୍ୟ ପ୍ରସାଦ ରଥ ଓ ସୌମ୍ୟଦର୍ଶନ ମହାନ୍ତି ପରିଚାଳନା କରିଥିବା ବେଳେ ରୋମି ନାୟକ ଓ ରିତିକ୍ ଦେହୁରୀ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ବେଣୁଧର ଗଡ଼ନାୟକ ଓ ଦିଲ୍ଲୁ ଦଶଭାୟା ଧାରା ବିବରଣୀ ପ୍ରଦାନ କରିଥିଲେ। ମ୍ୟାଚ୍‌ରେ ରାଉରକେଲା ଦଳର ବିକାଶ ଦୀକ୍ଷିତଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ମ୍ୟାଚ୍ ଆରମ୍ଭରୁ ବରିଷ୍ଠ କ୍ରୀଡ଼ାବିତ୍ ହେମନ୍ତ କୁମାର ମହାପାତ୍ର, ମନୋଜ ଶତପଥୀ ଓ ଆଇନଜୀବୀ ଦିଲୀପ କୁମାର ଗୁରୁ ଅତିଥି ଭାବେ ଯୋଗଦେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର, ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ଧୀରେନ୍ଦ୍ର ନାୟକ ଓ ଆଇନଜୀବୀ ତନୁ କୁମାର ପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ବାମଣ୍ଡା କ୍ରିକେଟ କ୍ଲବ୍‌ର ସଭାପତି ଅଶୋକ କୁମାର ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ସତ୍ୟନାରାୟଣ ପାଣି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅନ୍ୟତମ ଉପସଭାପତି ସୁଜିତ କୁମାର ପ୍ରଧାନ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିମାନେ ବିକାଶ ଦୀକ୍ଷିତଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ 52 Years
ପୃଷ୍ଠା–୮+୮
# ଧରିତ୍ରୀ DHARITRI
ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୨୫/୨୦୨୫ (୮+୮=୧୬ ପୃଷ୍ଠା) Bhubaneswar, Thursday, December 25/2025 Page 16 ₹ 7.00 | BALASORE
୫୨ଶ ଭାଗ ୩୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 32 ମୂଲ୍ୟ₹୭/-

DADLS - 72





## ପବିତ୍ର ବଡ଼ଦିନ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ବଡ଼ଦିନ ପର୍ବ ହେଉଛି ଶାନ୍ତି, ମୈତ୍ରୀ ଓ ମାନବତାବାଦର ପର୍ବ । ଏହି ଅବସରରେ ମୁଁ ଓଡ଼ିଶାର ସମସ୍ତଙ୍କୁ ବିଶେଷତଃ ଖ୍ରୀଷ୍ଟିଆନ୍ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ଶ୍ରୀ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ହରି ବାବୁ କମ୍ଭମପାଟି)





## ପବିତ୍ର ବଡ଼ଦିନ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ବଡ଼ଦିନ ଉପଲକ୍ଷେ ରାଜ୍ୟବାସୀ ବିଶେଷ କରି ଖ୍ରୀଷ୍ଟଧର୍ମାବଲମ୍ବୀ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି ଏବଂ ଏକ ସମୃଦ୍ଧ ଓ ସଶକ୍ତ ଓଡ଼ିଶା ଗଠନରେ ସମସ୍ତଙ୍କ ସହଯୋଗ କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/1295/2526

DADLS - 74





## ସୁଶାସନ ଦିବସ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

୨୫ ଡିସେମ୍ବର ୨୦୨୫

ଏମ୍ସ - ଭୁବନେଶ୍ୱର ପରିସରରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପୋଖରୀପୁଟରେ ଆୟୋଜିତ ରକ୍ତଦାନ ଶିବିରରେ ମୁଖ୍ୟମନ୍ତ୍ରୀଙ୍କ ଯୋଗଦାନ

ଅଟଳ ବିହାରୀ ବାଜପେୟୀଙ୍କ ଜୀବନୀ ଆଧାରିତ ଫଟୋଚିତ୍ର ପ୍ରଦର୍ଶନୀ ତଥା ସାଧାରଣ ସଭା

ମୁଖ୍ୟ ଅତିଥି

**ଶ୍ରୀଯୁକ୍ତ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସଦସ୍ୟ ଉପସ୍ଥିତି

**ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ**
ସାଂସଦ, ଭୁବନେଶ୍ୱର

**ଶ୍ରୀଯୁକ୍ତ ବାବୁ ସିଂ**
ବିଧାୟକ, ଏକାମ୍ର-ଭୁବନେଶ୍ୱର

**ଶ୍ରୀଯୁକ୍ତ ମନମୋହନ ସାମଲ**
ବରିଷ୍ଠ ରାଜନେତା

- ପାରଦର୍ଶିତା ଓ ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରିବା ପାଇଁ ସି.ଏମ୍. ଡାସ୍ ବୋର୍ଡ଼ର ଲୋକାର୍ପଣ
- ଜିଲ୍ଲା ଓ ବ୍ଲକ୍‌ସ୍ତରର ବିଭାଗୀୟ କାର୍ଯ୍ୟାଳୟରେ OSWAS (ପେପର୍ ଲେସ୍)ର କାର୍ଯ୍ୟାନ୍ୱୟନ
- ଉନ୍ନତ ମାନର ଚିକିତ୍ସା ସେବା ତଥା ଜଳଯୋଗାଣ ସମ୍ପର୍କିତ ତଥ୍ୟ ପାଇଁ ଜନସେବାରେ ସମର୍ପିତ ଆମ ସାଥୀ ୟୁନିଫାଇଡ୍ ହ୍ୱାଟସ୍‌ଆପ୍ ଚାଟ୍ ବଟ୍ ଲୋକାର୍ପଣ

ପୂର୍ବାହ୍ନ ୧୧.୩୦ ମିନିଟ୍ | କୃଷି ଶିକ୍ଷା ସଦନ, ଓୟୁଏଟି, ଭୁବନେଶ୍ୱର

ସୂଚନା ଏବଂ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

OIPR- 15001/13/1302/2526

ଶେଷ ପାଦରେ ୨୦୨୫। ଚଳିତବର୍ଷ ମନୋରଞ୍ଜନ ଦୁନିଆରେ ଅନେକ ଘଟଣା ଘଟିଯାଇଛି । ଏ ବର୍ଷ ଓଲିଉଡ୍, ବଲିଉଡ୍ ଏବଂ ହଲିଉଡ୍‌ରେ ଘଟିଥିବା ପ୍ରମୁଖ ଘଟଣାବଳୀ ବିଷୟରେ ସୂଚନା...

# ପରଦା



'ଚ୍ୟାଲେଞ୍ଜ' ଫିଲ୍ମରେ ଏଲିନା-ଅର୍ଦ୍ଧେନ୍ଦୁ

## ମୁକ୍ତିଲାଭ କରିଥିବା ଓଡ଼ିଆ ଚଳଚ୍ଚିତ୍ର

ଗତ କିଛି ବର୍ଷ ଧରି ପ୍ରାୟ ୩୦ରୁ ଅଧିକ ସିନେମା ପରଦା ଉପରକୁ ଆସିଥିଲା । କିନ୍ତୁ ସଫଳତାର କଥା ଉଠିଲେ ଏହି ସଂଖ୍ୟା କେତୋଟି ହାତଗଣତି ହେବ । ଚଳିତ ବର୍ଷ ମୋଟ ୩୬ଟି ସିନେମା ମୁକ୍ତିଲାଭ କରିଛି । ସେଗୁଡିକ ହେଲା- 'ୱାଇଫ'(ବର୍ଷା ପ୍ରିୟଦର୍ଶିନୀ), 'ରଙ୍ଗଶୁର' (ସୂର୍ଯ୍ୟମୟୀ), 'ବଇଦ' (ଶୁଭାଙ୍ଗୀ ହରିଚନ୍ଦନ, ସାଇଶ୍ରୀତ ଦାସ), 'ଆଞ୍ଜେଲ' (ପାର୍ଥସାରଥି ରାୟ, କାବ୍ୟା କିରନ୍), 'ସନାତନୀ' (ସମ୍ପିତ ଆଚାର୍ଯ୍ୟ, ଆର୍ଲିନ ଅଙ୍କିତା), 'ମିଶିରି' (ପ୍ରସନ୍ନଜିତ ମହାପାତ୍ର), 'ଭାଲେଣ୍ଟାଇନ୍' (ସମ୍ପିତ କୁମାର ସାହୁ, ବର୍ଷା), 'ଘମାଘୋଟ' (ସନୋଜ କୁମାର, ଜୟଶ୍ରୀ ଷଡ଼ଙ୍ଗୀ), 'ଶିମଲୀ' (ମନୋଜ ରାଉତ, ସୂର୍ଯ୍ୟମୟୀ), 'ଆଜିର ରେବତୀ' (ଶୀତଲ ପାତ୍ର), 'ଉଷ୍ଟବିନ୍' (ପପୁ ପମ୍‌ପମ୍, ପ୍ରାଚୀ), 'ପାଦେ ଆକାଶ' (ଅର୍ଚ୍ଚିତା ସାହୁ), 'ରାକେଟ୍' (ଦୁଷ୍ମନ୍ତ ପଣ୍ଡା, ଆର୍ଲିନ ଅଙ୍କିତା), '୧୯୯୯ : ଏକ ସଂଗୁପ୍ତ କାହାଣୀ' (ଡା. ମନୋଜ କୁମାର ମିଶ୍ର), 'ତୁମେ ନ ଥିଲେ' (ଶୁଭାଶିଷ ଶର୍ମା), 'ଭାବାନ୍ତର' (ଅଭିଷେକ ଗିରି, ସୂର୍ଯ୍ୟମୟୀ), 'ଫାଷ୍ଟ ଲଭ୍' (ଶୈଳେନ୍ଦ୍ର ସାମନ୍ତରାୟ, ବିଦ୍ୟା ମହାନ୍ତି), 'ବୋଉ ବୁଟୁ ଭୂତ' (ବାବୁସାନ୍, ଅର୍ଚ୍ଚିତା), 'ଅନନ୍ତା' (ସବ୍ୟସାଚୀ, ସୂର୍ଯ୍ୟମୟୀ), 'ଶ୍ରୀଜଗନ୍ନାଥଙ୍କ ନବକଳେବର' (ସିଦ୍ଧାନ୍ତ ମହାପାତ୍ର, ଜ୍ୟୋତି ନାୟକ, ଶିବାନୀ), 'ଆଇ ଆମ୍ କାଳିଆ' (ହରିହର ମହାପାତ୍ର, ଆନିୟା), 'ଇନ୍ଦ୍ରଧନୁ'(ଅଭିଷେକ ଗିରି, ସୁଧାଶ୍ରୀ ମଧୁସ୍ମିତା), 'ଛି ରେ ନନୀ' (ଶୈଳେନ୍ଦ୍ର ସାମନ୍ତରାୟ, ଶିବାନୀ), 'ଡେଲିଭରି ବୟ ୨' (ବୁଦ୍ଧାଦିତ୍ୟ, ଅର୍ଚ୍ଚିତା), 'ଲହରି' (ଚୌଧୁରୀ ବିକାଶ ଦାସ, ଦ୍ୱୀପନ୍ୱିତ ମହାପାତ୍ର), 'ଚାରିଧାମ' (ଅନୁଭବ, ଡା. ଅନୁରାଧା ପାଣିଗ୍ରାହୀ), 'ଚ୍ୟାଲେଞ୍ଜ' (ଅର୍ଦ୍ଧେନ୍ଦୁ ସାହୁ, ଏଲିନା ପ୍ରିୟଦର୍ଶିନୀ, ପୁନିତ ଇସାର), 'ବାସ୍ତବ' (ତୁଷାର ବେଦୀ, ଅଙ୍କିତା ଦାଶ), 'ଶମ୍ଭୁ' (ଶୁଭମ, ତମନ୍ନା, ପୀୟୂଷ ତ୍ରିପାଠୀ), 'ସାର୍' (ସମରେଶ ରାଉତରାୟ), 'ଦର୍ପଣ' (ଅଙ୍କିତ କୁମାର, ତୃପ୍ତି ମିରାମ୍ବିକା, ଭାରତ ପୁଷ୍ପରାଗ), 'ମିସ୍ କଲ୍ ଫ୍ରେଣ୍ଡ' (ଅମ୍ଲାନ, ରିୟା), 'ନନ୍ଦ ମାଷ୍ଟ୍ରଙ୍କ ଚାଟଶାଳୀ (ସାଇଶ୍ରେଷ୍ଠ ଦାସ, ନିତ୍ୟାଶା ପଟ୍ଟନାୟକ), 'ମହାକାଳ'(ଦେବ୍-ମୋନାଲି) ଏବଂ 'ମୋଟରସାଇକେଲ' (ଜ୍ୟୋତି ନାୟକ) । ଅନ୍ୟପକ୍ଷରେ ନବାଗତ ଲୋହିତାକ୍ଷ ପଟ୍ଟନାୟକ ଏବଂ ଅଭିଲିପ୍ସା ଅଭିନୀତ 'ଲଢ଼େଇ'ଚଳିତ ମାସ ୩୧ରେ ରିଲିଜ ହେବାର ଯୋଜନା ରହିଛି ।

## ମୋହନ ଲାଲଙ୍କୁ ଦାଦା ସାହେବ ଫାଲ୍‌କେ ପୁରସ୍କାର

ଭାରତୀୟ ସିନେମାକୁ ସ୍ମରଣୀୟ ଅବଦାନ ପାଇଁ ବିଶିଷ୍ଟ ମାଲୟାଲମ ଅଭିନେତା ମୋହନ ଲାଲଙ୍କୁ ଚଳିତ ବର୍ଷର ସମ୍ମାନଜନକ ଦାଦା ସାହେବ ଫାଲ୍‌କେ ପୁରସ୍କାର ପ୍ରଦାନ କରାଯାଇଛି । ୬୫ବର୍ଷ ବୟସ୍କ ଏହି ଅନ୍ୟତମ ଲୋକପ୍ରିୟ ଅଭିନେତା ତେଲୁଗୁ, ତାମିଲ ଏବଂ ହିନ୍ଦୀ ସିନେମାରେ ମଧ ଅଭିନୟ କରିଛନ୍ତି । ୧୯୭୮ରୁ ଏପର୍ଯ୍ୟନ୍ତ ଅଭିନୟ ସହ ସେ ଜଡ଼ିତ ଅଛନ୍ତି । ୨୦୦୧ରେ ପଦ୍ମଶ୍ରୀ ଏବଂ ୨୦୧୯ରେ ପଦ୍ମବିଭୂଷଣ ଉପାଧି ତାଙ୍କୁ ପ୍ରଦାନ କରାଯାଇଥିଲା ।



ମୋହନ ଲାଲ୍

## ଅଲ୍‌ବିଦା ଉତ୍ତମ



ଓଡ଼ିଆ ସିନେମା ଜଗତର ବେତାଜ ବାଦଶାହା ତଥା ସୁପରଷ୍ଟାର ଉତ୍ତମ ମହାନ୍ତି ଚଳିତ ବର୍ଷ ପରଲୋକ ଗମନ କରିଥିଲେ । 'ଅଭିମାନ' ସିନେମାରୁ ତାଙ୍କର ବଡ଼ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା ।

## ପରପାରିରେ ହ୍ୟୁମାନ

ଚଳିତ ବର୍ଷ ସତେଯେମିତି ଓଡ଼ିଆ ସିନେମା ଜଗତ ପାଇଁ ଏକ ଅଭିଶପ୍ତ ବର୍ଷ ଥିଲା । ଯୁବ ଗାୟକ ହ୍ୟୁମାନ ସାଗର ହଠାତ୍ ଅସୁସ୍ଥ ହୋଇପଡ଼ିବା ସହ ମୃତ୍ୟୁ ସହ କିଛି ଦିନ ସଂଘର୍ଷ କରି ଶେଷରେ ଜୀବନ ଯୁଦ୍ଧରେ ହାରି ଯାଇଥିଲେ । ଏଭଳି ଜଣେ ଲୋକପ୍ରିୟ ଗାୟକ ମାତ୍ର ୩୪ ବର୍ଷ ବୟସରେ ଅଫେରା ରାଇଜକୁ ଚାଲିଯାଇଛନ୍ତି ।

## ଓସ୍କାର ପୁରସ୍କାର

ଚଳିତ ବର୍ଷର ସମ୍ମାନଜନକ ଓସ୍କାର ପୁରସ୍କାରରେ 'ଓନାରା' ଫିଲ୍ମକୁ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବରେ ପୁରସ୍କୃତ କରଯାଇଛି । ଏହି ଫିଲ୍ମ ପାଇଁ ମିକ୍କି ମ୍ୟାଡିସନ୍ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ହାସଲ କରିଛନ୍ତି । ଅନ୍ୟପକ୍ଷରେ 'ଦ ବ୍ରୁଟାଲିଷ୍ଟ' ଫିଲ୍ମ ପାଇଁ ଆଡ୍ରିନ ବ୍ରୋଡି ଶ୍ରେଷ୍ଠ ଅଭିନେତା, ସିନ୍ ବାକିର (ଓନାରା) ଶ୍ରେଷ୍ଠ ନିର୍ଦ୍ଦେଶକ, କିରାନ୍ କୁଲକିନ୍ (ଏ ରିୟଲ ପେନ୍) ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା, ଜୋଇ ସାଲ୍‌ଡାନା (ଇମିଲା ପିରିଜ) ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ, 'ଫ୍ଲୋ' ଶ୍ରେଷ୍ଠ ଆନିମେଟେଡ ଫିଲ୍ମ ଏବଂ ଲୋଲ୍ କ୍ରାଉଲି (ଦ ବ୍ରୁଟାଲିଷ୍ଟ)ଙ୍କୁ ଶ୍ରେଷ୍ଠ ସିନେମାଟୋଗ୍ରାଫର ଭାବରେ ପୁରସ୍କାର ପ୍ରଦାନ କରାଯାଇଛି ।

## ପରଲୋକରେ...

ଚଳିତ ବର୍ଷ ଓଡ଼ିଆ ସିନେମା ସହ ଜଡ଼ିତ କେତେଜଣ ବ୍ୟକ୍ତିଙ୍କର ପରଲୋକ ଘଟିଥିଲା । ଏ ବର୍ଷ ପ୍ରଯୋଜକ ଜ୍ଞାନରଞ୍ଜନ ପ୍ରିୟଦର୍ଶନ, ରବୀନ୍ଦ୍ର ମୋହନ ସାହୁ ଏବଂ ନଗେନ ସାହୁଙ୍କର ପରଲୋକ ଘଟିଛି । ଅନ୍ୟପକ୍ଷରେ ବିଶିଷ୍ଟ ଗୀତିକାର, ସଂଳାପକାର ଏବଂ ଚିତ୍ରନାଟ୍ୟ ରଚୟିତା ବୃନ୍ଦାବନ ଜେନା, ଅଭିନେତା-ନିର୍ଦ୍ଦେଶକ ନାରାୟଣ ପତି, ଅଭିନେତା ଭିକାରୀ ସ୍ୱାଇଁ ଏବଂ ଅପେରା ଜଗତର ଯୁବ ତଥା ଅନ୍ୟତମ ଲୋକପ୍ରିୟ ଯାତ୍ରା ହାସ୍ୟାଭିନେତା ଗୁରୁ ପୁଷ୍ଟିଙ୍କର ପରଲୋକ ଘଟିଛି ।

### ବିବାହ ବନ୍ଧନରେ ଜ୍ୟୋତି

ଅଭିନେତା ଜ୍ୟୋତି ନାୟକ ଚଳିତ ବର୍ଷ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି । ଧାରାବାହିକ ଅଭିନେତ୍ରୀ ସୀମରନ୍ ମହାରଣାଙ୍କୁ ସେ ପତ୍ନୀ ଭାବରେ ଗ୍ରହଣ କରିଛନ୍ତି । ଜ୍ୟୋତି ବଡ ପରଦାକୁ ନେଇ ବ୍ୟସ୍ତ ଥିବା ବେଳେ ସୀମରନ୍ ଧାରାବାହିକରେ ଅଭିନୟ କରିଛନ୍ତି ।

## ଶାହରୁଖଙ୍କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର



ଶାହରୁଖ

'ଜୱାନ' ଫିଲ୍ମରେ ନିଖୁଣ ଅଭିନୟ ଲାଗି ବଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ଶାହରୁଖ ଖାନ୍‌ଙ୍କୁ ପ୍ରଥମ ଥର ପାଇଁ ସମ୍ମାନଜନକ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ମିଳିଛି । ଅନ୍ୟପକ୍ଷରେ ଚଳିତବର୍ଷ ପ୍ରଦାନ କରାଯାଇଥିବା ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ରାଣୀ ମୁଖାର୍ଜୀଙ୍କୁ 'ମିସେସ୍ ଚାଟାର୍ଜୀ ଭର୍ସେସ ନରୱେ' ପାଇଁ ଶ୍ରେଷ୍ଠ ଅଭିନେତ୍ରୀ, ବିଧୁ ବିନୋଦ ଚୋପ୍ରାଙ୍କ ନିର୍ଦ୍ଦେଶିତ 'ଟୁଏଲ୍‌ଭ୍‌ଥ ଫେଲ୍' ଶ୍ରେଷ୍ଠ ଫିଚର ଫିଲ୍ମ ଏବଂ 'ଦ କେରଳ ଷ୍ଟୋରି' ପାଇଁ ସୁଦୀପ୍ତ ସେନ୍‌ଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ଏବଂ କରନ୍ ଜୋହରଙ୍କ 'ରକି ଔର ରାନୀ କି ପ୍ରେମ କାହାନୀ'କୁ ଶ୍ରେଷ୍ଠ ଲୋକପ୍ରିୟ ଫିଲ୍ମ ଭାବରେ ପୁରସ୍କାର ମିଳିଛି ।

## ଆଇଫାରେ ବାଜିମାତ୍ କଲା 'ଲାପତା ଲେଡିଜ'

କିରନ୍ ରାଓଙ୍କ ନର୍ଦ୍ଦେଶିତ 'ଲାପତା ଲେଡିଜ୍' ଚଳିତବର୍ଷର ଆଇଫା (ଇଣ୍ଟରନ୍ୟାଶନାଲ ଇଣ୍ଡିଆନ ଫିଲ୍ମ ଏକାଡେମୀ ଆୱାର୍ଡ) ପୁରସ୍କାର ସମାରୋହରେ ବାଜିମାତ୍ କରିଛି । ଏହି ଫିଲ୍ମ ଏଠାରେ ମୋଟ ୧୦ଟି ପୁରସ୍କାର ହାତେଇବାରେ ସକ୍ଷମ ହୋଇଛି । ଉକ୍ତ ସିନେମା ଶ୍ରେଷ୍ଠ ଫିଲ୍ମ, ଶ୍ରେଷ୍ଠ ନିର୍ଦ୍ଦେଶିକା ଏବଂ ଶ୍ରେଷ୍ଠ ନାୟିକା ଭଳି ମୁଖ୍ୟ ପୁରସ୍କାର ହାସଲ କରିଥିଲା । 'ଭୁଲ ଭୁଲେୟା ୩' ପାଇଁ କାର୍ତ୍ତିକ ଆର୍ଯ୍ୟନଙ୍କୁ ଶ୍ରେଷ୍ଠ ଅଭିନେତା ଭାବରେ ପୁରସ୍କୃତ କରାଯାଇଛି ।



'ଲାପତା ଲେଡିଜ୍' ଫିଲ୍ମର ଏକ ଦୃଶ୍ୟ

## 'ପୁଷ୍କରା'କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର

ଚଳିତ ବର୍ଷ ପ୍ରଦାନ କରାଯାଇଥିବା ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ପୁଣି ଥରେ ଓଡ଼ିଆ ସିନେମା ବାଜିମାତ୍ କରିଛି । ଏହି ଫିଲ୍ମଟି ହେଉଛି 'ପୁଷ୍କରା' । ଶଙ୍କର ତ୍ରିପାଠୀଙ୍କ ମୂଳ ଉପନ୍ୟାସ 'ନାଦବିନ୍ଦୁ'କୁ ଆଧାର କରି ଏହାକୁ ନିର୍ମାଣ କରାଯାଇଛି,ଯାହାର ନାୟକ ଭୂମିକାରେ ଅଭିନୟ କରିଛନ୍ତି ସବ୍ୟସାଚୀ ମିଶ୍ର । ଶ୍ରେଷ୍ଠ ଓଡ଼ିଆ ଫିଚର ଫିଲ୍ମ ଭାବରେ ପୁରସ୍କୃତ ତଥା ତରଙ୍ଗ ସିନେ ପ୍ରଡକ୍ସନ ଦ୍ୱାରା ପ୍ରସ୍ତୁତ ଏହି ସିନେମାଟିର ନିର୍ଦ୍ଦେଶନା ଦେଇଛନ୍ତି ଶୁଭ୍ରାଂଶୁ । ଏଥିରେ ସୁପ୍ରିୟା ନାୟକ ଏବଂ ଚୌଧୁରୀ ବିକାଶ ଦାସ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି । ଏଥିରେ ପୁରୀର ଜାଗାଘର, ସାହିଯାତ ଏବଂ ଡଙ୍ଗାଭସା ପରମ୍ପରାକୁ ବେଶ୍ ସୁନ୍ଦର ଭାବରେ ଚିତ୍ରାୟିତ କରାଯାଇଛି ।



'ପୁଷ୍କରା' ଫିଲ୍ମରେ ସୁପ୍ରିୟା-ସବ୍ୟସାଚୀ

## ପୁଣି ବାଜି ମାରିଲେ ଆଲିଆ

ଚଳିତବର୍ଷ ଆଲିଆ ଭଟ୍ଟଙ୍କୁ ଫିଲ୍ମ ଫେୟାର ପୁରସ୍କାରରେ ଶ୍ରେଷ୍ଠ ଅଭିନେତ୍ରୀ (ଜିଗରା) ଭାବରେ ପୁରସ୍କୃତ କରାଯାଇଛି । କାର୍ତ୍ତିକ ଆର୍ଯ୍ୟନ (ଚନ୍ଦୁ ଚାମ୍ପିୟନ) ଏବଂ ଅଭିଷେକ ବଚ୍ଚନ (ଆଇ ୱାଣ୍ଟ ଟୁ ଟକ୍)ଙ୍କୁ ମିଳିତ ଭାବରେ ଶ୍ରେଷ୍ଠ ଅଭିନେତା ପୁରସ୍କାର ମିଳିଛି । ହେଲେ କିରନ୍ ରାଓଙ୍କ ନିର୍ଦ୍ଦେଶିତ 'ଲାପତା ଲେଡିଜ୍'କୁ ଶ୍ରେଷ୍ଠ ଫିଲ୍ମ ବ୍ୟତୀତ ବିଭିନ୍ନ ବର୍ଗରେ ୧୨ଟି ପୁରସ୍କାର ମିଳିଥିଲା ।





'ଫାଷ୍ଟ ଲଭ୍' ଫିଲ୍ମରେ ବିଦ୍ୟା-ଶୈଳେନ୍ଦ୍ର

## ଆରପାରିରେ

ଚଳିତବର୍ଷ ବଲିଉଡ୍ ପାଇଁ ଏକ ଦୁଃଖଦ ବର୍ଷ ଥିଲା । ବର୍ଷୀୟାନ ଅଭିନେତା ମନୋଜ କୁମାର, ଧର୍ମେନ୍ଦ୍ର, ବିଶିଷ୍ଟ ହାସ୍ୟାଭିନେତା ଆସରାନୀ ଏବଂ ସତୀଶ ଶାହା ମଧ ଏବର୍ଷ ପରପାରି ଗମନ କରିଥିଲେ । ଅନ୍ୟପକ୍ଷରେ ଲୋକପ୍ରିୟ ପୌରାଣିକ ଧାରାବାହିକରେ 'କର୍ଣ୍ଣ' ଭୂମିକା ପାଇଁ ଖ୍ୟାତ ପଙ୍କଜ ଧୀର ମଧ ଏବର୍ଷ ମୃତ୍ୟୁବରଣ କରିଥିଲେ । ୨୦୦୨ରେ ହିନ୍ଦୀ ମ୍ୟୁଜିକ ଭିଡିଓ ରିମିକ୍ସ 'କାଣ୍ଟା ଲଗା' ଫେମ୍ ଶେଫାଳି ଜରିୱାଲାଙ୍କ ମଧ ଚଳିତବର୍ଷ ଦେହାନ୍ତ ହୋଇଛି । ଏହା ବ୍ୟତୀତ ଅମିତାଭ ବଚ୍ଚନଙ୍କ ଅଭିନୀତ ଅନ୍ୟତମ ହିଟ୍ ସିନେମା 'ଡନ୍' (୧୯୭୮)ର ନିର୍ଦ୍ଦେଶକ ଚନ୍ଦ୍ର ବରୋଟଙ୍କ ମଧ ଏବର୍ଷ ପରଲୋକ ଘଟିଛି ।

## ନବାଗତଙ୍କ ଲମ୍ବା ଲାଇନ

ଚଳିତ ବର୍ଷ ନବାଗତ ଅଭିନେତା, ନିର୍ଦ୍ଦେଶକ ଏବଂ ପ୍ରଯୋଜକଙ୍କର ଲମ୍ବା ଲାଇନ ଦେଖିବାକୁ ମିଳିଛି । ପ୍ରଯୋଜିକା ତଥା ଅଭିନେତ୍ରୀ ସୌଭାଗ୍ୟ ଲକ୍ଷ୍ମୀ ଜେନା (ବିନ୍ନି)ଙ୍କ ଦ୍ୱାରା ନିର୍ଦ୍ଦେଶିତ ପ୍ରଥମ ସିନେମା 'ଶ୍ରୀଜଗନ୍ନାଥଙ୍କ ନବକଳେବର' ଚଳିତ ବର୍ଷ ମୁକ୍ତିଲାଭ କରିଥିଲା । ହାସ୍ୟାଭିନେତା ହରିହର ମହାପାତ୍ର ଓରଫ ହରିଭାଇ 'ଆଇ ଆମ୍ କାଳିଆ' ଟାଇଟଲ ବିଶିଷ୍ଟ ଫିଲ୍ମର ସେ ନିର୍ଦ୍ଦେଶନା ଦେଇଥିଲେ । ସୁକୁମାର ମଣି ମଧ ଏବର୍ଷ ପ୍ରଥମ ଥର ପାଇଁ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି, ଆଉ ଫିଲ୍ମଟି ହେଲା 'ଶିମଲି' । ଏଥର ନାୟିକା ତାଲିକାରେ ନିଜ ନାମକୁ ସାମିଲ କରିଛନ୍ତି ଆର୍ଲିନ ଅଙ୍କିତା (ସନାତନୀ), ପ୍ରାଚୀ (ଉଷ୍ଟବିନ୍), ଜୟଶ୍ରୀ ଷଡ଼ଙ୍ଗୀ (ଘମାଘୋଟ), ତୃପ୍ତି ମିରାମ୍ବିକା (ଦର୍ପଣ) ଏବଂ ତୁର୍କମେନିସ୍ତାନ ଅଭିନେତ୍ରୀ ଆନିୟା (ଆଇ ଆମ୍ କାଳିଆ) । ଜଲିଉଡ୍‌ର ଚର୍ଚ୍ଚିତ ବ୍ୟାଡ୍‌ମ୍ୟାନ୍ ପୀୟୂଷ ତ୍ରିପାଠୀ 'ଶମ୍ଭୁ' ଫିଲ୍ମରୁ ସେ ନିଜର ବଡ଼ ପରଦା କ୍ୟାରିୟର ଆରମ୍ଭ କରିଛନ୍ତି । ଏହି ଫିଲ୍ମରୁ ଶୁଭମ ମଧ ଓଲିଉଡ୍‌ରେ ଏଣ୍ଟ୍ରି କରିଛନ୍ତି । ଅନ୍ୟପକ୍ଷରେ ପୁନିତ ଇସାର (ଚ୍ୟାଲେଞ୍ଜ), ମନୋଜ ରାଉତ (ଶିମଲି), ଡ. ମନୋଜ କୁମାର ମିଶ୍ର (୧୯୯୯ : ଏକ ସଂଗୁପ୍ତ କାହାଣୀ),ଭାରତ ପୁଷ୍ପରାଗ ଏବଂ ଅଙ୍କିତ କୁମାର (ଦର୍ପଣ) ମଧ ଲିଡ୍ ଚରିତ୍ରରେ ନିଜର ଓଡ଼ିଆ ଫିଲ୍ମ କ୍ୟାରିୟର ଆରମ୍ଭ କରିଛନ୍ତି ।

# ନକଲି ହାତୀଦାନ୍ତ ତିଆରି ର୍ୟାକେଟ୍: ଆଉ ୬ ଗିରଫ

## ଗିରଫ ସଂଖ୍ୟା ୨୨କୁ ବୃଦ୍ଧି

ନୀଳଗିରି, ୨୪।୧୨(ପ୍ରଶାନ୍ତ ବିଶ୍ୱାଳ)


ଗିରଫ ୬ ଅଭିଯୁକ୍ତ।

ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ଅଞ୍ଚଳରେ ବୁଧବାର ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ନକଲି ଦାନ୍ତ ତିଆରି ର୍ୟାକେଟର ଆଉ ୬ଜଣଙ୍କୁ କରାଯାଇଛି। ଫଳରେ ଗିରଫ ସଂଖ୍ୟା ୨୨କୁ ବୃଦ୍ଧି ପାଇଛି। ଜିଲ୍ଲା ବନଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଗଠନ କରାଯାଇ ଚଢ଼ାଉ କରାଯାଇଥିଲା। ବାଲେଶ୍ୱର ଏସିଏଫ୍ ଶୋଭନ ଦିଗନ୍ତ ଚାନ୍ଦ ଓ କୁଲଡ଼ିହା ଅଭୟାରଣ୍ୟର ଇନଚାର୍ଜ ଏସିଏଫ୍ ସୁବ୍ରତ କୁମାର ବେହେରାଙ୍କ ମିଳିତ ଉଦ୍ୟମରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବନ୍ୟଜନ୍ତୁ ଶିକାରୀ ଏବଂ ଦେହାବଶେଷ ତସ୍କରୀ ମାମଲାରେ ପୂର୍ବରୁ ୧୬ଜଣ ତସ୍କରଙ୍କୁ ଗିରଫ କରାଯାଇଥିଲା। ବୁଧବାର ଭୋରରେ ଆଉ ୬ଜଣଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ୧୪୬ଟି ବଜ୍ରକାପ୍ତା କଣ୍ଟା, ଝିଙ୍କ କାଠି, କାଣ୍ଡ କାଣ୍ଡଶର, କୁରାଢ଼ି, ବିସ୍ଫୋରକ ସାମଗ୍ରୀ ସହିତ ଗୋଟିଏ ଦେଶୀବନ୍ଧୁକ ଜବତ ହୋଇଛି। ୬ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯିବା ସହ ଏଭଳି କାରନାମାରେ ଅନ୍ୟ କେଉଁମାନଙ୍କର ସମ୍ପୃକ୍ତି ଅଛନ୍ତି ସେମାନଙ୍କୁ ଗୋପନୀୟ ଭାବେ ଅଧିକ ତଦନ୍ତ ଜାରି ରହିଥିବା ବନବିଭାଗ ସୂତ୍ରରୁ ଜଣାପଡିଛି।

ଗତ ୧୪ ତାରିଖରେ ୩ ଜଣ ଶିକାରୀ ପଞ୍ଚଲିଙ୍ଗେଶ୍ୱର ସେକ୍ସନ ଅଧୀନରେ ଗୋଟିଏ ଗୁରାଣ୍ଡି ଏବଂ ଗୋଟିଏ ଝିଙ୍କ ଶିକାର କରି ଆଣୁଥିବା ବେଳେ ସେମାନଙ୍କ ନିକଟରୁ ବନ ବିଭାଗ ଉଭୟ ମୃତଜନ୍ତୁ ସହିତ ଗୋଟିଏ ଦେଶୀବନ୍ଧୁକ ଏବଂ କିଛି ବିସ୍ଫୋରକ ଜବତ କରିଥିଲା। ସେମାନଙ୍କୁ ଗିରଫ ପରେ ଜେଲ ହାଜତକୁ ପଠାଇ ଦିଆଯାଇଥିଲା। ତେବେ ଏହି ଶିକାରୀମାନଙ୍କ ମଧ୍ୟରୁ ଗୋଟିଏ ମୋବାଇଲ ତନଖି କରିବା ସମୟରେ ବନ୍ୟଜନ୍ତୁ ଶିକାର ଓ ତସ୍କରୀ ମାମଲାରେ ଅଧିକ ଲୋକଙ୍କ ସାମିଲ ଥିବା ତଥ୍ୟ ସାମ୍ନାକୁ ଆସିଥିଲା। ଅଧିକ ପଚରାଉଚୁରା ପରେ ଶିକାରୀମାନେ ସତ ଓଗାଳିଥିଲେ। ଏମାନେ ଦାନ୍ତ, ଚମଡ଼ା, ନଖ, ହାଡ଼ ଆଦି ବନ୍ୟଜନ୍ତୁଙ୍କ ଦେହାବଶେଷ ତସ୍କରି କରିଥିବା ସ୍ୱୀକାର କରିଥିଲେ। ମୁଖ୍ୟତଃ ପୋତାଯାଇଥିବା ମୃତ ହାତୀର ଦେହାବଶେଷ ସଂଗ୍ରହ କରି ଏହାକୁ ଆଧୁନିକ ଜ୍ଞାନକୌଶଳରେ ହାତୀଦାନ୍ତ ତିଆରି କରି ଉଚ୍ଚ ଦରରେ ବିକ୍ରି କରୁଥିଲେ।

# ରାଜା ଚକ୍ରଙ୍କ ରେଞ୍ଜ୍ ରୋଭର୍ ଜବତ କଲା ଇଓଡବ୍ଲ୍ୟୁ

ଭୁବନେଶ୍ୱର,୨୪।୧୨(ସତ୍ୟଜିତ ରାଉତ)

## ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ଦୁର୍ନୀତି ମାମଲା


ଜବତ ରେଞ୍ଜ ରୋଭର୍ କାର୍।

କେନ୍ଦୁଝରର ଶୁଆକାଟିସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଆଣ୍ଡ ଟ୍ରାନ୍ସପୋର୍ଟିଂ କୋ-ଅପରେଟିଭ୍ ସୋସାଇଟି ଲିଃରେ ବହୁ କୋଟି ଟଙ୍କାର ଦୁର୍ନୀତି ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଅଧିକ ତଦନ୍ତ ଜାରି ରଖିଛି। ଇଓଡବ୍ଲ୍ୟୁ ଟିମ୍ ମୁଖ୍ୟ ଅଭିଯୁକ୍ତ ସୌମ୍ୟ ଶଙ୍କର ଓରଫ ରାଜା ଚକ୍ରଙ୍କ ଏକ ଦାମୀ କାର୍ ରେଞ୍ଜ ରୋଭର୍ (ଓଡି୦୨ବିୱାଇ୦୦୨୧)କୁ ଜବତ କରିଛି। ଏହି କାର୍ ରାଜାଙ୍କ କମ୍ପାନୀ ଶଙ୍କର ମିନେରାଲ୍ସ ନାଁରେ ରହିଛି। କାର୍‌ଟି ଭୁବନେଶ୍ୱର ପାହାଳସ୍ଥିତ ଏକ ଆପାର୍ଟମେଣ୍ଟ ନିକଟରୁ ମଙ୍ଗଳବାର ଜବତ କରାଯାଇଥିଲା। ଶଙ୍କର କାର୍‌କୁ ଦୀର୍ଘଦିନ ହେବ ଲୁଚାଇ ରଖିଥିଲେ ବୋଲି ଜଣାପଡିଛି। ତେବେ ଜାଲିଆତି ଟଙ୍କାରେ ରାଜା ଏହି କାର୍ କିଣିଥିବା ଇଓଡବ୍ଲ୍ୟୁ ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ଏହି ମାମଲାରେ ରାଜାଙ୍କ ସମେତ ୫ ଜଣ ଅଭିଯୁକ୍ତ ଗିରଫ ହୋଇ ବିଚାର ବିଭାଗୀୟ ହାଜତରେ ଅଛନ୍ତି। ସମବାୟ ସମିତିରୁ ୪୦ରୁ ୫୦ କୋଟି ଟଙ୍କା ଜାଲିଆତି କରି ରାଜା ଓ ତାଙ୍କ ସହଯୋଗୀମାନେ ନେଇଯାଇଥିଲେ। ତଦନ୍ତରୁ ଏଯାଏ ୩୨ କୋଟି ଟଙ୍କା ଦୁର୍ନୀତିର ପ୍ରମାଣ ମିଳିଥିବା ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଏହି ସମବାୟ ସମିତିର ସଭାପତି, ସମ୍ପାଦକ ପ୍ରମୁଖଙ୍କୁ ହାତ ବାରିଶି କରି ରାଜା ବହୁ କୋଟି ଟଙ୍କା ହଡ଼ପ କରିଥିଲେ। ମାର୍ଚ୍ଚ ୧୩ରେ ରାଜାଙ୍କୁ ଗିରଫ କରାଯାଇଥିଲା। ଫେବୃଆରୀ ୭ରେ ଇଓଡବ୍ଲ୍ୟୁ ଏହି ଜାଲିଆତି ନେଇ ମାମଲା (ନଂ.୩/୨୦୨୫) ରୁଜୁ କରି ତଦନ୍ତ ଜାରି ରଖିଛି।

# ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ

ଛେଣ୍ଡିପଦା,୨୪।୧୨ (ଅଜିତ ଧଳ)

ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସର କହିବା ଅନୁଯାୟୀ, ସପ୍ତମ ଶ୍ରେଣୀରେ ପଢୁଥିବା ସମ୍ପୃକ୍ତା ନାବାଳିକାଙ୍କୁ ମଙ୍ଗଳବାର ଅପରାହ୍ନରେ ଉକ୍ତ ଥାନା ଅଞ୍ଚଳର ପ୍ରଫୁଲ୍ଲ ପ୍ରଧାନ ବ୍ଲକରୁ ବିରି ଆଣିବା ପାଇଁ କହି ଏକ ବାଇକ୍‌ରେ ବସାଇ ନେଇଯାଇଥିଲେ। ହେଲେ ଫେରିବାରେ ବିଳମ୍ବ ଦେଖି ନାବାଳିକାଙ୍କ ମା' ବାରମ୍ବାର ଫୋନ କରିଥିଲେ। ଏହାପରେ ରାତି ୮ଟା ବେଳେ ଗାଁ ଠାରୁ ୩ କିଲୋମିଟର ଦୂର ଏକ ସ୍କୁଲ ପଛରେ ନାବାଳିକାଙ୍କୁ ଛାଡ଼ି ପ୍ରଫୁଲ୍ଲ ପଳାଇ ଯାଇଥିଲେ। ୨ଶହ ଟଙ୍କା ଦେବା ସହ ଘଟଣା ବିଷୟରେ କାହାକୁ ନ କହିବାକୁ ଧମକ ଦେଇଥିଲେ। ତେବେ ନାବାଳିକା ଜଣକ ପରିବାର ଲୋକଙ୍କ ଆଗରେ ବଳାତ୍କାର ଉଦ୍ୟମ ସମ୍ପର୍କରେ କହିବା ପରେ ବୁଧବାର ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଏଣେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଥିବା ପୋଲିସ କହିଛି।

# ପୂର୍ବତନ ମାର୍କଫେଡ୍ ଏରିଆ ମ୍ୟାନେଜରଙ୍କୁ ଜେଲ

ବ୍ରହ୍ମପୁର,୨୪।୧୨ (ସୁବାସ ଚନ୍ଦ୍ର ପାଢ଼ୀ)

## ସରକାରୀ ଅର୍ଥ ଆତ୍ମସାତ୍ ମାମଲା

ଏକ ସରକାରୀ ଅର୍ଥ ଆତ୍ମସାତ ଘଟଣାର ୨୧ ବର୍ଷ ପରେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଜ୍ଞାନେନ୍ଦ୍ର କୁମାର ବାରିକ ବ୍ରହ୍ମପୁର ଜଗନ୍ନାଥପୁରସ୍ଥିତ ମାର୍କଫେଡ୍‌ର ପୂର୍ବତନ ଏରିଆ ମ୍ୟାନେଜର୍ ଭୁବନ ମୋହନ ଦାଶ(୭୨)ଙ୍କୁ ୩ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୫୦ହଜାର ଟଙ୍କା ଜରିମାନା କରାଯାଇଛି। ଏହା ଅନାଦାୟ ଅତିରିକ୍ତ ୬ମାସ ଜେଲଦଣ୍ଡ ଭୋଗିବାକୁ ହେବ ବୋଲି ରାୟରେ ଉଲ୍ଲେଖ ରହିଛି।

ସୂଚନା ଅନୁସାରେ, ଭୁବନ ଜଗନ୍ନାଥପୁର ମାର୍କଫେଡ୍‌ର ଏରିଆ ମ୍ୟାନେଜର୍ ଭାବେ କାମ କରୁଥିବା ବେଳେ ୨୦୦୨ ନଭେମ୍ବର ୭ରୁ ୨୦୦୪ ଅକ୍ଟୋବର ୧୯ ମଧ୍ୟରେ ସରକାରୀ ରେକର୍ଡ ଅଦଳବଦଳ କରି ଜଣେ ବ୍ୟକ୍ତିଙ୍କୁ ବିହନ ଯୋଗାଣ କରିବାକୁ ବେଆଇନ ଭାବେ ଟଙ୍କା ଦେଇଥିଲେ। ଯାଞ୍ଚ ପରେ ପ୍ରାୟ ୨୦ଲକ୍ଷ ୬୪ହଜାର ୬୦୦ ଟଙ୍କା ହେରଫେର ହୋଇଥିବା ଜଣାପଡିଥିଲା। ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ୨୦୦୪ ସେପ୍ଟେମ୍ବର ୨୭ରେ ଏରିଆ ମ୍ୟାନେଜର ଭୁବନଙ୍କ ବିରୋଧରେ ନଂ.୩୦/୨୦୦୪ରେ ମାମଲା ରୁଜୁ କରିଥିଲା। ଏହି ମାମଲାର ବିଚାର ବେଳେ ୨୪ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସାକ୍ଷ୍ୟ ପ୍ରମାଣକୁ ଆଧାର କରି କୋର୍ଟ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ସୁରେନ୍ଦ୍ର ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଭୁବନ ୨୦୨୩ ଅକ୍ଟୋବର ୩୧ରେ ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଏକ ମାମଲାରେ ଦଣ୍ଡିତ ହୋଇଥିବା ବେଳେ ୨୦୨୪ ମେ ୪ ଓ ୨୦୨୪ ନଭେମ୍ବର ୩୦ରେ ମଧ୍ୟ ୨ଟି ମାମଲାରେ ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଦଣ୍ଡିତ ହୋଇଛନ୍ତି।

# ମହିଳାଙ୍କୁ ୧୫ ମାସ ଜେଲଦଣ୍ଡ

ଭୁବନେଶ୍ୱର,୨୪।୧୨(ସତ୍ୟଜିତ ରାଉତ)

## ଗହଣା ଦୋକାନରୁ ପାଉଁଜି ଚୋରି

ବମିଖାଲସ୍ଥିତ ଏକ ଗହଣା ଦୋକାନରୁ ପାଉଁଜି ଚୋରି ମାମଲାରେ ଅଭିଯୁକ୍ତ ମହିଳାଙ୍କୁ ଜେଏମ୍ଏଫ୍‌ସି-୪ କୋର୍ଟ ୧୫ ମାସ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ସେ ହେଲେ ଅମୂଲ୍ୟା ଜେନା। ମାମଲା ଅନୁଯାୟୀ, ନଭେମ୍ବର ୧୧ ଦିନ ପ୍ରାୟ ୧୨ଟାରୁ ୧ଟା ମଧ୍ୟରେ ଅମୂଲ୍ୟା ବମିଖାଲସ୍ଥିତ ହିନ୍ଦୁସ୍ଥାନ ଜୁଏଲାରୀକୁ ଯାଇ ପାଉଁଜି ଦେଖିଥିଲେ। ହେଲେ କିଛି ପସନ୍ଦ ଆସୁ ନ ଥିବା କହି ଅମୂଲ୍ୟା ସେଠାରୁ ଫେରି ଯାଇଥିଲେ। ତେବେ ଅମୂଲ୍ୟା ଏହି ସମୟରେ କୌଶଳକ୍ରମେ ହଳେ ପାଉଁଜିକୁ ଚୋରି କରିନେଇଥିବା ସିସିଟିଭି କ୍ୟାମେରା ଯାଞ୍ଚରୁ ଜଣାପଡିଥିଲା। ଏନେଇ ମ୍ୟାନେଜର ଅଶୋକ କୁମାର ମଲ୍ଲିକଙ୍କ ଏତଲାକ୍ରମେ ଲକ୍ଷ୍ମୀସାଗର ଥାନା ପୋଲିସ ମାମଲା (ନଂ.୬୬୮/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହାପରେ ଅଭିଯୁକ୍ତ ମହିଳାଙ୍କୁ ଗିରଫ କରାଯାଇଥିଲା। ଅମୂଲ୍ୟା ବିଶେଷକରି ବିଭିନ୍ନ ଗହଣା ଦୋକାନକୁ ଯାଇ ପାଉଁଜି ଦେଖିବା ବାହାନାରେ ଚୋରି କରୁଥିଲେ। କୋର୍ଟ ୫ ସାକ୍ଷୀଙ୍କ ବୟାନ ଓ ୧୪ଟି ଦସ୍ତାବିଜକୁ ଆଧାର କରି ରାୟ ଶୁଣାଇଥିଲେ। ମାମଲାକୁ ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ୍ ପ୍ରସିକ୍ୟୁଟର ନିରଞ୍ଜନ ବେହେରା ପରିଚାଳନା କରିଥିଲେ।

# ୨ ଯୁବକଙ୍କୁ ମାରି ଫିଙ୍ଗି ଦିଆଯାଇଥିବା ଅଭିଯୋଗ

## ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପୋଲିସର ତଦନ୍ତ

ତାଳଚେର,୨୪।୧୨(ମନୋଜ ନନ୍ଦ)


ଘଟଣାସ୍ଥଳରେ ତାଳଚେର ପୋଲିସ ପହଞ୍ଚି ତଦନ୍ତ କରୁଛି।

ଅନୁଗୋଳ ଜିଲ୍ଲା ତାଳଚେର ପୋଲିସ ବୁଧବାର ସକାଳେ ୧୪୯ ନଂ. ଜାତୀୟ ରାଜପଥର ଲିଙ୍ଗରାକଟା ଗ୍ରାମ ନିକଟସ୍ଥ ନାଲ୍‌କୋ ପାଇପ୍‌ଲାଇନ ପାର୍ଶ୍ୱରୁ ୨ ଯୁବକଙ୍କ ମୃତଦେହ ଜବତ କରିଛି। ମୃତ ଯୁବକ ଦ୍ୱୟ ହେଲେ ତାଳଚେର ଥାନା ଲିଙ୍ଗରାକଟା ଗ୍ରାମର ଦିବ୍ୟରଞ୍ଜନ ପରିଡ଼ା (୧୮) ଓ ବଣ୍ଟରପାଳ ଥାନା ଭୋଗବେରଣୀ ପଞ୍ଚାୟତ ନାରାୟଣଚନ୍ଦ୍ରପୁରର ଜନାର୍ଦ୍ଦନ ନାଏକ (୨୦)। ଉଭୟଙ୍କୁ ହତ୍ୟା ପରେ ଫିଙ୍ଗି ଦିଆଯାଇଥିବା ସେମାନଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଘଟଣାସ୍ଥଳରେ କିଛି ସମୟ ପାଇଁ ଉତ୍ତେଜନା ଦେଖିବାକୁ ମିଳିଥିଲା।

ପୋଲିସର ସୂଚନା ଅନୁଯାୟୀ, ୧୪୯ନଂ. ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ୨ ଯୁବକଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ସକାଳେ ଦେଖିବାକୁ ପାଇଥିଲେ। ଏହାପରେ ପୋଲିସକୁ ଖବର ଦିଆଯାଇଥିଲା। ତୁରନ୍ତ ଘଟଣାସ୍ଥଳରେ ତାଳଚେର ଏସ୍‌ଡିପିଓ ଭରତ ସାହୁ, ତାଳଚେର ଥାନା ଆଇଆଇସି ଦିଗ୍‌ବିଜୟ ବିଶ୍ୱାଳ, ବଣ୍ଟରପାଳ ଥାନା ଆଇଆଇସି ଦୁଷ୍ମନ୍ତ କୁମାର ସିଂ ପହଞ୍ଚିଥିଲେ। ଏଥିସହ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁରକୁ ମଧ୍ୟ ଘଟଣାସ୍ଥଳକୁ ଡକାଯାଇ ତଦନ୍ତ କରାଯାଇଥିଲା। ପରେ ମୃତଦେହକୁ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଇ ଦିଆଯାଇଥିଲା। ୨ ଯୁବକଙ୍କୁ ହତ୍ୟା କରି ରାସ୍ତା ପାର୍ଶ୍ୱରେ ଫିଙ୍ଗି ଦିଆଯାଇଥିବା ନେଇ ସେମାନଙ୍କ ପରିବାର ଲୋକେ ତାଳଚେର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୧୨୮୨/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଘଟଣା ସ୍ପଷ୍ଟ ହୋଇଯିବ ବୋଲି ଏସ୍‌ଡିପିଓ ସାହୁ ପ୍ରକାଶ କରିଛନ୍ତି। ଖବରପାଇ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ।

## Business

# ୧,୩୩୩ କୋଟି ନିବେଶକୁ ଅନୁମୋଦନ

ଭୁବନେଶ୍ୱର,୨୪।୧୨(ଅନୁରାଧା ମହାରଣା)

- ୭,୪୦୦ରୁ ଅଧିକ ନିଯୁକ୍ତି ଆଶା
- ୭ ଜିଲ୍ଲାରେ ୧୧ ପ୍ରକଳ୍ପ ମଞ୍ଜୁର

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ୧୪୩ତମ ରାଜ୍ୟ ସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍ଏଲ୍ଏସ୍‌ଡବ୍ଲ୍ୟୁସିଏ) ମାଧ୍ୟମରେ ମୋଟ ୧,୩୩୨.୮୦ କୋଟି ନିବେଶ ସହିତ ୧୧ଟି ଶିଳ୍ପ ନିବେଶ ପ୍ରସ୍ତାବକୁ ଅନୁମୋଦନ କରିଛି, ଯାହା ୭,୪୭୪ ଟି ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି। ଏହି ଅନୁମୋଦନଗୁଡ଼ିକ ଓଡ଼ିଶାର ଶିଳ୍ପ ଇକୋସିଷ୍ଟମକୁ ସୁଦୃଢ଼ କରିବା ଏବଂ ନିଯୁକ୍ତି-କେନ୍ଦ୍ରିକ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଦିଗରେ ଆଉ ଏକ ପଦକ୍ଷେପ। ଅନୁମୋଦିତ ପ୍ରକଳ୍ପଗୁଡ଼ିକ ଧାତୁ ସହାୟକ ଏବଂ ଡାଉନଷ୍ଟ୍ରିମ୍ ଶିଳ୍ପ, ଖାଦ୍ୟ ଏବଂ ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ, ବୟନ ଏବଂ ପୋଷାକ, ରାସାୟନିକ ପଦାର୍ଥ, ସବୁଜ ହାଇଡ୍ରୋଜେନ ଏବଂ ସବୁଜ ଆମୋନିଆ, ପର୍ଯ୍ୟଟନ, ଲଜିଷ୍ଟିକ୍ସ, କୋଇଲା, ଆଇଟି ଆଣ୍ଡ ଇଏସଡିଏମ୍ ସମେତ ବିଭିନ୍ନ କ୍ଷେତ୍ର ଅନ୍ତର୍ଭୁକ୍ତ ରହିଛି। ଏହି ପ୍ରକଳ୍ପଗୁଡ଼ିକ ଅନୁଗୋଳ, କଟକ, ଢେଙ୍କାନାଳ, ଗଞ୍ଜାମ, ଜଗତ୍‌ସିଂହପୁର, ଖୋର୍ଦ୍ଧା ଏବଂ ମୟୂରଭଞ୍ଜ ଜିଲ୍ଲା ୭ଟି ଜିଲ୍ଲାରେ କାର୍ଯ୍ୟକାରୀ କରାଯିବ। ଅନୁମୋଦନ ହୋଇଥିବା ପ୍ରମୁଖ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଧାତୁ ଏବଂ ଡାଉନଷ୍ଟ୍ରିମ୍ କ୍ଷେତ୍ରରେ, କଳିଙ୍ଗ କପର ପ୍ରାଇଭେଟ୍ ଲିମିଟେଡ୍ ଢେଙ୍କାନାଳରେ ୧୫୦ କୋଟି ନିବେଶ ହେବ। ତମ୍ବା ଫଏଲ ଉତ୍ପାଦନ ୟୁନିଟ୍ ସ୍ଥାପନ ସହ ୨୦୦ ନିଯୁକ୍ତି ସୃଷ୍ଟି କରିବ। ଏମ୍ଏମ୍ କାଷ୍ଟିଂ ପ୍ରାଇଭେଟ୍ ଲିମିଟେଡ୍ ଗଞ୍ଜାମରେ ୬୫ କୋଟି ନିବେଶକରି ଉଚ୍ଚ ମାଙ୍ଗାନିଜ ଷ୍ଟିଲ କ୍ରଶର ପାର୍ଟସ ନିର୍ମାଣ କରିବ, ଯାହା ୩୩୦ ନିଯୁକ୍ତି ସୃଷ୍ଟି କରିବ। ଖାଦ୍ୟ ପ୍ରକ୍ରିୟାକରଣ ଏବଂ ବୟନ ଶିଳ୍ପ କ୍ଷେତ୍ରରେ, ପଶୁପତି ଆଗ୍ରୋଭେଟ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାରେ ଏକ ଚିଙ୍ଗୁଡ଼ି ପ୍ରକ୍ରିୟାକରଣ ୟୁନିଟ୍‌ରେ ୨୦୦ କୋଟି ନିବେଶ କରିବ। ଏହା ୭୦୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଶ୍ରୀ ଲକ୍ଷ୍ମୀ ଆପାରେଲ୍ସ ପ୍ରାଇଭେଟ୍ ଲିମିଟେଡ୍ କଟକରେ ଏକ ରେଡିମେଡ୍ ପୋଷାକ ୟୁନିଟ୍‌ରେ ୬୦ କୋଟି ନିବେଶ କରିବ, ଯାହା ୧,୨୫୦ ନିଯୁକ୍ତି ସୃଷ୍ଟି କରିବ। ରାସାୟନିକ ଏବଂ ସବୁଜ ଶକ୍ତି କ୍ଷେତ୍ରରେ, ୟୁନିଭର୍ସାଲ ଇଣ୍ଡଷ୍ଟ୍ରିଜ ଜଗତ୍‌ସିଂହପୁରରେ ୨୨୦ କୋଟି ନିବେଶ ଏବଂ ୨୧୫ ନିଯୁକ୍ତି ସହିତ ଏକ ଆଗ୍ରୋ ରାସାୟନିକ ୟୁନିଟ୍ ସ୍ଥାପନ କରିବ। ସାରା ଗ୍ରୀନ୍ ଏନର୍ଜି ପ୍ରାଇଭେଟ୍ ଲିମିଟେଡ୍ ଗଞ୍ଜାମରେ ୨୦,୦୦୦ ମେଟ୍ରିକ ଟନ୍ ଗ୍ରୀନ୍ ଆମୋନିଆ ପ୍ରକଳ୍ପରେ ୨୫୦ କୋଟି ନିବେଶ କରିବ ଏହା ୪୭ ନିଯୁକ୍ତି ସୃଷ୍ଟି କରିବ। ପର୍ଯ୍ୟଟନ ଏବଂ ଲଜିଷ୍ଟିକ୍ସ କ୍ଷେତ୍ରରେ, ଖିମ୍‌ଜୀ ରିଟେଲ ଭେଞ୍ଚର ପ୍ରାଇଭେଟ୍ ଲିମିଟେଡ୍ ମୟୂରଭଞ୍ଜରେ ୫୦.୮୫ କୋଟି ନିବେଶ ଏବଂ ୧୭୭ ନିଯୁକ୍ତି ସହିତ ଏକ ଚାରିତାରକା ଲଗଜୁରି ରିସର୍ଟ ବିକଶିତ କରିବ ଏବଂ ଷ୍ଟିଲ୍ସ ଆଣ୍ଡ କ୍ୟାରିଅର୍ସ ପ୍ରାଇଭେଟ୍ ଲିମିଟେଡ୍ ଅନୁଗୋଳରେ ୧୫୯.୭୫ କୋଟି ନିବେଶ ସହିତ ଏକ ଘରୋଇ ମାଲ ପରିବହନ ଟର୍ମିନାଲ ସ୍ଥାପନ କରିବ, ଯାହା ୨୫୫ ନିଯୁକ୍ତି ସୃଷ୍ଟି କରିବ। କୋଇଲା, ଆଇଟି ଏବଂ ଇଏସ୍‌ଡିଏମ୍ କ୍ଷେତ୍ରରେ, ସାପିଏଣ୍ଟ କୋଇଲା ବେନିଫିସିଏଶନ ପ୍ରାଇଭେଟ୍ ଲିମିଟେଡ୍ ଅନୁଗୋଳରେ ୫୮.୨୦ କୋଟି ନିବେଶ ଏବଂ ୩୦୦ ନିଯୁକ୍ତି ସହିତ ଏକ କୋଇଲା ବେନିଫିସିଏଶନ ପ୍ଲାଣ୍ଟ ସ୍ଥାପନ କରିବ। କ୍ୱାର୍କସ ଟେକ୍ନୋସଫ୍ଟ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାରେ ସଫ୍ଟୱେର୍ ବିକାଶରେ ୬୮ କୋଟି ନିବେଶ କରିବ, ଯାହା ୨,୫୦୦ ନିଯୁକ୍ତି ସୃଷ୍ଟି କରିବ। ସୋର୍ସିଂବ୍ରେନ୍ସ ଲାବ୍ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାରେ ଟେଲିମାଟିକ୍ସ ଡିଭାଇସ ଏବଂ ସ୍ମାର୍ଟ ମିଟର ପାଇଁ ଏକ ଇଏସ୍‌ଡିଏମ୍ ୟୁନିଟ୍‌ରେ ୫୧ କୋଟି ନିବେଶ କରିବ ଯାହାକି ୧,୫୦୦ ନିଯୁକ୍ତି ସୃଷ୍ଟି କରିବ।

# ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ୬୧ତମ ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର,୨୪।୧୨(ଅନୁରାଧା ମହାରଣା)

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଏକ ନୂତନ ଶାଖା କଟକ ଜିଲ୍ଲାର ଟାଙ୍ଗୀଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ନୂତନ ଶାଖା ସହ ବ୍ୟାଙ୍କର କଟକ ଜିଲ୍ଲାରେ ମୋଟ୍ ଶାଖା ସଂଖ୍ୟା ୭ରେ ପହଞ୍ଚିଛି। ରାଜ୍ୟରେ ବ୍ୟାଙ୍କର ୬୧ଟି ଶାଖା ରହିଛି। ବ୍ୟାଙ୍କ ରାଜ୍ୟରେ ଏହାର ଉପସ୍ଥିତି ଏବଂ ଗ୍ରାହକଙ୍କ ପହଞ୍ଚକୁ ଆହୁରି ସୁଦୃଢ଼ କରିବା ପାଇଁ ବିଭିନ୍ନ ଯୋଜନା ଘୋଷଣା କରିଛି। ଏହି ନୂତନ ଶାଖା ଟାଙ୍ଗୀ-ଚୌଦ୍ୱାର ବିଡିଓ ଏନ୍.ଏନ୍. ରାଜଲକ୍ଷ୍ମୀ ଓଝାଙ୍କ ଦ୍ୱାରା ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ପ୍ରବନ୍ଧକ ଦିଲୀପ କୁମାର ରାଉଳ ଏବଂ ଟାଙ୍ଗୀ ଶାଖା ପ୍ରବନ୍ଧକ ରାକେଶ କୁମାର ନାୟକଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହୋଇଥିଲା। ଓଡ଼ିଶାରେ ସାମ୍ପ୍ରତିକ ଶାଖା ସମ୍ପ୍ରସାରଣ ବିଷୟରେ ମତ ପ୍ରକାଶ କରି ଅଞ୍ଚଳ ପ୍ରବନ୍ଧକ ରାଉଳ କହିଛନ୍ତି, ରାଜ୍ୟରେ ବ୍ୟବସାୟିକ ଅଭିବୃଦ୍ଧି ଏବଂ ରଣନୈତିକ ପ୍ରାଧାନ୍ୟ ରଖୁଥିବା କଟକ ଜିଲ୍ଲାରେ ଆଉ ଏକ ଶାଖା ଖୋଲାଯାଇଥିବାରୁ ସେ ଖୁସି। ଏହି ଶାଖା ଦ୍ରୁତ ବିସ୍ତାରିତ ନେଟୱର୍କ ଓ ଅନ୍ୟାନ୍ୟ ଚ୍ୟାନେଲ ମାଧ୍ୟମରେ ଗ୍ରାହକମାନଙ୍କୁ ଉତ୍ତମ ବ୍ୟାଙ୍କିଙ୍ଗ୍ ସେବା ପ୍ରଦାନ କରିବା ପାଇଁ ବ୍ୟାଙ୍କର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିବ।

# ପୂର୍ବଭାରତରେ ଓଡ଼ିଶା ଏକ ଉଦୀୟମାନ ମାଇକ୍ରୋଫାଇନାନ୍ସ ବଜାର




ଭୁବନେଶ୍ୱର,୨୪।୧୨(ଅନୁରାଧା ମହାରଣା)

ଓଡ଼ିଶା ପୂର୍ବ ଭାରତର ଉଦୀୟମାନ ମାଇକ୍ରୋଫାଇନାନ୍ସ ବଜାର ମଧ୍ୟରୁ ଗୋଟିଏ। ଏହା ଗ୍ରାମୀଣ ଏବଂ ଅର୍ଦ୍ଧ-ସହର ନିଯୁକ୍ତି ସୁଯୋଗ ବୃଦ୍ଧି, ଆୟ କ୍ଷମତାରେ ଆଖିଦୃଶିଆ ଉନ୍ନତି ଦ୍ୱାରା ସମର୍ଥିତ। ଫ୍ୟୁଜନ୍ ଫାଇନାନ୍ସର ସିଇଓ ସଞ୍ଜୟ ଗରିଆଲି ଓ ଚିଫ୍ ଅପରେଟିଂ ଅଫିସର ସୁନୀଲ ମୁଦ୍ରା ବୁଧବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗରିଆଲି କହିଛନ୍ତି, ରାଜ୍ୟର କ୍ରେଡିଟ୍ ଇକୋସିଷ୍ଟମ୍‌ସ୍ଥିର ଆନୁଷ୍ଠାନିକୀକରଣ ଡିଜିଟାଲ୍ ଆର୍ଥିକ ସେବାର ଉପଯୋଗ ମାଧ୍ୟମରେ ଏବଂ ଦାୟିତ୍ୱପୂର୍ଣ୍ଣ ତଥା ତଥ୍ୟ ସମ୍ବଳିତ ଋଣ କାରବାର ଉପରେ ଅଧିକ ଗୁରୁତ୍ୱ ଦେଉଛି। ସେପ୍ଟେମ୍ବର ୩୦ ସୁଦ୍ଧା, ଓଡ଼ିଶାରେ ଫ୍ୟୁଜନ୍ ଫାଇନାନ୍ସର କାରବାର ପୋର୍ଟଫୋଲିଓ ୫୭୭ କୋଟି ଟଙ୍କାରେ ପହଞ୍ଚିଛି, ଯାହା ରାଜ୍ୟର ୩୦ ଜିଲ୍ଲାରେ ୧୩୫ଟି ମାଇକ୍ରୋଫାଇନାନ୍ସ ଶାଖାର ଏକ ନେଟୱାର୍କ ଦ୍ୱାରା ପ୍ରତିଫଳିତ। କମ୍ପାନୀ ଏହାର ଜେଏଲଜି ମଡେଲ ମାଧ୍ୟମରେ ପ୍ରାୟ ୨.୫ ଲକ୍ଷ ମହିଳାଙ୍କୁ ସେବା ଯୋଗାଇଛି। ଫ୍ୟୁଜନ୍ ୨୦୧୬ରୁ ଓଡ଼ିଶା ବଜାର ସହିତ ଜଡ଼ିତ ରହିବା ସହ କାରବାର କରୁଛି। ଅନ୍- ଗ୍ରାଉଣ୍ଡ ଉପସ୍ଥିତି କମ୍ପାନୀକୁ ଦୃଢ଼ ପୋର୍ଟଫୋଲିଓ ତଦାରଖ ବଜାୟ ରଖିବା ସହିତ ଅଣସେବାପ୍ରାପ୍ତ ଋଣଗ୍ରହୀତାଙ୍କ ଏକ ବିସ୍ତୃତ ଆଧାରକୁ ସେବା ଯୋଗାଇବାରେ ସକ୍ଷମ କରୁଥିବା ସେ କହିଛନ୍ତି।

# ନୂଆ ରୂପ ନେଉଛି କୋଲାଘାଟ ରେଳ ସେତୁ

ଭୁବନେଶ୍ୱର,୨୪।୧୨



ଦକ୍ଷିଣ ପୂର୍ବ ରେଳପଥ ଖଡ଼ଗପୁର ଡିଭିଜନର ହାଓଡା-ଖଡ଼ଗପୁର ସେକ୍ସନରେ ରୂପନାରାୟଣ ନଦୀ ଉପରେ ଏକ ନୂତନ ରେଳ ସେତୁ ନିର୍ମାଣ କରୁଛି। ଏହି ଅତ୍ୟାଧୁନିକ ନୂତନ ସେତୁ ପୁରୁଣା କୋଲାଘାଟ ସେତୁ ନମ୍ବର ୫୭କୁ ବଦଳାଇବ ଯାହା ଉପରେ ମିଡିଲ ଲାଇନ ଏବଂ ଡାଉନ ମେନ୍ ଲାଇନ ବର୍ତ୍ତମାନ ଦକ୍ଷିଣ-ପୂର୍ବ ରେଳପଥର ଦେଉଲଟି ଏବଂ କୋଲାଘାଟ ଷ୍ଟେଶନ ମଧ୍ୟରେ ଅବସ୍ଥିତ। ୧୯୦୦ ମସିହାରୁ ପୁରୁଣା କୋଲାଘାଟ ସେତୁ ଦକ୍ଷିଣ-ପୂର୍ବ ରେଳପଥର ଏକ ଗୁରୁତ୍ୱପୂର୍ଣ୍ଣ ଲିଙ୍କ୍ ଭାବରେ କାର୍ଯ୍ୟ କରିଛି ଯାହା ହାଓଡା ଏବଂ କୋଲକାତା ଅଞ୍ଚଳକୁ ଦେଶର ଅନ୍ୟାନ୍ୟ ଅଂଶ ସହ ସଂଯୋଗ କରୁଛି। ବର୍ତ୍ତମାନ ଏଠାରେ ୪୮୧.୧୧ କୋଟି ଟଙ୍କା ବ୍ୟୟରେ ଏକ ନୂତନ ସେତୁ କରାଯିବ। ଏଥିରେ ଡିଏନ୍ ମେନ୍ ଏବଂ ମିଡିଲ ଲାଇନ ସାମିଲ ଅଛି। ସେତୁ ବ୍ୟତୀତ, ଏହି କାର୍ଯ୍ୟରେ କୋଲାଘାଟ ଷ୍ଟେଶନର ବିକାଶ ସହିତ ଏକ ଡାଇଭର୍ଟ ଆଲାଇନମେଣ୍ଟରେ ଉଚ୍ଚ ପ୍ଲାଟ୍‌ଫର୍ମ ମଧ୍ୟ ନିର୍ମାଣ ହେବ। ଏହି ନୂତନ ସେତୁ ୨୦୨୭ ଶେଷ ସୁଦ୍ଧା କାର୍ଯ୍ୟକ୍ଷମ ହେବା ସହ ପ୍ରାୟ ୧୦୦ ବର୍ଷ ପାଇଁ ସେବା ପ୍ରଦାନ କରିବ।

# ଟିଭିଏସ୍‌ର 'ରିଜଲ୍ଭ, ରିଫ୍ରେଶ୍, ରାଇଡ୍' ଅଭିଯାନ

ଭୁବନେଶ୍ୱର,୨୪।୧୨(ଅନୁରାଧା ମହାରଣା)

ଟିଭିଏସ୍ ମୋଟର କମ୍ପାନୀ ଏକ ସେବା ଅଭିଯାନ ଘୋଷଣା କରିଛି। 'ରିଜଲ୍ଭ, ରିଫ୍ରେଶ୍, ରାଇଡ୍' ଶୀର୍ଷକ ଏହି ଅଭିଯାନ ୨୦୨୬ ଜାନୁଆରୀ ୫ ପର୍ଯ୍ୟନ୍ତ ଭାରତରେ ଅନୁମୋଦିତ ଟିଭିଏସ୍ ମୋଟର କମ୍ପାନୀର ସେବା କେନ୍ଦ୍ରଗୁଡ଼ିକରେ ଚାଲିବ। ଅଭିଯାନ ସମୟରେ ଟିଭିଏସ୍ ମୋଟରର ସେବା କେନ୍ଦ୍ରଗୁଡ଼ିକୁ ପରିଦର୍ଶନ କରୁଥିବା ଗ୍ରାହକମାନେ ଇଞ୍ଜିନ, ବ୍ରେକ୍, ବୈଦ୍ୟୁତିକ ଏବଂ ସସ୍‌ପେନ୍‌ସନ ସମେତ ଏକ ବ୍ୟାପକ ଯାନବାହନ ସ୍ୱାସ୍ଥ୍ୟ ଯାଞ୍ଚର ସୁବିଧା ପାଇପାରିବେ। ଅତିରିକ୍ତ ଲାଭ ମଧ୍ୟରେ ସମସ୍ତ ଟିଭିଏସ୍ ଆପାଚି ଏବଂ ଟିଭିଏସ୍ ରୋନିନ୍ ପୋର୍ଟଫୋଲିଓ ପାଇଁ ଯାନବାହନ ସ୍ୱାସ୍ଥ୍ୟ ରିପୋର୍ଟରେ ସହାୟତା, ବାର୍ଷିକ ରକ୍ଷଣାବେକ୍ଷଣ ଯୋଜନା, ବିସ୍ତାରିତ ୱାରେଣ୍ଟି, ରାସ୍ତା ପାର୍ଶ୍ୱ ସହାୟତା, ଶ୍ରମ ସେବା, ମୂଲ୍ୟଯୁକ୍ତ ସେବା, ପ୍ରକୃତ ଟିଭିଏସ୍ ମୋଟରର ପାର୍ଟସ ଏବଂ ଇଞ୍ଜିନ ଅଏଲ୍ ଅନ୍ତର୍ଭୁକ୍ତ ରହିବ।

# ଚାନ୍ଦିଭଣ୍ଡାର ପକ୍ଷରୁ 'ପାର୍ଟି ଏଡିଟ୍' କଲେକ୍ସନ

ଭୁବନେଶ୍ୱର,୨୪।୧୨(ଅନୁରାଧା ମହାରଣା)



ଚାନ୍ଦିଭଣ୍ଡାର ପକ୍ଷରୁ 'ପାର୍ଟି ଏଡିଟ୍' କଲେକ୍ସନର ଶୁଭାରମ୍ଭ କରାଯାଇଛି। ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ଲୋକମାନେ ପ୍ରସ୍ତୁତ ହେଉଥିବାବେଳେ ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଏହି କଲେକ୍ସନ ଲଞ୍ଚ କରାଯାଇଛି। ଏହି କଲେକ୍ସନରେ ଥିବା ରୁପା ଗହଣା ଗ୍ରାହକଙ୍କୁ ଆକର୍ଷଣୀୟ ଲୁକ୍ ଦେବା ସହ ନିଆରା ଅନୁଭୂତି ପ୍ରଦାନ କରିବ। ୯୨.୫% ଶୁଦ୍ଧତା ସହ ପ୍ରସ୍ତୁତ ଷ୍ଟର୍ଲିଂ ସିଲ୍‌ଭର, ଜିର୍କନ ସହ ନୀଳ, ସବୁଜ, ନାଲି ହଳଦିଆ ଆଦି ରଙ୍ଗର ଗହଣା ସବୁ ବର୍ଗର ଲୋକଙ୍କୁ ପସନ୍ଦ ଆସୁଛି। ଏହି କଲେକ୍ସନ ପ୍ରଚାରପ୍ରସାର ପାଇଁ ଚାନ୍ଦି ଭଣ୍ଡାର ଓଡ଼ିଶାର ୬ ଜଣ ପ୍ରସିଦ୍ଧ ଯୁବ କଳାକାରଙ୍କୁ ନେଇ ଏକ ବିଜ୍ଞାପନ ଅଭିଯାନ ଜାରି ରଖିଛି। ଏହାସହ ଜାନୁଆରୀ ୩ ପର୍ଯ୍ୟନ୍ତ ଚାନ୍ଦି ଭଣ୍ଡାର ପକ୍ଷରୁ ସ୍ୱତନ୍ତ୍ର ଅଫର ମଧ୍ୟ ଘୋଷଣା କରାଯାଇଛି। ଗ୍ରାହକମାନେ ଏହି ଅବଧି ମଧ୍ୟରେ ଫ୍ଲାଟ୍ ୧୦% ରିହାତି ପାଇପାରିବେ। ଏନେଇ ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍ସା ହଂସ କହିଛନ୍ତି, ଆମର ଅଳଙ୍କାର କେବଳ ଏକ ଆସେସୋରି ନୁହେଁ – ଏହା ବ୍ୟକ୍ତିତ୍ୱର ବିବୃତି, ଗ୍ଲାମରର ସ୍ପର୍ଶ ଏବଂ ଉତ୍ସବର ଭାବନାର ପ୍ରତିଫଳନ। ଅଳଙ୍କାର ବ୍ୟତୀତ ଚାନ୍ଦିଭଣ୍ଡାର ପ୍ରତ୍ୟେକ ଉତ୍ସବକୁ ସ୍ୱତନ୍ତ୍ର କରିବା ପାଇଁ ଡିଜାଇନ କରାଯାଇଥିବା ପାର୍ଟିର ଆବଶ୍ୟକ ସାମଗ୍ରୀ, ସୁନ୍ଦର ସାଜସଜ୍ଜା ସାମଗ୍ରୀ, ଉପହାର ଆଦି ଉପଲବ୍ଧ କରିଛି।



ଭଦ୍ରକ ଜିଲ୍ଲା ଚାନ୍ଦବାଲି ଏନ୍ଏସିରେ ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଘଟଣାରେ ଉତ୍ତ୍ୟକ୍ତ ଲୋକେ ଅଭିଯୁକ୍ତଙ୍କ ଘର ଭାଙ୍ଗୁଛନ୍ତି।



ରାସ୍ତାରୋକୋ କରିଥିବା ଲୋକଙ୍କୁ ପୋଲିସ ଓ ସ୍ଥାନୀୟ ପ୍ରଶାସନ ବୁଝାଶୁଝା କରୁଛି।

## ନାବାଳିକାଙ୍କୁ ବଳାତ୍କାର, ହତ୍ୟା ଘଟଣାରେ ବିଜେଡି, କଂଗ୍ରେସର ଖବରଦାତା ସମ୍ମିଳନୀ

# ବିଜେଡିର ୧୨ ଘଣ୍ଟିଆ ଚାନ୍ଦବାଲି ବନ୍ଦ ଡାକରା

ଚାନ୍ଦବାଲି,୨୪।୧୨(କିଷାନ ପାତ୍ର): ଚାନ୍ଦବାଲି ଏନ୍ଏସିରେ ଘଟିଥିବା ନାବାଳିକା ବଳାତ୍କାର ଓ ହତ୍ୟା ଘଟଣାରେ ରାଜନୈତିକ ବୟାନବାଜି ଆରମ୍ଭ ହୋଇଛି। ଘଟଣାକୁ ନେଇ ବୁଧବାର ମଧ୍ୟାହ୍ନ ୧୨ଟାରେ ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ ଚାନ୍ଦବାଲି ବିଜେଡି କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ କରିଛନ୍ତି। ଘଟଣାକୁ ନେଇ ସରକାର ଉପରେ ବର୍ଷିବା ସହ ଗୁରୁବାର ବିଜେଡି ପକ୍ଷରୁ ୧୨ ଘଣ୍ଟିଆ ଚାନ୍ଦବାଲି ବନ୍ଦ ଡାକରା ଦେଇଛନ୍ତି। ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇ କହିଛନ୍ତି, ଚାନ୍ଦବାଲିର ପାଇଁ ଏହା ଲଜ୍ଜାଜନକ ଘଟଣା। ଗୋଟେ ନିରୀହ ଦିବ୍ୟାଙ୍ଗ ସ୍କୁଲ ଛାତ୍ରୀକୁ ବଳାତ୍କାର କରି ଯେଉଁପରି ହତ୍ୟା କରାଯାଇଛି। ତାହା ଓଡ଼ିଶା ପାଇଁ ଅତ୍ୟନ୍ତ ଲଜ୍ଜାର ବିଷୟ। ଯେଉଁ ସ୍ଥାନରେ ଏହି ଘଟଣା ଘଟିଛି, ସେହି ସ୍ଥାନରେ ଚୋରା ମଦ, ଗଞ୍ଜେଇ, ବ୍ରାଉନସୁଗାର ଆଦି ମାଦକ ଦ୍ରବ୍ୟ ଖୋଲାମଖୋଲା ବିକ୍ରି ହେଉଥିଲେ ସୁଦ୍ଧା ପ୍ରଶାସନ କେବେ ଦୃଷ୍ଟି ଦେଇନାହିଁ ବୋଲି ବିଧାୟକ କହିଛନ୍ତି। କେବଳ ଚାନ୍ଦବାଲି ନୁହେଁ ଗୋପାଳପୁର, ବଳିହାରଚଣ୍ଡୀ ଓ ଧଉଳିରେ ନାବାଳିକା ହତ୍ୟା ଓ ବଳାତ୍କାର ହେଉଥିବା ବେଳେ ପୋଲିସ ଚୁପ୍ ରହିଛି ବୋଲି କହିଥିଲେ। ସମ୍ମିଳନୀରେ ବ୍ଲକ୍ ବିଜେଡି ସଭାପତି ପ୍ରତାପ ଧଳ, ବ୍ଲକ୍ ଅଧ୍ୟକ୍ଷା ମିନତୀ ସୁତାର, ଉପାଧ୍ୟକ୍ଷ ସରୋଜ କର, ଜିଲ୍ଲା ପରିଷଦ ସଦସ୍ୟ ପ୍ରିନ୍ସ ରାକେଶ ନାୟକ, ଏନ୍ଏସି ସଭାପତି ଦ୍ୱିଜବର ରାଉତ, ଏନ୍ଏସି ଅଧ୍ୟକ୍ଷ ଶାନ୍ତିଲତା ସେଠୀ, ବରିଷ୍ଠ ନେତା ନରେଶ ମାଝୀ, ଶରତ ସାହୁ, ଚିତ୍ତରଞ୍ଜନ ସୂତାର ପ୍ରମୁଖ ଉପସ୍ଥିତ ଥିଲେ।

# କଂଗ୍ରେସ ପକ୍ଷରୁ ପୀଡ଼ିତାଙ୍କ ପରିବାରକୁ ୫୦ ଲକ୍ଷ ଦାବି

ଚାନ୍ଦବାଲି,୨୪।୧୨(କିଷାନ ପାତ୍ର): ସେହିପରି କଂଗ୍ରେସ ପକ୍ଷରୁ ଘଟଣାକୁ ଖବରଦାତା ସମ୍ମିଳନୀରେ ଦୃଢ଼ ନିନ୍ଦା କରାଯିବା ସହ ହତ୍ୟାକାରୀକୁ ଫାଶୀଦଣ୍ଡ ଓ ପୀଡ଼ିତା ପରିବାରକୁ ୫୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ଦାବି କରାଯାଇଛି। ଚାନ୍ଦବାଲି କଂଗ୍ରେସ କାର୍ଯ୍ୟାଳୟରେ ଅପରାହ୍ନ ୧ଟାରେ ଆୟୋଜିତ ସମ୍ମିଳନୀରେ ବରିଷ୍ଠ ନେତା ଦିଗମ୍ବର ଦାସ କହିଛନ୍ତି, ଚାନ୍ଦବାଲି ଘଟଣା ସାଧାରଣ ଲୋକଙ୍କୁ ଭୟଭୀତ କରିଛି। ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଘଟଣାରେ ପୀଡ଼ିତାଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦାବି କରାଯାଇଛି। ସମ୍ମିଳନୀରେ ବଦ୍ରୀ ନାରାୟଣ ନାୟକ, ସୁଲୋଚନା ନାୟକ, ବିଧାନସଭା ଯୁବ କଂଗ୍ରେସ ସଭାପତି ଶକ୍ତିପ୍ରତାପ ବିଶ୍ୱାଳ, ଦିଗମ୍ବର ସାହୁ, ସୀତାଂଶୁ ନାୟକ, ଶରତ ଚନ୍ଦ୍ର ଧଳ, ଏସ୍କେ ରାଜୁ, ରାଜେଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ବୈତରଣୀକୁ ଡେଇଁ ଯୁବତୀଙ୍କ ଆତ୍ମହତ୍ୟା ଉଦ୍ୟମ

ଚାନ୍ଦବାଲି,୨୪।୧୨ (ଅଶୋକ ପଣ୍ଡା/ କିଷାନ ପାତ୍ର): ଚାନ୍ଦବାଲିଠାରେ ବୁଧବାର ବୈତରଣୀ ନଦୀକୁ ଡେଇଁ ଜଣେ ଯୁବତୀ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସ୍ଥାନୀୟ ଜଣେ ଯୁବକ ତାଙ୍କୁ ଉଦ୍ଧାର କରି ପ୍ରଥମେ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ପରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଆତ୍ମହତ୍ୟା ଉଦ୍ୟମ କରିଥିବା ଯୁବତୀ ଜଣକ ବାଶପୁର ଭାଟପଡ଼ା ଅଞ୍ଚଳର ବୋଲି ଜଣାପଡ଼ିଛି। ଯୁବତୀ ଜଣକ ନଦୀକୁ ଡେଇଁବା ପରେ ନଦୀକୂଳରେ ଥିବା ଚାନ୍ଦବାଲିର ଅଭୟ ସାମଲ କୁମ୍ଭୀର ପ୍ରବଣ ନଦୀ ଭିତରକୁ ପଶିଯାଇ ତାଙ୍କୁ ଉଦ୍ଧାର କରିଥିଲେ। ତାଙ୍କର ଏହି ମହାନ କାର୍ଯ୍ୟ ପାଇଁ ସ୍ଥାନୀୟ ଲୋକେ ତାଙ୍କୁ ପ୍ରଶଂସା କରିଛନ୍ତି।

## ଲାଲା ସ୍ୱାଇଁ ହେଲେ ବିଧାୟକଙ୍କ ପ୍ରତିନିଧି

ବନ୍ତ,୨୪।୧୨(ହରିନାରାୟଣ ମହାନ୍ତି)– ବନ୍ତ ବ୍ଲକ ଅଧ୍ୟକ୍ଷ ଏବଂ ଭଣ୍ଡାରିପୋଖରୀ ବ୍ଲକ ଅଧ୍ୟକ୍ଷା ଭାଜପାରେ ଯୋଗଦେବା ପରେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ ବନ୍ତ ବ୍ଲକରେ ତାଙ୍କ ପ୍ରତିନିଧି ଭାବେ ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଲାଲା ସ୍ୱାଇଁଙ୍କୁ ନିଯୁକ୍ତ କରିଛନ୍ତି। ବିଜେଡି ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟା ସଭ୍ୟମାନେ ନିଜର ଦାବି ହାସଲ କରିବେ, ସେମାନଙ୍କୁ ସହଯୋଗ କରିବା ପାଇଁ ବିଧାୟକ ମଲ୍ଲିକ ଏହି ନିଷ୍ପତ୍ତି ନେଇଛନ୍ତି। ବନ୍ତଠାରେ ୨୫ଟି ପଞ୍ଚାୟତର ନେତୃତ୍ୱଙ୍କ ଉପସ୍ଥିତିରେ ବିଧାୟକ ନିଜର ପ୍ରତିନିଧି ଭାବରେ ଲାଲା ସ୍ୱାଇଁଙ୍କ ନାମ ଘୋଷଣା କରିଛନ୍ତି। ଏହି ଦାୟିତ୍ୱ ମିଳିବା ପରେ ତାଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି।

# ୧୫ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧନା

### ପାଳିଆବିନ୍ଧା ସମବାୟ ସମିତିର ବାର୍ଷିକ ସାଧାରଣ ସଭା

ତିହିଡ଼ି,୨୪।୧୨(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ଅଧୀନ ପାଳିଆବିନ୍ଧା ସମବାୟ ସମିତିର ୬୩ତମ ବାର୍ଷିକ ସାଧାରଣ ସଭା ବୁଧବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ମିନତିଲତା ଦାସ ଏଥିରେ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର–ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପ୍ରକାଶଜ୍ୟୋତି ମହାକୁଡ଼ ଯୋଗଦେଇ ଚାଷୀମାନଙ୍କ ପାଇଁ ସମିତି ସମୃଦ୍ଧ ହୋଇଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଜୋନାଲ ମ୍ୟାନେଜର ସଞ୍ଜୟ କୁମାର ମହାନ୍ତି ଯୋଗଦେଇ ଚାଷୀମାନଙ୍କ ହିତ ପାଇଁ ସମିତି ସବୁବେଳେ କାର୍ଯ୍ୟ କରୁଥିବା କହିଥିଲେ। ବରେଣ୍ୟ ଅତିଥି ଭାବେ ସମବାୟ ବ୍ୟାଙ୍କ ତିହିଡ଼ି ଶାଖା ପରିଚାଳକ ସୁଶାନ୍ତ କୁମାର ପୁହାଣ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପରିଚାଳନା କମିଟି ସଦସ୍ୟ ଆଇନଜୀବୀ ନିକୁଞ୍ଜ କୃଷ୍ଣ ପୁହାଣ, ବିଜୟ କୁମାର ନାୟକ, ଶୁଭ୍ରଜିତ ପାଳ, ସୁବୋଧ ମିଶ୍ର, ବାବାଜୀ ମଲ୍ଲିକ, ପ୍ରଶାନ୍ତ ସାହାଣୀ, ଭକ୍ତରଞ୍ଜନ ମଲ୍ଲିକ, ଶ୍ରୀକାନ୍ତ ବେହେରା ପ୍ରମୁଖ ଯୋଗଦେଇ ସମିତିର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିବା ସହ ୱେ ବ୍ରିଜ ନିର୍ମାଣ ପାଇଁ ଦାବି କରିଥିଲେ। ସମିତି ଉପସଭାପତି ମହେଶ ଚନ୍ଦ୍ର ଦାସ ସଭା ସଞ୍ଚାଳନ କରିଥିବା ବେଳେ ସମ୍ପାଦକ ସଞ୍ଜୟ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ସଦସ୍ୟ ଭରତ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତିସଭ୍ୟ ଜୀବନଜ୍ୟୋତି ପଲାଇ, ପୂର୍ବତନ ସମିତି ସଭାପତି ସୁଧନ୍ୟା ନାୟକଙ୍କ ସମେତ ୧୪ ରାଜସ୍ୱ ଗ୍ରାମର ଚାଷୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ୧୫ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।




ସାଧାରଣ ସଭାରେ ଯୋଗ ଦେଇଥିବା ଅତିଥି।

# ନିନ୍ଦା କଲେ ଭଦ୍ରକ ପୌରାଧ୍ୟକ୍ଷା

## ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଘଟଣା

ଭଦ୍ରକ,୨୪।୧୨(ସନାତନ ରାଉତ)– ଭଦ୍ରକ ଜିଲ୍ଲା ଚାନ୍ଦବାଲିରେ ମଙ୍ଗଳବାର ରାତିରେ ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଲଜ୍ୟାଜନକ ଘଟଣାକୁ ଦୃଢ଼ ଭାବେ ନିନ୍ଦା କରିଛନ୍ତି ଭଦ୍ରକ ପୌରାଧ୍ୟକ୍ଷା ଗୁଲମକ୍କୀ ଦଲାୱାଜି ହବିବ। ବୁଧବାର ପୌରପାଳିକା କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଏହି ଘଟଣା ପରେ ଅଭିଭାବକମାନେ ସେମାନଙ୍କ ଛୋଟ ଛୋଟ ଝିଅଙ୍କୁ ସ୍କୁଲ, କଲେଜ ଛାଡ଼ିବାକୁ ଭୟଭୀତ ହେବେ। ସେମାନଙ୍କ ମନରେ ଏହି ଘଟଣା ପରେ ଭୟ ସୃଷ୍ଟି ହୋଇଛି। ଜଣେ ମହିଳା ହିସାବରେ ଏହି ଘଟଣାକୁ ଦୃଢ଼ ନିନ୍ଦା କରିବା ସହ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ନାବାଳିକାଙ୍କ ମୃତଦେହ ବ୍ୟବଚ୍ଛେଦ ସମୟରେ ପୌରାଧ୍ୟକ୍ଷାଙ୍କ ସମେତ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଯୁବନେତା ଜାହିଦ ହବିବ ପହଞ୍ଚି ମୃତ ନାବାଳିକାଙ୍କ ବାପାଙ୍କୁ ସମବେଦନା ଜଣାଇଥିଲେ।

# ଜବରଦଖଲ ଉଚ୍ଛେଦକୁ ନେଇ ଉତ୍ତେଜନା

ଆଗରପଡ଼ା,୨୪।୧୨(ସୁଶାନ୍ତ ଦାସ)

ଆଗରପଡ଼ା ବଜାରରେ ଦୀର୍ଘଦିନ ଧରି ସରକାରୀ ଜାଗାରେ ଦୋକାନ ଖୋଲି ବ୍ୟବସାୟ କରୁଥିବା କେତେଜଣ ଦୋକାନୀଙ୍କୁ ପ୍ରଶାସନ ପକ୍ଷରୁ ବୁଧବାର ଉଚ୍ଛେଦ କରାଯାଇଛି। ବନ୍ତ ଅତିରିକ୍ତ ତହସିଲଦାର ପ୍ରସନ୍ନ ମହାନ୍ତି ଓ ବନ୍ତ ଥାନାଧିକାରିଣୀ ମୋନାଲିସା କରଙ୍କ ଉପସ୍ଥିତରେ ଏହି ଉଚ୍ଛେଦ କରାଯାଇଛି। ବଜାରରେ ସରକାରୀ ଜାଗା ଅବରୋଧ କରି ଅନେକ ଲୋକ ବ୍ୟବସାୟ କରୁଛନ୍ତି ଏବଂ ନିଜ ଜାଗାରେ ଘର କରି ସରକାରୀ ଜାଗାରେ ସିଡି କରି ରାସ୍ତା ଘାଟକୁ ଜାମ କରୁଛନ୍ତି କିନ୍ତୁ ସେମାନଙ୍କୁ ଚିହ୍ନଟ କରି ରାସ୍ତାକୁ ଜବରଦଖଲ ମୁକ୍ତ ନ କରି କେତେଜଣଙ୍କ ଦୋକାନକୁ ଭଙ୍ଗା ଯାଉଥିବାରୁ କିଛି ସମୟ ପର୍ଯ୍ୟନ୍ତ ଉତ୍ତେଜନା ଲାଗି ରହିଥିଲା। କଲେଜ ଛକଠାରୁ ବିଟିପୁର ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାକୁ ଅବରୋଧ କରି କେତେଜଣ ବ୍ୟକ୍ତି ଦୋକାନ ଖୋଲିଥିଲେ। ଫଳରେ ଏହି ରାସ୍ତା ସମ୍ପୂର୍ଣ୍ଣ ବନ୍ଦ ହୋଇ ପଡ଼ି ରହିଥିଲା। ପଞ୍ଚାୟତ ପକ୍ଷରୁ ନିର୍ମିତ ଶୌଚାଳୟ ମଧ୍ୟ ଲୋକଙ୍କ କାର୍ଯ୍ୟରେ ଲାଗି ପାରି ନ ଥିଲା। ଉଚ୍ଛେଦ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦୀର୍ଘଦିନ ଧରି ଦାବି ହୋଇ ଆସୁଥିଲା। ସେହିପରି କଲେଜ ଛକଠାରେ ଜବରଦଖଲରେ ଥିବା ଡ୍ରେନକୁ ଉଚ୍ଛେଦ କରାଯାଇଛି।


## ROURKELA SMART CITY LIMITED, Rourkela

Udit Nagar, Rourkela-769012, Email: rourkelascl@gmail.com

BID ID : RSCL/1881/2025 DATE : 22/12/2025

### NOTICE INVITING TENDER NATIONAL COMPETITIVE BIDDING

**No.C-1862** : The Chief Executive Officer, RSCL invites bids from eligible contractors for the following project :

| Sl. No | Name of the Projects | Estimated Cost of the Project Rs. |
|---|---|---|
| 1 | Painting Works In Big Recreational Park at Koel Nagar on Percentage Rate Basis | 40.28 Lakhs |

The Tender Fees of Rs.7,100/- be deposited with the bid which is Non-refundable. The complete BID documents can be viewed / downloaded from official portal of Rourkela Municipal Corporation (https://www.rmc.nic.in or e-procurement portal of Odisha https://tendersodisha.gov.in from 22.12.2025 to 02.01.2026 (up to 17:00 Hrs. IST). Pre- Bid Meeting will be held on 24.12.2025 at 12.30 P.M. in the Conference Hall of RSCL. For queries, intending bidder may contact Ar.Sarthak Sourav Rath, Architect, RSCL Vide Phone No.8984353513, Email Id: rourkelascl@gmail.com.

Sd./- Chief Executive Officer
Rourkela Smart City Limited

OIPR-13080/11/0052/2526

## ODISHA COMPUTER APPLICATION CENTRE
OCAC
### REQUEST FOR PROPOSAL
Enq.No.:-OCAC-NEGP-INFRA-0034-2025-25116

OCAC invites Request for Proposal (RFP) for Comprehensive Product Warranty Support extension of existing Switches and Security Devices installed at Odisha State Data Centre (OSDC), Bhubaneswar. For details please visit websites www.ocac.in & www.odisha.gov.in. **The bid shall be submitted in electronic mode only in the portal https://enivida.odisha.gov.in latest by 15.01.2026, 2.00 P.M.** OCAC reserves the right to accept/ reject any/ all bids without assigning any reason thereof.

**General Manager(Admin), OCAC,** Plot No.-N-1/7-D, Acharya Vihar, P.O.-RRL, Bhubaneswar-751013, Ph.-2567280/ 2567064/ 2567295

No.U-41 OIPR-16003/11/0161/2526

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER KEONJHAR (R&B) CIRCLE, KEONJHAR

No.6390 dt.22.12.2025

2nd Corrigendum to EOI Identification No. CCEKC-02/2025-26

### Expression of Interest

**No.B-892** : The following changes are made to EOI Identification No. CCEKC - 02/2025-26 vide No. 6248 dt. 15.12.2025.

1. Letter of Invitation of the Authority along with all other relevant details of Expression of Interest (EOI) will be available in the website: www.tendersodisha.gov.in from **10:30 A.M of 07.01.2026 to 4:00 P.M of 02.02.2026**. Further details with any addendum, corrigendum and cancellation can be seen from www.tendersodisha.gov.in.
2. Expression of Interest (EOI) shall be received only "On-line" latest by **4:00 P.M. on 02.02.2026**.
3. Proposals received "On-line" shall be opened at **11:00 A.M. on 03.02.2026** in the Office of the Chief Construction Engineer, Keonjhar (R&B) Circle, Keonjhar-758001 in the presence of bidders who wish to attend. Bidders who participated in the bid can witness the opening of bids after logging on the site through their DSC.
4. If the office happens to be closed on the stipulated date of opening of Bids as specified, the bids will be opened on the next working day at the same time and venue.

All other terms & conditions remained unchanged.

Sd./- Chief Construction Engineer,
Keonjhar (R&B) Circle, Keonjhar

OIPR-34033/11/0107/2526

## ୟୁନିୟନ ବ୍ୟାଙ୍କ / यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

### କ୍ଷେତ୍ରୀୟ କାର୍ଯ୍ୟାଳୟ : ବାଲେଶ୍ୱର
ମାଣିଖମ୍ବ, ଓଟି ରୋଡ୍, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧
ଇମେଲ୍: crld.robalasore@unionbankofindia.bank, ମୋ.: ୮୯୨୮୯୧୭୪୧୧

### ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକର ନିଲାମ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା, ଜାମିନ୍ଦାରମାନଙ୍କୁ ଜଣାଇଦିଆଯାଉଛିଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକ ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି, ଯାହାକୁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସୁରକ୍ଷିତ ଋଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀ ଗଠନାତ୍ମକ/ସାଙ୍କେତିକ/ଭୌତିକ ଦଖଲ ନେଇ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା୦୯.୦୧.୨୦୨୬ରିଖରେ ବିକ୍ରୟ କରିବା ନିମନ୍ତେ ସ୍ଥିର କରିଛନ୍ତି। ନିମ୍ନରେ ବର୍ଣ୍ଣିତ ଋଣଗ୍ରହୀତା ଓ ଜାମିନ୍ଦାରମାନେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ଦେବାକୁ ଥିବା ବକେୟା ଦେୟ ନିମ୍ନରେ ପ୍ରଦାନ କରାଗଲା। ସଂରକ୍ଷିତ ମୂଲ୍ୟ ଓ ଅମାନତ ଜମା ମଧ୍ୟ ନିମ୍ନରେ ପ୍ରଦାନ କରାଗଲା।

**ଯାଜପୁର ଟାଉନ-୩ ଶାଖା, ଜିଲ୍ଲା: ଯାଜପୁର, ଫୋନ୍ ନଂ.: ୮୯୪୦୬୮୮୮୪୮, ଇମେଲ: ubin0918024@unionbankofindia.bank**

| ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍ଦାରମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| ଋଣଗ୍ରହୀତା: ମେସର୍ସ ଆର୍ ଏସ୍ କନ୍ଷ୍ଟ୍ରକସନ୍ ଆଣ୍ଡ ଇଞ୍ଜିନିୟରିଂ, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ରୀତାଞ୍ଜଳି ସାହୁ, ସ୍ୱାମୀ: ପ୍ରଦୀପ କୁମାର ସାହୁ / ସହ-ଆବେଦନକାରୀ ଏବଂ ଜାମିନ୍ଦାର: ଶ୍ରୀମତୀ ରୀତାଞ୍ଜଳି ସାହୁ, ସ୍ୱାମୀ: ପ୍ରଦୀପ କୁମାର ସାହୁ, ଉଭୟଙ୍କ ଠିକଣା- ସା: ବାଲିଚନ୍ଦ୍ରପୁର (ବାଲିସାହି), ପୋ: ବରୀକୁଳ, ଜିଲ୍ଲା: ଯାଜପୁର, ପିନ୍-୭୫୫୦୧୪ | ୧୩.୧୧.୨୦୨୫ ସୁଦ୍ଧା ଟ.୧୦,୩୪,୬୩୩.୪୩ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ/ ଅନ୍ୟାନ୍ୟ ଦେୟ |

ସମ୍ପତ୍ତି ନଂ.-୧: ଶ୍ରୀମତୀ ରୀତାଞ୍ଜଳି ସାହୁ, ସ୍ୱାମୀ: ପ୍ରଦୀପ କୁମାର ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ସାବିକ ଖାତା ନଂ.: ୩୧୪, ସାବିକ ପ୍ଲଟ୍ ନଂ.: ୭୧, ମୌଜା: ବାଲିଚନ୍ଦ୍ରପୁର, ଥାନା: ବିଂଝାରପୁର, ଥାନା ନଂ. ୪୩୮, ଏସ୍ଆରଓ: ମାଁସତା, ଜିଲ୍ଲା: ଯାଜପୁର, କ୍ଷେତ୍ର: ଏକର୦.୦୮ ଡିସିମିଲି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରବି ପାଗଳ, ଦକ୍ଷିଣ: ଗ୍ରାମ୍ୟ ରାସ୍ତା, ପୂର୍ବ: ଶତ୍ରୁଘ୍ନ ସାହୁ, ପଶ୍ଚିମ: ଶିବପ୍ରସାଦ ଦାସ
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୩,୦୭,୪୯୫.୭୩ / ଅମାନତ ଜମା ରାଶି: ଟ.୩୦,୭୪୯.୫୭ / ବିଡ୍ ବୃଦ୍ଧି ରାଶି: ଟ.୩,୦୭୮.୦୦

**ଡୁବୁରୀ-୨ ଶାଖା, ସା: ଡୁବୁରୀ ଜଙ୍କସନ୍, ଜିଲ୍ଲା: ଯାଜପୁର, ମୋ.: ୮୭୨୦୯୮୮୪୧୦, ଇମେଲ: ubin0814113@unionbankofindia.bank**

| ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍ଦାରମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| ଋଣଗ୍ରହୀତା: ମେସର୍ସ ଏସ୍.ଏମ୍. ଇଲେକ୍ଟ୍ରୋନିକ୍ସ, ସ୍ୱତ୍ତ୍ୱାଧିକାରୀ: ⁄ ଶଙ୍କର କୁମାର ଦାସ, ପିତା: ଶ୍ରୀ ଗୋଲକ ବିହାରୀ ଦାସ / ସହ-ଆବେଦନକାରୀ ଏବଂ ଜାମିନ୍ଦାର: ଶ୍ରୀମତୀ ପ୍ରଭାତୀ ଦାସ, ସ୍ୱାମୀ: ⁄ ଶଙ୍କର କୁମାର ଦାସ, ଉଭୟଙ୍କ ଠିକଣା- ସା/ପୋ: ସୁକିନ୍ଦା, ଥାନା: ସୁକିନ୍ଦା, ଜଗନ୍ନାଥ ମନ୍ଦିର ନିକଟ, ଜିଲ୍ଲା: ଯାଜପୁର, ପିନ୍-୭୫୫୦୧୮ | ୧୩.୧୧.୨୦୨୫ ସୁଦ୍ଧା ଟ.୫,୬୫,୯୪୭.୦୦ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ / ଅନ୍ୟାନ୍ୟ ଦେୟ |

ସମ୍ପତ୍ତି ନଂ.-୨: ଶଙ୍କର କୁମାର ଦାସ, ପିତା: ଶ୍ରୀ ଗୋଲକ ବିହାରୀ ଦାସଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.: ୫୬୪/୧୧୪, ପ୍ଲଟ୍ ନଂ.: ୨୧୨୮/୩୧୩୧, କ୍ଷେତ୍ର: ଏକର୦.୧୨୦ଡିସିମିଲି, କିସମ: ଘରବାରି, ମୌଜା: ମାଧପୁର, ଥାନା: ସୁକିନ୍ଦା (ଥାନା ନଂ.-୧୦୩), ତହସିଲ: ସୁକିନ୍ଦା, ଜିଲ୍ଲା: ଯାଜପୁର, ଏହାର ଚାରିପାର୍ଶ୍ୱରେ- ପୂର୍ବ: ସତ୍ୟନାରାୟଣ ମହାପାତ୍ର, ପଶ୍ଚିମ: ନିଜସ୍ୱ ପ୍ଲଟ୍, ଉତ୍ତର: ରାସ୍ତା, ଦକ୍ଷିଣ: ବିକ୍ରେତା
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୧୫,୩୦,୦୦୦.୦୦ / ଅମାନତ ଜମା ରାଶି: ଟ.୧,୫୩,୦୦୦.୦୦ / ବିଡ୍ ବୃଦ୍ଧି ରାଶି: ଟ.୧୫,୩୦୦.୦୦

**ବାମିନିପାଳ ଶାଖା, ଜିଲ୍ଲା: କେନ୍ଦୁଝର, ଫୋନ୍ ନଂ.: ୭୯୭୯୦୬୪୯୧୦, ଇମେଲ: ubin0807541@unionbankofindia.bank**

| ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍ଦାରମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| ଋଣଗ୍ରହୀତା: ଶ୍ରୀମତୀ କଳ୍ପନା ସାହୁ, ସ୍ୱାମୀ: ଶ୍ରୀ ରଞ୍ଜନ କୁମାର ରାଉତ, ସା: ମଝିପାଳ, ପୋ: ଅଶ୍ୱସ୍ତପାଳ, ଥାନା: ଟମକା, ଯାଜପୁର, ପିନ୍-୭୫୫୦୧୯ / ସହ-ଆବେଦନକାରୀ ଏବଂ ଜାମିନ୍ଦାର: ଶ୍ରୀ ରାଜେନ୍ଦ୍ର କୁମାର ପଲେଇ, ପିତା: ଜଟେଶ୍ୱର ପଲେଇ, ସା/ଗ୍ରାମ: କଳବଗପାଟିଆ, ପୋ: ଅଶ୍ୱସ୍ତପାଳ, ଥାନା: ଟମକା, ଯାଜପୁର, ପିନ୍-୭୫୫୦୧୯ | ୨୪.୧୨.୨୦୨୫ ସୁଦ୍ଧା ଟ.୭,୪୮,୮୮୪.୧୦ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ / ଅନ୍ୟାନ୍ୟ ଦେୟ |

ସମ୍ପତ୍ତି ନଂ.-୩: ଶ୍ରୀମତୀ କଳ୍ପନା ସାହୁ, ସ୍ୱାମୀ: ଶ୍ରୀ ରଞ୍ଜନ କୁମାର ରାଉତଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.: ୮୧/୪, ପ୍ଲଟ୍ ନଂ.:୨୬୪, କ୍ଷେତ୍ର: ଏକର୦.୩୯ଡିସିମିଲି, କିସମ: ଘରବାରି, ମୌଜା: ମଝିପାଳ, ତହସିଲ: ଦାନଗଦି, ଥାନା: ଟମକା, ଯାଜପୁର, ଏହାର ଚାରିପାର୍ଶ୍ୱରେ- ପୂର୍ବ: କୁଳମଣି ରାଉତ, ପଶ୍ଚିମ: ନଦୀ ବନ୍ଧ, ଉତ୍ତର: ରଙ୍ଗନାଥ ସାହୁ, ଦକ୍ଷିଣ: ଅନାବାଦୀ
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୭,୯୦,୨୪୫.୦୦ / ଅମାନତ ଜମା ରାଶି: ଟ.୭୯,୦୨୪.୫୦ / ବିଡ୍ ବୃଦ୍ଧି ରାଶି: ଟ.୧୦,୦୦୦.୦୦

| ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍ଦାରମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| ଋଣଗ୍ରହୀତା: ଶ୍ରୀ ଶ୍ରୀକାନ୍ତ ସେଠୀ, ପିତା: ଶ୍ରୀ କୁଳମଣି ସେଠୀ, ସା: ଆମ୍ପୋର, ପୋ: ଜଳସୁଆପାଟଣା, ଜିଲ୍ଲା: ଯାଜପୁର, ପିନ୍-୭୫୮୦୮୨ / ସହ-ଆବେଦନକାରୀ ଏବଂ ଜାମିନ୍ଦାର: ଶ୍ରୀ ରତ୍ନାକର ମହାରଣା, ସା.: ଟୋଲକାନୀ, ପୋ.: ଚିତୀରି, ଜିଲ୍ଲା: ଯାଜପୁର, ପିନ୍-୭୫୮୦୮୨ | ୨୪.୧୨.୨୦୨୫ ସୁଦ୍ଧା ଟ.୩,୫୫,୭୫୦.୦୦ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ / ଅନ୍ୟାନ୍ୟ ଦେୟ |

ସମ୍ପତ୍ତିର ବିବରଣୀ-୪: ଶ୍ରୀ ଶ୍ରୀକାନ୍ତ ସେଠୀ, ପିତା: ଶ୍ରୀ କୁଳମଣି ସେଠୀଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.: ୪୮, ପ୍ଲଟ୍ ନଂ.: ୬୭୦, କ୍ଷେତ୍ର: ଏକର୦.୦୫୦ଡିସିମିଲି, କିସମ: ଘରବାରି, ମୌଜା: ଆମ୍ପୋର, ପୋ: ଜଳସୁଆପାଟଣା, ଥାନା: ଟମକା, ଥାନା ନଂ. ୬୭, ତହସିଲ: ଦାନଗଦି, ଜିଲ୍ଲା: ଯାଜପୁର, ଏହାର ଚାରିପାର୍ଶ୍ୱରେ- ପୂର୍ବ: କୀର୍ତ୍ତନ ମହାପାତ୍ର, ପଶ୍ଚିମ: ପାଣୁ ସେଠୀ ଏବଂ ରାସ୍ତା, ଉତ୍ତର: କୀର୍ତ୍ତନ ମହାପାତ୍ର, ଦକ୍ଷିଣ: ପାଣୁ ସେଠୀ ଏବଂ ରାସ୍ତା
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୧୦,୪୫,୭୫୫.୦୦ / ଅମାନତ ଜମା ରାଶି: ଟ.୧,୦୪,୫୭୫.୫୦ / ବିଡ୍ ବୃଦ୍ଧି ରାଶି: ଟ.୧୦,୪୫୮.୦୦

**ବରୁଆଁ ଶାଖା, ଜିଲ୍ଲା: ଯାଜପୁର, ଫୋନ୍ ନଂ.: ୯୪୪୯୦୦୮୨୫୨, ଇମେଲ: ubin0806633@unionbankofindia.bank**

| ଋଣଗ୍ରହୀତା/ଜାମିନ୍ଦାର/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| ଋଣଗ୍ରହୀତା: ମେସର୍ସ ରାଜେଶ ଏଣ୍ଟରପ୍ରାଇଜେସ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ମହେନ୍ଦ୍ର ଭୂୟାଁ, ପିତା: ମନମୋହନ ଭୂୟାଁ / ଜାମିନ୍ଦାର ତଥା ବନ୍ଧକଦାତା: ଶ୍ରୀ ମନମୋହନ ଭୂୟାଁ, ପିତା: ନନ୍ଦ ଭୂୟାଁ, ଉଭୟଙ୍କ ଠିକଣା- ସା: ରଘୁନାଥପୁର, ପୋ: ଏରବାଙ୍ଗ, ବରୁଆଁ, ଜିଲ୍ଲା: ଯାଜପୁର, ପିନ୍-୭୫୫୦୧୭ | ୨୪.୧୨.୨୦୨୫ ସୁଦ୍ଧା ଟ.୧୭,୯୯,୧୬୪.୦୦ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ / ଅନ୍ୟାନ୍ୟ ଦେୟ |

ସମ୍ପତ୍ତି ନଂ.-୫: ଶ୍ରୀ ମନମୋହନ ଭୂୟାଁ, ପିତା: ନନ୍ଦ ଭୂୟାଁଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସ୍ଥାବର ସମ୍ପତ୍ତି ଯାହାର ଖାତା ନଂ.: ୪୪ (ଅନୁରୂପ ମ୍ୟୁଟେସନ୍ ଖାତା ନଂ.: ୧୫୩/୪୮), ପ୍ଲଟ୍ ନଂ.: ୩୮୪, କ୍ଷେତ୍ର: ଏକର୦.୦୮ ଡିସିମିଲି, ମୌଜା: ରଘୁନାଥପୁର, ଥାନା: ଯାଜପୁର ସଦର, ଏସ୍ଆରଓ: ବରୀ, ଜିଲ୍ଲା: ଯାଜପୁର, ଏହାର ଚାରିପାର୍ଶ୍ୱରେ- ଉତ୍ତର: ନନ୍ଦ ଭୂୟାଁ, ଦକ୍ଷିଣ: ବିଟି ରୋଡ୍, ପୂର୍ବ: ଜଳନ୍ଦ ଭୂୟାଁ, ପଶ୍ଚିମ: ଅନାବାଦୀ (ସରକାରୀ ଜମି)
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୧୫,୩୦,୦୦୦.୦୦ / ଅମାନତ ଜମା: ଟ.୧,୫୩,୦୦୦.୦୦ / ବିଡ୍ ବୃଦ୍ଧି ରାଶି: ଟ.୧୫,୩୦୦.୦୦

ଇ-ନିଲାମ ତାରିଖ ଏବଂ ସମୟ: ୦୯.୦୧.୨୦୨୬ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ (ପ୍ରତ୍ୟେକ ପାଇଁ ଅସୀମିତ ସ୍ୱତଃ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବସାଇଟ୍: https://baanknet.com

ଅମାନତ ରାଶି ଦାଖଲର ଅନ୍ତିମ ତାରିଖ: ଇ-ନିଲାମ ଆରମ୍ଭ ପୂର୍ବରୁ

ପଞ୍ଜୀକରଣ, ଲଗଇନ୍ ଏବଂ ନିଲାମର ନିୟମାବଳୀ ନିମନ୍ତେ ୱେବସାଇଟ୍ : https://baanknet.com, www.unionbankofindia.co.in ଦେଖନ୍ତୁ।

ସ୍ଥାନ: ବାଲେଶ୍ୱର, ତାରିଖ: ୨୪.୧୨.୨୦୨୫ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## GOVERNMENT OF ODISHA
## OFFICE OF THE EXECUTIVE ENGINEER RURAL WORKS DIVISION-II, KENDRAPARA

No.O-1856

eerw_kendraparat@yahoo.co.in

'E' PROCUREMENT NOTICE NO. RWD-II/KPD-14/25-26 DTD 22.12.2025

| | | | |
|---|---|---|---|
| 1 | Name of work | : | Road works in the District of Kendrapara for the year 2025-26 |
| 2 | Total No. of Work | : | 08 Nos Buildings |
| 3 | Estimated Cost | : | Rs.77.76 Lakhs (Approx) |
| 4 | Period of Completion | : | As specified in the Annexure |
| 5 | Class of contractors | : | B Class |
| 6 | Cost of Tender Paper | : | Cost of Tender paper is to be remitted ONLINE as specified in column - 3 of the Annexure |
| 7 | Detail projects | : | As specified in the Annexure |

**Other details as follows :**

| | | | |
|---|---|---|---|
| a) | Procurement officer | : | Superintending Engineer, Rural Works Division-II, Kendrapara |
| b) | Availability of tender online & submission of bid | : | 26.12.2025 at 11:00 A.M. to 05.01.2026 up to 5:00 P.M. |
| c) | Last date & time of seeking of tender clarification | : | 03.01.2026 up to 5:00 P.M. |
| d) | Opening of Tender | : | 05.01.2026 at 05.30 P.M. |
| e) | Date of lottery | : | 16.01.2026 at 11:30 A.M. |

Further details can be seen from the Govt. website www.tendersorissa.gov.in

Sd./- Superintending Engineer
Rural Works Division-II, Kendrapara

OIPR-25098/11/0032/2526

## ପୌରପରିଷଦ କାର୍ଯ୍ୟାଳୟ:ସୁନ୍ଦରଗଡ଼

ସଂଖ୍ୟା 2718, ତା.22.12.25 ରିଖ

No.C-1865:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଉଅଛି କି, ସୁନ୍ଦରଗଡ ପୌରପରିଷଦ [illegible]

ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ
ସୁନ୍ଦରଗଡ଼ ପୌରପରିଷଦ

OIPR-13130/11/0053/2526

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍- (୦୬୭୪) ୨୩୯୩୫୨୪
ଏପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://oshb.org

ପତ୍ରସଂଖ୍ୟା: ୬୭୪ ତା.୧୦.୧୨.୨୦୨୫

### ବିଜ୍ଞାପନ

**No.CAD-2810:**ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଫ୍ଲାଟ୍ ନଂ.-ଏମ.ଆଇ.ଜି.୨-୧୧/୨ (MIG-II-11/2) ଚନ୍ଦ୍ରଶେଖରପୁର, ୧ମ ପର୍ଯ୍ୟାୟ, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତୀ କନକ ମଞ୍ଜରୀ ଖାଡଙ୍ଗା, ପିତା-⁄ଶଶୀଭୂଷଣ ଖାଡଙ୍ଗା, ସ୍ୱାମୀ-ତୁଷାର ରଞ୍ଜନ ମିଶ୍ର, ସା-ସଦାଶିବପୁର, ପୋ-ବାଲିପଦର, ଥାନା-ବୁଗୁଡା, ଜିଲ୍ଲା-ଗଞ୍ଜାମଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରହୀତା ଶ୍ରୀମତୀ କନକ ମଞ୍ଜରୀ ଖାଡଙ୍ଗା ଉକ୍ତ ଗୃହ (ଫ୍ଲାଟ)ଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ଚନ୍ଦ୍ରଧର ଦାସ, ପିତା-⁄ସନାତନ ଦାସ, ସା-ଚନ୍ଦ୍ରଶେଖରପୁର, ପୋ-ସଂପୁର, ଥାନା-ବୋଲଗଡ଼, ଜିଲ୍ଲା-ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବାପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି । ଉକ୍ତ ପ୍ରକଳ୍ପ ଗୃହ (ଫ୍ଲାଟ)ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/1024/2526

## ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ଅନଗ୍ରସର କଲ୍ୟାଣ ବିଭାଗ, ଓଡ଼ିଶା ମଡେଲ୍ ଟ୍ରାଇବାଲ ଏଜୁକେଶନ ସୋସାଇଟି (OMTES)

ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ (Eklavya Model Residential School), କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ (Kalinga Model Residential School) ଏବଂ ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟ (Biju Pattanaik Adarsha Vidyalaya) ରେ ଶିକ୍ଷାବର୍ଷ ୨୦୨୬-୨୭ ନିମନ୍ତେ ଛାତ୍ରଛାତ୍ରୀଙ୍କର ନାମଲେଖା ଆବେଦନ ନିମନ୍ତେ ବିଜ୍ଞାପନ

No.V-27: ଭାରତ ସରକାରଙ୍କ ଅନୁଦାନରେ ପ୍ରତିଷ୍ଠିତ ଏବଂ ଓଡ଼ିଶା ମଡେଲ ଟ୍ରାଇବାଲ ଏଜୁକେଶନ ସୋସାଇଟି (OMTES), ଭୁବନେଶ୍ୱର ଦ୍ୱାରା ପରିଚାଳିତ ୪୭ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ (Ekalavya Model Residential School), ରାଜ୍ୟ ସରକାରଙ୍କ ଅନୁଦାନରେ ପ୍ରତିଷ୍ଠିତ ୯ଟି କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ (Kalinga Model Residential School) ଏବଂ ୧ଟି ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟ (Biju Pattanaik Adarsha Vidyalaya) ରେ ଶିକ୍ଷାବର୍ଷ ୨୦୨୬-୨୭ରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ନିମନ୍ତେ ପ୍ରବେଶିକା ପରୀକ୍ଷା ପାଇଁ ମେଧାବୀ ଛାତ୍ରଛାତ୍ରୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । ଯୋଗ୍ୟ ତାଲିକା ଭିତ୍ତିରେ ପ୍ରତ୍ୟେକ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଓ କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟରେ ୩୦ ଜଣ ଛାତ୍ର ଓ ୩୦ ଜଣ ଛାତ୍ରୀଙ୍କୁ ଏବଂ ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟରେ ୬୦ ଜଣ ଛାତ୍ର ଓ ୬୦ ଜଣ ଛାତ୍ରୀଙ୍କୁ ଗ୍ରହଣ କରାଯିବ । ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ୩୧.୦୧.୨୦୨୬ । ନିର୍ଦ୍ଧାରିତ ତାରିଖ ପରେ ମିଳିଥିବା ଦରଖାସ୍ତଗୁଡିକୁ ବିଚାରକୁ ନିଆଯିବ ନାହିଁ । ଆବେଦନପତ୍ର ତଥା ତତ୍‌ସମ୍ବନ୍ଧୀୟ ସବିଶେଷ ବିବରଣୀ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ଅନଗ୍ରସର କଲ୍ୟାଣ ବିଭାଗର ୱେବସାଇଟ (https://stsc.odisha.gov.in/) ଏବଂ ଓଡ଼ିଶା ମଡେଲ ଟ୍ରାଇବାଲ ଏଜୁକେଶନ ସୋସାଇଟିର ୱେବସାଇଟ (http://www.omtes.org/) ରୁ ପାଇପାରିବେ । ଉକ୍ତ ପ୍ରବେଶିକା ପରୀକ୍ଷା ୧୫.୦୨.୨୦୨୬ ତାରିଖ (ରବିବାର) ଦିବା ୧୦.୦୦ ଘଟିକାରୁ ମଧ୍ୟାହ୍ନ ୧୨.୦୦ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

ସ୍ୱା./-
ସେକ୍ରେଟାରୀ, ଓ.ଏମ.ଟି.ଇ.ଏସ୍
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ

OIPR-26009/11/0013/2526

# ସରପଞ୍ଚ, କର୍ମଚାରୀ ୬ ଘଣ୍ଟା ଅଟକ

## ପାନୀୟ ଜଳ ସମସ୍ୟା

### ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ

ମୋରଡ଼ା/ରାସଗୋବିନ୍ଦପୁର, ୨୪।୧୨ (ସ୍ୱାଗତ ମାଝୀ/ ସତ୍ୟବାଦୀ ପରିଡ଼ା)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ଅଧୀନ ଖଟିଝରା ପଞ୍ଚାୟତର ହରିପୁର ଏବଂ ତାରାପୁର ଗ୍ରାମବାସୀ ପାନୀୟ ଜଳ ସମସ୍ୟାକୁ ନେଇ ବୁଧବାର ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଥିଲେ। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ୬ ଘଣ୍ଟା ପର୍ଯ୍ୟନ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ସରପଞ୍ଚ ବୁଦ୍ଧିଆ ମୁର୍ମୁ ଏବଂ ପଞ୍ଚାୟତ କାର୍ଯ୍ୟାଳୟ କର୍ମଚାରୀଙ୍କୁ ଅଟକ ରଖିଥିଲେ। ଘଟଣାସ୍ଥଳରେ ବିଡିଓ ଅନନ୍ତ କୁମାର ହାଁସଦା, ଗ୍ରାମ୍ୟ ପରିମଳ ଓ ପାନୀୟ ଜଳ ଯୋଗାଣ ବିଭାଗର ଏସଡିଓ, କନିଷ୍ଠ ଯନ୍ତ୍ରୀ ନବକିଶୋର ମଲ୍ଲିକ ଏବଂ ପ୍ରିୟବ୍ରତ ଗାରୁ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଆଗାମୀ ୭ ଦିନ ଭିତରେ ପାନୀୟ ଜଳ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଲୋକେ ପଞ୍ଚାୟତ କାର୍ଯ୍ୟାଳୟରୁ ତାଲା ଖୋଲିଥିଲେ। ସୂଚନା ଅନୁଯାୟୀ, ହରିପୁର ଏବଂ ତାରାପୁର ଗ୍ରାମବାସୀଙ୍କ ପାଇଁ ପାନୀୟ ଜଳ ନିମନ୍ତେ ବସୁଧା ଯୋଜନାରେ ୨୦୨୨ ମସିହାରେ ହରିପୁର ଗ୍ରାମରେ ଏକ ଓଭର ହେଡ୍ ଟାଙ୍କି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ମାତ୍ର ଅଦ୍ୟାବଧି କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବାରୁ ଗ୍ରାମବାସୀ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଏହାର ପ୍ରତିବାଦରେ ଦୁଇ ଗ୍ରାମର ଲୋକେ ଉତ୍ତ୍ୟକ୍ତ ହୋଇ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଥିବା କହିଛନ୍ତି।



ପଞ୍ଚାୟତ ଅଫିସ ସମ୍ମୁଖରେ ଲୋକେ ହୋହଲ୍ଲା କରୁଛନ୍ତି।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଓଏଏସ୍ ଅଧିକାରିଣୀଙ୍କ ଧାରଣା

ବାରିପଦା, ୨୪।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବଦଳି ଆଦେଶ ଧରି ଆସିଥିବା ଜଣେ ଓଏଏସ୍ ଅଧିକାରିଣୀଙ୍କୁ ମୟୂରଭଞ୍ଜ ଜିଲାପାଳ କାର୍ଯ୍ୟାଳୟରେ ଯୋଗଦେବା ପାଇଁ ମନା କରିଦେଲେ। ତାଙ୍କ ନାମରେ ଲଘୁ ଖଣିଜ ପଦାର୍ଥ ଚୋରା ଚାଲାଣରେ ସମ୍ପୃକ୍ତି ନେଇ ଏନ୍‌ଜିଟିରେ ମାମଲା ବିଚାରାଧୀନ ଥିବାରୁ ତଦନ୍ତ ପ୍ରଭାବିତ ହେବା ଆଶଙ୍କାରେ ଜିଲାପାଳ ଏଭଳି ପଦକ୍ଷେପ ଗ୍ରହଣ କରିଥିବାବେଳେ ଓଏଏସ୍ ଅଧିକାରିଣୀ ଜଣଙ୍କ ବୁଧବାର ପରିବାର ସହ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ଚର୍ଚ୍ଚାର ବିଷୟ ହୋଇଛି। ଏନେଇ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀଙ୍କ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ୨୦୨୦ରେ ମୟୂରଭଞ୍ଜ ଜିଲା ବଡ଼ସାହି ତହସିଲରେ ଓଏଏସ୍ ଅଧିକାରିଣୀ ମମତାଜ ମହାରଣା ତହସିଲଦାର ଭାବେ କାର୍ଯ୍ୟ କରୁଥିଲେ। ତହସିଲ ଅଧୀନରେ ଥିବା ଡିଙ୍ଗିରା ଓ ମହୁପରା ଲିଜ୍ ସଇରାତରୁ ବହୁଗୁଣା ବେଆଇନ ବାଲି ଉତ୍ତୋଳନ ଓ ପରିବହନ ଘଟଣାରେ ବିବାଦୀୟ ହୋଇପଡ଼ିଥିଲେ। ଏହାକୁ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ମାମଲା ରୁଜୁ ହୋଇଥିଲା। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତହସିଲଦାର ମହାରଣାଙ୍କୁ ଚାକିରିରୁ ନିଲମ୍ବନ କରିବା ସହ କାରଣ ଦର୍ଶାଅ ନୋଟିସ ଜାରି କରିଥିଲା। ପରବର୍ତ୍ତୀ ସମୟରେ ସେ ଉଚ୍ଚ ନ୍ୟାୟାଳୟର ଆଦେଶ ବଳରେ ପୁନଃ ଅବସ୍ଥାପିତ ହେବା ସହ ୨୦୨୩ରେ ଦେବଗଡ଼ ଜିଲାରେ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟରେ ଯୋଗଦେଇଥିଲେ। ନିକଟରେ ପୁଣି ମୟୂରଭଞ୍ଜ ଜିଲା ରାଜସ୍ୱ ବିଭାଗକୁ ଡେପୁଟି କଲେକ୍ଟର ଭାବେ ତାଙ୍କର ବଦଳି ହୋଇଛି। ଗତ ଡିସେମ୍ବର ୧୫ରେ ସେ କାର୍ଯ୍ୟରେ ଯୋଗଦେବାକୁ ଆସିଥିଲେ। ଓଏଏସ୍ ଅଧିକାରିଣୀ ମହାରଣାଙ୍କ ପୂର୍ବ ମାମଲାର ତଦନ୍ତ ଜାରି ରହିଥିବାରୁ ଜିଲାପାଳ ହେମକାନ୍ତ ସୟ ତାଙ୍କ ଯୋଗଦାନକୁ ଗ୍ରହଣ କରି ନ ଥିଲେ। ଓଏଏସ୍ ଅଧିକାରିଣୀ ମହାରଣାଙ୍କୁ ଅନ୍ୟତ୍ର ଅବସ୍ଥାପିତ ପାଇଁ ଜିଲାପାଳ ସୟ ଅତିରିକ୍ତ ଶାସନ ସଚିବଙ୍କୁ ପତ୍ର ଲେଖିଥିଲେ। ଏ ନେଇ ଡିସେମ୍ବର ୨୨ରେ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ମେମୋ ନଂ.୫୧୩୪/ଏଷ୍ଟରେ ମହାରଣାଙ୍କୁ ମଧ୍ୟ ଅବଗତ କରାଯାଇଥିଲା। କିନ୍ତୁ ସେ ନିଜ ଜିଦ୍‌ରେ ଅଟଳ ରହି କାର୍ଯ୍ୟରେ ଯୋଗ ନ ଦେବା ପର୍ଯ୍ୟନ୍ତ ଧାରଣାରେ ବସିରହିବେ ବୋଲି କହିଛନ୍ତି। ତାଙ୍କ ସହ ପୁଅ ଓ ପୁତୁରା ମଧ୍ୟ ଧାରଣାରେ ବସିଥିବା ଦେଖିବାକୁ ମିଳିଥିଲା। ରିପୋର୍ଟ ଲେଖାହେବା ବେଳକୁ ସେ ଧାରଣାରୁ ଉଠିଯାଇଥିଲେ। ଗୁରୁବାର ଛୁଟି ଥିବାରୁ ଶୁକ୍ରବାର ପୁଣି ଅନୁରୂପ ଧାରଣାରେ ବସିବେ ବୋଲି ଗଣମାଧ୍ୟମକୁ କହିଛନ୍ତି।



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରତ ଓଏଏସ୍ ଅଧିକାରିଣୀ ମମତାଜ ମହାରଣା।

# ଆଶ୍ରମ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ବେତନଟୀ, ୨୪।୧୨ (ଧରଣୀଧର ମହାନ୍ତି)

ବେତନଟୀ ନିକଟସ୍ଥ ବଡ଼ସାହି ବ୍ଲକ ଅଧୀନ ଯୋଗୀନୁଆଗାଁ ଆଶ୍ରମ ବିଦ୍ୟାଳୟର ଦୁଇ ଦିନିଆ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ନାଏକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବଡ଼ସାହି ବ୍ଲକ୍ ସମ୍ପ୍ରସାରଣ ଅଧିକାରିଣୀ ସୁଶ୍ରୀ ବାସନ୍ତୀ ସିଂ, ମୁଖ୍ୟବକ୍ତା ଭାବେ ବଡ଼ସାହି ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜିକା ମିନତୀ ପଣ୍ଡା, ସମ୍ମାନିତ ଅତିଥି ଭାବେ ଯୋଗୀନୁଆଗାଁ ପଞ୍ଚାୟତ ସମିତି ସଦସ୍ୟ ନବୀନ ମହାନ୍ତ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନାରାୟଣ ନାଏକ, ଚନ୍ଦନପୁର ନୂତନ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ ଭୂୟାଁ, ସାମାଜିକ କର୍ମୀ ଲକ୍ଷ୍ମୀକାନ୍ତ ମହାନ୍ତ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ସମ୍ପିତ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ କନିଷ୍ଠ ଓ ବରିଷ୍ଠ ବର୍ଗର ଛାତ୍ରୀଛାତ୍ରମାନେ ଦୌଡ଼, ଉଚ୍ଚ ଡିଆଁ, ଲମ୍ଭ ଡିଆଁ, ବେଲୁନ ଫୁଟା, ବେଙ୍ଗ ଡିଆଁ, ପୁଚି, ଦୌଡ଼ ଡିଆଁ, ମ୍ୟୁଜିକ ଚେୟାର, ସର୍ଟପୁଟ, ଡିସକସ ଥ୍ରୋ ଆଦି କ୍ରୀଡ଼ାରେ ଅଂଶ ଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟଅତିଥି ପୁରସ୍କାର ବିତରଣ କରିଥିଲେ। ସହକାରୀ ଶିକ୍ଷକ ତପନ କୁମାର ରଣା, ସମରେନ୍ଦ୍ର ସିଂ, ଖେଳ ପରିଚାଳନା କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ମିନତୀ ମହାନ୍ତ, ପ୍ରତିଭା ଦେବୀ, ବନଶ୍ରୀ ଉପାଧ୍ୟାୟ, ରଶ୍ମିରେଖା ପ୍ରମୁଖ ସହଯୋଗ କରିଥିଲେ। ଜୋସ୍ନାରାଣୀ ମହାନ୍ତ ଧନ୍ୟବାଦ ଦେଇଥିଲେ।




ପୁରସ୍କାର ବିତରଣ ସଭାରେ ଉପସ୍ଥିତ ଅତିଥିମାନେ।

# ୫ ଦୋଷୀଙ୍କୁ କାରାଦଣ୍ଡାଦେଶ

## ସରକାରୀ ଅର୍ଥ ହଡ଼ପ ମାମଲା

ବାରିପଦା, ୨୪।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦାସ୍ଥିତ ଭିଜିଲାନ୍ସ କୋର୍ଟରେ ବୁଧବାର ଏକ ସରକାରୀ ଅର୍ଥ ହଡ଼ପ ମାମଲାର ରାୟ ପ୍ରକାଶ ପାଇଛି। ମାମଲାରେ ଜଡିତ ଥିବା ୫ ଅଭିଯୁକ୍ତଙ୍କୁ ଜଜ୍ ଦୋଷୀ ସାବ୍ୟସ୍ତ କରି ପ୍ରତ୍ୟେକଙ୍କୁ ୩ବର୍ଷ ଲେଖାଏ କାରାଦଣ୍ଡାଦେଶ ଶୁଣାଣି କରଛନ୍ତି। ଏହା ସହିତ ପ୍ରତ୍ୟେକଙ୍କୁ ୫୦ହଜାର ଟଙ୍କା ଜରିମାନା କରାଯାଇଛି। ଦୋଷୀଙ୍କ ପେନସନ ବନ୍ଦ ପାଇଁ ବିଭାଗ ପକ୍ଷରୁ ଆବେଦନ କରାଯିବ ବୋଲି ଜଣାପଡିଛି। ଅଭିଯୁକ୍ତମାନେ ହେଲେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ପୂର୍ବତନ ସ୍ୱତନ୍ତ୍ର ଭୂ ଅର୍ଜନ ଅଧିକାରୀ ଗୌରାଙ୍ଗ ଚରଣ ମହାନ୍ତି, ବ୍ୟାଙ୍କ ଅଫ୍ ଇଣ୍ଡିଆ ତକତପୁରସ୍ଥିତ ବିଶ୍ୱବିଦ୍ୟାଳୟ ଶାଖାର ପୂର୍ବତନ ମ୍ୟାନେଜର ଅଖଣ୍ଡଳ ପ୍ରସାଦ ମହାନ୍ତି, ପୂର୍ବତନ କର୍ମଚାରୀ ପୁରୁଷୋତ୍ତମ ମହାନ୍ତି, ସୁଦାମ ଚନ୍ଦ୍ର ସାହୁ ଓ ମୁଖ୍ୟ କ୍ୟାସିୟର ଶାନ୍ତନୁ କୁମାର କର।

ସୂଚନାଯୋଗ୍ୟ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଅଧୀନରେ ସରକାରୀ ଅର୍ଥ ହଡ଼ପକୁ ନେଇ ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା। ଏନେଇ ଭିଜିଲାନ୍ସ ପକ୍ଷରୁ ଏକ ମାମଲା ରୁଜୁ ପରେ ତଦନ୍ତ ପୂର୍ବକ ରିପୋର୍ଟ ପ୍ରଦାନ କରାଯାଇଥିଲା। ଯେଉଁଥିରେ ସମସ୍ତଙ୍କ ସମ୍ପୃକ୍ତି ଥିବାର ସ୍ପଷ୍ଟ ପ୍ରମାଣ ମିଳିଥିଲା। ସମସ୍ତ ରିପୋର୍ଟ ଓ ସାକ୍ଷୀଙ୍କ ବୟାନ ଆଧାରରେ ଜଜ୍ ଉପରୋକ୍ତ ଶୁଣାଣି କରିଛନ୍ତି।

# ଏ.କେ. ଫାଇଟର ଚାମ୍ପିୟନ

## ବେଲାକୁଟି ୟୁଥ୍ କ୍ଲବର ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ

ଝାରପୋଖରିଆ, ୨୪।୧୨ (ସୁଧୀର କୁମାର ମହାନ୍ତ)

ସାରସକଣା ବ୍ଲକ୍ ଉମାଦେଇପୁର ପଞ୍ଚାୟତ କେନ୍ଦୁଆ ଗ୍ରାମର ବେଲାକୁଟି ୟୁଥ କ୍ଲବ୍ ପକ୍ଷରୁ ଆୟୋଜିତ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। କ୍ଲବ୍ ସଭାପତି ଅଜୟ ସିଂ ଏହାକୁ ଉଦ୍‌ଘାଟନ କରିଥିଲେ। ଫାଇନାଲ ମ୍ୟାଚରେ ମାରାଙ୍ଗଗଡ଼ାକୁ ୩-୨ ଗୋଲରେ ହରାଇ ଏ.କେ. ଫାଇଟର ଚାମ୍ପିୟନ ହୋଇଥିଲା। ରେଫାରୀ ଭାବେ କଣ୍ଟେନ ହେମ୍ବ୍ରମ ଖେଳ ପରିଚାଳନା କରିଥିଲେ। କ୍ଲବ୍‌ର ସମ୍ପାଦକ ମାନସ ସିଂଙ୍କ ଆୟୋଜନରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ଉମାଦେଇପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ୫୦ କେଜି ବ୍ରଏଲର ମାଂସ, ରନରଅପ୍ ଦଳକୁ ୪୦ କେଜି ବ୍ରଏଲର ମାଂସ ପ୍ରଦାନ କରି ସମ୍ମାନିତ କରିଥିଲେ।

---

**ROURKELA SMART CITY LIMITED, Rourkela**
Udit Nagar, Rourkela-769012, Email: rourkelascl@gmail.com
BID ID : RSCL/1881/2025 DATE : 22/12/2025

**NOTICE INVITING TENDER NATIONAL COMPETITIVE BIDDING**

No.C-1862 : The Chief Executive Officer, RSCL invites bids from eligible contractors for the following project :

| Sl. No | Name of the Projects | Estimated Cost of the Project Rs. |
|---|---|---|
| 1 | Painting Works In Big Recreational Park at Koel Nagar on Percentage Rate Basis | 40.28 Lakhs |

The Tender Fees of Rs.7,100/- be deposited with the bid which is Non-refundable. The complete BID documents can be viewed / downloaded from official portal of Rourkela Municipal Corporation (https://www.rmc.nic.in or e-procurement portal of Odisha https://tendersodisha.gov.in from 22.12.2025 to 02.01.2026 (up to 17:00 Hrs. IST). Pre- Bid Meeting will be held on 24.12.2025 at 12.30 P.M. in the Conference Hall of RSCL. For queries, intending bidder may contact Ar.Sarthak Sourav Rath, Architect, RSCL Vide Phone No.8984353513, Email Id: rourkelascl@gmail.com.

Sd./- Chief Executive Officer
Rourkela Smart City Limited

OIPR-13080/11/0052/2526

---

**ODISHA COMPUTER APPLICATION CENTRE**
**OCAC REQUEST FOR PROPOSAL**
Enq.No.:-OCAC-NEGP-INFRA-0034-2025-25116

OCAC invites Request for Proposal (RFP) for Comprehensive Product Warranty Support extension of existing Switches and Security Devices installed at Odisha State Data Centre (OSDC), Bhubaneswar. For details please visit websites www.ocac.in & www.odisha.gov.in. **The bid shall be submitted in electronic mode only in the portal https://enivida.odisha.gov.in latest by 15.01.2026, 2.00 P.M.** OCAC reserves the right to accept/ reject any/ all bids without assigning any reason thereof.

**General Manager(Admin), OCAC,** Plot No.-N-1/7-D, Acharya Vihar, P.O.-RRL, Bhubaneswar-751013, Ph.-2567280/ 2567064/ 2567295
No.U-41 OIPR-16003/11/0161/2526

---

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**KEONJHAR (R&B) CIRCLE, KEONJHAR**
No.6390 dt.22.12.2025

2nd Corrigendum to EOI Identification No. CCEKC-02/2025-26

**Expression of Interest**

No.B-892 : The following changes are made to EOI Identification No. CCEKC - 02/2025-26 vide No. 6248 dt. 15.12.2025.

1. Letter of Invitation of the Authority along with all other relevant details of Expression of Interest (EOI) will be available in the website: www.tendersodisha.gov.in from **10:30 A.M of 07.01.2026 to 4:00 P.M of 02.02.2026**. Further details with any addendum, corrigendum and cancellation can be seen from www.tendersodisha.gov.in.
2. Expression of Interest (EOI) shall be received only "On-line" latest by **4:00 P.M. on 02.02.2026**.
3. Proposals received "On-line" shall be opened at **11:00 A.M. on 03.02.2026** in the Office of the Chief Construction Engineer, Keonjhar (R&B) Circle, Keonjhar-758001 in the presence of bidders who wish to attend. Bidders who participated in the bid can witness the opening of bids after logging on the site through their DSC.
4. If the office happens to be closed on the stipulated date of opening of Bids as specified, the bids will be opened on the next working day at the same time and venue.

All other terms & conditions remained unchanged.

Sd./- Chief Construction Engineer,
Keonjhar (R&B) Circle, Keonjhar

OIPR-34033/11/0107/2526

---

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, KENDRAPARA**
No.O-1856
eerw_kendraparat@yahoo.co.in

'E' PROCUREMENT NOTICE NO. RWD-II/KPD-14/25-26 DTD 22.12.2025

| | | | |
|---|---|---|---|
| 1 | Name of work | : | Road works in the District of Kendrapara for the year 2025-26 |
| 2 | Total No. of Work | : | 08 Nos Buildings |
| 3 | Estimated Cost | : | Rs.77.76 Lakhs (Approx) |
| 4 | Period of Completion | : | As specified in the Annexure |
| 5 | Class of contractors | : | B Class |
| 6 | Cost of Tender Paper | : | Cost of Tender paper is to be remitted ONLINE as specified in column - 3 of the Annexure |
| 7 | Detail projects | : | As specified in the Annexure |

Other details as follows :

| | | | |
|---|---|---|---|
| a) | Procurement officer | : | Superintending Engineer, Rural Works Division-II, Kendrapara |
| b) | Availability of tender online & submission of bid | : | 26.12.2025 at 11:00 A.M. to 05.01.2026 up to 5:00 P.M. |
| c) | Last date & time of seeking of tender clarification | : | 03.01.2026 up to 5:00 P.M. |
| d) | Opening of Tender | : | 05.01.2026 at 05.30 P.M. |
| e) | Date of lottery | : | 16.01.2026 at 11:30 A.M. |

Further details can be seen from the Govt. website www.tendersorissa.gov.in

Sd./- Superintending Engineer
Rural Works Division-II, Kendrapara

OIPR-25098/11/0032/2526

---

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍- (୦୬୭୪) ୨୩୯୩୫୨୪
ଏପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://oshb.org

ପତ୍ରସଂଖ୍ୟା: ୨୬୭୪ ତା.୧୦.୧୨.୨୦୨୫

**ବିଜ୍ଞାପନ**

No.CAD-2810:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଫ୍ଲାଟ୍ ନଂ.-ଏମ.ଆଇ.ଜି.୨-୧୧/୨ (MIG-II-11/2) ଚନ୍ଦ୍ରଶେଖରପୁର, ୧ମ ପର୍ଯ୍ୟାୟ, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତୀ କନକ ମଞ୍ଜରୀ ଖାଡଙ୍ଗା, ପିତା-ସ୍ୱର୍ଗତ ଶଶୀଭୂଷଣ ଖାଡଙ୍ଗା, ସ୍ୱାମୀ-ତୁଷାର ରଞ୍ଜନ ମିଶ୍ର, ସା-ସଦାଶିବପୁର, ପୋ-ବାଲିପଦର, ଥାନା-ବୁଗୁଡା, ଜିଲ୍ଲା-ଗଞ୍ଜାମଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରହୀତା ଶ୍ରୀମତୀ କନକ ମଞ୍ଜରୀ ଖାଡଙ୍ଗା ଉକ୍ତ ଗୃହ (ଫ୍ଲାଟ)ଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ଡମ୍ବରୁଧର ଦାସ, ପିତା-ସ୍ୱର୍ଗତ ସନାତନ ଦାସ, ସା-ଚନ୍ଦ୍ରଶେଖରପୁର, ପୋ-ସଂପୁର, ଥାନା-ବୋଲଗଡ଼, ଜିଲ୍ଲା-ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବାପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହ (ଫ୍ଲାଟ)ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/1024/2526

---

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ଅନଗ୍ରସର କଲ୍ୟାଣ ବିଭାଗ, ଓଡ଼ିଶା ମଡେଲ୍ ଟ୍ରାଇବାଲ ଏଜୁକେଶନ ସୋସାଇଟି (OMTES)**

ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ (Eklavya Model Residential School), କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ (Kalinga Model Residential School) ଏବଂ ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟ (Biju Pattanaik Adarsha Vidyalaya) ରେ ଶିକ୍ଷାବର୍ଷ ୨୦୨୬-୨୭ ନିମନ୍ତେ ଛାତ୍ରଛାତ୍ରୀଙ୍କର ନାମଲେଖା ଆବେଦନ ନିମନ୍ତେ ବିଜ୍ଞାପନ

No.V-27: ଭାରତ ସରକାରଙ୍କ ଅନୁଦାନରେ ପ୍ରତିଷ୍ଠିତ ଏବଂ ଓଡ଼ିଶା ମଡେଲ ଟ୍ରାଇବାଲ ଏଜୁକେଶନ ସୋସାଇଟି (OMTES), ଭୁବନେଶ୍ୱର ଦ୍ୱାରା ପରିଚାଳିତ ୪୭ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ (Ekalavya Model Residential School), ରାଜ୍ୟ ସରକାରଙ୍କ ଅନୁଦାନରେ ପ୍ରତିଷ୍ଠିତ ୯ଟି କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ (Kalinga Model Residential School) ଏବଂ ୧ଟି ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟ (Biju Pattanaik Adarsha Vidyalaya) ରେ ଶିକ୍ଷାବର୍ଷ ୨୦୨୬-୨୭ରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ନିମନ୍ତେ ପ୍ରବେଶିକା ପରୀକ୍ଷା ପାଇଁ ମେଧାବୀ ଛାତ୍ରଛାତ୍ରୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ଯୋଗ୍ୟ ତାଲିକା ଭିତ୍ତିରେ ପ୍ରତ୍ୟେକ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଓ କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟରେ ୩୦ ଜଣ ଛାତ୍ର ଓ ୩୦ ଜଣ ଛାତ୍ରୀଙ୍କୁ ଏବଂ ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟରେ ୬୦ ଜଣ ଛାତ୍ର ଓ ୬୦ ଜଣ ଛାତ୍ରୀଙ୍କୁ ଗ୍ରହଣ କରାଯିବ। ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ୩୧.୦୧.୨୦୨୬। ନିର୍ଦ୍ଧାରିତ ତାରିଖ ପରେ ମିଳିଥିବା ଦରଖାସ୍ତଗୁଡିକୁ ବିଚାରକୁ ନିଆଯିବ ନାହିଁ। ଆବେଦନପତ୍ର ତଥା ତତ୍‌ସମ୍ବନ୍ଧୀୟ ସବିଶେଷ ବିବରଣୀ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ଅନଗ୍ରସର କଲ୍ୟାଣ ବିଭାଗର ୱେବସାଇଟ (https://stsc.odisha.gov.in/) ଏବଂ ଓଡ଼ିଶା ମଡେଲ ଟ୍ରାଇବାଲ ଏଜୁକେଶନ ସୋସାଇଟିର ୱେବସାଇଟ (http://www.omtes.org/) ରୁ ପାଇପାରିବେ। ଉକ୍ତ ପ୍ରବେଶିକା ପରୀକ୍ଷା ୧୫.୦୨.୨୦୨୬ ତାରିଖ (ରବିବାର) ଦିବା ୧୦.୦୦ ଘଟିକାରୁ ମଧ୍ୟାହ୍ନ ୧୨.୦୦ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ସ୍ୱା./-
ସେକ୍ରେଟାରୀ, ଓ.ଏମ.ଟି.ଇ.ଏସ୍
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ

OIPR-26009/11/0013/2526

---

**ପୌରପରିଷଦ କାର୍ଯ୍ୟାଳୟ:ସୁନ୍ଦରଗଡ଼**
ସଂଖ୍ୟା 2718, ତା.22.12.25 ରିଖ

No.C-1865:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଉଅଛି କି, ସୁନ୍ଦରଗଡ ପୌରପରିଷଦ ଅନ୍ତର୍ଗତ ଲୁହୁରାଡିପାଠାରେ ଥିବା ସୁନ୍ଦରଗଡ ବସ୍ ଟର୍ମିନାଲ ପଛପଟରେ ନିର୍ମାଣ ହୋଇଥିବା ୨୮ ଗୋଟି (C/11 ରୁ C38) 8'x10' ଦୋକାନ ଘର (Shop Room) [illegible]

| କ୍ରମିକ ନଂ | ଦୋକାନ | [illegible] | [illegible] |
|---|---|---|---|
| ୧ | ଲୁହୁରାଡିପାଠାରେ ଥିବା ସୁନ୍ଦରଗଡ ବସ୍ ଟର୍ମିନାଲ ପଛପଟରେ ନିର୍ମାଣ ହୋଇଥିବା ଗୋଟି (C/11 ରୁ C38) 8'x10' ଦୋକାନ ଘର (Shop Room) | ଟ.୧୫,୦୦୦.୦୦ | ଟ.୧୦,୦୦୦.୦୦ |

[illegible]

ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ
ସୁନ୍ଦରଗଡ଼ ପୌରପରିଷଦ

OIPR-13130/11/0053/2526

---

**यूनियन बैंक ऑफ इंडिया Union Bank of India**
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ : ବାଲେଶ୍ୱର**
ମାଣିଖମ୍ବ, ଓଟି ରୋଡ଼, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧
ଇମେଲ୍: crld.robalasore@unionbankofindia.bank, ମୋ.: ୮୯୨୮୯୧୭୪୧୧

**ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକର ନିଲାମ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା, ଜାମିନ୍‌ଦାରମାନଙ୍କୁ ଜଣାଇଦିଆଯାଉଛିଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକ ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି, ଯାହାକୁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସୁରକ୍ଷିତ ଋଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀ ଗଠନାତ୍ମକ/ସାଙ୍କେତିକ/ଭୌତିକ ଦଖଲ ନେଇ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା୦୯.୦୧.୨୦୨୬ରିଖରେ ବିକ୍ରୟ କରିବା ନିମନ୍ତେ ସ୍ଥିର କରିଛନ୍ତି। ନିମ୍ନରେ ବର୍ଣ୍ଣିତ ଋଣଗ୍ରହୀତା ଓ ଜାମିନ୍‌ଦାରମାନେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ଦେବାକୁ ଥିବା ବକେୟା ଦେୟ ନିମ୍ନରେ ପ୍ରଦାନ କରାଗଲା। ସଂରକ୍ଷିତ ମୂଲ୍ୟ ଓ ଅମାନତ ଜମା ମଧ୍ୟ ନିମ୍ନରେ ପ୍ରଦାନ କରାଗଲା।

**ଯାଜପୁର ଟାଉନ-୩ ଶାଖା, ଜିଲ୍ଲା: ଯାଜପୁର, ଫୋନ୍ ନଂ.: ୮୯୪୦୬୮୮୮୪୮, ଇମେଲ: ubin0918024@unionbankofindia.bank**

| ଋଣଗ୍ରହୀତା/ସହ-ଆବେଦନକାରୀ/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା: | ବକେୟା ଦେୟ |
|---|---|
| ଋଣଗ୍ରହୀତା: ମେସର୍ସ ଆର୍ ଏସ୍ କନ୍‌ଷ୍ଟ୍ରକସନ୍ ଆଣ୍ଡ ଇଞ୍ଜିନିୟରିଂ, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ରୀତାଞ୍ଜଳି ସାହୁ, ସ୍ୱାମୀ: ପ୍ରଦୀପ କୁମାର ସାହୁ / ସହ-ଆବେଦନକାରୀ ଏବଂ ଜାମିନ୍‌ଦାର: ଶ୍ରୀମତୀ ରୀତାଞ୍ଜଳି ସାହୁ, ସ୍ୱାମୀ: ପ୍ରଦୀପ କୁମାର ସାହୁ, ଉଭୟଙ୍କ ଠିକଣା- ସା: ବାଲିଚନ୍ଦ୍ରପୁର (ବାଲିସାହି), ପୋ: ବରୀକୁଳ, ଜିଲ୍ଲା: ଯାଜପୁର, ପିନ୍-୭୫୫୦୧୪ | ୧୩.୧୧.୨୦୨୫ ସୁଦ୍ଧା ଟ.୧୦,୩୪,୬୩୩.୪୩ + ଏନ୍‌ପିଏ ତାରିଖ ଠାରୁ ସୁଧ + ପ୍ରଯୁଜ୍ୟ ଆଇନଗତ/ଅନ୍ୟାନ୍ୟ ଦେୟ |

ସମ୍ପତ୍ତି ନଂ.-୧: ଶ୍ରୀମତୀ ରୀତାଞ୍ଜଳି ସାହୁ, ସ୍ୱାମୀ: ପ୍ରଦୀପ କୁମାର ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ସାବିକ ଖାତା ନଂ.: ୩୧୪, ସାବିକ ପ୍ଲଟ୍ ନଂ.: ୭୧, ମୌଜା: ବାଲିଚନ୍ଦ୍ରପୁର, ଥାନା: ବିଂଝାରପୁର, ଥାନା ନଂ. ୪୩୮, ଏସ୍‌ଆରଓ: ମାଁସଡା, ଜିଲ୍ଲା: ଯାଜପୁର, କ୍ଷେତ୍ର: ଏକର୦.୦୮ ଡିସିମିଲି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରବି ପାଗଳ, ଦକ୍ଷିଣ: ଗ୍ରାମ୍ୟ ରାସ୍ତା, ପୂର୍ବ: ଶତ୍ରୁଘ୍ନ ସାହୁ, ପଶ୍ଚିମ: ଶିବପ୍ରସାଦ ଦାସ
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୩,୦୭,୪୯୫.୭୩ / ଅମାନତ ଜମା ରାଶି: ଟ.୩୦,୭୪୯.୫୭ / ବିଡ୍ ବୃଦ୍ଧି ରାଶି: ଟ.୩,୦୭୮.୦୦

**ଡୁବୁରୀ-୨ ଶାଖା, ସା: ଡୁବୁରୀ ଜଙ୍କସନ୍, ଜିଲ୍ଲା: ଯାଜପୁର, ମୋ.: ୮୭୨୦୯୮୮୪୧୦, ଇମେଲ: ubin0814113@unionbankofindia.bank**

[illegible]

**ବାମନିପାଳ ଶାଖା, ଜିଲ୍ଲା: କେନ୍ଦୁଝର, ଇମେଲ: ubin0807541@unionbankofindia.bank**

[illegible]

**ବଡ଼ୁଆଁ ଶାଖା, ଜିଲ୍ଲା: ଯାଜପୁର, ଇମେଲ: ubin0806633@unionbankofindia.bank**

[illegible]

ଇ-ନିଲାମ ତାରିଖ ଏବଂ ସମୟ: ୦୯.୦୧.୨୦୨୬ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ (ପ୍ରତ୍ୟେକ ପାଇଁ ଅସୀମିତ ସ୍ୱତଃ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବସାଇଟ: https://baanknet.com

ପଞ୍ଜୀକରଣ, ଲଗଇନ୍ ଏବଂ ନିଲାମର ନିୟମାବଳୀ ନିମନ୍ତେ ୱେବସାଇଟ : https://baanknet.com, www.unionbankofindia.co.in ଦେଖନ୍ତୁ।

ସ୍ଥାନ: ବାଲେଶ୍ୱର, ତାରିଖ: ୨୪.୧୨.୨୦୨୫ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ଭୁଜାଲିରେ ହାଣିଲେ, ମନିପର୍ସ ଛଡ଼ାଇଲେ

ଖଇରା, ୨୪।୧୨(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନରେ ଦିନକୁ ଦିନ ଅପରାଧିକ କାର୍ଯ୍ୟକଳାପ ବଢ଼ି ଚାଲିଥିବାରୁ ଲୋକମାନେ ଦିନରେ ବି ଘରୁ ବାହାରିବାକୁ ଭୟ କରୁଛନ୍ତି। ବୁଧବାର ଏଭଳି ଏକ ଘଟଣା ସାଧାରଣ ଲୋକଙ୍କ ମନରେ ଭୟ ସଞ୍ଚାର କରିଛି। ନହଙ୍ଗ ଗ୍ରାମର ରଘୁନାଥ ଜେନା(୪୮) କୁପାରୀ-ସରଖିଆ କେନାଲ ରାସ୍ତା ଦେଇ ମାମୁ ଘର ସରଖିଆ ଗ୍ରାମକୁ ଯାଉଥିବା ବେଳେ ଶନିମନ୍ଦିର ଛକରେ ୨ଜଣ ଯୁବକ ବାଇକରେ ଆସି ବନ୍ଧୁକ ଓ ଭୁଜାଲି ଦେଖାଇ ଅଟକାଇଥିଲେ। ମନି ପର୍ସ ଛଡାଇବା ବେଳେ ପ୍ରତିବାଦ କରିବାରୁ ଭୁଜାଲିରେ ଆକ୍ରମଣ କରିଥିଲେ। ଭୁଜାଲି ମୁଣ୍ଡରେ ନ ବାଜି ପାଟି ତଳେ ବାଜିବାରୁ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତିବା ସହ କ୍ଷତାକ୍ତ ହୋଇପଡିଥିଲେ। ଗ୍ରାମର ଅନ୍ୟ କଲେଜ ଛାତ୍ର ପଦ୍ମନାଭ ବେହେରା କଲେଜରୁ ଫେରୁଥିବା ବେଳେ ଘଟଣା ଦେଖି ଗ୍ରାମବାସୀଙ୍କୁ ଖବର ଦେବା ପରେ ଗ୍ରାମବାସୀ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିରହିଥିବା ରଘୁନାଥଙ୍କୁ ଉଠାଇ ମେଡିକାଲରେ ପହଞ୍ଚାଇବା ସହ ଖଇରା ପୋଲିସକୁ ଖବର ଦିଆଯାଇଥିଲା। ଏହି ରାସ୍ତାରେ କେନାଲ ଉପରେ ଥିବା ପାଦଚଲା ପୋଲ ପାଚେରିରେ ବହୁ ଯୁବଗୋଷ୍ଠୀ ନିଶାସେବନ କରି ବାରମ୍ୱାର ଏଭଳି ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିବା ନେଇ ସ୍ଥାନୀୟ ଗ୍ରାମବାସୀ କହିବା ସହ ପାଟ୍ରୋଲିଂ ପାଇଁ ଦାବି କରିଛନ୍ତି।

## ଖଇରାରେ ନୂତନ ଉପନିବନ୍ଧକଙ୍କ ଯୋଗଦାନ

ଖଇରା, ୨୪।୧୨(ଉତ୍କଳବନ୍ଧୁ ପଣ୍ଡା)

ଖଇରା ବ୍ଲକ ଅଧୀନ ଉପନିବନ୍ଧକ କାର୍ଯ୍ୟାଳୟରେ ଉପନିବନ୍ଧକ ପଦବୀ ପାଖାପାଖି ୨ବର୍ଷ ଧରି ଖାଲି ପଡିବା ପରେ ବିଶ୍ୱଜିତ ରଣା ୨୦ତାରିଖରେ ନୂତନ ଉପନିବନ୍ଧକ ଭାବେ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଏହା ପୂର୍ବରୁ ଅତିରିକ୍ତ ତହସିଲଦାର ଓ ତହସିଲଦାରମାନେ ଏହି ଦାୟିତ୍ୱ ନିର୍ବାହ କରୁଥିବା ବେଳେ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଯଥାସମ୍ଭବ ସେବା ଯୋଗାଇ ଦେବାକୁ ପ୍ରୟାସ କରିବେ ବୋଲି ଉପନିବନ୍ଧକ ରଣା କହିଛନ୍ତି।

## ବାଲେଶ୍ୱର ଷ୍ଟେଶନ ଛକରେ ଜବରଦଖଲ ଉଚ୍ଛେଦ



ଜବରଦଖଲ ଉଚ୍ଛେଦ କରାଯାଉଛି।

ବାଲେଶ୍ୱର, ୨୪।୧୨(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ଷ୍ଟେଶନ ଛକଠାରୁ ଫକୀରମୋହନ ଗୋଲେଇ ପର୍ଯ୍ୟନ୍ତ ବୁଧବାର ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଏହି ଉଚ୍ଛେଦ କରାଯାଇଛି। ଷ୍ଟେଶନ ଛକଠାରୁ ଫକୀରମୋହନ ଗୋଲେଇ ପର୍ଯ୍ୟନ୍ତ ମୁଖ୍ୟରାସ୍ତା ବାମପାର୍ଶ୍ୱରେ ୨୭୮ରୁ ଅଧିକ ଦୋକାନ ଘର ଥିବା ବେଳେ ୧୦/୧୨ଟି ଜେସିବି ଦ୍ୱାରା ବୁଧବାର ୧୮୪ରୁ ଅଧିକ ଘର ଭଙ୍ଗାଯାଇଥିବା ଜଣାପଡ଼ିଛି। ତେବେ ମୁଖ୍ୟରାସ୍ତାର ମଧ୍ୟସ୍ଥଳରୁ ୧୮ମିଟର ପର୍ଯ୍ୟନ୍ତ ଜବରଦଖଲରେ ଥିବା ଘର ସବୁକୁ ଭଙ୍ଗାଯାଉଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

ସହରର ତାମୁଲିଆ ବ୍ରିଜ୍‌ଠାରୁ ଫକୀରମୋହନ ଗୋଲେଇ ପର୍ଯ୍ୟନ୍ତ ରାସ୍ତାର ଉଭୟପାର୍ଶ୍ୱ ଜବରଦଖଲରେ ରହିଛି। ଜବରଦଖଲରେ ଥିବା ଦୋକାନ, ବ୍ୟବସାୟ ପ୍ରତିଷ୍ଠାନ ସମ୍ମୁଖରେ ବାଇକ୍, କାର୍, ବସ୍‌ଠାରୁ ଆରମ୍ଭ କରି ବିଭିନ୍ନ ଯାନବାହନ ପାର୍କିଂ ଯୋଗୁ ରାସ୍ତା ସଙ୍କୁଚିତ ହେଉଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହେବା ସହ ଛୋଟବଡ଼ ଦୁର୍ଘଟଣା ଘଟୁଛି। ବିଶେଷକରି ଷ୍ଟେଶନ ଛକଠାରୁ ଫକୀରମୋହନ ଗୋଲେଇ ପର୍ଯ୍ୟନ୍ତ ରାସ୍ତାପାର୍ଶ୍ୱରେ ଥିବା ଦୁଇ ମହଲା ବିଶିଷ୍ଟ


### ସମ୍ପ୍ରସାରଣ ହେବ ରାସ୍ତା

କୋଠାଗୁଡ଼ିକ ଜବରଦଖଲରେ ରହି ବେଆଇନ ଭାବେ ନିର୍ମାଣ ନେଇ ଅଭିଯୋଗ ହୋଇଥିଲା। ଏହି ଜବରଦଖଲ ଉଚ୍ଛେଦ ପାଇଁ ଗତ ୯ତାରିଖରେ ଜିଲା ପ୍ରଶାସନକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଦୋକାନ ଗୃହ ଖାଲି କରିବା ନେଇ ମାଲିକମାନଙ୍କୁ ନୋଟିସ୍ ଦିଆଯିବା ସହ ମାଇକ୍ ଯୋଗେ ଘୋଷଣା କରାଯାଇଥିଲା। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ଜବରଦଖଲ ଉଚ୍ଛେଦ ନିମନ୍ତେ ଉପଜିଲାପାଳ ଶିବ ମାଲବୀୟଙ୍କ ନେତୃତ୍ୱରେ ଜଣେ ଆଡିଶିନାଲ ଏସ୍‌ପି, ୭ଜଣ ଜଣ ଡିଏସ୍‌ପି, ୫ଜଣ ଇନ୍ସପେକ୍ଟରଙ୍କ ସହ ୩ ପ୍ଲାଟୁନ ଫୋର୍ସ ନିୟୋଜିତ କରାଯାଇଛି।

ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ କହନ୍ତି, ରାସ୍ତା ପ୍ରଶସ୍ତିକରଣ ନିମନ୍ତେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଉଚ୍ଛେଦ ହୋଇଥିବା ଦୋକାନୀଙ୍କର ତଥ୍ୟ ରଖାଯାଇଛି। ପ୍ରାଥମିକତା ଦୃଷ୍ଟିରୁ ସେମାନଙ୍କୁ ଥଇଥାନ ପାଇଁ ପୌର ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି।

## ବିଶିଷ୍ଟ ପୂଜକ ବଂଶୀଧର ପଣ୍ଡାଙ୍କ ପରଲୋକ

ନୀଳଗିରି, ୨୪।୧୨
(ପ୍ରଶାନ୍ତ ବିଶ୍ୱାଳ)



ବଂଶୀଧର ପଣ୍ଡା

ନୀଳଗିରି ବ୍ଲକ ନରଣପୁର ପଞ୍ଚାୟତ ଡାଳିମ୍ବପାଳ ଗ୍ରାମର ବିଶିଷ୍ଟ ପୂଜକ ତଥା ସାମାଜିକ କର୍ମୀ ବଂଶୀଧର ପଣ୍ଡା(୮୦) ମଙ୍ଗଳବାର ମୃତ୍ୟୁବରଣ କରିଛନ୍ତି। ଦୀର୍ଘଦିନ ଧରି ନିକଟସ୍ଥ ନରଣପୁର ଗ୍ରାମର ଶିବମନ୍ଦିରର ପୂଜକ ଭାବରେ କାର୍ଯ୍ୟ କରି ପ୍ରିୟଭାଜନ ହୋଇପାରିଥିଲେ। ବଡ଼ପୁଅ କରୁଣାକର ପଣ୍ଡା ଦୀର୍ଘଦିନ ଧରି ଭାଜପାର ଜଣେ ଆଗଧାଡିର ନେତା ଥିବାବେଳେ ଚଳିତ ଜିଲା କମିଟିରେ ଉପସଭାପତି ଭାବେ ଚୟନ ହୋଇ ନିଜର ପତିଆରା ଦଖଲ କରିପାରିଛନ୍ତି। ସ୍ୱର୍ଗତ ବଂଶୀଧର ପଣ୍ଡାଙ୍କ କନିଷ୍ଠପୁତ୍ର ଦିବାକର ପଣ୍ଡା ଡିଆରଡିଓର ବୈଜ୍ଞାନିକ ଭାବରେ କାର୍ଯ୍ୟରତ। ସେ ଜଣେ ମିଷ୍ଟ, ପରୋପକାରୀ ଭାବରେ ଅଞ୍ଚଳରେ ବେଶ୍ ଜଣାଶୁଣା ଥିବାବେଳେ ଉଚ୍ଚରକ୍ତଚାପ, ମୂତ୍ରାଶୟ ରୋଗରେ ପୀଡିତ ଥିଲେ। ତାଙ୍କର ମରଶରୀର ନରଣପୁର ପହଞ୍ଚିବା ପରେ ଶହଶହ ସଂଖ୍ୟାରେ ପୁରୁଷ ଓ ମହିଳା ତାଙ୍କ ପାର୍ଥିବ ଶରୀରକୁ ଗ୍ରାମ ପରିକ୍ରମା କରି ଭାବବିହ୍ୱଳ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଖବରପାଇ ସାମାଜିକ କର୍ମୀ ତଥା ଏମ୍‌ପିଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ଦେବାଶିଷ ଆଚାର୍ଯ୍ୟ, ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝି, ସାମାଜିକ କର୍ମୀ ଗଙ୍ଗାଧର ମିଶ୍ର, ରାଜୀବ ଦାସବାବୁ ପ୍ରମୁଖ ବହୁବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷଦର୍ଶନ କରିଥିଲେ। ପରେ ଡାଳିମ୍ବପାଳ ନିଆଯାଇ ଗ୍ରାମ ପରିକ୍ରମା କରି ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

## ସାଉଁ ସରକାରୀ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

ରସାଳପୁର, ୨୪।୧୨(ଶରତ ସାମଲ)



ଅତିଥିଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚନ ହେଉଛି।

୧୯୭୫ ମସିହାରେ ଗଢ଼ା ଯାଇଥିବା ଏହି ବିଦ୍ୟାଳୟ ତାର ୫୦ବର୍ଷ ପୂର୍ତ୍ତି ପାଳନ କରୁଛି। ସେ ସମୟରେ ଘୋର ଅଭାବ ସାଙ୍ଗକୁ ସରକାରୀ ସାହାଯ୍ୟ ମଧ ନ ଥିଲା। ଏଭଳି ପରିସ୍ଥିତି ସମୟରେ ଯେଉଁ ବ୍ୟକ୍ତିମାନେ ଏହାକୁ ଗଢ଼ି ତୋଳିଥିଲେ ସେମାନେ ପୁଣ୍ୟ କାମ କରିଛନ୍ତି ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହାତ୍ମା ଗାନ୍ଧୀ ଓ ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ କଲାମଙ୍କ ପ୍ରତିମୂର୍ତ୍ତି ମୁଖ୍ୟଅତିଥିଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା।

୪ଦିନ ଧରି ଚାଲିଥିବା ବାଲେଶ୍ୱର ଜିଲା ସଦର ବ୍ଲକ ରେମୁଣା ନିର୍ବାଚନ ମଣ୍ଡଳୀ ଗେଙ୍ଗୁଟି ପଞ୍ଚାୟତ ଆଞ୍ଚଳିକ ସରକାରୀ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପାନୀ ଉତ୍ସବ ବୁଧବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ସରକାରୀ ଉପ ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ ଦତ୍ତ, ସାମାଜିକ କର୍ମୀ ଈଶ୍ୱର ବେହେରା, ଖାନନଗର ସରପଞ୍ଚ ଅଞ୍ଜନ ନାୟକ, ସମିତିସଭ୍ୟା ରଶ୍ମିବାଳା ଦାସ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦ୍ରୋଣାଚାର୍ଯ୍ୟ ପଟ୍ଟାୟତ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ 'ଶୁଭ ସୁବର୍ଣ୍ଣ ଆଞ୍ଚଳିକ' ସ୍ମରଣିକା ଅତିଥିଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ଭାସ୍କର ଚନ୍ଦ୍ର ପରିଡା ସଭାପତିତ୍ୱ କରିଥିଲେ। ବିଦ୍ୟାଳୟ ଶିକ୍ଷୟିତ୍ରୀ ଚିନ୍ମୟୀ ପାତ୍ର ଓ ପୁରାତନ ଛାତ୍ର ଡ. ଅକ୍ଷୟ ଗୋଛାୟତ ଅତିଥି ପରିଚୟ ପ୍ରଦାନ କରିଥିଲେ।


ଭା.କ.ନି.
CCI

### ଭାରତୀୟ କପା ନିଗମ ଲିମିଟେଡ୍

ମୋବାଇଲ ଆପ

ଶାଖା କାର୍ଯ୍ୟାଳୟ: ରାୟଗଡା
ପ୍ଲଟ ନଂ-୧୩୮/୨୦୩୦/୨୫/୮ ପ୍ରଥମ ମହଲା
ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ୍ ରୋଡ୍, ରାୟଗଡ଼ା -୭୬୫୦୦୧ (ଓଡ଼ିଶା)

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୨୪.୧୨.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ "କପାସ କିଷାନ" ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

**ଚାଷୀମାନଙ୍କର ସ୍ୱୟଂ ପଞ୍ଜିକରଣ ତାରିଖ ଶୀଘ୍ର ପାଖେଇ ଆସୁଛି ଏବଂ ତେଣୁ, ସମସ୍ତ ବାକି ଚାଷୀମାନଙ୍କୁ ଶେଷ ମୁହୂର୍ତ୍ତକୁ ଅପେକ୍ଷା ନକରି ପଞ୍ଜିକରଣ ସମାପ୍ତ କରିବାକୁ ଅନୁରୋଧ କରାଯାଉଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ



ଭା.କ.ନି.
CCI

### ଭାରତୀୟ କପା ନିଗମ ଲିମିଟେଡ୍

ମୋବାଇଲ ଆପ

ଶାଖା କାର୍ଯ୍ୟାଳୟ: ରାୟଗଡା
ପ୍ଲଟ ନଂ-୧୩୮/୨୦୩୦/୨୫/୮ ପ୍ରଥମ ମହଲା
ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ୍ ରୋଡ୍, ରାୟଗଡ଼ା -୭୬୫୦୦୧ (ଓଡ଼ିଶା)

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୨୪.୧୨.୨୦୨୫

**କପା ଚାଷୀଙ୍କୁ ନିବେଦନ**

ସିସିଆଇ ନଜରକୁ ଏହା ଆସିଛି ଯେ, କେତେକ ଚାଷୀ କପାସ୍ କିଷାନ ମୋବାଇଲ୍ ଆପ୍ ସ୍ଲଟ୍‌ରେ ବୁକ୍ କରିଥିବା ପରିମାଣରୁ ବହୁ ଅଧିକ ପରିମାଣର ଉତ୍ପାଦ ଆଣୁଛନ୍ତି, ଯାହାଫଳରେ କାରଖାନାଗୁଡ଼ିକରେ ଗହଳି ଓ ଆଇନଶୃଙ୍ଖଳା ସମସ୍ୟା ସୃଷ୍ଟି ହେଉଛି।

ସିସିଆଇ ଏତଦ୍ୱାରା ସମସ୍ତ କପା ଚାଷୀଙ୍କୁ ନିବେଦନ କରୁଅଛି ଯେ, ଆପଣମାନେ ଯତ୍ନପୂର୍ବକ ପରିମାଣ ବୁକ୍ କରନ୍ତୁ ଏବଂ ୨-୩ କୁଇଣ୍ଟାଲର ସହନୀୟ ଓଜନରୁ ଅଧିକ ପରିମାଣର ଅତିରିକ୍ତ ଉତ୍ପାଦ ଆଣନ୍ତୁ ନାହିଁ। ଯେଉଁ ଚାଷୀମାନେ ବୁକ୍ କରିଥିବା ପରିମାଣରୁ ସହନୀୟ ସୀମାରୁ ଅଧିକ ପରିମାଣର ଉତ୍ପାଦ ଆଣିବେ ସେମାନଙ୍କ ଉତ୍ପାଦକୁ ଗ୍ରହଣ କରାଯିବ ନାହିଁ।

ତେଣୁକରି, ସିସିଆଇ ସମସ୍ତ କପା ଚାଷୀମାନଙ୍କୁ ନିବେଦନ କରୁଅଛି କି, ସ୍ଲଟ୍‌ରେ ଯତ୍ନପୂର୍ବକ ପରିମାଣ ବୁକ୍ କରନ୍ତୁ। ଏହାଦ୍ୱାରା କପାରେ ସୁରୁଖୁରୁ, ପାରଦର୍ଶୀ ଏବଂ ଚାଷୀ ଅନୁକୂଳ ଏମ୍‌ଏସ୍‌ପି କାର୍ଯ୍ୟ ପରିଚାଳନାରେ ସହାୟତା ମିଳିବ।

ସ୍ୱା./- ଶାଖା ମୁଖ୍ୟ



### ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ

( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)

OPTCL Lifeline of Odisha

### ODISHA POWER TRANSMISSION CORPORATION LIMITED

(A Government of Odisha Undertaking)

Regd. Office: OPTCL Tech Tower, Janpath, Saheed Nagar, Bhubaneswar-751007

**TENDER ALERT**

**1)Tender Call Notice No. 40/BBS/2025-26:** Supply of Hardware fittings & spacer for 220kV Cross Bus augmentation work of 315MVA ICT- 1,2 & 3 Bays at Grid S/s Mendhasal under EHT (O&M) Circle, Bhubaneswar.

**2)Tender Call Notice No. 41/BBS/2025-26:** Installation of 250kVA 33/0.4kV Plinth mounted Station Transformer at Grid S/s Ransinghpur under EHT (O&M) Circle, Bhubaneswar.

**3)Tender Call Notice No. 42/BBS/2025-26:** Hiring of commercial registered 7/9 seater AC bolero or equivalent for use at E&MR Division, Bhubaneswar under EHT (O&M) Circle, Bhubaneswar.

**4)Tender Call Notice No. 43/BBS/2025-26:** Hiring of commercial registered 7/9 seater AC bolero or equivalent for use at EHT (O&M) Division, Puri under EHT (O&M) Circle, Bhubaneswar.

**5)Tender Call Notice No. 44/BBS/2025-26:** Hiring of commercial registered 7/9 seater AC bolero or equivalent for use at EHT (O&M) Division, Bhubaneswar under EHT (O&M) Circle, Bhubaneswar.

**6)Tender Call Notice No. 05/MEN/2025-26:** Cutting of Jungle, Bushes, unwanted plants & Cleaning of fencing nets at 400kV GSS, Mendhasal under EHT (O&M) Division, Mendhasal.

**7)Tender Call Notice No. 26/KHU/2025-26:** Construction of two nos. of Transformer Oil sump pits at GSS, Khurda under EHT (O&M) Division, Khurda.

**8)Tender Call Notice No. OTCN-20/2025-26:** Engagement of one no. of diesel run A/C Bolero camper (Dala Bolero) or equivalent required for field & maintenance works of (O&M) S/D, Chatrapur under EHT (O&M) Division, Chatrapur under EHT (O&M) Circle, Berhampur.

**9)Tender Call Notice No. 11/2025-26:** Supply of different types of clamps and connectors for different grid S/s under EHT (O&M) Division, Rajgangpur.

**10)E-Tender Call Notice No. 12 OF 25-26:** Improvement to 1st floor (Wing-1) of Tech Tower, OPTCL, Bhubaneswar (Provision of Work station, file cabinet and office table) under Civil Works Circle, OPTCL, BBSR.

**11)E-Tender Call Notice No. BRL- 53/2025-26:** Construction of RCC slabs for Cable Trench slabs (220kV & 132kV) & Earth pits in S/Y of 220/132kV grid S/s, Tarkera under EHT (O&M) Division, Rourkela under EHT (O&M) Circle, Burla.

**12)Tender Call Notice No. RKL- 16/25-26:** Re-alignment of 132kV & 33kV isolators in different feeders at 132/33 kV GSS,Chhend under EHT (O&M) Division, Rourkela.

**13)Tender Call Notice No. BRL- 54/2025-26:** Empanelment of suppliers & contractors for the vendor list for the year 2026 under EHT (O&M) Circle, Burla.

**14)Tender Call Notice No. LPNGA/13/2025-26:** Procurement and supply of 50 nos 100W LED street light fittings of Crompton/Havells/Bajaj/Philips/Polycab make for 400/220/132/33kV GSS, Lapanga under EHT (O&M) Division, Lapanga.

**15)E-Tender Call Notice No. BRL-55/2025-26:** Overhauling of 40MVA, 132/33kV Power Transformer-II (Make- ALSTOM) at 132/33kV GSS, Bargarh under EHT (O&M) Division, Barpali under EHT (O&M) Circle, Burla.

**16)Tender Call Notice No. 10/2025-26:** Construction of RCC slabs for replacement of same in place of damaged cable trench slabs & earth pit slabs at 132/33 kV GSS Nimapara under EHT (O&M) Division, Puri.

**17)Tender Call Notice No. 09/CHP/2025-26:** Engagement of 01 no commercial registered light vehicle (AC Bolero Neo/ Bolero B8) to be used at the O/o The DGM (Elect.), Chainpal under EHT (O&M) Division,Chainpal.

**18)Tender Call Notice No. OT-10/(2025-26)/RGD:** Casting of RCC slabs for cable trenches for replacement against damaged slabs at 132/33kV GSS, Rayagada under EHT (O&M) Division, Rayagada.

For more details please visit OPTCL's website: **www.optcl.co.in.**


FIPR-72/2025-26

/optcl.odisha /optcl_odisha


## ସରକାରୀ ଜମିରେ ଘର ନିର୍ମାଣକୁ ବିରୋଧ

**ଧାମନଗର,୨୪।୧୨(ସନ୍ତୋଷ କୁମାର ମହାପାତ୍ର):** ଧାମନଗର ଥାନା ଚୂଡ଼ାକୁଟି ସୋରିଷଡିହ ଗ୍ରାମର ଜଣେ ବ୍ୟକ୍ତି ଦୀର୍ଘ ବର୍ଷ ହେବ ସରକାରୀ ଜାଗା ଜବରଦଖଲ କରି ଚାଳଛପର ଘର କରିବା ସହ ମାଦକ ଦ୍ରବ୍ୟ କାରବାର କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ପୂର୍ବରୁ ଧାମନଗର ଅବକାରୀ ବିଭାଗ, ପୋଲିସ ସମେତ ତହସିଲଦାରଙ୍କୁ ମଧ ଲିଖିତ ଅଭିଯୋଗ କରିଥିଲେ। କିଛି ଦିନ ପୂର୍ବରୁ ଗ୍ରାମବାସୀ ଓ ଜରଦଖଲକାରୀ ଉକ୍ତ ବ୍ୟକ୍ତିଙ୍କ ମଧ୍ୟରେ ଏକ ବୈଠକ ବସିଥିଲା। ବୈଠକରେ ସହମତ ନ ହୋଇ ଗ୍ରାମର କେତେଜଣ ଲୋକଙ୍କ ବିରୋଧରେ ସେ ଥାନାରେ ଏତଲା ଦେଇଥିଲେ। ଗ୍ରାମବାସୀ ମଧ ତାଙ୍କ ନାମରେ ଅଭିଯୋଗ କରିଥିଲେ। ଧାମନଗର ଥାନାଧିକାରୀ ରଞ୍ଜନ କୁମାର ସେଠୀ ବୁଧବାର ଉଭୟ ପକ୍ଷଙ୍କୁ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମର ଶତାଧିକ ଲୋକ ବୁଧବାର ପୂର୍ବାହ୍ନରେ ଧାମନଗର ଥାନାରେ ହାଜର ହୋଇଥିବା ବେଳେ ଜବରଦଖଲକାରୀ ଜଣଙ୍କ ଥାନାକୁ ଆସି ନ ଥିଲେ। ସେ ବେଆଇନ ଭାବେ ସରକାରୀ ଜମିକୁ ଜବରଦଖଲ କରିବା ସହ ମାଦକ ଦ୍ରବ୍ୟ ବିକ୍ରି କରୁଛନ୍ତି। ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଧାମନଗର ତହସିଲଦାରଙ୍କୁ ଲିଖିତ ଭାବେ ଦିଆଯିବ ବୋଲି ଥାନାଧିକାରୀ କହିଛନ୍ତି। ଗ୍ରାମର ଅମର କୁମାର ବେହେରା, ଜ୍ଞାନରଞ୍ଜନ ମହାକୁଡ଼, ଶ୍ରୀକାନ୍ତ କୁମାର ଓଝା, ଜୟ ପ୍ରକାଶ ମହାକୁଡ଼, ଲକ୍ଷ୍ମୀଧର ଦାସ ପ୍ରମୁଖ ଗ୍ରାମବାସୀ ଏଭଳି ବେଆଇନ ନିଶାଦ୍ରବ୍ୟ ବିକ୍ରିକୁ ବିରୋଧ କରିଛନ୍ତି।

## ସାଇ ବିନାୟକ ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବ



ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ।

**ଭଦ୍ରକ,୨୪।୧୨(ରବିନାରାୟଣ ଖିଲାର):** ଭଦ୍ରକ ସମରାଇପୁରସ୍ଥିତ ପ୍ରାଚୀନଗରଠାରେ ଥିବା ସାଇ ବିନାୟକ ଇଣ୍ଟରନ୍ୟାସନାଲ ସ୍କୁଲର ଚତୁର୍ଥ ବାର୍ଷିକ ଉତ୍ସବ 'ଉମଙ୍ଗ-୪' ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ଶିଶିର ରଞ୍ଜନ ପାଣିଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଚେୟାରମ୍ୟାନ ପ୍ରମୋଦ କୁମାର ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ମନୋଜ କୁମାର ପାଢ଼ୀ ଏବଂ ନିର୍ଦ୍ଦେଶକ ଭାଗ୍ୟଧର ପଣ୍ଡା ଶିକ୍ଷାର ମହତ୍ତ୍ୱ ଓ ବିଦ୍ୟାଳୟର ଲକ୍ଷ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ଭାବେ ବିନାୟକ ଯୁକ୍ତ ଦୁଇ ମହାବିଦ୍ୟାଳୟର ନିର୍ଦ୍ଦେଶକ ଜୀବନାନନ୍ଦ ପାଣିଗ୍ରାହୀ ଏବଂ ମୁଖ୍ୟ ବକ୍ତା ଭାବେ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ପୂର୍ବତନ ଅଧକ୍ଷ ପବିତ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ବିନାୟକ ଯୁକ୍ତ ଦୁଇ ମହାବିଦ୍ୟାଳୟର ଅଧକ୍ଷ ପ୍ରଭାତ ପ୍ରଭାକର ପାଢ଼ୀ, ଶିକ୍ଷା ପରାମର୍ଶଦାତା, ସାଇ ବିନାୟକ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ନିତ୍ୟାନନ୍ଦ ଜେନା, ବିନାୟକ ଲାର୍ଣ୍ଣିଂ ଟ୍ରଷ୍ଟର ସଭାପତି ଶୁଭଲକ୍ଷ୍ମୀ ପାଢ଼ୀ ଓ ପ୍ରମିଳା ରାଉତ ଯୋଗ ଦେଇଥିଲେ। ଛାତ୍ରୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା।


COIR BOARD

सत्यमेव जयते
MINISTRY OF MICRO, SMALL & MEDIUM ENTERPRISES
GOVERNMENT OF INDIA

### ବୋର୍ଡର ଚାରିଟି ଭିନ୍ନ କେନ୍ଦ୍ରଠାରେ କଏର୍ ପ୍ରଶିକ୍ଷଣ ପାଠ୍ୟକ୍ରମ ଲାଗି ଆବେଦନ ଆହ୍ୱାନ କରାଯାଉଛି

**କଏର୍ ଟେକ୍ନୋଲୋଜିରେ ଆର୍ଟିସାନ୍‌ର ଛଅମାସିଆ ସାର୍ଟିଫିକେଟ୍ ପାଠ୍ୟକ୍ରମ: ଏନ୍‌ଏସ୍‌କ୍ୟୁଏଫ୍ ସ୍ତର ୩ ।**
(୬ ମାସ + ୧ ମାସର ଇଣ୍ଟର୍ନଶିପ୍)
(ଫେବୃଆରୀ '୨୬ରୁ ଜୁଲାଇ '୨୬)
ଆବେଦନ ପ୍ରାପ୍ତିର ଶେଷ ତାରିଖ **୧୦.୦୧.୨୦୨୬**
ଯୋଗ୍ୟତା: ଆବେଦନକାରୀ ପଢ଼ିବା ଓ ଲେଖିବା ଜାଣିଥିବା ଆବଶ୍ୟକ

**ଆଡ୍‌ଭାନ୍ସଡ୍ କଏର୍ ଟେକ୍ନୋଲୋଜିରେ ଏକବର୍ଷିଆ ଡିପ୍ଲୋମା ପାଠ୍ୟକ୍ରମ: ଏନ୍‌ଏସ୍‌କ୍ୟୁଏଫ୍ ସ୍ତର ୪ ।**
(୧ ବର୍ଷ + ୩ ମାସର ଇଣ୍ଟର୍ନଶିପ୍)
(ଫେବୃଆରୀ '୨୬ରୁ ଜାନୁଆରୀ '୨୭)
ଆବେଦନ ପ୍ରାପ୍ତିର ଶେଷ ତାରିଖ **୧୦.୦୧.୨୦୨୬**
ଯୋଗ୍ୟତା: ପ୍ରି-ଡିଗ୍ରୀ କିମ୍ବା ୧୨ ଷ୍ଟାଣ୍ଡାର୍ଡ ଅଥବା ସମତୁଲ୍ୟ ଉତ୍ତୀର୍ଣ୍ଣ

**ତାଲିମ୍ କେନ୍ଦ୍ରଗୁଡ଼ିକର ତାଲିକା**

୧. ଜାତୀୟ କଏର୍ ପ୍ରଶିକ୍ଷଣ ଓ ଡିଜାଇନ୍ କେନ୍ଦ୍ର, ଆଲାପୁଝା, କେରଳ
୨. କଏର୍ ବୋର୍ଡ ଆଞ୍ଚଳିକ ବିସ୍ତାରଣ କେନ୍ଦ୍ର, ଥାଞ୍ଜାଭୁର, ତାମିଲନାଡୁ
୩. କଏର୍ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ, ଭୁବନେଶ୍ୱର, ଓଡ଼ିଶା
୪. କଏର୍ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ, ରାଜମହେନ୍ଦ୍ରୀ, ଆନ୍ଧ୍ରପ୍ରଦେଶ

ମନୋନୀତ ପ୍ରଶିକ୍ଷାର୍ଥୀମାନେ ମାସିକ **ଟ.୩୦୦୦/-ର** ଷ୍ଟାଇପେଣ୍ଡ ପାଇବା ପାଇଁ ଯୋଗ୍ୟ ହେବେ ।

**ଉପରୋକ୍ତ ଦୁଇଟି ପାଠ୍ୟକ୍ରମ ପାଇଁ ସାଧାରଣ ଆବଶ୍ୟକତା**

- ବୟସ: ୧୮ରୁ ୫୦ ବର୍ଷ ମଧ୍ୟରେ
- କଏର୍ ଇଣ୍ଡଷ୍ଟ୍ରି (ଆର୍) ରୁଲ୍‌ସ, ୨୦୦୮ ଅନୁଯାୟୀ କଏର୍ ଫାକ୍ଟ୍ରି/କଏର୍ କୋ-ଅପରେଟିଭ୍ ସୋସାଇଟି ଦ୍ୱାରା ପ୍ରାୟୋଜିତ ପ୍ରାର୍ଥୀମାନଙ୍କୁ ପ୍ରାଥମିକତା ଦିଆଯିବ ।
- ୨୦% ସିଟ୍ ଏସ୍‌ସି/ଏସ୍‌ଟି ପ୍ରାର୍ଥୀମାନଙ୍କ ପାଇଁ ସଂରକ୍ଷିତ ।

ନିମ୍ନଲିଖିତ କେନ୍ଦ୍ରଗୁଡ଼ିକରେ ମାଗଣା ହଷ୍ଟେଲ ସୁବିଧା ଉପଲବ୍ଧ ଅଛି ।
୧. ଭୁବନେଶ୍ୱର
୨. ଥାଞ୍ଜାଭୁର
୩. ଆଲାପୁଝା (କେବଳ ମହିଳାଙ୍କ ପାଇଁ)

ବାହାରେ ରହୁଥିବା ଯୋଗ୍ୟ ପ୍ରାର୍ଥୀମାନଙ୍କୁ ମାସିକ ଟ.୫୦୦/- ପରିମାଣର କ୍ଷତିପୂରଣ ଦିଆଯିବ (ଆଲାପୁଝାରେ ପୁରୁଷ ପ୍ରାର୍ଥୀ ଏବଂ ରାଜମହେନ୍ଦ୍ରୀରେ ସମସ୍ତ ପ୍ରାର୍ଥୀ)

CBC 25131/12/0024/2526

ଆବେଦନ ଫର୍ମ କଏର୍ ବୋର୍ଡ ୱେବ୍‌ସାଇଟ୍ www.coirboard.gov.inରୁ ଡାଉନଲୋଡ୍ କରାଯାଇପାରିବ

ଦ୍ରଷ୍ଟବ୍ୟ: ସମସ୍ତ ଯୋଗାଯୋଗ କେବଳ ଇମେଲ୍/ଫୋନ୍ ଜରିଆରେ କରାଯିବ ।

କୋଚି
୨୩.୧୨.୨୦୨୫

ସ୍ୱା./-
ସଚିବ, କଏର୍ ବୋର୍ଡ

# ବାଂଲାଦେଶରେ ହିନ୍ଦୁ ଯୁବକଙ୍କୁ ହତ୍ୟା ବିରୋଧରେ ବିକ୍ଷୋଭ

ଯୋଡ଼ା,୨୪ା୧୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ାଠାରେ ବାଂଲାଦେଶରେ ହିନ୍ଦୁ ଯୁବକଙ୍କୁ ହତ୍ୟା ଓ ପରିବାର ଲୋକଙ୍କୁ ନିର୍ଯାତନା ପ୍ରତିବାଦରେ ବିଶ୍ୱ ହିନ୍ଦୁ ପରିଷଦ, ଆରଏସ୍ଏସ୍ ଓ ଯୋଡ଼ା ନଗର ବଜରଙ୍ଗ ଦଳ ପକ୍ଷରୁ ଏକ ପଥପ୍ରାନ୍ତ ପ୍ରତିବାଦ ପ୍ରଦର୍ଶନ କରାଯାଇଛି। ଶତାଧିକ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର କର୍ମୀ ଉପସ୍ଥିତ ରହି ପ୍ରତିବାଦ କରିଥିଲେ। ବାଂଲାଦେଶରେ ଜଣେ ହିନ୍ଦୁ ଯୁବକ ଦିପୁ ଚନ୍ଦ୍ର ଦାସଙ୍କୁ ଅତି ନିର୍ମମଭାବେ ହତ୍ୟା କରିଥିଲେ । ଯୁବକଙ୍କୁ ନ୍ୟାୟ ପ୍ରଦାନ ଦାବି ଓ ଆଗାମୀ ଦିନରେ ଦେଶରେ ଥିବା ବାଂଲାଦେଶୀଙ୍କୁ ବିତାଡିତ କରାଯାଉ ବୋଲି ଦାବି କରାଯାଇଥିଲା। ବଜରଙ୍ଗ ଦଳର ଲଲାଟେନ୍ଦୁ ମହାପାତ୍ର, ଅଗନୁ ଚରଣ ମହାନ୍ତ, ଜଗନ୍ନାଥ ପାଣିଗ୍ରାହୀ, ଚନ୍ଦନ ଗୁପ୍ତା, କିଶୋର ବାରିକ, ଚନ୍ଦନ ମିଶ୍ର ପ୍ରମୁଖଙ୍କ ସହିତ ଶତାଧିକ ମହିଳା, ପୁରୁଷ ସାମିଲ ହୋଇଥିଲେ।

# ଆଖୁ ବିକିବାକୁ ସାଇକେଲରେ ୫୦ କି.ମି. ଯାତ୍ରା

## ବୟସର ଅପରାହ୍ନରେ ହାରିନାହାନ୍ତି ବଳରାମ

ବଡ଼ବିଲ,୨୪ା୧୨(ଜୟନ୍ତୀ ରଣା)



ବଳରାମ ବଡ଼ବିଲ ହାଟରେ ଆଖୁ ବିକ୍ରି କରୁଛନ୍ତି।

ବୟସ ୬୫ ଉପରେ। ଆଜିର ଦିନରେ ୬୫ ବୟସରେ ଲୋକେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଠିକ୍ ଭାବେ ଚାଲିପାରୁନାହାନ୍ତି। ମାତ୍ର ଏହି ବୟସରେ ଜଣେ ଚାଷୀ ୫୦ କି.ମି. ସାଇକେଲ ଚଲାଇ ନିଜ ଉତ୍ପାଦିତ ଫସଲ ବିକ୍ରି କରିବାକୁ ଆସୁଛନ୍ତି। ବୟସର ଅପରାହ୍ନରେ ବି ସେ ହାର ନ ମାନି ପରିବାର ପ୍ରତିପୋଷଣ ପାଇଁ ଅକ୍ଳାନ୍ତ ପରିଶ୍ରମ କରୁଛନ୍ତି। ସେ ହେଲେ ଚମ୍ପୁଆ ଥାନା ଅଞ୍ଚଳର ବଳରାମ ପ୍ରଧାନ। ରବିବାର ବଡ଼ବିଲ ହାଟରେ ଆଖୁ ବିକ୍ରି ସମୟରେ ଆମ ଖବରଦାତା ତାଙ୍କ ସହ ଆଲୋଚନା କରିବା ସମୟରେ ସେ ତାଙ୍କ ବିଷୟରେ କହିଥିଲେ।

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମ ନିବାସୀ ବଳରାମ ପିଲାବେଳୁ ବାପାଙ୍କୁ ଦେଖିନାହାନ୍ତି। ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିବା ବଳରାମଙ୍କ ନିମନ୍ତେ ବାପା ଛାଡ଼ିଯାଇଥିବା ୫ ଏକର ଚାଷଜମି ଏକମାତ୍ର ସମ୍ବଳ। ଜମିରେ ଧାନ ବ୍ୟତୀତ ପନିପରିବା ଓ ଆଖୁ ଚାଷକରି ଯେନତେନ ଜୀବିକା ନିର୍ବାହ କରୁଛନ୍ତି। ଧାନ ଅମଳ ହେଲେ ନିଜ ପାଇଁ କିଛି ରଖି ବାକି ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡର ଜୟନ୍ତୀଗଡ଼ରେ ବିକ୍ରି କରିଥାଆନ୍ତି। ପରେ ରସୁଣ, ପିଆଜ, ବାଇଗଣ, ବିଲାତି ଏବଂ ଆଖୁ ଆଦି ଚାଷକରି ଚମ୍ପୁଆ, ରିମୁଳି ହାଟରେ ବିକ୍ରିକରନ୍ତି। ବଳରାମଙ୍କ ଘରେ ତାଙ୍କ ଧର୍ମପତ୍ନୀଙ୍କ ସହ ୨ ସନ୍ତାନ ଅଛନ୍ତି। ସାନ ପୁଅ ଚାଷ କାମରେ ବଳରାମଙ୍କୁ ସହାୟତା କରୁଥିବାବେଳେ ବିବାହିତ ବଡ଼ପୁଅ ଝାଡ଼ଖଣ୍ଡ ରାଜ୍ୟ ନୂଆମୁଣ୍ଡିରେ ସିକ୍ୟୁରିଟି ଗାର୍ଡଭାବେ କାର୍ଯ୍ୟ କରୁଛନ୍ତି। ସରକାରଙ୍କ ଦ୍ୱାରା ପଦତ୍ତ ରାଶନକାର୍ଡରେ ସହାୟତା ମିଳୁଥିଲେ ହେଁ ବାର୍ଦ୍ଧକ୍ୟ ଭତ୍ତା ମିଳୁନାହିଁ। ଗୁଜୁରାଣ ମେଣ୍ଟାଇବା କଷ୍ଟକର ହେଉଥିଲେ ହେଁ ଯେନତେନ ଚଳିଯାଉଛି। ବଡ଼ବିଲ ବଜାରରେ ଚାଷୀଙ୍କୁ ଭଲ ମୂଲ୍ୟ ମିଳେ ବୋଲି ସେ ରବିବାର ପଡୁଥିବା ସାପ୍ତାହିକ ହାଟକୁ ସାଇକେଲରେ ଆଖୁ ବାନ୍ଧି ଆଣୁଥିବା କହିଥିଲେ। ଗତ ରବିବାର ୮୦ଖଣ୍ଡ ଆଖୁ ଧରି ରାତି ପ୍ରାୟ ୨ଟା୩୦ରୁ ଘରୁ ବାହାରି ବଡ଼ବିଲକୁ ପ୍ରାୟ ୫୦ କିଲୋମିଟର ଦୂର ଆସିଥିଲେ। ପହଞ୍ଚିବାକୁ ବଳରାମଙ୍କୁ ୬ ଘଣ୍ଟା ସମୟ ଲାଗୁଥିବା ଆମ ଖବରଦାତାଙ୍କୁ ଆଲୋଚନା ସମୟରେ କହିଥିଲେ। ବଳରାମଙ୍କ କଥାରେ ସରଳତା, ମାଧୁର୍ଯ୍ୟ ଓ ସ୍ନେହ ବେଶ୍ ବାରିହୋଇ ପଡୁଥିଲା। ବୟସର ଅପରାହ୍ନରେ ବି ସେ ଥକିଯାଇ ନ ଥିବା ପରିଲକ୍ଷିତ ହୋଇଥିଲା। ତାଙ୍କ ମିଠାକଥାରେ ଲୋକେ ତାଙ୍କ ପାଖକୁ ଯାଇ ଆଖୁ କିଣୁଥିବା ଦେଖାଯାଇଥିଲା। ବଳରାମ କହିଥିଲେ, ଚାଷୀର ଦୁଃଖ ଚାଷୀ ହିଁ ଜାଣେ, ଚାଷ କରିବା, ପାଣି ମଡ଼ାଇବା, ବନ୍ୟପ୍ରଣୀ, କୀଟପତଙ୍ଗଙ୍କଠାରୁ ଚାଷର ସୁରକ୍ଷା ଲାଗି ଅନବରତ ଉଦ୍ୟମ ଜାରି ରଖିଛନ୍ତି। ଅନେକ ସମସ୍ୟା ଦେଇ ଚାଷଜମିରେ ଫଳୁଥିବା ଧାନ, ଆଖୁ ଓ ପନିପରିବା ଦେଖିଲେ ମନପ୍ରାଣ ଖୁସିରେ ଗଦ୍‌ଗଦ୍ ହୋଇଯାଏ ବୋଲି ସେ କହିଛନ୍ତି।

# କେନ୍ଦୁଝରକୁ ୧୪ ପଦକ

## ଅନ୍ତର୍ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତା

କେନ୍ଦୁଝର,୨୪ା୧୨
(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କୋଲକାତାର ବିଶ୍ୱ ବଙ୍ଗଳା କନ୍‌ଭେନ୍ସନ ସେଣ୍ଟରଠାରେ ୨୧ ରୁ ୨୩ ୩ ଦିନ ଧରି କୋରିୟାନ ଟାଏକୋଣ୍ଡୋ ମାଷ୍ଟର ଆସୋସିଏଶନ ଅଫ ଇଣ୍ଡିଆ ଓ ଜିୟଙ୍ଗ ଟାଏକୋଣ୍ଡୋ ଏକାଡେମୀ ପକ୍ଷରୁ ଆୟୋଜିତ ନବମ ଓପନ ଅନ୍ତର୍ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ କେନ୍ଦୁଝର ଜିଲାର ପ୍ରତିଯୋଗୀଙ୍କୁ ୧୪ ପଦକ ମିଳିଛି। ପ୍ରତିଯୋଗିତାରେ କେନ୍ଦୁଝରରୁ ୧୨ ଜଣ ରାଜ୍ୟ ପାଇଁ ପ୍ରତିନିଧିତ୍ୱ କରି ପଦକ ହାସଲ କରିଛନ୍ତି। ସେମାନଙ୍କ ମଧ୍ୟରେ ରିଧିମା ଲାୟକ, ସ୍ମିତିପ୍ରଜ୍ଞା ଗିରି, ଶୁଭ୍ରାଂଶୁ ସାହୁ ଓ ପୁଷ୍ପିତା ବାରିକ ସ୍ୱର୍ଣ୍ଣ ବିଜେତା ହୋଇଥିବା ବେଳେ ଉତ୍କଣ୍ଠା ଦାସ, ଅନିଶା ନାଏକ, ଅମିତ ନାଏକ, ଆସ୍ଥାମଣୀ ମାଝୀ, ରିଧିମା ଲାୟକ ଓ ଶ୍ରେୟାଶ୍ରୀ ଦାସ ରୌପ୍ୟ ପଦକ ହାସଲ କରିଛନ୍ତି। ବ୍ରୋଞ୍ଜ ପଦକ କ୍ରୀତିକାବ୍ୟା ଦାସ, ଏଆର୍ ରୁଦ୍ରାଶି, ସ୍ମିତିପ୍ରଜ୍ଞା ଗିରି ଓ ଜିତେନ୍ଦ୍ର ଓରାମ ଅଧିକାର କରି ଓଡ଼ିଶା ଓ ଜିଲାକୁ ଗୌରବାନ୍ୱିତ କରିଛନ୍ତି। ରାଜ୍ୟ ସଂଘର ସମ୍ପାଦକ ଗ୍ରାଣ୍ଡମାଷ୍ଟର ଗୋପାଳଚନ୍ଦ୍ର ରାୟ ସମସ୍ତ ପ୍ରତିଯୋଗୀ ତଥା ଦଳ ସହ ଯାତ୍ରା କରିଥିବା ଓଡ଼ିଶା ଦଳର କୋଚ ନିର୍ମଳ ଚନ୍ଦ୍ର ନାୟକ, ଟଙ୍କଧର ନାଏକ, ଦିଗବିଜୟ ବେହେରା, ଦେବରାଜ ସାହୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ କେନ୍ଦୁଝର ଷ୍ଟାଡିୟମଠାରେ କେନ୍ଦୁଝର ଜିଲା ଆମେଚର ଟାଏକୋଣ୍ଡୋ ଆସୋସିଏଶନ ସଭାପତି ପ୍ରଦୀପ ମହାନ୍ତି, ସମ୍ପାଦକ ନିର୍ମଳ ଚନ୍ଦ୍ର ନାୟକଙ୍କ ତରଫରୁ ସମସ୍ତ କୃତୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସିନିୟର ବ୍ଲାକ୍ ବେଲ୍ଟ ତଥା ପ୍ରଶିକ୍ଷକ ଟଙ୍କଧର ନାଏକ ସଂଯୋଜନା କରିଥିବା ବେଳେ ବ୍ଲାକ୍ ବେଲ୍ଟ ଦେବରାଜ ସାହୁ, ମନୋଜ ପାତ୍ର, ଅମିତ ହାଁସଦା, ମାନସ ବାରିକ, ଏମ୍‌ଡି ସକିଲ, ରୁମୁକି ମହାରଣା ଓ ରଞ୍ଜିତ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ପ୍ରୋଜେକ୍ଟ ରାକ୍ଷୀ ମାଧ୍ୟମରେ ଛାତ୍ରୀଙ୍କୁ ସଚେତନତା

ପାଟଣା,୨୪ା୧୨(ବୀର କିଶୋର ଦାଶ)




ପୋଲିସ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଉଛି।

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୁଖ୍ୟାଳୟ ଆଞ୍ଚଳିକ ମହାବିଦ୍ୟାଳୟ ସଭାଗୃହରେ ବୁଧବାର ପାଟଣା ଥାନା ପକ୍ଷରୁ ମହିଳାଙ୍କ ସୁରକ୍ଷା ଉପରେ ସଚେତନ କାର୍ଯ୍ୟକ୍ରମ ପ୍ରୋଜେକ୍ଟ ରାକ୍ଷୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କେନ୍ଦୁଝର ଆରକ୍ଷୀ ଅଧିକ୍ଷକ ନୀତିନ କୁଶଳ କର ଦାଗୁଡୁଙ୍କ ନିର୍ଦ୍ଦେଶ କ୍ରମେ ଜିଲା ପୋଲିସ ପକ୍ଷରୁ ମହିଳାଙ୍କ ସୁରକ୍ଷା ପାଇଁ ପ୍ରୋଜେକ୍ଟ ରାକ୍ଷୀ ଆରମ୍ଭ କରାଯାଇଛି। ମହିଳାମାନେ ହ୍ୱାଟ୍ସଆପ୍‌କୁ ଯାଇ କ୍ୟୁଆର୍ କୋର୍ଡ ମାଧ୍ୟମରେ ଛାତ୍ରୀମାନେ କିଭଳି ନିରାପଦ ଭାବେ ପୋଲିସ ନିକଟରେ ଅଭିଯୋଗ କରି ପାରିବେ ସେନେଇ ପାଟଣା ଥାନା ପକ୍ଷରୁ ସଚେତନ କରାଯାଇଥିଲା। ଏଥିରେ ମହିଳାଙ୍କ ସମସ୍ତ ଗୋପନୀୟତା ରକ୍ଷା କରାଯାଇଥାଏ। ଏଥିରେ ଯୁକ୍ତ ୨ ଓ ଯୁକ୍ତ ୩ର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଆୟୋଜିତ ସଭାରେ ପାଟଣା ଥାନା ଅଧିକାରୀ ମାନସ ମହାକୁଳଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ପାଟଣା କଲେଜର ଓଡ଼ିଆ ବିଭାଗ ପ୍ରଧାପକ ଜଗନ୍ନାଥ ମହାନ୍ତ, ସମ୍ମାନିତ ଅତିଥିଭାବେ ଓଡ଼ିଆ ଅଧାପକ ପରମେଶ୍ୱର ଧାରୁଆ, ଏସ୍ଆଇ ଲକ୍ଷ୍ମଣ ମାଝି, କଲେଜର କ୍ରୀଡ଼ା ଶିକ୍ଷକ କ୍ୟାପଟେନ ଧର୍ମେନ୍ଦ୍ର ସାହୁ ଓ କର୍ମଚାରୀ ଭୂତ ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ। ସେହିଭଳି ବ୍ଲକ୍ ମିରିଗି ଖୋଜି ପଞ୍ଚାୟତ ସଭାଗୃହରେ ଏହି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ପାଟଣା ଥାନା ଷ୍ଟାଫ୍‌ଙ୍କ ସହ ମିରି ଖୋଜି ସରପଞ୍ଚ ମନମୋହନ ବେହେରା ସାମିଲ ହୋଇଥିଲେ।

ଭା.କ.ନି. CCI
ଭାରତୀୟ କପା ନିଗମ ଲିମିଟେଡ୍ | ମୋବାଇଲ ଆପ
ଶାଖା କାର୍ଯ୍ୟାଳୟ: ରାୟଗଡା
ପ୍ଲଟ ନଂ-୧୩୮/୨୦୩୦/୨୫/୮ ପ୍ରଥମ ମହଲା
ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ୍ ରୋଡ୍, ରାୟଗଡ଼ା -୭୬୫୦୦୧ (ଓଡିଶା)
ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୨୪.୧୨.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ "କପାସ କିଷାନ" ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

**ଚାଷୀମାନଙ୍କର ସ୍ୱୟଂ ପଞ୍ଜିକରଣ ତାରିଖ ଶୀଘ୍ର ପାଖେଇ ଆସୁଛି ଏବଂ ତେଣୁ, ସମସ୍ତ ବାକି ଚାଷୀମାନଙ୍କୁ ଶେଷ ମୁହୂର୍ତ୍ତକୁ ଅପେକ୍ଷା ନକରି ପଞ୍ଜିକରଣ ସମାପ୍ତ କରିବାକୁ ଅନୁରୋଧ କରାଯାଉଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ

# 'ମନ୍ଦ ଉଦ୍ଦେଶ୍ୟରେ ବିକାଶ କାର୍ଯ୍ୟକୁ ବିରୋଧ କରାଯାଉଛି'

## ବସ୍‌ଷ୍ଟାଣ୍ଡ ନିର୍ମାଣକୁ ନେଇ ଭାଜପାର ଖବରଦାତା ସମ୍ମିଳନୀ




ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତୃବୃନ୍ଦ।

ବାରିପଦା,୨୪ା୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ପାଲବଣୀସ୍ଥିତ ନୂତନ ବସ୍ ଟର୍ମିନାଲ ନିର୍ମାଣକୁ ବିରୋଧ କରାଯାଉଥିବାରୁ ଭାଜପା ପକ୍ଷରୁ କଡା ସମାଲୋଚନା କରାଯାଇଛି। ମନ୍ଦ ଉଦ୍ଦେଶ୍ୟରେ ବିକାଶମୂଳକ କାର୍ଯ୍ୟକୁ ବିରୋଧ କରାଯାଉଛି ବୋଲି ଏକ ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସଭାପତି(ପୂର୍ବ) ନିହାର ରଞ୍ଜନ ମୋଦି କହିଛନ୍ତି। ୧୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ନୂତନ ବସଷ୍ଟାଣ୍ଡ ନିର୍ମାଣ କରାଗଲେ ଦୁର୍ଘଟଣା ହ୍ରାସ ପାଇବା ସହ ଗମନାଗମନ ସୁଗମ ହୋଇପାରିବ। ତେବେ ବିରୋଧୀଙ୍କ ଅପପ୍ରଚାରକୁ ଭାଜପା ସମାଲୋଚନା କରିବା ସହ ବିକାଶର ଧାରା ବଜାୟ ରଖିବା ପାଇଁ ଜିଲାବାସୀଙ୍କୁ ନିବେଦନ କରିଛି। ଏହି ସମ୍ମିଳନୀରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ରାଜ୍ୟ ଆଦିବାସୀ ମୋର୍ଚ୍ଚା ସଭାପତି କାନ୍ଦରା ସୋରେନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କବି ବିଷ୍ଣୁ ଶତପଥୀଙ୍କ ସମେତ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

# ଷ୍ଟିୟରିଂ ଧରି ଆଖି ବୁଜିଲେ ଚାଳକ

ଗୋପବନ୍ଧୁ ନଗର, ୨୪ା୧୨
(ଶାନ୍ତନୁ କୁମାର ମଙ୍ଗୁଆଳ)

ଏକ ପିକଅପ୍ ଭ୍ୟାନ ମଧ୍ୟରୁ ବୁଧବାର ସକାଳେ ଜଣେ ଚାଳକଙ୍କ ମୃତଦେହ ଉଦ୍ଧାର କରିଛି କୁଆମରା ଫାଣ୍ଡି ପୋଲିସ। ମୃତକ ହେଲେ ଠାକୁରମୁଣ୍ଡା ଥାନା ଅଧୀନ ସୁନିନ୍ଦା ଗ୍ରାମର ସନାତନ ପାରେଇ (୫୦)। ସୂଚନା ଅନୁଯାୟୀ, ସନାତନ ଗତ ରାତିରେ ପିକଅପ୍ ଭ୍ୟାନ୍‌ରେ ଠାକୁରମୁଣ୍ଡାରୁ ବେତନଟୀ ଅଞ୍ଚଳକୁ ଆସିଥିଲେ। ସେଠାରେ କାର୍ଯ୍ୟ ସାରି ପୁଣି ଘରକୁ ଫେରୁଥିବା ବେଳେ ସମ୍ଭବତଃ ଅସୁସ୍ଥତା ଅନୁଭବ କରି ଖୁଣ୍ଟା ଥାନା ଅଧୀନ ପୁରୁଣା ବାରିପଦା ବଜାର ନିକଟରେ ପିକଅପ୍‌ଟିକୁ ରଖି ଷ୍ଟିୟରିଂ ଧରି ଆଖି ବୁଜିଥିଲେ। ଦୀର୍ଘ ସମୟ ଧରି ପିକ୍‌ଅପ୍ ଭ୍ୟାନଟି ଅଟକି ରହିଥିବାରୁ ଭିତରେ ଥିବା ଚାଳକଙ୍କୁ ସ୍ଥାନୀୟ ଲୋକେ ଦେଖି ଡାକିଥିଲେ। ମାତ୍ର ସେ ନ ଶୁଣିବାରୁ ସନ୍ଦେହ ସୃଷ୍ଟି ହେବାରୁ ଲୋକେ ପୋଲିସକୁ ଖବର ଦେଇଥିଲେ। କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି ପହଞ୍ଚି ଅଗ୍ନିଶମ ବିଭାଗ ସହାୟତାରେ ତାଙ୍କୁ କୁଆମରା ଡାକ୍ତରଖାନାକୁ ଆଣିଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଉଦଳା ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଖୁଣ୍ଟା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୮୯/୨୫)ରୁଜୁ ହୋଇଛି।

COIR BOARD
MINISTRY OF MICRO, SMALL & MEDIUM ENTERPRISES
GOVERNMENT OF INDIA

**ବୋର୍ଡର ଚାରିଟି ଭିନ୍ନ କେନ୍ଦ୍ରଠାରେ କଏର୍ ପ୍ରଶିକ୍ଷଣ ପାଠ୍ୟକ୍ରମ ଲାଗି ଆବେଦନ ଆହ୍ୱାନ କରାଯାଉଛି**

**କଏର୍ ଟେକ୍ନୋଲୋଜିରେ ଆର୍ଟିସାନ୍‌ର ଛଅମାସିଆ ସାର୍ଟିଫିକେଟ୍ ପାଠ୍ୟକ୍ରମ: ଏନ୍‌ଏସ୍‌କ୍ୟୁଏଫ୍ ସ୍ତର ୩ ।**
(୬ ମାସ + ୧ ମାସର ଇଣ୍ଟର୍ନଶିପ୍)
(ଫେବୃଆରୀ '୨୬ରୁ ଜୁଲାଇ '୨୬)
ଆବେଦନ ପ୍ରାପ୍ତିର ଶେଷ ତାରିଖ ୧୦.୦୧.୨୦୨୬
ଯୋଗ୍ୟତା: ଆବେଦନକାରୀ ପଢ଼ିବା ଓ ଲେଖିବା ଜାଣିଥିବା ଆବଶ୍ୟକ

**ଆଡ୍‌ଭାନ୍ସଡ୍ କଏର୍ ଟେକ୍ନୋଲୋଜିରେ ଏକବର୍ଷିଆ ଡିପ୍ଲୋମା ପାଠ୍ୟକ୍ରମ: ଏନ୍‌ଏସ୍‌କ୍ୟୁଏଫ୍ ସ୍ତର ୪ ।**
(୧ ବର୍ଷ + ୩ ମାସର ଇଣ୍ଟର୍ନଶିପ୍)
(ଫେବୃଆରୀ '୨୬ରୁ ଜାନୁଆରୀ '୨୭)
ଆବେଦନ ପ୍ରାପ୍ତିର ଶେଷ ତାରିଖ ୧୦.୦୧.୨୦୨୬
ଯୋଗ୍ୟତା: ପ୍ରି-ଡିଗ୍ରୀ କିମ୍ବା ୧୨ ଷ୍ଟାଣ୍ଡାର୍ଡ ଅଥବା ସମତୁଲ୍ୟ ଉତ୍ତୀର୍ଣ୍ଣ

**ତାଲିମ୍ କେନ୍ଦ୍ରଗୁଡ଼ିକର ତାଲିକା**
୧. ଜାତୀୟ କଏର୍ ପ୍ରଶିକ୍ଷଣ ଓ ଡିଜାଇନ୍ କେନ୍ଦ୍ର, ଆଲାପୁଝା, କେରଳ
୨. କଏର୍ ବୋର୍ଡ ଆଞ୍ଚଳିକ ବିସ୍ତାରଣ କେନ୍ଦ୍ର, ଥାଞ୍ଜାଭୁର, ତାମିଲନାଡୁ
୩. କଏର୍ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ, ଭୁବନେଶ୍ୱର, ଓଡ଼ିଶା
୪. କଏର୍ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ, ରାଜମହେନ୍ଦ୍ରୀ, ଆନ୍ଧ୍ରପ୍ରଦେଶ

ମନୋନୀତ ପ୍ରଶିକ୍ଷାର୍ଥୀମାନେ ମାସିକ ଟ.୩୦୦୦/-ର ଷ୍ଟାଇପେଣ୍ଡ ପାଇବା ପାଇଁ ଯୋଗ୍ୟ ହେବେ ।

**ଉପରୋକ୍ତ ଦୁଇଟି ପାଠ୍ୟକ୍ରମ ପାଇଁ ସାଧାରଣ ଆବଶ୍ୟକତା**
- ବୟସ: ୧୮ରୁ ୫୦ ବର୍ଷ ମଧ୍ୟରେ
- କଏର୍ ଇଣ୍ଡଷ୍ଟ୍ରି (ଆର୍) ରୁଲ୍ସ, ୨୦୦୮ ଅନୁଯାୟୀ କଏର୍ ଫାକ୍ଟ୍ରି/କଏର୍ କୋ-ଅପରେଟିଭ୍ ସୋସାଇଟି ଦ୍ୱାରା ପ୍ରାୟୋଜିତ ପ୍ରାର୍ଥୀମାନଙ୍କୁ ପ୍ରାଥମିକତା ଦିଆଯିବ ।
- ୨୦% ସିଟ୍ ଏସ୍‌ସି/ଏସ୍‌ଟି ପ୍ରାର୍ଥୀମାନଙ୍କ ପାଇଁ ସଂରକ୍ଷିତ ।

ନିମ୍ନଲିଖିତ କେନ୍ଦ୍ରଗୁଡ଼ିକରେ ମାଗଣା ହଷ୍ଟେଲ ସୁବିଧା ଉପଲବ୍ଧ ଅଛି ।
୧. ଭୁବନେଶ୍ୱର
୨. ଥାଞ୍ଜାଭୁର
୩. ଆଲାପୁଝା (କେବଳ ମହିଳାଙ୍କ ପାଇଁ)

ବାହାରେ ରହୁଥିବା ଯୋଗ୍ୟ ପ୍ରାର୍ଥୀମାନଙ୍କୁ ମାସିକ ଟ.୫୦୦/- ପରିମାଣର କ୍ଷତିପୂରଣ ଦିଆଯିବ (ଆଲାପୁଝାରେ ପୁରୁଷ ପ୍ରାର୍ଥୀ ଏବଂ ରାଜମହେନ୍ଦ୍ରୀରେ ସମସ୍ତ ପ୍ରାର୍ଥୀ)

CBC 25131/12/0024/2526

ଆବେଦନ ଫର୍ମ କଏର୍ ବୋର୍ଡ ୱେବ୍‌ସାଇଟ୍ www.coirboard.gov.inରୁ ଡାଉନଲୋଡ୍ କରାଯାଇପାରିବ

ଦ୍ରଷ୍ଟବ୍ୟ: ସମସ୍ତ ଯୋଗାଯୋଗ କେବଳ ଇମେଲ୍/ଫୋନ୍ ଜରିଆରେ କରାଯିବ ।

କୋଚି ୨୩.୧୨.୨୦୨୫
ସ୍ୱା./- ସଚିବ, କଏର୍ ବୋର୍ଡ

ଭା.କ.ନି. CCI
ଭାରତୀୟ କପା ନିଗମ ଲିମିଟେଡ୍ | ମୋବାଇଲ ଆପ
ଶାଖା କାର୍ଯ୍ୟାଳୟ: ରାୟଗଡା
ପ୍ଲଟ ନଂ-୧୩୮/୨୦୩୦/୨୫/୮ ପ୍ରଥମ ମହଲା
ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ୍ ରୋଡ୍, ରାୟଗଡ଼ା -୭୬୫୦୦୧ (ଓଡିଶା)
ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୨୪.୧୨.୨୦୨୫

**କପା ଚାଷୀଙ୍କୁ ନିବେଦନ**

ସିସିଆଇ ନଜରକୁ ଏହା ଆସିଛି ଯେ, କେତେକ ଚାଷୀ କପାସ୍ କିଷାନ ମୋବାଇଲ୍ ଆପ୍ ସ୍ଲଟ୍‌ରେ ବୁକ୍ କରିଥିବା ପରିମାଣରୁ ବହୁ ଅଧିକ ପରିମାଣର ଉତ୍ପାଦ ଆଣୁଛନ୍ତି, ଯାହାଫଳରେ କାରଖାନାଗୁଡ଼ିକରେ ଗହଳି ଓ ଆଇନଶୃଙ୍ଖଳା ସମସ୍ୟା ସୃଷ୍ଟି ହେଉଛି ।

ସିସିଆଇ ଏତଦ୍ୱାରା ସମସ୍ତ କପା ଚାଷୀଙ୍କୁ ନିବେଦନ କରୁଅଛି ଯେ, ଆପଣମାନେ ଯତ୍ନପୂର୍ବକ ପରିମାଣ ବୁକ୍ କରନ୍ତୁ ଏବଂ ୨-୩ କୁଇଣ୍ଟାଲର ସହନୀୟ ଓଜନରୁ ଅଧିକ ପରିମାଣର ଅତିରିକ୍ତ ଉତ୍ପାଦ ଆଣନ୍ତୁ ନାହିଁ । ଯେଉଁ ଚାଷୀମାନେ ବୁକ୍ କରିଥିବା ପରିମାଣରୁ ସହନୀୟ ସୀମାରୁ ଅଧିକ ପରିମାଣର ଉତ୍ପାଦ ଆଣିବେ ସେମାନଙ୍କ ଉତ୍ପାଦକୁ ଗ୍ରହଣ କରାଯିବ ନାହିଁ ।

ତେଣୁକରି, ସିସିଆଇ ସମସ୍ତ କପା ଚାଷୀମାନଙ୍କୁ ନିବେଦନ କରୁଅଛି କି, ସ୍ଲଟ୍‌ରେ ଯତ୍ନପୂର୍ବକ ପରିମାଣ ବୁକ୍ କରନ୍ତୁ । ଏହାଦ୍ୱାରା କପାରେ ସୁରୁଖୁରୁ, ପାରଦର୍ଶୀ ଏବଂ ଚାଷୀ ଅନୁକୂଳ ଏମ୍‌ଏସ୍‌ପି କାର୍ଯ୍ୟ ପରିଚାଳନାରେ ସହାୟତା ମିଳିବ ।

ସ୍ୱା./- ଶାଖା ମୁଖ୍ୟ

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
OPTCL Lifeline of Odisha
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Regd. Office: OPTCL Tech Tower, Janpath, Saheed Nagar, Bhubaneswar-751007

**TENDER ALERT**

**1)Tender Call Notice No. 40/BBS/2025-26:** Supply of Hardware fittings & spacer for 220kV Cross Bus augmentation work of 315MVA ICT- 1,2 & 3 Bays at Grid S/s Mendhasal under EHT (O&M) Circle, Bhubaneswar.
**2)Tender Call Notice No. 41/BBS/2025-26:** Installation of 250kVA 33/0.4kV Plinth mounted Station Transformer at Grid S/s Ransinghpur under EHT (O&M) Circle, Bhubaneswar.
**3)Tender Call Notice No. 42/BBS/2025-26:** Hiring of commercial registered 7/9 seater AC bolero or equivalent for use at E&MR Division, Bhubaneswar under EHT (O&M) Circle, Bhubaneswar.
**4)Tender Call Notice No. 43/BBS/2025-26:** Hiring of commercial registered 7/9 seater AC bolero or equivalent for use at EHT (O&M) Division, Puri under EHT (O&M) Circle, Bhubaneswar.
**5)Tender Call Notice No. 44/BBS/2025-26:** Hiring of commercial registered 7/9 seater AC bolero or equivalent for use at EHT (O&M) Division, Bhubaneswar under EHT (O&M) Circle, Bhubaneswar.
**6)Tender Call Notice No. 05/MEN/2025-26:** Cutting of Jungle, Bushes, unwanted plants & Cleaning of fencing nets at 400kV GSS, Mendhasal under EHT (O&M) Division, Mendhasal.
**7)Tender Call Notice No. 26/KHU/2025-26:** Construction of two nos. of Transformer Oil sump pits at GSS, Khurda under EHT (O&M) Division, Khurda.
**8)Tender Call Notice No. OTCN-20/2025-26:** Engagement of one no. of diesel run A/C Bolero camper (Dala Bolero) or equivalent required for field & maintenance works of (O&M) S/D, Chatrapur under EHT (O&M) Division, Chatrapur under EHT (O&M) Circle, Berhampur.
**9)Tender Call Notice No. 11/2025-26:** Supply of different types of clamps and connectors for different grid S/s under EHT (O&M) Division, Rajgangpur.
**10)E-Tender Call Notice No. 12 OF 25-26:** Improvement to 1st floor (Wing-1) of Tech Tower, OPTCL, Bhubaneswar (Provision of Work station, file cabinet and office table) under Civil Works Circle, OPTCL, BBSR.
**11)E-Tender Call Notice No. BRL- 53/2025-26:** Construction of RCC slabs for Cable Trench slabs (220kV & 132kV) & Earth pits in S/Y of 220/132kV grid S/s, Tarkera under EHT (O&M) Division, Rourkela under EHT (O&M) Circle, Burla.
**12)Tender Call Notice No. RKL- 16/25-26:** Re-alignment of 132kV & 33kV isolators in different feeders at 132/33 kV GSS,Chhend under EHT (O&M) Division, Rourkela.
**13)Tender Call Notice No. BRL- 54/2025-26:** Empanelment of suppliers & contractors for the vendor list for the year 2026 under EHT (O&M) Circle, Burla.
**14)Tender Call Notice No. LPNGA/13/2025-26:** Procurement and supply of 50 nos 100W LED street light fittings of Crompton/Havells/Bajaj/Philips/Polycab make for 400/220/132/33kV GSS, Lapanga under EHT (O&M) Division, Lapanga.
**15)E-Tender Call Notice No. BRL-55/2025-26:** Overhauling of 40MVA, 132/33kV Power Transformer-II (Make- ALSTOM) at 132/33kV GSS, Bargarh under EHT (O&M) Division, Barpali under EHT (O&M) Circle, Burla.
**16)Tender Call Notice No. 10/2025-26:** Construction of RCC slabs for replacement of same in place of damaged cable trench slabs & earth pit slabs at 132/33 kV GSS Nimapara under EHT (O&M) Division, Puri.
**17)Tender Call Notice No. 09/CHP/2025-26:** Engagement of 01 no commercial registered light vehicle (AC Bolero Neo/ Bolero B8) to be used at the O/o The DGM (Elect.), Chainpal under EHT (O&M) Division,Chainpal.
**18)Tender Call Notice No. OT-10/(2025-26)/RGD:** Casting of RCC slabs for cable trenches for replacement against damaged slabs at 132/33kV GSS, Rayagada under EHT (O&M) Division, Rayagada.
For more details please visit OPTCL's website: **www.optcl.co.in.**

FIPR-72/2025-26
/optcl.odisha /optcl_odisha

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଜି ବଡ଼ଦିନ, ପର୍ଯ୍ୟଟନସ୍ଥଳୀ ଚଳଚଞ୍ଚଳ

## ଦୀଘାମୁହାଁ ପର୍ଯ୍ୟଟକ

■ ଉଦୟପୁର, ବିଚିତ୍ରପୁରରେ ବଣଭୋଜି ମନା

**ଭୋଗରାଇ ୨୪। ୧୨(ପ୍ରଦୀପ ଦାସ)**

ଗୁରୁବାର ଯୀଶୁଖ୍ରୀଷ୍ଟଙ୍କ ଜନ୍ମଦିନ। ଏହି ଦିନରେ ସହରରୁ ମଫସଲ ପର୍ଯ୍ୟନ୍ତ ସବୁଠି ଉତ୍ସବମୁଖର। ଚର୍ଚ୍ଚଗୁଡିକରେ ଖ୍ରୀଷ୍ଟିଆନ ଧର୍ମାଲମ୍ବୀମାନେ ପ୍ରଭୁ ଯୀଶୁଙ୍କୁ ମଧ୍ୟରାତ୍ରିରେ ପ୍ରାର୍ଥନା କରୁଥିବା ବେଳେ ହିନ୍ଦୁ ଓ ମୁସଲିମ ଧର୍ମାଲମ୍ବୀମାନେ ସମୁଦ୍ର କୂଳରେ ବଡଦିନକୁ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରୁଛନ୍ତି। ଏଭଳି ସ୍ଥିତିରେ ବାଲେଶ୍ୱର ଉପକୂଳ ଓ ପର୍ଯ୍ୟଟନସ୍ଥଳୀଗୁଡିକରେ ମଙ୍ଗଳବାରଠୁ ଦୂରଦୂରାନ୍ତ ସ୍ଥାନରୁ ପର୍ଯ୍ୟଟକଙ୍କ ପ୍ରବଳ ଭିଡ ଲାଗିଛି। ଓଡିଶା ସୀମାନ୍ତ ବାଲେଶ୍ୱର ଜିଲା ଉଦୟପୁର, ତାଳସାରୀ, ବିଚିତ୍ରପୁର-ଖଡ଼ିବିଲ, କୀର୍ତ୍ତନିଆ, ଚୌମୁଖ, ଡଗରା, ଦୁବଲାଗଡି, ବଳରାମଗଡି, କଷାଫଳ, ଚାନ୍ଦିପୁର ଆଦି ବେଳାଭୂମିରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଥିବା ବେଳେ ବେଳାଭୂମି ମେଳାଭୂମିରେ ପରିଣତ



ପର୍ଯ୍ୟଟକଙ୍କ ଭିଡ଼।

ହୋଇଛି। ବିଭିନ୍ନ ସ୍ଥାନରେ ପିକନିକ ପାର୍ଟିର ଭୋଜି ଭାତ ଓ ପାନୀୟର ଆସର ଜମୁଥିବାବେଳେ ଡାକବାଜି ଯନ୍ତ୍ରର ଆଧୁନିକ ସଙ୍ଗୀତରେ ଯୁବତୀଯୁବକଙ୍କ ନୃତ୍ୟରେ ସମଗ୍ର ପରିବେଶ ମୁଖରିତ ହୋଇଛି। ସେହିପରି ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର, ଭୂଷଣ୍ଡେଶ୍ୱର, ପଞ୍ଚୁଲିଙ୍ଗେଶ୍ୱର ମହାଦେବ ଏବଂ ମା' ବାସୁଳୀ ପୀଠରେ ପର୍ଯ୍ୟଟକଙ୍କ ଗହଳି ଲାଗିଥିବା ସୂଚନା ମିଳିଛି। ଭୋଗରାଇ ସୀମାନ୍ତ ତାଳସାରୀ, ଓଟିଡ଼ିସି, ଦୀଘା, ଶଙ୍କରପୁର, ତାଜପୁର, ମନ୍ଦାରମଣିରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ନିମନ୍ତେ ହଜାର ହଜାର ହୋଟେଲ ଓ ରେଷ୍ଟୁରାଣ୍ଟଗୁଡିକ ବିଦ୍ୟୁତ ରଙ୍ଗୀନ ଆଲୋକମାଳାରେ ଉଦ୍ଭାସିତ ହୋଇଥିବା ବେଳେ ଉଦୟପୁର, ତାଳସାରୀ ସମୁଦ୍ରରେ ବହୁ ପର୍ଯ୍ୟଟକ ଗାଧୋଇବା ଓ ସ୍ପିଡ ବୋଟ ଓ ଯନ୍ତ୍ରଚାଳିତ ଡଙ୍ଗାରେ ବସି ମଜାନେଉଛନ୍ତି। ବିଚିତ୍ରପୁର ଇକୋ ଟୁରିଜିମ ପର୍ଯ୍ୟଟକଙ୍କ ଆମୋଦପ୍ରମୋଦ ପାଇଁ ନୂଆ ଠିକଣା ହୋଇଥିବା ବେଳେ ପ୍ରାକୃତିକ ଶୋଭା ଓ ଖାଲରେ ଡଙ୍ଗାରେ ବସି ବୁଲିବା ବେଳେ ବିଭନ୍ନ ଜାତିର ପକ୍ଷୀଙ୍କ କାକଳି ପର୍ଯ୍ୟଟକଙ୍କୁ ବିମୋହିତ କରୁଛି। ଦୀଘାରେ ପର୍ଯ୍ୟଟକଙ୍କ ପ୍ରବଳ ଭିଡ ଯୋଗୁ ସ୍ଥାନାଭାବ ଦୂରଦୂରାନ୍ତରୁ ଆସିଥିବା ପର୍ଯ୍ୟଟକମାନେ ବିଭିନ୍ନ ସ୍ଥାନରେ ଶୀତୁଆ ରାତିରେ ଆଶ୍ରୟ ନେଇଛନ୍ତି। ଅପରପକ୍ଷରେ ଉଦୟପୁର ଓ ବିଚିତ୍ରପୁର ବେଳାଭୂମି ସୁରକ୍ଷା ଓ ସ୍ୱଚ୍ଛ ରଖିବା ନିମନ୍ତେ ସେଠାରେ ବଣଭୋଜି ବାରଣ କରାଯାଇଥିବା ବେଳେ ପର୍ଯ୍ୟଟକମାନେ ଦୀଘା ମୁହାଁ ହୋଇଛନ୍ତି। କେବଳ ଉଦୟପୁର-ତାଳସାରୀ ମଧ୍ୟବର୍ତ୍ତୀ ଖୋଲା ବାଲି ବେଳାଭୂମିରେ ପିକନିକ କରିବାକୁ ଅନୁମତି ଦିଆଯାଇଥିବା ବନପାଳ ସଞ୍ଜୟ କୁମାର ମହାନ୍ତି ସୂଚନା ଦେଇଛନ୍ତି।

# ଗୌର ଗଦାଧର ଶିକ୍ଷା ନିକେତନରେ ସାଂସ୍କୃତିକ ସନ୍ଧ୍ୟା



ବାର୍ଷିକ ଉତ୍ସବରେ ଯୋଗଦେବାକୁ ଆସିଥିବା ମଞ୍ଚାସୀନ ଅତିଥି।

**ଖଇରା, ୨୪।୧୨(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧୀନ ବାରିକସାହି ନିକଟରେ ଆଧ୍ୟାତ୍ମିକ ପଦ୍ଧତିରେ ଶିକ୍ଷାକୁ ଗୁରୁତ୍ୱ ଦେଇ ୧ବର୍ଷ ତଳେ ପ୍ରତିଷ୍ଠା ଲାଭ କରିଥିବା ଗୌର ଗଦାଧର ଶିକ୍ଷା ନିକେତନର ପ୍ରଥମ ବାର୍ଷିକ ଉତ୍ସବ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଅଟଳ ବିହାରୀ ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଦୁଃଶାସନ ରାଉତ ମୁଖ୍ୟଅତିଥି, ପଳାସପୁର ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ସୁଦାମ ଚରଣ ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇ ପିଲାଙ୍କ ଚରିତ୍ର ମାର୍ଜିତ ହେଲେ ସେମାନେ ପଥଭ୍ରଷ୍ଟ ହେବେ ନାହିଁ ବୋଲି ପ୍ରକାଶ କରିଥିଲେ। ସନ୍ତୋଷ ପଶାୟାତ ଅତିଥି ପରିଚୟ, ସଖିପ୍ରିୟା ସାମଲ ସ୍ୱାଗତ ଭାଷଣ, ପ୍ରହ୍ଲାଦ ବେହେରା ସ୍ୱାଗତ ଭାଷଣ ପରେ ଅଧ୍ୟକ୍ଷା ସ୍ୱପ୍ନା ଦାସ ଓ ପୂର୍ଣ୍ଣଚନ୍ଦ୍ର ବେହେରା ବିଦ୍ୟାଳୟରେ ପିଲାଙ୍କୁ ଶିକ୍ଷା ସହ ଦିଆଯାଉଥିବା ଯୋଗାଭ୍ୟାସ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପିଲାମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବିଜୟଲକ୍ଷ୍ମୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ପିଲାମାନଙ୍କ ଦ୍ୱାରା ସୂର୍ଯ୍ୟ ନମସ୍କାର ପ୍ରଦର୍ଶନ କରାଯିବା ସହ ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ସଭାପତି ଅନନ୍ତ ପ୍ରସାଦ ବାରିକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ।

# ସ୍କୁଟି ଡିକି ଭାଙ୍ଗି ଲୁଟ୍

**ଜଳେଶ୍ୱର, ୨୪।୧୨(ନବୀନ ସାହୁ)**

କିଛି ଦିନର ବ୍ୟବଧାନ ପରେ ପୁଣି ମାତିଛନ୍ତି ଲୁଟେରା। ଜଳେଶ୍ୱର ସହର ଉପକଣ୍ଠ ନଛିମପୁର ଗ୍ରାମର ବିକାଶ ପ୍ରଧାନ ଜଳେଶ୍ୱର ଷ୍ଟେଟବ୍ୟାଙ୍କରୁ ମଙ୍ଗଳବାର ଅପରାହ୍ନ ୧ଟାରେ ଅଢେଇ ଲକ୍ଷ ଟଙ୍କା ଉଠାଇ ନିଜ ସ୍କୁଟି ଡିକିରେ ରଖିଥିଲେ। ଆମ୍ବଳିଆଠାରେ ଥିବା ଧାନକଟା ମେଶିନ ଶୋ'ରୁମ୍ ପାଖରେ ଗାଡ଼ି ରଖି ପରିସ୍ରା କରୁଥିବା ବେଳେ ବାଇକ୍‌ରେ ୨ ଯୁବକ ପହଞ୍ଚି ତାଙ୍କ ସ୍କୁଟି ଡିକି ଭାଙ୍ଗି ୨ଲକ୍ଷ ୬୩ହଜାର ଟଙ୍କା, ବ୍ୟାଗ୍‌ରେ ଥିବା ୩ଟି ବ୍ୟାଙ୍କର ଚେକ୍ ଏବଂ ଗୋଟାଏ ପାସ୍‌ବୁକ୍, ଦୁଇଟି ବ୍ଲୁ ଟୁଥ ସହିତ ଏକ ଡାଏରୀ ନେଇ ଫେରାର ହୋଇଯାଇଛନ୍ତି। ଏ ନେଇ ସେ ଜଳେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି।

ସେହିପରି ଗତ ୧୯ତାରିଖରେ ପଶ୍ଚିମବଙ୍ଗର ଦାନ୍ତୁଣ ଥାନା ଆଇଁକୁଳା ପଞ୍ଚାୟତ କୁସୁମି ଗ୍ରାମର ଶୁଭେନ୍ଦୁ ଦାସ ଜଳେଶ୍ୱର ବାସନ୍ତୀ ପଡିଆ ନିକଟ ୟୁନିଅନ୍ ବ୍ୟାଙ୍କରୁ ଅପରାହ୍ନରେ ୯୯ହଜାର ଟଙ୍କା ଉଠାଇ ବାଇପାସ୍ ନିକଟରେ ଥିବା ଜନଔଷଧି ଦୋକାନରେ ଔଷଧ କିଣୁଥିବା ବେଳେ ତାଙ୍କ ବାଇକ୍ ଡିକି ଭାଙ୍ଗି ଲୁଟେରା ଟଙ୍କା ଲୁଟି ନେଇଥିଲେ। ବାରମ୍ବାର ଲୁଟ୍ ଯୋଗୁ ଜଳେଶ୍ୱରବାସୀ ପୋଲିସର କାର୍ଯ୍ୟକଳାପ ଉପରେ ପ୍ରଶ୍ନ ଉଠାଇଛନ୍ତି।

# ମହିଳାଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

**ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା (ରାଜଶ୍ରୀ ପାଣିଗ୍ରାହୀ), ୨୪।୧୨**

ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଧୀନ ବିଷ୍ଣୁପୁର ଗ୍ରାମରେ ବିବାହିତା ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ହେଲେ ବାପଘର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବିରେ ମୃତଦେହ ରଖି ବାଲିଆପାଳ-ବସ୍ତା ମୁଖ୍ୟ ରାସ୍ତାର ହସ୍‌ପିଟାଲ ଛକରେ ପରିବାର ଓ ସମ୍ପର୍କୀୟମାନେ ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିବାରୁ ପୋଲିସ ମୁତୟନ କରାଯାଇଛି। ଘଣ୍ଟିଆଡ଼ି ଗ୍ରାମର ପ୍ରଦୀପ କୁମାର ଦାସଙ୍କ ଝିଅ ଜ୍ୟୋତିଲତା ଦାସ ୧୦ ବର୍ଷ ପୂର୍ବେ ବିଷ୍ଣୁପୁର ଗ୍ରାମର ମାନସ ରଞ୍ଜନ ଦାସଙ୍କୁ ବିବାହ କରିଥିଲେ। ବାହାଘର ୬ ମାସ ପରଠାରୁ ଜ୍ୟୋତିଲତାଙ୍କୁ ସ୍ୱାମୀଙ୍କ ସମେତ ଶାଶୁ ଘରେ ଲୋକ ନିର୍ଯ୍ୟାତନା ଦେଇ ଆସୁଥିଲେ। ବହୁବାର ଏନେଇ ସମାଧାନ ମଧ୍ୟ ହୋଇଥିଲା। ବୁଧବାର ସକାଳେ ଶାଶୁଘର ଲୋକେ ଫୋନ୍ କରି ଝିଅ ଆତ୍ମହତ୍ୟା କରିଥିବା ବାପଘରକୁ ଖବର ଦେଇଥିଲେ। ପରେ ବାପା ଘର ଲୋକ ପହଞ୍ଚି ଝିଅକୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଡାକ୍ତର ସେଠାରେ ଜ୍ୟୋତିଲତାଙ୍କୁ ମୃତ ଘୋଷଣା କରିଥିଲେ। ଏହା ଏକ ସୁପରିକଳ୍ପିତ ହତ୍ୟା ବୋଲି ଜ୍ୟୋତିଲତାଙ୍କ ବାପା ଅଭିଯୋଗ କରିଥିଲେ। ବସ୍ତା ଏସ୍‌ଡିପିଓ ମାନସ ଦେଓ ଏବଂ ବାଲିଆପାଳ ଆଇଆଇସି ସାଲଖାନ ମୁର୍ମୁ ଅବରୋଧସ୍ଥଳରେ ପହଞ୍ଚି ଶ୍ୱଶୁର ମନୋରଞ୍ଜନ ଦାସଙ୍କୁ ଥାନାରେ ଅଟକ ରଖିଥିବା ଜଣାଇଥିଲେ। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ଏବଂ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ରାସ୍ତାରୋକୋ ଜାରି ରହିବ ବୋଲି ଅଡ଼ି ବସିଛନ୍ତି।


# Classified Everyday
0674-2580101, 9692975378



REAL ESTATE
SALE

Retanga Railway Station ପାଖରେ 46000 Sqft. Yellowzone Gharabari Plot Sale ହେବ। Contact: 9778928492. D-2888


ସୁନ୍ଦରପଦାରେ ବାଉଣ୍ଡାରିୱାଲ ଥାଇ ଘରବାରି ପ୍ଲଟ୍ ବର୍ଗଫୁଟ ଟ2800/-ରେ ବିକ୍ରିହେବ। Loan available. Contact: 9668674258. ଧ-୨୯୧୦

**2/3 BHK ready to move flat for sale at Jayadev Vihar square. Contact: 9437307086, 7008789347.** D-2878

କଟକ, ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ "Sum Hospital-2" ଓ Grand Bazar ସମ୍ମୁଖରେ NH-16 ଠାରୁ 1Km. ଦୂରତାରେ ଘରବାରି ପ୍ଲଟ କିଣନ୍ତୁ ଓ ନବନିର୍ମିତ କଲୋନୀ ଭିତରେ ଗୃହ ନିର୍ମାଣ କରନ୍ତୁ। ସନ୍ତୋଷ- 9438362273. D-2877

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍, 25ft. road ପଛାରୁ ବିକ୍ରିହେବ। 9437754190. ଧ-୨୮୪୦

ଭୁବନେଶ୍ୱର ଗ୍ୟାରେଜ୍‌ଛକ ନିକଟରେ ୩୦ ଫୁଟ ରାସ୍ତା ଥାଇ ଘରବାଡ଼ି ଫ୍ଲଟ ବିକ୍ରି ହେବ- 9178660666. ଧ-୨୮୫୧





All types of physiotherapy with massage, Contact number 9556924059/ 7656969134. D-2766

## AFFIDAVIT

I, Hrushikesh Naik, S/o.- Duryodhan Naik, resident of At- Nischnitapur, P.S.- Turimunga, Dist.- Keonjhar, Odisha- 758032 declare by this affidavit No.- A/18 dated 01.12.2025 before the Executive Magistrate, Panposh, Raurkela- 12 that I have changed the name/surname of my minor son from Biswastha Naik to Bishwastha Nayak as recorded in his school record since prep. Henceforth, he will be known as Bishwastha Nayak for all purposes. D-2930

By virtue of an affidavit sworn before the Executive Magistrate, Sambalpur, I, SUNITA BAG, aged about 44 years, wife of Late BHARAT CHANDRA BAG currently residing at BIHARIPADA, P.O./P.S.- KHETRAJPUR, Tah/ Dist.- Sambalpur bearing Aadhaar card No.- xxxx xxxx 6536 solemnly declared that SUNITA BHOI and SUNITA BAG is same and one person. D-2920

By virtue of an affidavit sworn before Notary Public, Borigumma, dated- 18.12.2025, I, T.BABU PATRA, Address- Katharagada, P.O.- Katharagada, P.S.- B.Singhpur, Dist.- Koraput, Odisha- 764057 declare that I have changed the name of my daughter from T. SRISTI PATRA to SHRISTY PATRA. Henceforth, she shall be known as SHRISTY PATRA for all purposes.
T.BABU PATRA
D-2921

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

By virtue of an affidavit sworn before Notary Public, Borigumma, dated- 18.12.2025, I, PABITRA PARAJA, Address- Chatarala, P.O.- Pujariput, P.S.- Borigumma, Dist.- Koraput, Odisha- 764056 declare that I have changed the name of daughter from PREM PARAJA to PREMALATA PARAJA. Henceforth, she shall be known as PREMALATA PARAJA for all purposes.
PABITRA PARAJA
D-2922

By virtue of an affidavit sworn before Notary Public, Borigumma, dated- 18.12.2025, I, T.BABU PATRA, Address- Katharagada, P.O.- Katharagada, P.S.- B.Singhpur, Dist.- Koraput, Odisha- 764057 declare that I have changed the name of daughter from T. SRUTIREKHA PATRA to SMUTI REKHA PATRA. Henceforth, she shall be known as SMUTI REKHA PATRA for all purposes.
T.BABU PATRA
D-2923

ମୁଁ ଧର୍ମେନ୍ଦ୍ର ସିଂହ, ପିତା: ରଘୁବଂଶ ସିଂହ, ବାସିନ୍ଦା: ବୋରିଗୁମ୍ମା, ଜିଲ୍ଲା: କୋରାପୁଟ, ଓଡ଼ିଶା-764056, ଏହା ଦ୍ୱାରା ସର୍ବସାଧାରଣଙ୍କ ଅବଗତି ପାଇଁ ଘୋଷଣା କରୁଛି ଯେ ମୋର ସଠିକ ଓ ପୂର୍ଣ୍ଣ ନାମ ଧର୍ମେନ୍ଦ୍ର ସିଂହ (Dharmendra Singh) ଅଟେ। କିନ୍ତୁ, ମୋ ପୁଅ ନୀରଜ କୁମାର ସିଂହଙ୍କ ଶିକ୍ଷାଗତ ପ୍ରମାଣପତ୍ର ଓ ମାର୍କସିଟ୍‌ରେ ମୋର ନାମ "ଧର୍ମେନ୍ଦ୍ର କୁମାର ସିଂହ" ଭାବରେ ଉଲ୍ଲେଖ ହୋଇଛି। ଉଭୟ ନାମ "ଧର୍ମେନ୍ଦ୍ର ସିଂହ" ଏବଂ "ଧର୍ମେନ୍ଦ୍ର କୁମାର ସିଂହ" ସମାନ ବ୍ୟକ୍ତି, ଅର୍ଥାତ୍ ମୋତେ ହିଁ ବୁଝାଏ। ମୁଁ ଶପଥ ପୂର୍ବକ ଘୋଷଣା କରୁଛି ଯେ ମୋର ବୈଧ ନାମ "ଧର୍ମେନ୍ଦ୍ର ସିଂହ" ଏବଂ ଆଗାମୀ ଭବିଷ୍ୟତର ସମସ୍ତ କାର୍ଯ୍ୟ ଓ ଆଇନଗତ ଉଦ୍ଦେଶ୍ୟ ପାଇଁ ମୁଁ ଏହି ନାମରେ ହିଁ ଜଣାଶୁଣା ହେବି। ଏହି ଘୋଷଣା ନୋଟାରୀ ପବ୍ଲିକ, ବୋରିଗୁମ୍ମାଙ୍କ ଶପଥ ପତ୍ର (Affidavit) ସଂଖ୍ୟା 1733, ତାରିଖ 22.12.2025 ଅନୁଯାୟୀ କରାଯାଇଛି। ଧ-୨୯୨୫

By virtue of an affidavit dtd. 13.11.2025 sworn before Executive Magistrate, Dhamanagar, I, Laxmi Priya Sahoo, D/o.- Pravakar Sahoo, Vill./ P.O.- Khaparpada, P.S.- Dhusuri, Dist.- Bhadrak, Odisha, PIN- 756116 changed my name from Puja Sahoo to Laxmi Priya Sahoo. Henceforth, I shall be known as Laxmi Priya Sahoo for all Purposes. D-2930

କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍, ଲୋଇସିଂହା, ନମ୍ବର ୧୮୬, ତାରିଖ ୧୬.୧୨.୨୦୨୫ ସମ୍ମୁଖରେ ଏକ ଶପଥପତ୍ର ଅନୁଯାୟୀ, ମୁଁ, ଶେଷଦେବ ନନ୍ଦ, ବାପା ⁄ ମନଧର ନନ୍ଦ, ଜାତି- ଅନୁସୂଚିତ (ଗଣ୍ଡା), ଗ୍ରାମ/ପୋ.- ଗଲାପାଲି, ଥାନା- ଲୋଇସିଂହା, ଜିଲ୍ଲା- ବଲାଙ୍ଗୀର, ଓଡିଶା ଘୋଷଣା କରୁଛି ଯେ ପଟ୍ଟା ହୋଲ୍ଡିଂ ନମ୍ବର ୧୮୧/୧୨୩ରେ ମୋର ନାମ ଶେଷଦେବ ନନ୍ଦ ବଦଳରେ ବେଟିଖିଆ ନନ୍ଦ (ଡାକନାମ) ଭାବରେ ଉଲ୍ଲେଖ କରାଯାଇଛି। ଉଭୟ ନାମ ଗୋଟିଏ ଓ ସମାନ ବ୍ୟକ୍ତିଙ୍କ ସହିତ ଜଡିତ। ତେଣୁ ମୁଁ ସମସ୍ତ ଉଦ୍ଦେଶ୍ୟରେ ଶେଷଦେବ ନନ୍ଦ ଭାବରେ ପରିଚିତ ହେବି।
ଶେଷଦେବ ନନ୍ଦ
ଧ-୨୯୨୮

By virtue of an affidavit sworn before the court of Executive Magistrate, Udala, Kaptipada, Mayurbhanj, dated- 20.12.2025, I, Sanjukta Dehuri, W/o.- Bhajahari Dehuri, At- Bhalubasa, P.O.- Kaladahi, P.S.- Kaptipada, Dist.- Mayurbhanj, Odisha- 757077 declare that I have changed my daughter's name from Svakankhi Dehuri to Shubhakankshi Dehuri. Henceforth, she shall be known as Shubhakankshi Dehuri for all purposes.
Sanjukta Dehuri
D-2924

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## ମନେ ପଡ଼ନ୍ତି

ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଶୁଭେନ୍ଦୁ ଦୀକ୍ଷିତ୍
N2- 146, IRC Village
BHUBANESWAR- 15
ଆବିର୍ଭାବ- ୦୩।୦୪।୧୯୭୪
ତିରୋଧାନ- ୨୫।୧୨।୨୦୧୧
ମାସ ପରେ ମାସ, ବର୍ଷ ପରେ ବର୍ଷ ବିତିଗଲା ଚଉଦ ବରଷ।
ଚାଲିଗଲ ଦୂର ଦିଗବଳୟ ତଳେ ହେଲୁ ଆମ୍ଭେ ଚିର ନିଃସ୍ୱ।
ଯହିଁ ଥାଅ ସୁଖେ ଥାଅ ସଶରୀରେ ଅବା ନିଶରୀରେ,
ଅମରତ୍ୱ ପ୍ରାପ୍ତ ହୁଅ ଏତିକି ପ୍ରାର୍ଥନା ନିତି କରୁ ପ୍ରଭୁଙ୍କ ପାଦରେ.
-: ଶୋକସନ୍ତପ୍ତ :-
ବାପା, ବୋଉ, ଇପ୍‌ସା, ଶ୍ରେୟା, ଇଶାନ ଓ ପରିବାରବର୍ଗ
ଧ-୨୯୨୭

ଏକାଦଶତମ ଶ୍ରାଦ୍ଧବାର୍ଷିକୀ



୰ରାଜଲକ୍ଷ୍ମୀ ମିଶ୍ର
ସ୍ୱାମୀ: ⁄ ଡଃ ତ୍ରିଲୋଚନ ମିଶ୍ର
ଆବିର୍ଭାବ: ୧୫।୦୧।୧୯୨୯
ତିରୋଧାନ: ୨୬।୧୨।୨୦୧୪
୩୧୬ ଏ, ସହୀଦ ନଗର, ଭୁବନେଶ୍ୱର
ବାରଟି ବରଷ ଗଳାଣିତ ବିତି
ଜଣାପଡୁନାହିଁ ଦିନ।
ତୁମ ସ୍ନେହାଶିଷ ଛାଇ ପରି ସଦା
ରଖୁଅଛି ଆମ ମନ।
ଜୀବନତ ସତ୍ୟ ମୃତ୍ୟୁ ମଧ୍ୟ ସତ୍ୟ
ସଦାସତ୍ୟ ଚିନ୍ତନ।
ବଞ୍ଚିଥିବା ଯାଏ ଏ ମର ସମାରେ
ତୁମ ଆଶୀର୍ବାଦ ଧାନ।
ତୁମ ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ
ଧ-୨୯୨୬

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

In The Court of Additional Commissioner Settlement and Consolidation, Sambalpur.
Settlement Revision Case no. 2 of 2025.
Lingaraj Pradhan and another .............................
Petitioners
VRS
Tahasildar, Maneswar and others ...............Opposite Parties

To,
1. Susil Kumar Babu, son of Bansi Babu, 2. Ram Prasad Babu, son of Parsuram Babu, 3. Kishori Babu, son of Nityanand Babu, 4. Kusha Babu, son of Ghasi Ram Babu, 5. Basant Babu, wife of Ghasi Ram Babu, 6. Karunakar Babu, son of Bhagirathi Babu, 7. Sradhakar Babu, son of Bhagirathi Babu, 8. Prabhakar Babu, son of Bhagirathi Babu, 9. Ganesh Ram Babu, son of Bhagirathi Babu, 10. Surya Babu, wife of Bhagirathi Babu, 11. Amulya Babu, son of Dasrathi Babu, 12. Santosh Babu, son of Dasrathi Babu, 13. Ashwini Kumar Babu, son of Dasrathi Babu, 14. Dukhishyam Babu, son of Dasrathi Babu, 15. Saila Babu, wife of Dasrathi Babu, 16. Tribikram Babu, son of Sukadev Babu.

Serial No. 2 to 16 are all by caste- Brahmin, resident of Kultanuapali, Post-Themra, P.S- Sadar, Sambalpur, Tahasil- Maneswar, Dist- Sambalpur.

PETITION UNDER ORDER 5 RULE 20 OF C.P.C

The above noted Petitioners have filed the present case against all of you for recording of the case land on the basis of Purchased on Public auction on 16th July 1979 from the learned Sub-Ordinate Court, Sambalpur in Execution Case no. 27 of 1975 arising out of Money Suit bearing no. 94 of 1973, and you are avoiding to receive the notices.

You are hereby directed to appear in this court in person or the legal heirs and successors, agent, nominee or assignee or by pleader duly instructed on the day of 16 January 2026 at 10.30 A.M in the fore noon to show cause against the said petition failing which in the said petition will be heard and determined expartee.

Land Schedule

Mouza- Kultanuapali, Hamid Settlement MaurasiKhunti No.- 84, Hamid Settlement Plot No.- 1637, Area- Ac 2.30 decimal.

Corresponding to Major Settlement

Mouza- Kultanuapali, M.S. Khata No.- 2324 (P), Area- Ac2.08 decimal

Corresponding to Consolidation

Mouza- Kuluthkani, Chaka Khata No.- 318, Chaka No.- 451, Plot No.- 1535, Area- Ac2.08 decimal

Given under my hand and seal of the court this the 23rd December 2025.

Sd/- Additional Commissioner Consolidation and Settlement Sambalpur
D-2929

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସେମିରେ ଢେଙ୍କାନାଳ, ଜଟଣୀ

## ମା' ତାରିଣୀ ଆନ୍ତଃରାଜ୍ୟ ଫୁଟ୍‌ବଲ ଟୁର୍ନାମେଣ୍ଟ



ଅତିଥିଙ୍କ ଗହଣରେ ଖେଳାଳିମାନେ।

ବଞ୍ଚୋ/ଆନନ୍ଦପୁର,୨୪/୧୨
(ପ୍ରଦୋଷ ବିଶ୍ୱାଳ/ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ତରତରା ପଞ୍ଚାୟତ ତରତରା ଗ୍ରାମ ଖେଳପଡ଼ିଆରେ ୨୬ତମ ମା' ତାରିଣୀ ଆନ୍ତଃରାଜ୍ୟ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଫିତାକାଟି ଖେଳ ଆରମ୍ଭ କରିଥିଲେ। ନକ୍‌ଆଉଟ ଭିତ୍ତିକ ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍ ପପୁଲାର୍ କ୍ଲବ୍ ଢେଙ୍କାନାଳ ସହ ମା' କାମାକ୍ଷା କ୍ଲବ୍ ବକ୍ସର ବିହାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରି ଢେଙ୍କାନାଳ ୨-୦ ଗୋଲ ବ୍ୟବଧାନରେ ବକ୍ସର ବିହାରକୁ ପରାସ୍ତ କରି ସେମି ଫାଇନାଲ ରାଉଣ୍ଡକୁ ପ୍ରବେଶ କରିଛି। ବୁଧବାର ସିଡୁଲୀ ଏଫ୍‌ସି ଆସାନସୋଲ ଏବଂ ଫ୍ରେଣ୍ଡସ ପାରାଡାଇଜ ଜଟଣୀ ମଧ୍ୟରେ ଖେଳାଯାଇଥିଲା। ଦ୍ୱିତୀୟ ନକ୍‌ଆଉଟ ମ୍ୟାଚ୍‌ରେ ଫ୍ରେଣ୍ଡସ ପାରାଡାଇଜ ଜଟଣୀ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ରେଫରୀ ଭାବେ ପ୍ରସନ୍ନ ନାୟକ, ରାମଚନ୍ଦ୍ର ବେସ୍ରା ଲକ୍ଷ୍ମଣ ସୋରେନ, ମାନସ ବିଶ୍ୱାଳ ଦାୟିତ୍ୱରେ ଥିଲେ। କ୍ଲବ୍‌ର ସଭାପତି ସୁବ୍ରତ ସାମଲଙ୍କ ସହ ଜିତେନ୍ଦ୍ର ସାମଲ, ମନ୍ଦର ଜେନା, ସୁଶୀଲ ସାମଲ, ଜିତୁ ସାମଲ, ସୁଶାନ୍ତ ସାମଲ, ଅଜିତ ଜେନା ପ୍ରମୁଖ ସହଯୋଗ କରିଥିଲେ।

# ଲଘୁ ଖଣିଜ ଚୋରିକୁ ନେଇ ଉଦ୍‌ବେଗ

## ଜିଲା ପରିଷଦର ନବମ ଅଧିବେଶନ

କେନ୍ଦୁଝର,୨୪।୧୨
(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲା ଷଷ୍ଠ ଜିଲା ପରିଷଦର ନବମ ଅଧିବେଶନ ବୁଧବାର ଜିଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁଙ୍କ ଅଧ୍ୟକ୍ଷତାରେ ଦରବାର ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଅଧିବେଶନରେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଜିଲାପାଳ ବିଶାଲ ସିଂହ, କେନ୍ଦୁଝର ସଦର ବିଧାୟକ ତଥା ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଅନୁବ୍ରତ ବେହେରା, ଜିଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଜିଲା ପରିଷଦର ସଦସ୍ୟ, ସଦସ୍ୟା, ପଞ୍ଚାୟତ ସମିତି ଅଧ୍ୟକ୍ଷ, ଅଧ୍ୟକ୍ଷା, ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଅଧିବେଶନରେ ଗତ ମେ ୩୦ତାରିଖରେ ଅନୁଷ୍ଠିତ ହୋଇଥିବା ବୈଠକ ବିବରଣୀର ଦୃଢ଼ୀକରଣ କରାଯାଇଥିଲା। ପୂର୍ବ ବୈଠକର ବିବରଣୀ ଉପରେ ଅନୁପାଳନର ସମୀକ୍ଷା କରାଯାଇଥିଲା। ବ୍ଲକ୍ ଅଧ୍ୟକ୍ଷା, ଅଧ୍ୟକ୍ଷଙ୍କୁ ବୈଠକରେ ନିମନ୍ତ୍ରଣ କରାଯାଇ ନ ଥିବାରୁ କକ୍ଷ ତ୍ୟାଗ କରିଥିଲେ। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଆଗାମୀ ବୈଠକରେ ଏହାର ପୁନରାବୃତ୍ତି ହେବ ନାହିଁ ବୋଲି କହିବା ପରେ ପୁଣି କକ୍ଷକୁ ଫେରିଥିଲେ। ଏମ୍‌ପି, ଘଷିପୁରା ବିଧାୟକ, ଆନନ୍ଦପୁର ବିଧାୟକ, ଜିଲା ପରିଷଦ ସଭ୍ୟ ଆଶିଷ ଚକ୍ରବର୍ତ୍ତୀ, ବିଦ୍ୟାଧର ବିଶ୍ୱାଳ ଆନନ୍ଦପୁର ଉପଖଣ୍ଡରେ ବାଲି ଚୋରି ବୃଦ୍ଧି ପାଉଥିବାରୁ ସରକାରଙ୍କ ଅନେକ କୋଟି ଟଙ୍କା ରାଜସ୍ୱହାନୀ ହେବା ସହ ରାସ୍ତାଘାଟ ନଷ୍ଟ ହେଉଛି ବୋଲି କହିଥିଲେ। ହାଟଡ଼ିହୀ ତହସିଲର ଜମ୍ବିରା ଏବଂ ଅନ୍ୟ ବାଲି ଘାଟରୁ ନିୟମିତ ବାଲି ଚୋରି ପଶ୍ଚିମବଙ୍ଗକୁ ଚାଲାଣ ହେଉଛି। ଅନ୍ୟ ଜିଲାରୁ ଟ୍ରାନ୍‌ଜିଟ ପାସ ଆଣି ବେଆଇନ ଭାବେ କେତେକ ବାଲିଘାଟ ଚାଲିଥିବା ଆନନ୍ଦପୁର ବିଧାୟକ ଅଭିଯୋଗ କରିଥିଲେ। ଜିଲାପାଳ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଖଣି ଉପ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାସ୍ତାରେ କଡ଼ାକଡ଼ି ଯାଞ୍ଚ ସହ ଓଭରଲୋଡ୍ ଗାଡିକୁ ଫାଇନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଯୋଡା ଖଣି ମଣ୍ଡଳରେ କେତେକ ଲିଜ୍‌ଧାରୀ ଏବଂ ଡିଡିସିଏ ସଲାସୁତ୍ରରାରେ ଉଚ୍ଚମାନର ଲୁହାପଥରଓ ମାଙ୍ଗାନିଜକୁ ନିମ୍ନ ଗ୍ରେଡ୍‌ର ପରମିଶନ କରି ବିକ୍ରି କରାଯାଉଥିବା ଜିଲା ପରିଷଦ ସଭ୍ୟ ଆଶିଷ କହିଥିଲେ। ରିଟର୍ଣ୍ଣ ପାଇପ ଲାଇନ ନ ଥିବାରୁ ସ୍ଲରୀ ପାଇପ୍‌ଲାଇନରେ ପାଣି ଲୁହାପଥର ଗୁଣ୍ଡରେ ମିଶ୍ରଣ ପରେ ପାରାଦ୍ୱୀପ ଏବଂ ଅନ୍ୟ ସ୍ଥାନକୁ ଯାଉଛି। ଗୋଟିଏ ପଟେ ପିଇବା ଏବଂ ଚାଷ ପାଇଁ ପାଣି ଖରାଦିନରେ ଘୋର ଅଭାବ ପରିଲକ୍ଷିତ ହେଉଥିବାବେଳେ ସ୍ଲରୀ ପାଇପ ଲାଇନରେ ବୈତରଣୀ ନଦୀ ଗର୍ଭରେ ଇନ୍‌ଟେକ୍ ୱେଲ କରି କମ୍ପାନୀମାନେ ପାଣି ଶୋଷଣ କରୁଛନ୍ତି। ଚୁକ୍ତି ଉଲ୍ଲଙ୍ଘନ କରି ବୈତରଣୀ ନଦୀ ଜଳ ବ୍ୟବହାର କରାଯାଉଥିବାରୁ ଗୃହରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏଥିସହ ଶିଳ୍ପ ଓ ଖଣି ସଂସ୍ଥା ବାହାର ରାଜ୍ୟରୁ ଲୋକ ଆଣି କାମ କରାଇବା ନେଇ ଶ୍ରମ ବିଭାଗ ପଦକ୍ଷେପ ନେବାକୁ ଗୃହରେ ସଭ୍ୟମାନେ ପ୍ରଶ୍ନ କରିଥିଲେ। ଗୃହରେ ଜିଲା ଶ୍ରମ ଅଧିକାରୀ ଆକାଶ ବିଷୋୟୀ ଉପସ୍ଥିତ ନ ଥିବା ବେଳେ ଘଟଗାଁ ସହକାରୀ ଶ୍ରମ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ଅଧିକାରୀମାନେ ଉପସ୍ଥିତ ନ ରହି ଅଧସ୍ତନ ଅଧିକାରୀଙ୍କୁ ପଠାଉଥିବାରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସଭ୍ୟମାନେ ଦାବି କରିବା ସହ ଟ୍ରକ୍ ମାଲିକ ସଂଘର ସମସ୍ୟା ଓ ଜନସାଧାରଣଙ୍କ ଅସୁବିଧା ସମ୍ପର୍କରେ ଉଲ୍ଲେଖ କରିଥିଲେ।



ବୈଠକରେ ଉପସ୍ଥିତ ଜନ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ।

## ବଞ୍ଚୋରେ 'ଭିବି ଜି ରାମ ଜି'ର ସ୍ୱତନ୍ତ୍ର ଗ୍ରାମସଭା

ବଞ୍ଚୋ/ ବଉଳା,୨୪।୧୨(ପ୍ରଦୋଷ କୁମାର ବିଶ୍ୱାଳ/ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ବଞ୍ଚୋ ପଞ୍ଚାୟତରେ ବୁଧବାର 'ଭିବି ଜି ରାମ ଜି' କାର୍ଯ୍ୟକ୍ରମ ସମ୍ପର୍କରେ ଏକ ସ୍ୱତନ୍ତ୍ର ଗ୍ରାମସଭା ଆୟୋଜିତ ହୋଇଯାଇଛି। ଗ୍ରାମସଭାରେ ବ୍ଲକ୍ ଉନ୍ନୟନ ଅଧିକାରୀ ରଞ୍ଜନ ପରିଡ଼ା, ସରପଞ୍ଚ ପ୍ରଶାନ୍ତ ରାଉତ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜିତେନ୍ଦ୍ର ଜେନାଙ୍କ ସମେତ ପଞ୍ଚାୟତର ୱାର୍ଡ ସଦସ୍ୟ, ପ୍ରମିଳା ବରାଳ, ବହୁ ସଂଖ୍ୟକ ଗ୍ରାମବାସୀ ଉପସ୍ଥିତ ଥିଲେ। ବିଡିଓ ସରକାରୀ ଯୋଜନାର ଠିକ୍ ଉପଯୋଗ କରି ଗ୍ରାମକୁ ଆଗେଇ ନେବାକୁ ଆହ୍ୱାନ କରିଥିଲେ।

## ନୂତନ ଥାନା ଅଧିକାରୀଙ୍କ ଯୋଗଦାନ

ଚମ୍ପୁଆ,୨୪।୧୨(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ଥାନାରେ ନୂତନ ଥାନା ଅଧିକାରୀଭାବେ ସ୍ୱରୁପ ରଞ୍ଜନ ନାୟକ ଯୋଗଦେଇଛନ୍ତି। ଥାନା ଅଧିକାରୀ ରମାକାନ୍ତ ମୁଦୁଲିଙ୍କ ଯାଜପୁର ଜିଲାକୁ ବଦଳି ପରେ ବାରିଆ ଥାନା ଅଧିକାରୀଙ୍କୁ ଭାରପ୍ରାପ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବା, ଅସାମାଜିକ କାର୍ଯ୍ୟକଳାପକୁ ରୋକ ଲଗାଇବା ଏବଂ ବୃଦ୍ଧି ପାଉଥିବା ସଡ଼କ ଦୁର୍ଘଟଣାକୁ ପ୍ରସମିତ କରିବା ପାଇଁ ସ୍ଥାନୀୟ ଲୋକଙ୍କ ସହଯୋଗ ଏକାନ୍ତ ଆବଶ୍ୟକ। ପୋଲିସ ଲୋକଙ୍କ ବନ୍ଧୁ ଭାବେ ରହି କାର୍ଯ୍ୟ କରିବ ବୋଲି ସ୍ୱରୁପ ରଞ୍ଜନ କହିଛନ୍ତି।


# Classified Everyday
0674-2580101, 9692975378



REAL ESTATE
SALE

Retanga Railway Station ପାଖରେ 46000 Sqft. Yellowzone Gharabari Plot Sale ହେବ। Contact: 9778928492. D-2888

ସୁନ୍ଦରପଦାରେ ବାଉଣ୍ଡାରିୱାଲ ଥାଇ ଘରବାରି ପ୍ଲଟ୍ ବର୍ଗଫୁଟ ଟ2800/-ରେ ବିକ୍ରିହେବ। Loan available. Contact: 9668674258. ଧ-୨୯୧୦

**2/3 BHK ready to move flat for sale at Jayadev Vihar square. Contact: 9437307086, 7008789347.** D-2878

କଟକ, ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ "Sum Hospital-2" ଓ Grand Bazar ସମ୍ମୁଖରେ NH-16 ଠାରୁ 1Km. ଦୂରତାରେ ଘରବାରି ପ୍ଲଟ କିଣନ୍ତୁ ଓ ନବନିର୍ମିତ କଲୋନୀ ଭିତରେ ଗୃହ ନିର୍ମାଣ କରନ୍ତୁ। ସନ୍ତୋଷ- 9438362273. D-2877

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍, 25ft. road ପଟ୍ଟାରୁ ବିକ୍ରିହେବ। 9437754190. ଧ-୨୮୪୦

ଭୁବନେଶ୍ୱର ଗ୍ୟାରେଜ୍‌ଛକ ନିକଟରେ ୩୦ ଫୁଟ ରାସ୍ତା ଥାଇ ଘରବାଡ଼ି ପ୍ଲଟ ବିକ୍ରି ହେବ- 9178660666. ଧ-୨୮୪୧




All types of physiotherapy with massage, Contact number 9556924059/ 7656969134. D-2766

## AFFIDAVIT

I, Hrushikesh Naik, S/o.- Duryodhan Naik, resident of At- Nischintapur, P.S.- Turimunga, Dist.- Keonjhar, Odisha-758032 declare by this affidavit No.- A/18 dated 01.12.2025 before the Executive Magistrate, Panposh, Raurkela- 12 that I have changed the name/surname of my minor son from Biswastha Naik to Bishwastha Nayak as recorded in his school record since prep. Henceforth, he will be known as Bishwastha Nayak for all purposes. D-2930

By virtue of an affidavit sworn before the Executive Magistrate, Sambalpur, I, SUNITA BAG, aged about 44 years, wife of Late BHARAT CHANDRA BAG currently residing at BIHARIPADA, P.O./P.S.- KHETRAJPUR, Tah/ Dist.- Sambalpur bearing Aadhaar card No.- xxxx xxxx 6536 solemnly declared that SUNITA BHOI and SUNITA BAG is same and one person. D-2920

By virtue of an affidavit sworn before Notary Public, Borigumma, dated- 18.12.2025, I, T.BABU PATRA, Address- Katharagada, P.O.- Katharagada, P.S.- B.Singhpur, Dist.- Koraput, Odisha- 764057 declare that I have changed the name of my daughter from T. SRISTI PATRA to SHRISTY PATRA. Henceforth, she shall be known as SHRISTY PATRA for all purposes.
T.BABU PATRA D-2921

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

By virtue of an affidavit sworn before Notary Public, Borigumma, dated- 18.12.2025, I, PABITRA PARAJA, Address- Chatarala, P.O.- Pujariput, P.S.- Borigumma, Dist.- Koraput, Odisha- 764056 declare that I have changed the name of daughter from PREM PARAJA to PREMALATA PARAJA. Henceforth, she shall be known as PREMALATA PARAJA for all purposes.
PABITRA PARAJA D-2922

By virtue of an affidavit sworn before Notary Public, Borigumma, dated- 18.12.2025, I, T.BABU PATRA, Address- Katharagada, P.O.- Katharagada, P.S.- B.Singhpur, Dist.- Koraput, Odisha- 764057 declare that I have changed the name of daughter from T. SRUTIREKHA PATRA to SMUTI REKHA PATRA. Henceforth, she shall be known as SMUTI REKHA PATRA for all purposes.
T.BABU PATRA D-2923

ମୁଁ ଧର୍ମେନ୍ଦ୍ର ସିଂହ, ପିତା: ରଘୁବଂଶ ସିଂହ, ବାସିନ୍ଦା: ବୋରିଗୁମ୍ମା, ଜିଲ୍ଲା: କୋରାପୁଟ, ଓଡ଼ିଶା-764056, ଏହା ଦ୍ୱାରା ସର୍ବସାଧାରଣଙ୍କ ଅବଗତି ପାଇଁ ଘୋଷଣା କରୁଛି ଯେ ମୋର ସଠିକ ଓ ପୂର୍ଣ୍ଣ ନାମ ଧର୍ମେନ୍ଦ୍ର ସିଂହ (Dharmendra Singh) ଅଟେ। କିନ୍ତୁ, ମୋ ପୁଅ ନୀରଜ କୁମାର ସିଂହଙ୍କ ଶିକ୍ଷାଗତ ପ୍ରମାଣପତ୍ର ଓ ମାର୍କସିଟ୍‌ରେ ମୋର ନାମ "ଧର୍ମେନ୍ଦ୍ର କୁମାର ସିଂହ" ଭାବରେ ଉଲ୍ଲେଖ ହୋଇଛି। ଉଭୟ ନାମ "ଧର୍ମେନ୍ଦ୍ର ସିଂହ" ଏବଂ "ଧର୍ମେନ୍ଦ୍ର କୁମାର ସିଂହ" ସମାନ ବ୍ୟକ୍ତି, ଅର୍ଥାତ୍ ମୋତେ ହିଁ ବୁଝାଏ। ମୁଁ ଶପଥ ପୂର୍ବକ ଘୋଷଣା କରୁଛି ଯେ ମୋର ବୈଧ ନାମ "ଧର୍ମେନ୍ଦ୍ର ସିଂହ" ଏବଂ ଆଗାମୀ ଭବିଷ୍ୟତର ସମସ୍ତ କାର୍ଯ୍ୟ ଓ ଆଇନଗତ ଉଦ୍ଦେଶ୍ୟ ପାଇଁ ମୁଁ ଏହି ନାମରେ ହିଁ ଜଣାଶୁଣା ହେବି। ଏହି ଘୋଷଣା ନୋଟାରୀ ପବ୍ଲିକ, ବୋରିଗୁମ୍ମାଙ୍କ ଶପଥ ପତ୍ର (Affidavit) ସଂଖ୍ୟା 1733, ତାରିଖ 22.12.2025 ଅନୁଯାୟୀ କରାଯାଇଛି। ଧ-୨୯୨୫

By virtue of an affidavit dtd. 13.11.2025 sworn before Executive Magistrate, Dhamanagar, I, Laxmi Priya Sahoo, D/o.- Pravakar Sahoo, Vill./ P.O.- Khaparpada, P.S.- Dhusuri, Dist.- Bhadrak, Odisha, PIN- 756116 changed my name from Puja Sahoo to Laxmi Priya Sahoo. Henceforth, I shall be known as Laxmi Priya Sahoo for all Purposes. D-2930

କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍, ଲୋଇସିଂହା, ନମ୍ବର ୧୮୬, ତାରିଖ ୧୬.୧୨.୨୦୨୫ ସମ୍ମୁଖରେ ଏକ ଶପଥପତ୍ର ଅନୁଯାୟୀ, ମୁଁ, ଶେଷଦେବ ନନ୍ଦ, ବାପା ୰ ମନଧର ନନ୍ଦ, ଜାତି- ଅନୁସୂଚିତ (ଗଣ୍ଡା), ଗ୍ରାମ/ପୋ.- ଗଲାପାଲି, ଥାନା- ଲୋଇସିଂହା, ଜିଲ୍ଲା- ବଲାଙ୍ଗୀର, ଓଡିଶା ଘୋଷଣା କରୁଛି ଯେ ପଟ୍ଟା ହୋଲ୍ଡିଂ ନମ୍ବର ୧୮୧/୧୨୩ରେ ମୋର ନାମ ଶେଷଦେବ ନନ୍ଦ ବଦଳରେ ବେଟିଖିଆ ନନ୍ଦ (ଡାକନାମ) ଭାବରେ ଉଲ୍ଲେଖ କରାଯାଇଛି। ଉଭୟ ନାମ ଗୋଟିଏ ଓ ସମାନ ବ୍ୟକ୍ତିଙ୍କ ସହିତ ଜଡିତ। ତେଣୁ ମୁଁ ସମସ୍ତ ଉଦ୍ଦେଶ୍ୟରେ ଶେଷଦେବ ନନ୍ଦ ଭାବରେ ପରିଚିତ ହେବି।
ଶେଷଦେବ ନନ୍ଦ ଧ-୨୯୨୮

By virtue of an affidavit sworn before the court of Executive Magistrate, Udala, Kaptipada, Mayurbhanj, dated- 20.12.2025, I, Sanjukta Dehuri, W/o.- Bhajahari Dehuri, At- Bhalubasa, P.O.- Kaladahi, P.S.- Kaptipada, Dist.- Mayurbhanj, Odisha- 757077 declare that I have changed my daughter's name from Svakankhi Dehuri to Shubhakankshi Dehuri. Henceforth, she shall be known as Shubhakankshi Dehuri for all purposes.
Sanjukta Dehuri D-2924

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## ମନେ ପଡ଼ନ୍ତି

### ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଶୁଭେନ୍ଦୁ ଦୀକ୍ଷିତ୍
N2- 146, IRC Village
BHUBANESWAR- 15
ଆବିର୍ଭାବ- ୦୩।୦୪।୧୯୭୪
ତିରୋଧାନ- ୨୫।୧୨।୨୦୧୧
ମାସ ପରେ ମାସ, ବର୍ଷ ପରେ ବର୍ଷ ବିତିଗଲା ଚଉଦ ବରଷ।
ଚାଲିଗଲ ଦୂର ଦିଗବଳୟ ତଳେ ହେଲୁ ଆମ୍ଭେ ଚିର ନିଃସ୍ୱ।
ଯହିଁ ଥାଅ ସୁଖେ ଥାଅ ସଶରୀରେ ଅବା ନିଶରୀରେ,
ଅମରତ୍ୱ ପ୍ରାପ୍ତ ହୁଅ ଏତିକି ପ୍ରାର୍ଥନା ନିତି କରୁ ପ୍ରଭୁଙ୍କ ପାଦରେ.
-: ଶୋକସନ୍ତପ୍ତ :-
ବାପା, ବୋଉ, ଇପ୍‌ସା, ଶ୍ରେୟା, ଇଶାନ ଓ ପରିବାରବର୍ଗ
ଧ-୨୯୨୭

### ଏକାଦଶତମ ଶ୍ରାଦ୍ଧବାର୍ଷିକୀ



୰ରାଜଲକ୍ଷ୍ମୀ ମିଶ୍ର
ସ୍ୱାମୀ: ୰ ଡଃ ତ୍ରିଲୋଚନ ମିଶ୍ର
ଆବିର୍ଭାବ: ୧୫।୦୧।୧୯୨୯
ତିରୋଧାନ: ୨୬।୧୨।୨୦୧୪
୩୧୬ ଏ, ସହୀଦ ନଗର, ଭୁବନେଶ୍ୱର
ବାରଟି ବରଷ ଗଲାଣିତ ବିତି
ଜଣାପଡୁନାହିଁ ଦିନ।
ତୁମ ସ୍ନେହାଶିଷ ଛାଇ ପରି ସଦା
ରଖୁଅଛି ଆମ ମନ।
ଜୀବନତ ସତ୍ୟ ମୃତ୍ୟୁ ମଧ୍ୟ ସତ୍ୟ
ସଦାସତ୍ୟ ଚିରନ୍ତନ।
ବଞ୍ଚିଥିବା ଯାଏ ଏ ମର ସମାରେ
ତୁମ ଆଶୀର୍ବାଦ ଧାନ।
ତୁମ ପୁଅ, ବୋହୂ, ଝିଅ, ଜ୍ୱାଇଁ,
ନାତିନାତୁଣୀ
ଧ-୨୯୨୬

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

In The Court of Additional Commissioner Settlement and Consolidation, Sambalpur.
Settlement Revision Case no. 2 of 2025.
Lingaraj Pradhan and another .............................
Petitioners
VRS
Tahasildar, Maneswar and others ...............Opposite Parties

To,
1. Susil Kumar Babu, son of Bansi Babu, 2. Ram Prasad Babu, son of Parsuram Babu, 3. Kishori Babu, son of Nityanand Babu, 4. Kusha Babu, son of Ghasi Ram Babu, 5. Basant Babu, wife of Ghasi Ram Babu, 6. Karunakar Babu, son of Bhagirathi Babu, 7. Sradhakar Babu, son of Bhagirathi Babu, 8. Prabhakar Babu, son of Bhagirathi Babu, 9. Ganesh Ram Babu, son of Bhagirathi Babu, 10. Surya Babu, wife of Bhagirathi Babu, 11. Amulya Babu, son of Dasrathi Babu, 12. Santosh Babu, son of Dasrathi Babu, 13. Ashwini Kumar Babu, son of Dasrathi Babu, 14. Dukhishyam Babu, son of Dasrathi Babu, 15. Saila Babu, wife of Dasrathi Babu, 16. Tribikram Babu, son of Sukadev Babu.

Serial No. 2 to 16 are all by caste- Brahmin, resident of Kultanuapali, Post-Themra, P.S- Sadar, Sambalpur, Tahasil- Maneswar, Dist- Sambalpur.

PETITION UNDER ORDER 5 RULE 20 OF C.P.C

The above noted Petitioners have filed the present case against all of you for recording of the case land on the basis of Purchased on Public auction on 16th July 1979 from the learned Sub-Ordinate Court, Sambalpur in Execution Case no. 27 of 1975 arising out of Money Suit bearing no. 94 of 1973, and you are avoiding to receive the notices.

You are hereby directed to appear in this court in person or the legal heirs and successors, agent, nominee or assignee or by pleader duly instructed on the day of 16 January 2026 at 10.30 A.M in the fore noon to show cause against the said petition failing which in the said petition will be heard and determined expartee.

Land Schedule
Mouza- Kultanuapali, Hamid Settlement MaurasiKhunti No.- 84, Hamid Settlement Plot No.- 1637, Area- Ac 2.30 decimal.

Corresponding to Major Settlement
Mouza- Kultanuapali, M.S. Khata No.- 2324 (P), Area- Ac2.08 decimal

Corresponding to Consolidation
Mouza- Kuluthkani, Chaka Khata No.- 318, Chaka No.- 451, Plot No.- 1535, Area- Ac2.08 decimal

Given under my hand and seal of the court this the 23rd December 2025.

Sd/- Additional Commissioner
Consolidation and Settlement
Sambalpur
D-2929

# ଆଇନଜୀବୀଙ୍କୁ ରାଜ୍ୟ ବାର୍ କାଉନ୍ସିଲର କାରଣ ଦର୍ଶାଅ ନୋଟିସ

**କଟକ,୨୪।୧୨(କାର୍ତ୍ତିକ ସାହୁ)**

ଆଇନଜୀବୀ ବୃତ୍ତିର ଅପବ୍ୟବହାର କରିବା ଅଭିଯୋଗକ୍ରମେ ଆଇନଜୀବୀ ସୁମନ୍ତ କୁମାର ସ୍ୱାଇଁଙ୍କୁ ରାଜ୍ୟ ବାର କାଉନସିଲ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଓଡ଼ିଶା ରାଜ୍ୟ ବାର୍ କାଉନସିଲରେ ଅଭିଯୋଗକାରୀ ପ୍ରସନ୍ନ କୁମାର ସାହୁ (ସୁମିତ ସିକ୍ୟୁରିଟି ସର୍ଭିସେସ) ମାଲିକ ହିସାବରେ ଏବଂ ଆଇନଜୀବୀ ପ୍ରଭାକର ସାବତଙ୍କର ଦୁଇଟି ଅଭିଯୋଗକ୍ରମେ ଆଇନଜୀବୀ ସୁମନ୍ତ କୁମାର ସ୍ୱାଇଁଙ୍କୁ ଆଇନଜୀବୀ ପଦମର୍ଯ୍ୟାଦାର ଅପବ୍ୟବହାର କରୁଥିବା ଅଭିଯୋଗକ୍ରମେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଅଭିଯୋଗକାରୀଙ୍କ ଅଭିଯୋଗ କ୍ରମେ ଆଇନଜୀବୀ ସୁମନ୍ତ କୁମାର ସ୍ୱାଇଁ ହାଇକୋର୍ଟ ବାର ଆସୋସିଏଶନର ନିର୍ବାଚିତ କାର୍ଯ୍ୟନିର୍ବାହୀ ସଦସ୍ୟ ଏବଂ ଆଇନଜୀବୀ ହିସାବରେ ବିଭିନ୍ନ ସମୟରେ ଆଇନ ବୃତ୍ତିର ଅପବ୍ୟବହାର କରି ଅଭିଯୋଗକାରୀଙ୍କ ଅଭିଯୋଗ କ୍ରମେ ଶିଳ୍ପପତି, ବ୍ୟବସାୟିକ ଅନୁଷ୍ଠାନ ଓ ବିଲ୍ଡର୍‌ମାନଙ୍କୁ ମହକିଲଙ୍କ ପକ୍ଷରୁ ମିଥ୍ୟା ମକଦ୍ଦମା କରିବା ଧମକ ଦେଇ ଟଙ୍କା ଆଦାୟ କରିବାର ଅଭିଯୋଗ ରହିଥିବାରୁ, ଓଡ଼ିଶା ରାଜ୍ୟ ବାର କାଉନସିଲ ସୁମନ୍ତ କୁମାର ସ୍ୱାଇଁଙ୍କୁ ଆଗାମୀଦିନରେ ଆଇନଜୀବୀ ବୃତ୍ତିର ଅପବ୍ୟବହାର ନ କରିବା ସହିତ ସାମାଜିକ ଗଣମାଧ୍ୟମ ଓ ବୈଦ୍ୟୁତିକ ଗଣମାଧ୍ୟମ ଜରିଆରେ କୌଣସି ମହକିଲଙ୍କ ପକ୍ଷରୁ ମିଥ୍ୟା ମକଦ୍ଦମା କରିବାର ପ୍ରୟାସରୁ ନିବୃତ୍ତ ରହିବା ପାଇଁ ରାଜ୍ୟ ବାର କାଉନସିଲ ନିଷେଧାଜ୍ଞା ଜାରି କରିବା ସଙ୍ଗେ ସଙ୍ଗେ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି।

# ଟ୍ରାକ୍ଟର ମାଡ଼ିଯିବାରୁ ନାବାଳକ ମୃତ

**ବଇଣ୍ଡା, ୨୪।୧୨ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ହଣ୍ଡପା ଥାନା ଦାଦରସାହି ନିକଟରେ ମଙ୍ଗଳବାର ଟ୍ରାକ୍ଟର ମାଡ଼ିଯିବାରୁ ଜାମୁନାଳି ଗ୍ରାମର ସୁଜନ ବେହେରାଙ୍କ ପୁଅ ଚିନ୍ମୟ ବେହେରା (୧୫)ଙ୍କ ମୃତ ହୋଇଛି। ଏ ନେଇ ସୁଜନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନମ୍ବର ୪୫୩/୨୫ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ଚିନ୍ମୟ ଏକ ଟ୍ରାକ୍ଟର (ନଂ. ଓଡି ୨୭ ୪୭୧୯)ରେ ବସି ସାନଗୋବିନ୍ଦପୁରରୁ ବଇଣ୍ଡା ଅଭିମୁଖେ ଆସୁଥିବାବେଳେ ଚାଳକଙ୍କ ବେପାରୁଆ ଗାଡ଼ି ଚାଳନା ଯୋଗୁ ଦାଦରସାହି ନିକଟ ହମ୍ପସରେ ଖସି ପଡିଥିଲେ। ଫଳରେ ଚିନ୍ମୟଙ୍କ ଉପରେ ଟ୍ରାକ୍ଟର ପଛ ଚକା ଚଢ଼ିଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଆଠମଲ୍ଲିକ ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

# ଏବେ ବି ଚାଲିଛି ବାବୁରାଜ୍: ପଦ୍ମଲୋଚନ ପଣ୍ଡା

**ଭୁବନେଶ୍ୱର,୨୪।୧୨ (ରବିନାରାୟଣ ଜେନା)**

ରାଜ୍ୟରେ ଭାଜପା ସରକାର କ୍ଷମତାସୀନ ହେବାର ୧୮ ମାସ ବିତିଥିଲେ ହେଁ ଏଯାଏ ବାବୁରାଜ୍‌ର ପତନ ହୋଇନାହିଁ। ଦୁଇଦିନ ତଳେ ବରଗଡ଼ର ଏକ ସଭାରେ ଭାଜପା ସାଂସଦ ପ୍ରଦୀପ ପୁରୋହିତ ସ୍ଥାନୀୟ ଜିଲାପାଳଙ୍କୁ 'ପ୍ରୋଟୋକଲ'ର ପାଠ ପଢ଼ାଇଥିବାବେଳେ ବୁଧବାର ଲୋକସେବା ଭବନରେ ଭାଜପା ବିଧାୟକ ପଦ୍ମଲୋଚନ ପଣ୍ଡା ମଧ୍ୟ ଅଫିସରଙ୍କ ଉପରେ ଗଭୀର ଅସନ୍ତୋଷ ଝାଡ଼ିଛନ୍ତି।

ପଦ୍ମଲୋଚନ ଗଣମାଧ୍ୟମକୁ କହିଛନ୍ତି, ଜନପ୍ରତିନିଧିଙ୍କୁ ବାବୁମାନେ ବାରମ୍ବାର ଅସମ୍ମାନ କରୁଛନ୍ତି। ରାଜ୍ୟ ସରକାରରେ ଏବେ ବି ବହୁ ଅଫିସର ଭାବୁଛନ୍ତି ପାଣ୍ଡିଆନ ଶାସନ ଚାଲିଛି। ଅଫିସରମାନଙ୍କର ମାନସିକତା ଏବେ ଯାଏ ବଦଳିନାହିଁ। ଏହା ଯେପର୍ଯ୍ୟନ୍ତ ନ ବଦଳିଛି ସେଯାଏ ବାବୁରାଜ୍ ଜାରି ରହିଥିବ। ପଦ୍ମଲୋଚନା ପୁଣି କହିଛନ୍ତି, ସେମାନେ କେବଳ ଜନପ୍ରତିନିଧିଙ୍କୁ ନୁହେଁ, ଖୋଦ୍ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଛାଡ଼ିବେ ନାହିଁ। ମୁଖ୍ୟମନ୍ତ୍ରୀ ତୁରନ୍ତ ସେମାନଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଯାହାଫଳରେ ସବୁ ଅଫିସର ସାବାଡ଼ ହେବେ ବୋଲି ସେ କହିଛନ୍ତି।

ଏହି ପରିପ୍ରେକ୍ଷୀରେ ବୁଧବାର ଲୋକସେବା ଭବନରେ କୋଟିଆ ସମୀକ୍ଷା ଅବସରରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ ତାଙ୍କ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ କହିଛନ୍ତି, କୋଟିଆରେ ଅଫିସରଙ୍କ ମନମୁଖି କାର୍ଯ୍ୟ ଯୋଗୁ ଅଯଥାରେ ବିବାଦ ଉପୁଜୁଛି।

ପୂଜାରୀ ନଭେମ୍ବର ୧୯ରେ ଅନୁରୂପ ଭାବେ କହିଥିଲେ, ରାଜ୍ୟରେ ଦୀର୍ଘବର୍ଷ ଧରି ସବ୍‌ରେଜିଷ୍ଟ୍ରାର ଓ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଦଲାଲି ବ୍ୟବସ୍ଥା ଚାଲିଆସୁଥିଲା। ଏହା ଆମ ପାଇଁ ଏକ ବଡ଼ ସମସ୍ୟା ଭାବେ ମୁଣ୍ଡ ଟେକିଥିଲା। ଏବେ ସିସି କ୍ୟାମେରା ଲାଗିବା ପରେ ଏଥିରେ ସୁଧାର ଆସୁଛି। ସରକାରୀ କାର୍ଯ୍ୟାଳୟରୁ ଦୁର୍ନୀତି ହଟିବ ଏବଂ ବାବୁରାଜ୍‌ର ଅବସାନ ହେବ ବୋଲି ରାଜସ୍ୱ ମନ୍ତ୍ରୀ ପୂଜାରୀ କହିଥିଲେ। ତେବେ ୧୮ ମାସ ମଧ୍ୟରେ ଅଫିସରରାଜ୍‌ର କାହିଁକି ଅବସାନ ହେଉନାହିଁ ତାକୁ ନେଇ ଭାଜପାର ବରିଷ୍ଠ ନେତାଙ୍କ ଏଭଳି ମନ୍ତବ୍ୟ ପରେ ଏବେ ଏହା ବିଭିନ୍ନ ମହଲରେ ଆଲୋଚନାର ବିଷୟ ହୋଇଛି।


**B.I.T. SINDRI**
**P.O.-SINDRI INSTITUTE**
**DIST: DHANBAD (JHARKHAND) PIN: 828123**
**e-tender Notice - Re/BIT/17/2025-26/PSPLab/Elec2**
**Reference Number: Re/BIT/17/2025-26/PSPLab/Elec2**
**Dated :- 23-12-2025 Tender ID: 2025_DHTE_108123_1**

| | | |
|---|---|---|
| 1 | Name & address of office Inviting tender | Director, B.I.T., Sindri, P.O. Sindri Institute, Sindri, Dhanbad, Jharkhand -828123 |
| 2 | Name or work | Supply and installation of Equipment of Power System Protection Labratory of Electrical Engineering Department BIT Sindri, Dhanbad, Jharkhand. |
| 3 | Document download start date | 29-12-2025 |
| 4 | Document download end date | 15-01-2026 |
| 5 | Bid submission end date | 15-01-2026 |
| 6 | Bid opening date | 16-01-2026 |

Bidders must bid through e-tenders portal.
Further details can be seen on website:- https://jharkhandtenders.gov.in

Sd/-
Director,
B.I.T., Sindri

PR 369367 Higher Education,Technical Education and Skill Development Department(25-26)D


# ଆଜିଠୁ ହାଇକୋର୍ଟଙ୍କ ଶୀତକାଳୀନ ଛୁଟି

## ୩୦ରେ ଜରୁରିକାଳୀନ ବେଞ୍ଚ

**କଟକ,୨୪।୧୨(କାର୍ତ୍ତିକ ସାହୁ)**

ଓଡ଼ିଶା ହାଇକୋର୍ଟର ଶୀତକାଳୀନ ଛୁଟି ଡିସେମ୍ବର ୨୫ରୁ ଜାନୁଆରୀ ୪ ତାରିଖ ପର୍ଯ୍ୟନ୍ତ ହେବ। ଏହି ସମୟ ମଧ୍ୟରେ ଡିସେମ୍ବର ୩୦ରେ ହାଇବ୍ରିଡ୍ ମୋଡ୍‌ରେ ଜରୁରିକାଳୀନ ବେଞ୍ଚ କାର୍ଯ୍ୟ କରିବ। ହାଇକୋର୍ଟଙ୍କ ସ୍ୱତନ୍ତ୍ର ଆଦେଶକ୍ରମେ ୨୦୨୬ ଜାନୁଆରୀ ୨ (ଶୁକ୍ରବାର) ଛୁଟି ଦିବସ ଭାବେ ଘୋଷଣା କରାଯାଇଛି। ଏହା ବଦଳରେ ୨୦୨୬ ମାର୍ଚ୍ଚ ୭ (ଶନିବାର)କୁ ହାଇକୋର୍ଟର କାର୍ଯ୍ୟଦିବସ ଭାବେ ଧରାଯିବ। ଜାନୁଆରୀ ୫ରୁ ଅଦାଲତ କାର୍ଯ୍ୟ ପୂର୍ବପରି ଚାଲିବ। ଶୀତକାଳୀନ ଛୁଟି ଅବସରରେ ନୂଆ ମାମଲା ଦାଖଲ ପାଇଁ କମ୍ପ୍ୟୁଟର ଫାଇଲିଂ କାଉଣ୍ଟର ପ୍ରତି କାର୍ଯ୍ୟ ଦିବସରେ ପୂର୍ବାହ୍ନ ୧୧ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଖୋଲା ରହିବ। ଜରୁରୀ ମାମଲାଗୁଡ଼ିକୁ ତାଲିକାଭୁକ୍ତ କରିବା ପାଇଁ ଡିସେମ୍ବର ୨୯ ପୂର୍ବାହ୍ନ ୧୧ଟାରୁ ୧୨ଟା ମଧ୍ୟରେ ଡେପୁଟି ରେଜିଷ୍ଟ୍ରାର (ନ୍ୟାୟିକ)ଙ୍କ କାର୍ଯ୍ୟାଳୟରେ ଥିବା ଡ୍ରପ ବକ୍ସରେ ମେନ୍ସନ ମେମୋ ପକାଇ ଉଲ୍ଲେଖ କରାଯାଇପାରିବ।


**कार्यपालक अभियन्ता का कार्यालय लघु सिंचाई प्रमंडल, राँची।**
कमरा नं० 302, तृतीय तल्ला, अभियंत्रण भवन, कचहरी चौक, राँची– 834001
ई–मेल – eemidran-cemr-jhr@nic.in, midranchi2018@gmail.com
फोन नं० – 0651–3512781
पत्रांक................./ राँची, दिनांक ......../......../2025

**शुद्धि–पत्र**

कार्यपालक अभियंता, लघु सिंचाई प्रमण्डल, राँची का पत्रांक– 911 दिनांक–16.12.2025 द्वारा e-Tender Reference No. WRD/MID/04/BD/(SLI) 2025-26, PR 368836 (Minor Irrigation)25-26*D दिनांक 18.12.2025 को प्रकाशित निविदा में निम्न प्रकार संशोधन किया जाता है:–

| क्रमांक | विवरण | पूर्व में अंकित निविदा का तिथि एवं समय | संशोधित निविदा का तिथि एवं समय |
|---|---|---|---|
| 1 | Date of Publication of Tender on website | Date: 24.12.2025 up to 2.00 pm | 30.12.2025 up to 2.00 pm |
| 2 | Last Date/Time for downloading of bidding documents and Submission of Tender on Website | Date: 30.12.2025 up to 2:00 pm | 05.01.2026 up to 2:00 pm |
| 3 | Submission of Tender Fee and EMD | Start Date:- 24.12.2025 up to 2:00 pm Last Date:- 30.12.2025 Time:- 2:00 pm | Start Date:- 30.12.2025 up to 2:00 pm Last Date:- 05.01.2026 Time:- 2:00 PM |
| 4 | Technical Bid Opening Date | Date: 31.12.2025 at 5:00 pm | 06.01.2026 at 5:00 pm |

निविदा की शेष सभी शर्तें पूर्वतः बनी रहेगी।

विश्वासभाजन
कार्यपालक अभियन्ता, लघु सिंचाई प्रमंडल, राँची।

PR 369381 Minor Irrigation(25-26)D



**झारखण्ड स्टेट फॉरेस्ट डेवलपमेंट कॉरपोरेशन लिमिटेड**
(झारखण्ड सरकार का उपक्रम)
का0: अपर प्रधान मुख्य वन संरक्षक–सह–प्रबन्ध निदेशक, झारखण्ड राज्य वन विकास निगम लि0, 455/A, रोड नं0–5, अशोक नगर, राँची।
E-mail – md_jsfdc@yahoo.co.in / mdjsfdc@gmail.com TOLL FREE NO. 18008891131

ई–निविदा सूचना संख्या ल0 व0 प0 प0 (के0 प0)–03/2026
वर्ष 2026 मौसम में झारखण्ड राज्य में संग्रहित होनेवाली केन्दू पत्ती की अग्रिम बिक्री हेतु ई–निविदा
**अतिअल्पकालीन ई–निविदा सूचना**

निदेशानुसार विगत वर्ष की भांति वर्ष 2026 मौसम में झारखण्ड में संग्रहित होने वाली केन्दू पत्ती की प्रचयवार "शुद्ध एक मुश्त राशि" के आधार पर अग्रिम बिक्री हेतु ऑनलाईन ई–निविदायें आमंत्रित की जाती हैं। निविदायें वेब पोर्टल www.jharkhandtenders.gov.in पर ऑनलाईन निम्न विवरण अनुसार प्राप्त की जायेंगी।

| निविदा चक्र (निविदा रिफरेन्स सं0) | समय | निविदा अभिलेख डाउनलोड एवं समर्पण की तिथि | विक्रय समिति की बैठक की तिथि |
|---|---|---|---|
| ग्यारहवाँ चक्र (KL/11/2026) | प्रारम्भ 11.00 बजे पूर्वा0 अन्त 5.00 बजे अप0 | 02.01.2026 05.01.2026 | 07.01.2026 |
| बारहवां चक्र (KL/12/2026) | प्रारम्भ 11.00 बजे पूर्वा0 अन्त 5.00 बजे अप0 | 09.01.2026 15.01.2026 | 16.01.2026 |
| तेरहवां चक्र (KL/13/2026) | प्रारम्भ 11.00 बजे पूर्वा0 अन्त 5.00 बजे अप0 | 17.01.2026 20.01.2026 | 21.01.2026 |

क्रेता पंजीकरण पत्र, निविदा शुल्क, सत्यंकर राशि, निविदाकार का करारनामा, आयकर विभाग द्वारा निर्गत PAN की अभिप्रमाणित प्रति, पिछले तीन लेखा वर्षो के आयकर रिटर्न की अभिप्रमाणित प्रतियाँ, GST निबंधन संख्या के प्रमाण–पत्र की अभिप्रमाणित प्रति, विगत् लेखा वर्ष के GST रिटर्न की प्रति तथा अपलोड किये गये अन्य दस्तावेज की एक–एक प्रति निविदादाता विक्रय समिति की बैठक की तिथि के एक दिन पूर्व (3.00 बजे अपराह्न) तक प्रमण्डलीय प्रबन्धक के कार्यालय में जमा करेंगे। समस्त इच्छुक निविदाकारों को ऑनलाईन निविदा भरने हेतु Digital Signature Certificate प्राप्त करना अनिवार्य है।

विस्तृत जानकारी यथा निविदा प्रपत्र, लॉट सूची, निविदाकार का करारनामा, निविदा से संबंधित शर्तें एवं बंधेज आदि वेब साईट www.jharkhandtenders.gov.in पर देखा जा सकता है। ऑनलाईन निविदा समर्पित करने के पूर्व निविदा प्रक्रिया की पूर्ण जानकारी प्राप्त कर लें। अधिक जानकारी के लिये वन निगम के प्रमण्डलीय/अंचलीय कार्यालयों से तथा वन निगम मुख्यालय के निम्न पदाधिकारी/कर्मी से भी सम्पर्क कर सकते हैं :–

(1) उप निदेशक (विपणन), राँची, 9431105100 (3) श्री प्रसून कुमार, FPI, राँची, 9153989366
(2) उप निदेशक (मुख्यालय), राँची, 9431170318 (4) TOLL FREE NO. 18008891131

ह0/–
उप निदेशक (विपणन),
झारखण्ड राज्य वन विकास निगम लि0, राँची।

PR 369377 Jharkhand State Forest Development Corp Ltd(25-26)D



**Government of Jharkhand**
**Rural Works Department**
**JHARKHAND STATE RURAL ROADS DEVELOPMENT AUTHORITY (JSRRDA)**
3rd Floor, F.F.P. Building, Dhurwa, Ranchi 834004

**NOTICE INVITING TENDERS**
**(National Competitive Bidding Through e-Procurement)**
Re-eTender **No.- 08/ 2025-26-987 (Encl)** **Ranchi, Dated: 24.12.2025**
**PR No- 364457 dated 18.10.2025 (3rd Call)**

The undersigned on behalf of Government of Jharkhand invites item rate bids through e-Procurement from the eligible bidders registered* in appropriate class with any State/Central Government/State /Central Government Organization for construction and maintenance for five years of the works (List of schemes shall be displayed in the website pmgsytendersjhr.gov.in) of Pradhan Mantri Gram Sadak Yojna PM-JANMAN (Batch-1, 2025-26).

| Sr. No | District Name | Block Name | Tendering Package | Road Name / Bridge Name | Road Length (Kms) (in lakhs) | Sanction Construction Cost (in lakhs) | Sanction Maintenace Cost | Total Sanction Cost with Maint. (in lakhs) | Total Package Cost (in lakhs) | Earnest Money (In Lakh) | Time of Completion (in month) |
|---|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| 1 | Garhwa | Bhandaria | JH-07-PMJANMAN-GAR-01 ( 2025-26) | L021-Bathan Toli To Kochli (Barkol Kalan) | 3.400 | 275.68 | 30.01 | 305.69 | 1,288.48 | 25.77 | 18 |
| | Garhwa | Bhandaria | | L023-Madgari Road To Totki | 4.300 | 369.92 | 36.41 | 406.33 | | | |
| | Garhwa | Chinia | | L023-Pmgsy Uday More To Parsukhar Road | 2.000 | 177.58 | 18.25 | 195.83 | | | |
| | Garhwa | Ranka | | L022-Pwd Main Road To Amhar | 3.800 | 347.95 | 32.68 | 380.63 | | | |
| 2 | Garhwa | Ramkanda | JH-07-PMJANMAN-GAR-03 ( 2025-26) | L021-Kuswar To Sarkahi Main Road | 1.000 | 83.89 | 9.21 | 93.10 | 1,199.37 | 23.99 | 18 |
| | Garhwa | Chinia | | L025-Chapla Alias Chophlo More To Dogwa Khar | 2.500 | 228.65 | 23.68 | 252.33 | | | |
| | Garhwa | Chinia | | L021-Rotohi mahua Tola To Chhateliya Road | 4.040 | 365.74 | 36.92 | 402.66 | | | |
| | Garhwa | Chinia | | L024-Pmgsy Side To Piahiya village Road | 4.750 | 411.77 | 39.51 | 451.28 | | | |
| | | Total | | | 25.79 | 2261.18 | 226.67 | 2487.85 | 2487.85 | | |

The bid should be submitted online in the website **pmgsytendersjhr.gov.in**. The bidders should have valid Digital Signature Certificate for online submission of bid.
Details of bid submission is as under:

| Procurement Officer | Place of Opening | Availability of tender (on-line) for bidding | | Last date & time of seeking clarification | Last date and time of bid submission | Date & time of opening (online) of tender | |
|---|---|---|---|---|---|---|---|
| | | From | To | | | Technical bid | Financial bid |
| 1 | 2 | 3 | 4 | 5 | 6 | 8 | 9 |
| Engineer in Chief, JSRRDA, Ranchi | Engineer in Chief JSRRDA, Ranchi | **26.12.2025 at 10.00 AM** | **09.01.2026 upto 5.00 PM** | **02.01.2026 upto 2.00 PM** | **09.01.2026 upto 5.00 PM** | **09.01.2026 at 05.30 PM** | To be informed later |

** Non-registered bidders may also submit bid, however the successful bidders must get registered in appropriate class with appropriate authority before signing the contract.*
*** Cost may change.*

**Note :-**
1. Amount of Bid Security should be taken as mentioned in the Bid Data Sheet of the Bidding Document.
2. Cost of Bid Document (Rs. 10000) and Bid Security (as mentioned in the Bid Data Sheet) shall be deposited **online** in form as mentioned in Bid Data Sheet failing which the bid will be treated non responsive and action shall be taken as per Sec. 2 of ITB clause 12.2 (d).
3. In case, it is found, even after the award of work that the bidder has submitted/ uploaded any false/erroneous/fraudulent statement/document, he/she is liable for blacklisting and forfeiture of Bid Security.
4. Bidders must submit GST registration certificate without which bid is liable to be rejected.
5. Bidders whose names appear in the Debar/blacklist of RWD or any department of GoJ/GoI (including JSRRDA) shall not be allowed to participate in the above bids.
6. Bids submitted by bidders, who have long pending ATR(s) made inordinate delay in execution of earlier allotted construction/ maintenance works of PMGSY, may be rejected summarily.
7. In case of any discrepancy/dispute about units in BOQ, units as mentioned in Current SOR on which BOQ has been prepared shall prevail.
8. Participating bidders are free to submit grievances, if any, against the decision of technical evaluation within five days from the date of uploading of decision of technical evaluation only through email at **jh-ce@pmgsy.nic.in** Grievance submitted after stipulated period shall not be considered.
9. Bidders must have valid registration with Employee Provident Fund organization under EPF and Miscellaneous Provisions Act 1952 failing which the bid shall be rejected.
10. Bidders must not quote rate for routine maintenance. The amount for routine maintenance as indicated in the Bill of Quantities must be acceptable to bidders.
11. For unbalanced bids, extra security will be required to be deposited by the bidder at the time of Agreement.
12. The undersigned reserves the right to cancel the tender at any stage without giving prior notice/reason.

All other details can be seen in the bidding document which is available in website **pmgsytendersjhr.gov.in** as per schedule mentioned above.

**Sd/- Engineer-in- Chief**
**Rural Works Department- Cum- JSRRDA, Ranchi**

PR.NO.369321 Rural Work Department(25-26):D



बैंक ऑफ़ बड़ौदा Bank of Baroda

**ବ୍ୟାଙ୍କ ଅଫ୍ ବରୋଦା**
**କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ, ଦ୍ୱିତୀୟ ମହଲା**
**ଚଳଚ୍ଚିତ୍ର ଭବନ, ବକ୍ସି ବଜାର, କଟକ-୭୫୩୦୦୧**

**ଦଖଲ ବିଜ୍ଞପ୍ତି**
**(ସ୍ଥାବର ସମ୍ପତ୍ତି ନିମନ୍ତେ)**

**[ପରିଶିଷ୍ଟ-୪ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ନିୟମ ୮(୧) ଅନୁସାରେ]**

ନିମ୍ନସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ବରୋଦାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ନିୟମ ୩ ସହିତ ଧାରା ୧୩(୧୨) ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ନିମ୍ନ ଦର୍ଶିତ ତାରିଖରେ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍‌ରୁ ମାଧ୍ୟମରେ ନୋଟିସ୍ ଦର୍ଶିତ ନିମ୍ନଲିଖିତ ଅର୍ଥ ରାଶି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଋଣ ପରିଶୋଧ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ଧାରା ୧୩ର ଉପଧାର (୪) ସହିତ କଥିତ ରୁଲ୍‌ର ରୁଲ ୮ ଅନୁସାରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ନିମ୍ନ ଦର୍ଶିତ ତାରିଖରେ **ଦଖଲ**କୁ ନେଇଛନ୍ତି। ତେଣୁ ବିଶେଷ କରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସେହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ବକେୟା ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ପାଇଁ **ବ୍ୟାଙ୍କ ଅଫ୍ ବରୋଦା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|
| **ଢ଼େଙ୍କାନାଳ ଶାଖା /** **ଋଣଗ୍ରହୀତା: ମେସର୍ସ ବି. କେ. ଷ୍ଟୋର୍ସ, ସ୍ୱତ୍ୱାଧିକାରୀ: ସବିତା ସାହୁ,** ପ୍ଲଟ୍ ନଂ.: ୧୯୧୮/୩୩୦୫, କାମାକ୍ଷାନଗର, ଢ଼େଙ୍କାନାଳ, ଓଡ଼ିଶା, ପିନ୍-୭୫୯୦୧୮ / **ଜାମିନ୍‌ଦାର: ଶ୍ରୀ ଶ୍ୟାମ ସୁନ୍ଦର ସାହୁ,** ପିତା: ଜମ୍ମେଶ୍ୱର ସାହୁ, ୱାର୍ଡ଼ ନଂ.: ୨୦, ଟାଉନ୍ ପ୍ଲାନିଂ କଲୋନୀ, ଢ଼େଙ୍କାନାଳ, ପିନ୍-୭୫୯୦୦୧ | **ଶ୍ରୀ ଶ୍ୟାମ ସୁନ୍ଦର ସାହୁ,** ପିତା: ଜମ୍ମେଶ୍ୱର ସାହୁଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୭୩୮/୧୦୫୯, ପ୍ଲଟ୍ ନଂ.: ୧୯୦୦/୪୫୭୨, କ୍ଷେତ୍ର: ଏକର୦.୦୮୨ ଡିସିମିଲି, ମୌଜା: ବଡ଼ଷାଠିଏବାଟିଆ, ତହସିଲ: ଢ଼େଙ୍କାନାଳ ସଦର, ତହସିଲ ନଂ. ୩, ଥାନା: ଢ଼େଙ୍କାନାଳ, ନଂ. ୩, ଜିଲ୍ଲା: ଢ଼େଙ୍କାନାଳ, ଏହାର ଚାରିପାର୍ଶ୍ୱରେ (ତା.୧୬.୦୧.୨୦୨୩ ମୂଲ୍ୟାଙ୍କନ ରିପୋର୍ଟ ଅନୁଯାୟୀ)- ଉତ୍ତର: ବିକ୍ରେତା, ଦକ୍ଷିଣ: ସରହଦ ମୌଜା, ଢ଼େଙ୍କାନାଳ ଟାଉନ୍ / ଦକ୍ଷିଣକାଳୀ ମନ୍ଦିର ରୋଡ୍, ପୂର୍ବ: ସତସଙ୍ଗ ବିହାର, ପଶ୍ଚିମ: ନିଜସ୍ୱ | **୦୩.୧୦.୨୦୨୫ / ୨୨.୧୨.୨୦୨୫** | **୦୩.୧୦.୨୦୨୫ ସୁଦ୍ଧା ଟ.୯୮,୭୫,୩୪୫.୦୦** (୩୧.୦୮.୨୦୨୫ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) ଯୁକ୍ତ ୦୧.୦୯.୨୦୨୫ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |
| **ନୂଆସାହି ଶାଖା, ବାଲେଶ୍ୱର /** **ଋଣଗ୍ରହୀତା: ମେସର୍ସ ବେଣୁଧର କେଏସ୍‌କେ,** ଠିକଣା- ସା: ଜଳଙ୍ଗ, ସିମୁଳିଆ, ଜଳଙ୍ଗ ଚଣ୍ଡୀ ମନ୍ଦିର ନିକଟ, ଖଇରା, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୧୩୪, **ସ୍ୱତ୍ୱାଧିକାରୀ: ମିସ୍ ଗୋପା ପଣ୍ଡା,** ପିତା: ଲୋକନାଥ ପଣ୍ଡା, ଠିକଣା- ସା: ଦାମୋଦରପୁର, ମୋତିଗଞ୍ଜ, ବାଲେଶ୍ୱର ସଦର, ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୦୩ | **ମିସ୍ ଗୋପା ପଣ୍ଡା,** ପିତା: ଲୋକନାଥ ପଣ୍ଡାଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୨୦୬/୫୨, ପ୍ଲଟ୍ ନଂ.: ୩୬୯, କ୍ଷେତ୍ର: ଏକର୦.୨୮ ଡିସିମିଲି, ମୌଜା: ଜଳଙ୍ଗଗଣ୍ଡିବେଡ଼(୧), ଥାନା: ସିମିଳିଆ, ଥାନା ନଂ. ୪୪, ତହସିଲ: ଖଇରା, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୩୬୮, ଦକ୍ଷିଣ: ସରକାରୀ ରାସ୍ତା, ପୂର୍ବ: ପ୍ଲଟ୍ ନଂ. ୩୭୦, ପଶ୍ଚିମ: ପ୍ଲଟ୍ ନଂ. ୩୬୭ | **୦୯.୧୦.୨୦୨୫ / ୨୨.୧୨.୨୦୨୫** | **୦୧.୧୦.୨୦୨୫ ସୁଦ୍ଧା ଟ.୧,୧୯,୪୯,୬୪୯.୦୫** (୩୦.୦୯.୨୦୨୫ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) ଯୁକ୍ତ ୦୨.୧୦.୨୦୨୫ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |

ସ୍ଥାନ: କଟକ
ତାରିଖ: ୨୪.୧୨.୨୦୨୫

କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ବରୋଦା



यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ**
୧ମ ମହଲା, କେ କେ ଭଓ୍ୱାସିଙ୍କା କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ଼, କଟକ-୭୫୩୦୦୧

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) / ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।**

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)**ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୦୯.୦୧.୨୦୨୬ ରିଖ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ** ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା / ବକେୟା ରାଶି | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | **ସିଡିଏ ବିଡାନାସୀ ଶାଖା, ମୋ: ୯୩୯୮୨୬୩୭୯୯ /** **୧) ମେସର୍ସ ବିଦିଶା ଏଣ୍ଟରପ୍ରାଇଜେସ୍, ସ୍ୱତ୍ୱାଧିକାରୀ: ଶ୍ରୀ ଅରବିନ୍ଦ ସାମଲ,** ପିତା: କୈଳାସ ଚନ୍ଦ୍ର ସାମଲ, ସା: ପ୍ଲଟ୍ ନଂ.: ଡି/୧୪୦୬, ସେକ୍ଟର - ୧୦, ସିଡିଏ, ପୋ: ମର୍କତ ନଗର, କଟକ -୭୫୩୦୧୪, **୨) ଶ୍ରୀ ଅରବିନ୍ଦ ସାମଲ,** ପିତା: କୈଳାସ ଚନ୍ଦ୍ର ସାମଲ, ସା/ପୋ: ଜରି, ଭାୟା: ସିଂହପୁର, ଜିଲ୍ଲା: ଯାଜପୁର, ପିନ୍- ୭୫୫୦୧୬, **୩) ଶ୍ରୀ ଅରବିନ୍ଦ ସାମଲ,** ପିତା: କୈଳାସ ଚନ୍ଦ୍ର ସାମଲ, **୪) ଶ୍ରୀ ଦେବାଶିଷ ଜେନା,** ପିତା: ତ୍ରିଲୋଚନ ଜେନା, ଉଭୟ(୩ ଏବଂ ୪)ଙ୍କ ଠିକଣା- ସା: ପ୍ଲଟ୍ ନଂ.: ୩ଡି/୧୧୧୪, ସେକ୍ଟର - ୧୦, ସିଡିଏ, ପୋ: ମର୍କତ ନଗର, କଟକ -୭୫୩୦୧୪, **୫) ଶ୍ରୀ ଦୁଷ୍ମନ୍ତ ବେହେରା,** ପିତା: ଗୁରୁ ଚରଣ ବେହେରା, ସା: କଲ୍ୟାଣୀ ନଗର, ପୋ: ମଧୁପାଟଣା, କଟକ - ୭୫୩୦୧୦, **୬) ଶ୍ରୀ ଦୁଷ୍ମନ୍ତ ବେହେରା, କ୍ଲିନିକ୍ ଶକ୍ତିର ସ୍ୱତ୍ୱାଧିକାରୀ,** ପିତା: ଗୁରୁ ଚରଣ ବେହେରା, ସା: ଶକ୍ତି ଲେନ୍, ମଙ୍ଗଳାବାଗ, କଟକ - ୭୫୩୦୦୧ / **ବକେୟା ରାଶି: ତା.୩୦.୧୧.୨୦୨୫ରିଖ ସୁଦ୍ଧା ଟ.୧୪,୮୯,୬୯୩.୭୨** + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ଶ୍ରୀ ଦୁଷ୍ମନ୍ତ ବେହେରା,** ପିତା: ଗୁରୁ ଚରଣ ବେହେରାଙ୍କ ନାମରେ ଥିବା ବାସୋପଯୋଗୀ ଜମିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୭୭୭/୪୦୪୭, ମ୍ୟୁଟେସନ୍ ଖାତା ନଂ.: ୬୦୩/୩୯୬, କ୍ଷେତ୍ର: ଏକର ୦.୦୫୫ ଡିସିମିଲି, ମୌଜା: ଚନ୍ଦକା, ଥାନା ନଂ.: ୩୧, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୭୭୭ର ଅଂଶ, ପୂର୍ବ: ପ୍ଲଟ୍ ନଂ.: ୭୭୭ର ଅଂଶ, ପଶ୍ଚିମ: ପ୍ଲଟ୍ ନଂ.: ୭୭୭ ର ଅଂଶ | ଟ.୬,୩୦,୭୦୦/- / ଟ.୬୩,୦୭୦/- / ଟ.୬,୩୦୭/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚାଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |
| ୨. | **ତୁରଙ୍ଗ ଶାଖା, ମୋ: ୯୦୯୦୫୮୭୩୩୬ /** **ଋଣଗ୍ରହୀତା: ଶ୍ରୀ ଅମୂଲ୍ୟ ନାଏକ,** ପିତା: ୰ ଚତୁର୍ଭୁଜ ନାଏକ, ସା: ରଙ୍କାସିଙ୍ଗା, ପୋ: କୁକୁଡାଙ୍ଗ, ଥାନା/ଜିଲ୍ଲା: ଅନୁଗୁଳ, ଓଡିଶା, ପିନ୍-୭୫୯୧୨୩ / **ଗ୍ୟାରେଣ୍ଟିଦାତା: ଶ୍ରୀ ଅବିନାଶ ନାଏକ,** ପିତା: ଶ୍ରୀ ଅମୂଲ୍ୟ ନାଏକ, ସା: ରଙ୍କାସିଙ୍ଗା, ପୋ: କୁକୁଡାଙ୍ଗ, ଥାନା/ଜିଲ୍ଲା: ଅନୁଗୁଳ, ଓଡିଶା, ପିନ୍-୭୫୯୧୨୩ / **ବକେୟା ରାଶି: ତା.୩୦.୧୧.୨୦୨୫ରିଖ ସୁଦ୍ଧା ଟ.୧୪,୬୦,୦୮୯.୨୦** + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ଶ୍ରୀ ଅମୂଲ୍ୟ ନାଏକ,** ପିତା: ୰ ଚତୁର୍ଭୁଜ ନାଏକଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୭୪, ୫୭୫ ଏବଂ ୫୭୮, ରେଭିନ୍ୟୁ ଖାତା ନଂ.: ୧୩୮/୧୦୮, କ୍ଷେତ୍ର: ଏକର ୦.୦୬୦ ଡିସିମିଲି, ମୌଜା: ରଙ୍କାସିଙ୍ଗା, ତହସିଲ: ବଣ୍ଟରପାଳ, ଥାନା/ଜିଲ୍ଲା: ଅନୁଗୁଳ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ଗ୍ରାମ୍ୟ ରାସ୍ତା, ଦକ୍ଷିଣ: ଶ୍ରୀ ବାନାମ୍ବର ନାଏକ, ପୂର୍ବ: ଶ୍ରୀ ବାନାମ୍ବର ନାଏକ, ପଶ୍ଚିମ: ଶ୍ରୀ ପ୍ରଦୀପ ନାଏକ | ଟ.୬,୦୦,୦୦୦/- / ଟ.୬୦,୦୦୦/- / ଟ.୬,୦୦୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚାଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |
| ୩. | **କୁମଣ୍ଡ ଶାଖା, ମୋ.: ୮୫୧୮୮୮୭୧୪୪ /** **ଋଣଗ୍ରହୀତା: ମେସର୍ସ ଶ୍ରୀୟା ମେଡିକାଲ ଷ୍ଟୋର, ସ୍ୱତ୍ୱାଧିକାରୀ: ପ୍ରଶାନ୍ତ ବିଶ୍ୱାଳ,** ପିତା: ଲୋଚନ ବିଶ୍ୱାଳ, ସା: ସପ୍ ରୁମ୍ ନଂ.: ୫, ବସ୍ ଷ୍ଟାଣ୍ଡ, ଆର୍‌ଆଇ କୁରୁଡୁଳ କାର୍ଯ୍ୟାଳୟ ସମ୍ମୁଖ, ଅନୁଗୁଳ-୭୫୯୧୩୨/**ଗ୍ୟାରେଣ୍ଟିଦାତାମାନେ : ୧) ଲୋଚନ ବିଶ୍ୱାଳ,** ପିତା: ସଦାନନ୍ଦ ବିଶ୍ୱାଳ, **୨) ରଞ୍ଜନ ବିଶ୍ୱାଳ,** ପିତା: ସଦାନନ୍ଦ ବିଶ୍ୱାଳ, ଉଭୟଙ୍କ ଠିକଣା- ସା: ସାନକେରଜାଙ୍ଗ, ପୋ: ଗୋଳାବନ୍ଧ, ଥାନା: ନିଶା, ଜିଲ୍ଲା: ଅନୁଗୁଳ-୭୫୯୧୪୩ / **ବକେୟା ରାଶି: ତା.୩୦.୧୧.୨୦୨୫ ରିଖ ସୁଦ୍ଧା ଟ.୧୫,୮୪,୪୯୭.୬୦** + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ଲୋଚନ ବିଶ୍ୱାଳ,** ପିତା: ସଦାନନ୍ଦ ବିଶ୍ୱାଳ ଏବଂ **ରଞ୍ଜନ ବିଶ୍ୱାଳ,** ପିତା: ସଦାନନ୍ଦ ବିଶ୍ୱାଳଙ୍କ ନାମରେ ଥିବା ବାସୋପଯୋଗୀ ଜମିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୨୭୭/୭୧୨, ପ୍ଲଟ୍ ନଂ.: ୨୨୩୯/୩୨୮୯, କ୍ଷେତ୍ର: ଏକର ୦.୧୩୦ ଡିସିମିଲି ଏବଂ ପ୍ଲଟ୍ ନଂ.: ୨୨୪୦/୩୨୯୦, କ୍ଷେତ୍ର: ଏକର ୦.୧୫୦ ଡିସିମିଲି, ମୌଜା: ସାନକେରଜାଙ୍ଗ, ତହସିଲ: ବଣ୍ଟରପାଳ, ଜିଲ୍ଲା: ଅନୁଗୁଳ, ଓଡିଶା, **ପ୍ଲଟ୍ ନଂ.: ୨୨୩୯/୩୨୮୯ର ଚାରିପାର୍ଶ୍ୱରେ** ଉତ୍ତର: ବାବାଜୀ ବିଶ୍ୱାଳ, ଦକ୍ଷିଣ: ରାସ୍ତା, ପୂର୍ବ: ନିଜ୍, ପଶ୍ଚିମ: ବାନାମ୍ବର ବିଶ୍ୱାଳ, **ପ୍ଲଟ୍ ନଂ.: ୨୨୪୦/୩୨୯୦ର ଚାରିପାର୍ଶ୍ୱରେ** ଉତ୍ତର: ସାଧୁ ବିଶ୍ୱାଳ, ଦକ୍ଷିଣ: ନିଜ୍, ପୂର୍ବ: ନିଜ୍, ପଶ୍ଚିମ: ନିଜ୍ | ଟ.୧୪,୫୦,୦୦୦/- / ଟ.୧,୪୫,୦୦୦/- / ଟ.୧୪,୫୦୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚାଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |
| ୪. | **ମହାବୀର ବଜାର ଢେଙ୍କାନାଳ ଶାଖା, ମୋ.: ୮୦୧୮୮୦୮୧୮୨ /** **ଋଣଗ୍ରହୀତା: ଶ୍ରୀ କୈଳାସ ରାଉତ,** ପିତା: ଶ୍ରୀ ରାମ ଚନ୍ଦ୍ର ରାଉତ /**ଗ୍ୟାରେଣ୍ଟିଦାତା: ଶ୍ରୀ ରାମ ଚନ୍ଦ୍ର ରାଉତ,** ପିତା: ୰ ସୁଦର୍ଶନ ରାଉତ, ଉଭୟଙ୍କ ଠିକଣା-ସା: ତେନ୍ତୁଳିଆପଡା, ପୋ: ବଉଳପୁର, ଥାନା: ସଦର, ଥାନା ନଂ.: ୧୦, ତହସିଲ: ଓଡାପଡା, ଜିଲ୍ଲା: ଢେଙ୍କାନାଳ, ଓଡିଶା-୭୫୯୦୨୫ / **ବକେୟା ରାଶି: ତା.୩୦.୧୧.୨୦୨୫ରିଖ ସୁଦ୍ଧା ଟ.୧୧,୭୦,୩୨୭.୩୨** + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ଶ୍ରୀ ରାମ ଚନ୍ଦ୍ର ରାଉତ,** ପିତା: ୰ ସୁଦର୍ଶନ ରାଉତଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୯୫୬/୪୪୮୩, ମ୍ୟୁଟେସନ୍ ଖାତା ନଂ.: ୩୦୯/୨୦୧, ପରିମିତ କ୍ଷେତ୍ର: ଏକର ୦.୨୦୦ ଡିସିମିଲି, ମୌଜା: ତେନ୍ତୁଳିଆପଡା, ଥାନା: ଢେଙ୍କାନାଳ ସଦର ଏବଂ ନଂ.: ୧୦, ତହସିଲ: ଓଡାପଡା ଏବଂ ନଂ.: ୮୬, ଜିଲ୍ଲା: ଢେଙ୍କାନାଳ, ଓଡିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ଗଦାଧର ପ୍ରଧାନ, ଦକ୍ଷିଣ: ପ୍ରସନ୍ନ କୁମାର ବାରିକ, ପୂର୍ବ: ରାସ୍ତା, ପଶ୍ଚିମ: ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ | ଟ.୩୦,୪୪,୭୦୦/- / ଟ.୩,୦୪,୫୦୦/- / ଟ.୩୦,୫୦୦/- | ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚାଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମ୍‌ଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ |

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକୁ ଯାଞ୍ଚ କରିବାର ତାରିଖ ଓ ସମୟ: ଇ-ନିଲାମ ସୁଦ୍ଧା

ଇ-ନିଲାମ ତାରିଖ ଏବଂ ସମୟ : ତା.୦୯.୦୧.୨୦୨୬ରିଖ ମଧ୍ୟାହ୍ନ ୧୨:୦୦ ଘଟିକାରୁ ଅପରାହ୍ନ ୫:୦୦ ଘଟିକା ମଧ୍ୟରେ (ପ୍ରତ୍ୟେକଙ୍କ ପାଇଁ ଅସୀମିତ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବ୍‌ସାଇଟ୍ : **https://baanknet.com**

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ବିଡ୍ ଦାଖଲ ଏବଂ ନିଲାମ ସମୟ ସମାପ୍ତି ପୂର୍ବରୁ ଅମାନତ ରାଶି ସମ୍ପତ୍ତି ଆଇଡି ସହିତ ଲିଙ୍କ୍/ମ୍ୟାପ୍‌ଡ୍ କରି ଦାଖଲ କରିବେ

ସମ୍ପତ୍ତି ଏନକମ୍ବ୍ରାନ୍‌ସେସ୍ ବିବରଣୀ ଯଦି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ୍: **https://baanknet.com & https://www.unionbankofindia.bank.in/auction-property/view-auction-property.aspx** ଦେଖନ୍ତୁ।

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: କଟକ
ତାରିଖ: ୨୪.୧୨.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

ଧରିତ୍ରୀ
DHARITRI
ଧରିତ୍ରୀ 52 Years
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୨୫/୨୦୨୫ Bhubaneswar, Thursday, December 25/ 2025


ଆସାମର ନଗାଓଁସ୍ଥିତ ଏକ ଗ୍ରାମରେ ବୁଧବାର ଦୁଇ ହାତୀଙ୍କ ମେଳି।

# ୱେଷ୍ଟ କାର୍ବି ଆଙ୍ଗ୍ଲଙ୍ଗରେ ଦଙ୍ଗା

ଗୁଆହାଟୀ,୨୪।୧୨



ଆସାମର ୱେଷ୍ଟ କାର୍ବି ଆଙ୍ଗ୍ଲଙ୍ଗ ଜିଲାରେ ମଙ୍ଗଳବାର କ୍ରମାଗତ ଦ୍ୱିତୀୟ ଦିନ ପାଇଁ ଉତ୍ତେଜନା ଜାରି ରହିଛି। ବିକ୍ଷୋଭକାରୀମାନେ ଦଙ୍ଗା ସୃଷ୍ଟି କରିବା ସହ ବହୁ ଘର ଓ ଦୋକାନ ଭଙ୍ଗାରୁଜା ଓ ପୋଡ଼ାଜଳା କରିଛନ୍ତି। କେରୋନିରେ ସେମାନେ ପୋଲିସ ଉପରକୁ ବୋମାମାଡ଼ କରିବା ସହ ପଥର ଓ ଧନୁତୀରରେ ଆକ୍ରମଣ କରିଛନ୍ତି। ଏଥିରେ ଜଣେ ଆଇପିଏସ୍ ଅଫିସରଙ୍କ ସମେତ ୩୮ ଜଣ ପୋଲିସ ଆହତ ହୋଇଛନ୍ତି।

ସୋମବାର ସନ୍ଧ୍ୟାରୁ କାର୍ବି ଆଙ୍ଗ୍ଲଙ୍ଗ ଏବଂ ୱେଷ୍ଟ କାର୍ବି ଆଙ୍ଗଲଙ୍ଗ୍ ଜିଲାରେ ବିଏନ୍ଏସ୍ଏସ୍‌ର ଧାରା ୧୬୩ ଅଧୀନରେ ନିଷିଦ୍ଧାଦେଶ ଲାଗୁ ହୋଇଥିଲେ ମଧ୍ୟ ସଂଘର୍ଷ ଥମିନାହିଁ। ହିଂସା ଜାରି ରହିଥିବାରୁ ରାଜ୍ୟ ସରକାର ସାମୟିକ ଭାବେ ଇଣ୍ଟରନେଟ୍ ଏବଂ ମୋବାଇଲ୍ ଡାଟା ସେବା ବନ୍ଦ କରିଦେଇଛନ୍ତି। ଗ୍ରାମ ଚାରଣ ଭୂମିରୁ ବାହାର ଲୋକଙ୍କୁ ବହିଷ୍କାର କରିବା ଦାବିରେ ଆଦିବାସୀ କାର୍ବି ସମ୍ପ୍ରଦାୟର ଲୋକମାନେ ବିକ୍ଷୋଭରେ ସାମିଲ ହୋଇଛନ୍ତି। ଜିଲାରେ ଉତ୍ତେଜନା ଲାଗିରହିଥିବାରୁ ସୋମବାରଠାରୁ ପୋଲିସ ଡିଜି ହର୍‌ମିତ ସିଂ ସେଠାରେ ରହିଛନ୍ତି। ସେ କହିଛନ୍ତି, ମଙ୍ଗଳବାର ଉଭୟ ପାର୍ଶ୍ୱରୁ ଆକ୍ରମଣ ହେବାରୁ ଜଣେ ଆଇପିଏସ୍ ଅଫିସରଙ୍କ ସମେତ ୩୮ ଜଣ ପୋଲିସ ଆହତ ହୋଇଛନ୍ତି। ତାଙ୍କ କାନ୍ଧରେ ମଧ୍ୟ ଆଘାତ ଲାଗିଥିବା ସିଂ କହିଛନ୍ତି। ଆଉ ହିଂସାରେ ସାମିଲ ହେବେନାହିଁ ବୋଲି ବିକ୍ଷୋଭକାରୀ ସୋମବାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ମଙ୍ଗଳବାର କେତେକ ଦୋକାନ ଉପରେ ଆକ୍ରମଣ କରିବା ସହ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ କରାଇଥିଲେ। ପୋଲିସ ଉପରକୁ ସେମାନେ ବୋମା ଫିଙ୍ଗିଥିଲେ। ଜଣେ ପୋଲିସ କର୍ମଚାରୀଙ୍କୁ ତୀର ମାଡ଼ ହୋଇଛି। ପୋଲିସ କେବଳ ଲୁହବୁହା ବାଷ୍ପ ଓ ରବର ବୁଲେଟ୍ ମାଡ଼ କରିଥିଲା। ଶାନ୍ତି ପାଇଁ ଡିଜିପି ନିବେଦନ କରିଥିବାବେଳେ ହିଂସା ଜାରି ରହିଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

ଖେରୋନିରେ ଅନଶନରେ ସାମିଲ ଥିବା ୯ ଜଣଙ୍କୁ ରବିବାର ରାତିରେ ପୋଲିସ ଗିରଫ କରିଥିବା ଖବର ପ୍ରଚାରିତ ହେବା ପରେ ସୋମବାର ହିଂସାକାଣ୍ଡ ଆରମ୍ଭ ହୋଇଥିଲା। ଉତ୍ତ୍ୟକ୍ତ ଲୋକେ କାର୍ବି ଆଙ୍ଗ୍ଲଙ୍ଗ ସ୍ୱୟଂଶାସିତ ପରିଷଦ (କେଏଏସି)ର ମୁଖ୍ୟ କାର୍ଯ୍ୟନିର୍ବାହୀ ସଦସ୍ୟ ତୁଲିରାମ ରୋଙ୍ଗହାଙ୍ଗଙ୍କ ପୁରୁଣା ଘରକୁ ଜାଳିଦେଇଥିଲେ।

# ଏସ୍‌ଆଇଆର୍: ୯୫ ଲକ୍ଷ ଭୋଟରଙ୍କ ନାଁ କଟିଲା

ନୂଆଦିଲ୍ଲୀ,୨୪।୧୨

ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଚାଲିଥିବା ବେଳେ ମଙ୍ଗଳବାର ମଧ୍ୟପ୍ରଦେଶ, ଛତିଶଗଡ଼, କେରଳ ଏବଂ ଆଣ୍ଡାମାନ ନିକୋବର ପାଇଁ ଚିଠା ଭୋଟର ତାଲିକା ପ୍ରକାଶ ପାଇଛି। ଉପରୋକ୍ତ ୩ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରୁ ପାଖାପାଖି ୯୫ ଲକ୍ଷ ଭୋଟରଙ୍କ ନାଁ ହଟାଇ ଦିଆଯାଇଛି। ମଧ୍ୟପ୍ରଦେଶରେ ମୋଟ ୫.୭୪ କୋଟି ଭୋଟରଙ୍କ ମଧ୍ୟରୁ ୪୨.୭୪ ଲକ୍ଷ ଭୋଟରଙ୍କ ନାଁ କମିଛି, ଯାହା ମୋଟ ଭୋଟର ସଂଖ୍ୟାର ୭ ପ୍ରତିଶତ। ସେହିପରି କେରଳରେ ୨.୭୮ କୋଟି ଭୋଟରଙ୍କ ମଧ୍ୟରେ ୨୪.୦୮ ଲକ୍ଷ ଚିଠା ତାଲିକାରୁ ବାଦ୍ ପଡ଼ିଛନ୍ତି। ଛତିଶଗଡ଼ର ୨.୧୨ କୋଟି ଭୋଟରଙ୍କ ମଧ୍ୟରୁ ୨୭.୩୪ ଲକ୍ଷଙ୍କ ନାଁ ତାଲିକାରେ ନାହିଁ। ସେହିପରି ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ମୋଟ ୩.୧୦ ଲକ୍ଷ ଭୋଟରଙ୍କ ମଧ୍ୟରୁ ୬୪,୦୦୦ ବାଦ୍ ପଡ଼ିଛନ୍ତି।

# ବଳାତ୍କାରୀଙ୍କୁ ଜାମିନ, ପୀଡ଼ିତାଙ୍କ ସହ ଅନ୍ୟାୟ

## ମୃତ ସମାଜ ପାଲଟୁଛି ଭାରତ: ରାହୁଲ

ନୂଆଦିଲ୍ଲୀ,୨୪।୧୨

ଭାରତ କେବଳ ଏକ ମୃତ ଅର୍ଥନୀତିରେ ପରିଣତ ହୋଇଯାଇଛି ତାହା ନୁହେଁ, ବରଂ ଏକ ମୃତ ସମାଜ ପାଲଟିଯାଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ବୁଧବାର ଉନ୍ନାଓ ଗଣବଳାତ୍କାର ପୀଡ଼ିତାଙ୍କୁ ଭେଟିବା ପରେ ଏପରି ମନ୍ତବ୍ୟ ଦେଇଛନ୍ତି।

ଏହି ବହୁଚର୍ଚ୍ଚିତ ମାମଲାର ଦୋଷୀ ଭାଜପାର ପୂର୍ବତନ ବିଧାୟକ କୁଲଦୀପ ସିଂ ସେନ୍‌ଗାରଙ୍କୁ ଦିଲ୍ଲୀ ହାଇକୋର୍ଟ ଜାମିନ ଦେବାର ଦିନକ ପରେ ବଳାତ୍କାର ପୀଡ଼ିତା କଂଗ୍ରେସ ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀଙ୍କ ୧୦ ଜନପଥ ବାସଭବନକୁ ଯାଇଥିଲେ। ସେଠାରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ତାଙ୍କୁ ସାକ୍ଷାତ୍ କରିଛନ୍ତି। ଏନେଇ ରାହୁଲ କହିଛନ୍ତି, ବଳାତ୍କାର ପୀଡ଼ିତାଙ୍କ ସହିତ ସମ୍ମାନର ସହ ବ୍ୟବହାର କରାଯିବା ଉଚିତ। ତାଙ୍କୁ


ରାହୁଲ ଗାନ୍ଧୀ

ଅନ୍ୟାୟ ଓ ଆତଙ୍କ ଦେବା ପରିବର୍ତ୍ତେ ନ୍ୟାୟ ସୁନିଶ୍ଚିତ କରାଯିବା ଉଚିତ। ଜଣେ ଗଣବଳାତ୍କାର ପୀଡ଼ିତାଙ୍କ ପ୍ରତି ଏପରି ବ୍ୟବହାର ଉପଯୁକ୍ତ କି? ପୀଡ଼ିତା ଜଣକ ନ୍ୟାୟ ପାଇଁ ସ୍ୱର ଉତ୍ତୋଳନ କରିବାକୁ ସାହସ ଦେଖାଇବା ତାଙ୍କର ଭୁଲ୍ କି? ବିଶେଷକରି ଯେତେବେଳେ ପୀଡ଼ିତାଙ୍କୁ ହଇରାଣ କରାଯାଉଛି ଓ ସେ ଭୟଭୀତ ଅବସ୍ଥାରେ କାଳାତିପାତ କରୁଛନ୍ତି, ସେତେବେଳେ ଭାଜପାର ପୂର୍ବତନ ବିଧାୟକ ସେନ୍‌ଗାରଙ୍କୁ ଜାମିନ ମିଳିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଲଜ୍ଜାକର କଥା ବୋଲି X ରେ ରାହୁଲ ପୋଷ୍ଟ କରିଛନ୍ତି। ବଳାତ୍କାରୀଙ୍କୁ ଜାମିନ ଓ ପୀଡ଼ିତାଙ୍କ ସହ ଅପରାଧୀଙ୍କ ଭଳି ବ୍ୟବହାର- ଏହା କେଉଁ ପ୍ରକାର ନ୍ୟାୟ ବୋଲି ସେ ପ୍ରଶ୍ନ କରିଛନ୍ତି। ଗଣତନ୍ତ୍ରରେ ଅସନ୍ତୋଷର ସ୍ୱର ଉତ୍ତୋଳନ କରିବା ଏକ ଅଧିକାର ଏବଂ ଏହାକୁ ଚପାଇଦେବା ଏକ ଅପରାଧ। ପୀଡ଼ିତା ସମ୍ମାନ, ସୁରକ୍ଷା ଓ ନ୍ୟାୟ ପାଇବାକୁ ହକ୍‌ଦାର ବୋଲି ରାହୁଲ କହିଛନ୍ତି।

## ମୋ ପରିବାର ପାଇଁ କାଳ: ପୀଡ଼ିତା

ଉନ୍ନାଓ,୨୪।୧୨



ଉନ୍ନାଓ ଗଣବଳାତ୍କାର ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଭାଜପାରୁ ବହିଷ୍କୃତ ନେତା କୁଲଦୀପ ସିଂ ସେନ୍‌ଗାରଙ୍କୁ ଜାମିନ ମିଳିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା ତାଙ୍କ ପରିବାର ପାଇଁ କାଳ ସଦୃଶ ବୋଲି ବଳାତ୍କୃତା ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଦିଲ୍ଲୀ ହାଇକୋର୍ଟଙ୍କ ଏହି ରାୟ ବିରୋଧରେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବେ ବୋଲି ପୀଡ଼ିତା କହିଛନ୍ତି। ପୀଡ଼ିତା କହିଛନ୍ତି, କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ତାଙ୍କ ମା’ ସୋନିଆ ଗାନ୍ଧୀ ମୋତେ ଭେଟି ସବୁକଥା ଶୁଣିବା ପରେ ସେମାନଙ୍କ ଆଖିରୁ ଲୁହ ଝରୁଥିଲା। ମୁଁ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କୁ ମଧ୍ୟ ଭେଟି ଗୁହାରି କରିବି। ଜଣେ ବଳାତ୍କାରୀ ଜାମିନରେ ଆସିବା ପରେ ବର୍ତ୍ତମାନ ଦେଶର ଝିଅମାନେ ବଳାତ୍କାରର ଶିକାର ହେବା ଆଶଙ୍କାରେ ଆତଙ୍କିତ ବୋଲି ପୀଡ଼ିତା କହିଛନ୍ତି।

## ୱାକ୍‌ଫ ବିରୋଧୀ ବିକ୍ଷୋଭବେଳେ ବାପପୁଅଙ୍କୁ ପିଟି ହତ୍ୟା ମାମଲା

# ୧୩ ଅଭିଯୁକ୍ତଙ୍କୁ ଆଜୀବନ ଜେଲ

କୋଲକାତା, ୨୪।୧୨(ପି.ଟି.)

ୱାକ୍‌ଫ ସଂଶୋଧନ ଆଇନ ବିରୋଧରେ ଗତ ଏପ୍ରିଲ ୧୨ରେ ପଶ୍ଚିମବଙ୍ଗର ମୁର୍ଶିଦାବାଦରେ ବିକ୍ଷୋଭ ବେଳେ ହରଗୋବିନ୍ଦ ଦାସ (୭୨) ଏବଂ ତାଙ୍କ ପୁଅ ଚନ୍ଦନ ଦାସ (୪୨)ଙ୍କୁ ସେମାନଙ୍କ ଜାଫ୍ରାବାଦସ୍ଥିତ ଘରେ ପିଟି ହତ୍ୟା କରାଯାଇଥିଲା। ଏହି ମାମଲାରେ ଉକ୍ତ ଜିଲାର ଏକ ଅଦାଲତ ମଙ୍ଗଳବାର ୧୩ ଅଭିଯୁକ୍ତଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ସୋମବାର ଅଦାଲତ ସେମାନଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ। ଭିଡ଼ ହିଂସା ମାମଲାରେ ଏହା ଦେଶରେ ଦ୍ୱିତୀୟ ଦୋଷୀସାବ୍ୟସ୍ତ ଘଟଣା ହୋଇଥିବାବେଳେ ପଶ୍ଚିମବଙ୍ଗରେ ପ୍ରଥମ ବୋଲି ସ୍ୱତନ୍ତ୍ର ସରକାରୀ ଓକିଲ ବିଭାସ ଚାଟାର୍ଜୀ କହିଛନ୍ତି। ଜଙ୍ଗିପୁରର ଫାଷ୍ଟ-ଟ୍ରାକ୍ କୋର୍ଟ ମୃତ ବାପପୁଅଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାର ରାୟ ବିରୋଧରେ କୋଲକାତା ହାଇକୋର୍ଟରେ ଅପିଲ୍ କରିବେ କି ନାହିଁ ତାହା ବିଚାର କରିବେ।

# ବିଏମ୍‌ସି ନିର୍ବାଚନ ଏକାଠି ଲଢ଼ିବେ ଠାକ୍‌ରେ ଭ୍ରାତା

ମୁମ୍ବାଇ,୨୪।୧୨

ଜାନୁଆରୀ ୧୫ରେ ହେବାକୁ ଥିବା ବୃହନ୍‌ମୁମ୍ବାଇ ମହାନଗର ନିଗମ (ବିଏମ୍‌ସି) ନିର୍ବାଚନ ପୂର୍ବରୁ ଏକାଠି ହୋଇଛନ୍ତି ଠାକ୍‌ରେ ଭ୍ରାତା। ଅନେକ ମାସ ଧରି ଚାଲିଥିବା କଳ୍ପନାଜଳ୍ପନାର ଅନ୍ତ ଘଟାଇ ଶିବସେନା ୟୁବିଟି ମୁଖ୍ୟ ଉଦ୍ଧବ ଠାକ୍‌ରେ ଓ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ଅଧ୍ୟକ୍ଷ ରାଜ ଠାକ୍‌ରେ


ଉଦ୍ଧବ ଠାକ୍‌ରେ ରାଜ ଠାକ୍‌ରେ

ଏହି ଗୁରୁତ୍ୱପୂର୍ଣ୍ଣ ନିର୍ବାଚନରେ ସେମାନଙ୍କ ଦଳର ମେଣ୍ଟ ହେବା ନେଇ ବୁଧବାର ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି। ଏକ ମିଳିତ ଖବରଦାତା ସମ୍ମିଳନୀରେ ରାଜ ଓ ଉଦ୍ଧବ କହିଛନ୍ତି, ଦୁଇ ଦଳ ଏକାଠି ରହିବା ପାଇଁ ଏକ ହୋଇଛନ୍ତି। ମରାଠୀ ମାନୁସ ଓ ମହାରାଷ୍ଟ୍ର ପାଇଁ ସେମାନେ ଏହି ମେଣ୍ଟ କରିଛନ୍ତି। ମୁମ୍ବାଇର ପରବର୍ତ୍ତୀ ମେୟର ଜଣେ ମରାଠୀ ହେବେ ବୋଲି ରାଜ କହିଛନ୍ତି। ସେହିପରି ନାଶିକ୍ ମହାନଗର ନିଗମ ପାଇଁ ଆସନ ବୁଝାମଣା ଶେଷ ହୋଇଛି। ମୁମ୍ବାଇ ଓ ଅନ୍ୟ ୨୭ ମହାନଗର ନିଗମରେ ମଧ୍ୟ ମିଳିତ ଭାବେ ନିର୍ବାଚନ ଲଢ଼ିବୁ। ଆମକୁ ଏକାଠି ଦେଖି ସହିପାରୁ ନ ଥିବା ଲୋକେ ଆଗକୁ ଦେଖିବେ ଯେ ଭାଜପା ମଧ୍ୟ ଆମ ସହ ଆସିପାରେ। ତେବେ ୨୨୭ ୱାର୍ଡ ବିଶିଷ୍ଟ ବିଏମ୍‌ସି ନିର୍ବାଚନରେ କେଉଁ ଦଳ କେତୋଟି ଆସନରେ ଲଢ଼ିବେ ସେନେଇ ଦୁଇଭାଇ କିଛି ସ୍ପଷ୍ଟ କରିନାହାନ୍ତି।

# ଆମେରିକାରେ ବେଆଇନ ଅନୁପ୍ରବେଶ: ୩୦ ଭାରତୀୟ ଗିରଫ

ନ୍ୟୁୟର୍କ,୨୪।୧୨

ଆମେରିକାରେ ବେଆଇନ ଭାବେ ଅନୁପ୍ରବେଶ କରିବା ଅଭିଯୋଗରେ ସେଠାକାର ସୀମା ପାଟ୍ରୋଲ ଏଜେଣ୍ଟମାନେ ୩୦ ଭାରତୀୟ ନାଗରିକଙ୍କୁ ଗିରଫ କରିଛନ୍ତି। ଗିରଫ ଭାରତୀୟମାନେ କମର୍ସିଆଲ ଡ୍ରାଇଭର ଲାଇସେନ୍ସ ରଖିଥିବାବେଳେ ସେମିଟ୍ରକ୍ ଚଳାଉଥିଲେ। ବର୍ଡର ପାଟ୍ରୋଲେ ଏଜେଣ୍ଟମାନେ କାଲିଫର୍ନିଆର ଏଲ୍‌ସେଣ୍ଟ୍ରୋ ସେକ୍ଟରରୁ ୪୯ ବେଆଇନ ପ୍ରବାସୀଙ୍କୁ ଧରିଛନ୍ତି, ଯାହାଙ୍କ ମଧ୍ୟରେ ୩୦ ଭାରତୀୟ ରହିଛନ୍ତି। ଅନ୍ୟ ଅଭିଯୁକ୍ତମାନେ ଏଲ୍ ସଲ୍‌ଭାଡର, ଚାଇନା, ଏରିଟ୍ରିଆ, ହାଇତି, ହଣ୍ଡୁରାସ, ମେକ୍ସିକୋ, ରୁଷିଆ, ସୋମାଲିଆ, ତୁର୍କୀ ଓ ୟୁକ୍ରେନ୍ ନାଗରିକ ବୋଲି ଜଣାପଡ଼ିଛି। ଏମାନେ ସମସ୍ତେ ନଭେମ୍ବର ୨୩ରୁ ଡିସେମ୍ବର ୧୨ ମଧ୍ୟରେ ଯାଞ୍ଚ ବେଳେ ଧରାପଡ଼ିଥିଲେ।

# ବିବାଦରେ କରନ୍‌ଙ୍କ ଫିଲ୍ମ

ମୁମ୍ବାଇ

ବଲିଉଡର ଖ୍ୟାତନାମା ଫିଲ୍ମ ନିର୍ମାତା ଭାବେ ପରିଚିତ କରନ୍ ଜୋହର। ତାଙ୍କ କମ୍ପାନୀ ଧର୍ମା ପ୍ରଡକ୍ସନ ବ୍ୟାନରରେ ନିର୍ମିତ ଅନେକ ଫିଲ୍ମ ରେକର୍ଡ କରିଛି। ଏପରିକି କିଛି ଦିନ ପୂର୍ବେ ଫିଲ୍ମ ‘ହୋମବାଉଣ୍ଡ’ ୨୦୨୬ ଓସ୍କାର ଲାଗି ଶର୍ଟଲିଷ୍ଟ ହୋଇଥିବା କୁହାଯାଇଥିଲା। ଏହାକୁ ନେଇ ପୁରା ଟିମ ବହୁତ ଉତ୍ସାହିତ ଥିଲା। କିନ୍ତୁ ଫିଲ୍ମଟି ବଡ଼ ବିବାଦରେ ଫସିଛି। ଏହାର କାହାଣୀ ୨୦୨୧ରେ ପ୍ରକାଶିତ ସମାନ ନାମର ବହିରୁ ନକଲ କରାଯାଇଥିବା ସାମ୍ବାଦିକା ତଥା ଲେଖିକା ପୂଜା ଚଙ୍ଗୋଇୱାଲା ଅଭିଯୋଗ ଆଣିଛନ୍ତି। ପୂଜାଙ୍କ ଦାବି ମୁତାବକ, ନିର୍ମାତାମାନେ କେବଳ ବହିର ଟାଇଟଲ ନୁହେଁ, ଡାଏଲଗ, ସିନ, ଇଭେଣ୍ଟ ସିକ୍ୱେନ୍ସ ଏବଂ ନାରେଟିଭ ଷ୍ଟ୍ରକ୍ଚର୍ ମଧ୍ୟ ଅନେକାଂଶରେ କପି କରିଛନ୍ତି। ୧୫ ଅକ୍ଟୋବରରେ ତାଙ୍କ ଓକିଲ ଧର୍ମା ପ୍ରଡକ୍ସନ୍ସକୁ ଏକ ଲିଗାଲ ନୋଟିସ ପଠାଇଥିଲେ। ସେଥିରେ ତାଙ୍କର ଅଧିକାର ଉଲ୍ଲଂଘନ ଓ ଫିଲ୍ମର ବ୍ୟବହାର ବନ୍ଦ କରିବାକୁ ଦାବି କରାଯାଇଥିଲା। କିନ୍ତୁ ନିର୍ମାତାମାନେ ଏହାକୁ ସ୍ୱୀକାର କରିବାକୁ ମନା କରିଦେଇଛନ୍ତି ଏବଂ ଫିଲ୍ମ ଷ୍ଟ୍ରିମିଂ ଜାରି ରହିଛି। ଏବେ ଉଭୟ କମ୍ପାନୀ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି। ସେ କମର୍ସିଆଲ କୋର୍ଟ ଆକ୍ଟ, ୨୦୧୫ର ଧାରା ୧୨ଏ ଅନୁସାରେ ମହାରାଷ୍ଟ୍ର ରାଜ୍ୟ ବିଧିକ ସେବା ପ୍ରାଧିକରଣରେ ଏକ ଆବେଦନ ଦାଖଲ କରିଛନ୍ତି। ଏହି ପ୍ରକ୍ରିୟା ବମ୍ବେ ହାଇକୋର୍ଟରେ ମାମଲା ଦାଖଲ କରିବା ପୂର୍ବରୁ ଆବଶ୍ୟକ। ବଡ଼ ସଂସ୍ଥାକୁ ଚ୍ୟାଲେଞ୍ଜ କରୁଥିଲେ ହେଁ ଲେଖକମାନଙ୍କ କାମର ସୁରକ୍ଷା ଲାଗି ଏହା ଆବଶ୍ୟକ ବୋଲି ସେ କହିଛନ୍ତି।


କରନ୍ ଜୋହର

# ସବୁଠୁ ଭାରି ସାଟେଲାଇଟ୍‌କୁ ଲଞ୍ଚ୍‌କଲା ‘ବାହୁବଳୀ’

## ଅନ୍ତରୀକ୍ଷରେ ଭାରତର ଐତିହାସିକ ସଫଳତା

ଶ୍ରୀହରିକୋଟା,୨୪।୧୨

ଖ୍ରୀସ୍ମାସ୍ ପାଳନର ଅବ୍ୟବହିତ ପୂର୍ବରୁ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଅନ୍ତରୀକ୍ଷରେ ଆଉ ଏକ ମାଇଲଖୁଣ୍ଟ ଅତିକ୍ରମ କରିଛି। ଇସ୍ରୋର ବାହୁବଳୀ ରକେଟ ବୁଧବାର ୬,୧୦୦ କେ.ଜି. ଓଜନ ବିଶିଷ୍ଟ ଆମେରିକାର କମ୍ୟୁନିକେଶନ୍ ସାଟେଲାଇଟ୍‌କୁ ଏହାର କକ୍ଷପଥରେ ସଫଳତାର ସହ ଅବସ୍ଥାପିତ କରାଇଛି। ଭାରତୀୟ ଲଞ୍ଚର ଜରିଆରେ ନିର୍ଦ୍ଧାରିତ କକ୍ଷପଥରେ ଅବସ୍ଥାପିତ କରାଇବାରେ ଏହା ହେଉଛି ସବୁଠୁ ଭାରି କୃତ୍ରିମ ଉପଗ୍ରହ।

ବ୍ଲୁବାର୍ଡ ବ୍ଲକ୍-୨ ସାଟେଲାଇଟ୍ ହେଉଛି ବୈଶ୍ୱିକ ଲୋ ଆର୍ଥ ଅର୍ବିଟ୍ (ଏଲ୍‌ଇଓ) ମିଶନରେ ସାମିଲ ହୋଇଥିବା ଅନେକ ସାଟେଲାଇଟ୍ ମଧ୍ୟରୁ ଅନ୍ୟତମ, ଯାହାକି ଉପଗ୍ରହ ଜରିଆରେ ଡାଇରେକ୍ଟ-ଟୁ-ମୋବାଇଲ ଯୋଗାଯୋଗ ସୁବିଧା ପ୍ରଦାନ କରିବ। ଏହା ସବୁଠି, ସମସ୍ତଙ୍କୁ, ସବୁବେଳେ ୪ଜି ଏବଂ ୫ଜି ଭଏସ୍, ଭିଡିଓ କଲ୍, ଟେକ୍ସଟ୍ ସହ ଷ୍ଟ୍ରିମିଂ ଓ ଡାଟା ପ୍ରଦାନ କରିବ। ଭିଏଲ୍ଏମ୍୩ ରକେଟ ଜରିଆରେ ଭାରତୀୟ ଭୂଖଣ୍ଡରୁ ଲଞ୍ଚ କରାଯିବାରେ ଏହା ସବୁଠୁ ଓଜନିଆ ରକେଟ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି।

କମ୍ୟୁନିକେଶନ୍ ସାଟେଲାଇଟ୍‌କୁ ଏମ୍‌ଭିଏମ୍୩-ଏମ୍୬ ଜରିଆରେ ଲଞ୍ଚ କରିବା ନେଇ ଏହା ପୂର୍ବରୁ ଇସ୍ରୋର ବାଣିଜ୍ୟିକ ଶାଖା ନ୍ୟୁସ୍ପେସ୍ ଇଣ୍ଡିଆ (ଏନ୍‌ଏସ୍‌ଆଇଏଲ୍) ଏବଂ ଆମେରିକାର ଏଏସ୍‌ଟି ସ୍ପେସ୍‌ମୋବାଇଲ୍ (ଏଏସ୍‌ଟି ଆଣ୍ଡ ସାଇନ୍ସ ଏଲ୍‌ଏଲ୍‌ସି) ମଧ୍ୟରେ ବୁଝାମଣା ହୋଇଥିଲା।

୨୪ ଘଣ୍ଟାର ଅବଗଣନା ଶେଷ ହେବା ପରେ ବୁଧବାର ସକାଳ ୮ଟା ୫୫ ମିନିଟ୍‌ରେ ୪୩.୫ ମିଟର ଉଚ୍ଚତା ବିଶିଷ୍ଟ ରକେଟ୍‌କୁ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ଦ୍ୱିତୀୟ ଲଞ୍ଚପ୍ୟାଡ୍‌ରୁ ଉତ୍କ୍ଷେପଣ କରାଯାଇଥିଲା। ଏହାର ୧୫ ମିନିଟ ପରେ ବ୍ଲୁବାର୍ଡ ବ୍ଲକ୍-୨ ସ୍ପେସ୍‌କ୍ରାଫ୍ଟ ଭେହିକିଲ୍‌ଠାରୁ ଅଲଗା ହୋଇ ନିଜ କକ୍ଷପଥରେ ଅବସ୍ଥାପିତ ହୋଇଥିଲା। ଏଲ୍‌ଭିଏମ୍୩ଏମ୍୬ ବାହୁବଳୀ ରକେଟର ଏହି ସଫଳ ଲଞ୍ଚ ପରେ ଇସ୍ରୋ ଅଧ୍ୟକ୍ଷ ଭି. ନାରାୟଣନ୍ ନ୍ୟୁସ୍ପେସ୍ ଇଣ୍ଡିଆ ଏବଂ ଏଏସ୍‌ଟି ସ୍ପେସ୍ ମୋବାଇଲକୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଐତିହାସିକ ସଫଳତା ପାଇଁ ଇସ୍ରୋକୁ ଅଭିନନ୍ଦନ ଜଣାଇଛନ୍ତି। ଏହି ସଫଳତା ବୈଶ୍ୱିକ ବାଣିଜ୍ୟିକ ଲଞ୍ଚ ମାର୍କେଟରେ ଭାରତର କ୍ରମବର୍ଦ୍ଧିଷ୍ଣୁ ଭୂମିକାକୁ ଆହୁରି ବଳ ପ୍ରଦାନ କରି ଗତିଶୀଳ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।


ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତିଶ୍ ଧାୱନ୍ ସ୍ପେସ୍ ସେଣ୍ଟରରୁ ବୁଧବାର ସକାଳେ ଇସ୍ରୋ ପକ୍ଷରୁ ବ୍ଲୁବାର୍ଡ ବ୍ଲକ୍-୨ ରକେଟ ଉତ୍କ୍ଷେପଣ ବେଳର ଦୃଶ୍ୟ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ